
# ଉତ୍କଳ ପ୍ରସଙ୍ଗ




Vol. XLV No. 7/8 UTKAL PRASANGA Regd. No. C-[illegible]
Licence No. C. R. N. P. 5—Licensed to post without Pre-Payment




ଡାକ ଟିକଟ୍ ଉନ୍ମୋଚନ



ନୌସେନା ଅବଲୋକନ



ସୁସଜ୍ଜିତ ହସ୍ତୀମାନଙ୍କ ଉପରେ ଜାତୀୟ ପୁରସ୍କାର ପ୍ରାପ୍ତ ଶିଶୁଗଣ



# ଉତ୍କଳ ପ୍ରସଙ୍ଗ

ଚୈତ୍ର ୧୯୨୦ ଶକାବ୍ଦ ୫୫ ଖଣ୍ଡ ୯ମ ସଂଖ୍ୟା ଅପ୍ରେଲ ୧୯୯୯

**ସମ୍ପାଦନା ମଣ୍ଡଳୀ**

ନିର୍ଦ୍ଦେଶକ : **ଶ୍ରୀ ରବି ନାରାୟଣ ସେନାପତି**

ସମ୍ପାଦକ : ବିଶ୍ୱଜିତ ଦାସ

ସହ ସମ୍ପାଦକ : ପ୍ରହରାଜ ସତ୍ୟନାରାୟଣ ନନ୍ଦ

ସମ୍ପାଦନା ସହଯୋଗୀ : ନୃସିଂହ ପ୍ରସାଦ ଦେବ

**ମୁଖ୍ୟ ସମ୍ପାଦକ**

ଶ୍ରୀ ସତ୍ୟାନନ୍ଦ ଚମ୍ପତିରାୟ

**ପ୍ରକାଶନ :** ସୂଚନା ଓ ଲୋକ ସମ୍ପର୍କ ବିଭାଗ,
ଓଡ଼ିଶା ସରକାର, ଭୁବନେଶ୍ୱର

ବାର୍ଷିକ ଦେୟ : ଟ ୨୦.୦୦
ପ୍ରତି ଖଣ୍ଡ : ଟ ୨.୦୦

ଓଡ଼ିଶା ସରକାରଙ୍କ ବିଭିନ୍ନ କାର୍ଯ୍ୟ, ସରକାରୀ ଘୋଷଣା ଓ ଅନ୍ୟାନ୍ୟ ଦରକାରୀ ତଥ୍ୟର ସଂକ୍ଷିପ୍ତ ବିବରଣ "ଉତ୍କଳ ପ୍ରସଙ୍ଗ"ରେ ପ୍ରକାଶିତ ହୋଇଥାଏ । ଏହା ବ୍ୟତୀତ ଅନେକ ବିଷୟ ସଂକ୍ଷିପ୍ତ ଆକାରରେ ମଧ୍ୟ ଏହି ପତ୍ରିକାରେ ପ୍ରକାଶ କରାଯାଇଥାଏ । ସେଭଳି ବିଷୟକୁ ସମ୍ପୂର୍ଣ୍ଣ ଓ ଅନୁମୋଦିତ ମୂଳ ପାଠବୋଲି ଭାବିବା ଉଚିତ ନୁହେଁ ।

**'ଉତ୍କଳ ପ୍ରସଙ୍ଗ'** ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକ ସମ୍ପର୍କ ବିଭାଗ ତରଫରୁ ପ୍ରକାଶ ପାଉଥିଲେ ମଧ୍ୟ ଏହି ପତ୍ରିକାରେ ପ୍ରକାଶିତ ମତାମତ ଓ ଚିନ୍ତାଧାରା ସବୁସ୍ଥଳରେ ଓଡ଼ିଶା ସରକାରଙ୍କର ବୋଲି ବୁଝିବାକୁ ହେବ ନାହିଁ ।

**ମୁଦ୍ରଣ :** ଓଡ଼ିଶା ସରକାରୀ ମୁଦ୍ରଣାଳୟ, କଟକ

# ସୂଚୀପତ୍ର


| | | |
|---|---|---|
| ଉତ୍କଳ ଦିବସର ଅନୁଚିନ୍ତା .. | ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ | ୧ |
| ଓଡ଼ିଶାରେ ବିଂଶସୂତ୍ରୀ କାର୍ଯ୍ୟକ୍ରମର ସଫଳ ରୂପାୟନ । | ଶ୍ରୀ ନଳିନୀ କାନ୍ତ ପଣ୍ଡା | ୫ |
| ମୋ ଡାଇରୀରୁ .. | ଡକ୍ଟର ସତ୍ୟନାରାୟଣ ରାଜଗୁରୁ | ୭ |
| ଉତ୍କଳର ଅତୀତ ଓ ବର୍ତ୍ତମାନ .. | ଡକ୍ଟର ଦୋଳଗୋବିନ୍ଦ ଶାସ୍ତ୍ରୀ | ୯ |
| ଆମ ଚିତ୍ରପୋଥି .. | ଶ୍ରୀ ନୀଳମଣି ମିଶ୍ର | ୧୨ |
| ଉତ୍କଳ ପ୍ରଦେଶ ଗଠନର ରୂପକାର:ଗୌରୀଶଙ୍କର.. | ଡକ୍ଟର ଜଗନ୍ନାଥ ପଟ୍ଟନାୟକ | ୧୬ |
| ଓଡ଼ିଶା ଗଠନର ରଥୀ : ଶଶୀଭୂଷଣ .. | ଡକ୍ଟର ଦଣ୍ଡପାଣି ବେହେରା | ୧୯ |
| ଭାରତ—ବିଦ୍ୟାର ସ୍ଥିତି ଓ ପରିବ୍ୟାପ୍ତି .. | ଡକ୍ଟର ଶରତ ଚନ୍ଦ୍ର ରଥ | ୨୨ |
| ଉତ୍କଳ ସମ୍ମିଳନୀର ନବମ ଅଧିବେଶନ .. | ଡକ୍ଟର ହରିହର କାନୁନ୍‌ଗୋ | ୨୫ |
| ଓଡ଼ିଆ ଆନ୍ଦୋଳନ : ଉତ୍କଳ ସମ୍ମିଳନୀ ଓ ଉତ୍କଳ ପ୍ରଦେଶ ଗଠନ । | ଡକ୍ଟର ପ୍ରସନ୍ନ କୁମାର ମିଶ୍ର | ୩୩ |
| ସନ୍ଥ ହୃଦୟ ନବନୀତ ସମାନା .. | ଶ୍ରୀ ପ୍ରାଣକୃଷ୍ଣ ରାଉତରାୟ | ୩୫ |
| ନନ୍ଦନ କାନନର ଗଢ଼ିଆଳ କୁମ୍ଭୀର .. | ଡକ୍ଟର ସୁଧାକର କର | ୩୯ |
| ସାର୍ଥକ ସ୍ୱପ୍ନ .. | | ୪୩ |
| ଓଡ଼ିଶାର ଭବିଷ୍ୟତ ଚିତ୍ର .. | ଡକ୍ଟର ବୈଦ୍ୟନାଥ ମିଶ୍ର | ୪୫ |
| ଭାରତୀୟତା ଓ ଭାରତ ଭାବନା .. | ଅଧ୍ୟାପକ ଶତ୍ରୁଘ୍ନ ନାଥ | ୪୯ |
| ଓଡ଼ିଆ ଜାତିର ବିସ୍ମୃତ ନେତା : ବକ୍‌ସି ଜଗବନ୍ଧୁ | ଡକ୍ଟର ଭବାନୀ ଚରଣ ରାୟ | ୫୫ |
| ଉତ୍କଳର ହସ୍ତଶିଳ୍ପ .. | ଶ୍ରୀ ନୃସିଂହ ପ୍ରସାଦ ଦେବ | ୬୦ |
| ସମ୍ବାଦ ପରିକ୍ରମା .. | | ୬୫ |




MESSAGE OF
PROFESSOR S. NURUL HASAN
GOVERNOR OF ORISSA
ON THE OCCASION OF THE ORISSA DAY 1989.

Orissa is celebrating the 53rd anniversary of its Statehood on 1st April, 1989. I offer my warm greetings and good wishes to the people of the State on this memorable day.

Fifty-four years back this ancient land became a separate province. This achievement was not an isolated and sudden dramatic event. It was the culmination of sustained effort and sacrifices of scores of prominent leaders who led the movement for formation of a separate political entity of the Oriya speaking people. I join the people of Orissa in paying my tributes to all those leaders.

This State with its rich cultural heritage and past splendour, has distinguished itself as an integral part of the Indian national mainstream during the struggle for Independence. With advent of Freedom, the State which has been endowed by Nature with magnificent bounties, is pledged to promote the welfare of all sections of society in the State as well as in the Nation and to secure socio-economic justice for all. As we step into the final year of the seventh-five year plan, we leave behind an impressive record of achievements. Much have been achieved and yet much more remain to be done. I have no doubt, that people of Orissa who are industrious, dynamic and innovative, will continue to work with dedication and vigour so that the process of development is further accelerated in the years to come.

I feel proud to-day to be associated with Orissa's march to progress and prosperity.



# ୧୯୮୯ ଓଡ଼ିଶା ଦିବସରେ

# ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା

ଅପ୍ରେଲ ପହିଲା ଓଡ଼ିଶା ପାଇଁ ମହତ୍ତ୍ୱପୂର୍ଣ୍ଣ । କାରଣ, ଏହି ଦିନ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଜନ୍ମଲାଭ କରିଥିଲା । ଆଜି ଓଡ଼ିଶା ରାଜ୍ୟ ତା'ର ସ୍ୱତନ୍ତ୍ରତାର ୫୩ ବର୍ଷରେ ପଦାର୍ପଣ କରୁଛି । ଏକ ମୃତ୍ୟୁଂଜୟୀ ଜାତିର ଉତ୍‌ଥାନ ପତନ ମଧ୍ୟରେ ଗୋଟିଏ ଗୋଟିଏ ସମୟ ବିଶେଷଭାବରେ ସ୍ମରଣୀୟ । ଗତ ୫୨ ବର୍ଷ ସେହିପରି ଗୋଟିଏ ଗୌରବମୟ ଯୁଗ । ଏକ ପରାଧୀନତାର ଯୁଗରେ ଓଡ଼ିଶାକୁ ଏକ ସ୍ୱତନ୍ତ୍ର ପ୍ରଦେଶରେ ପରିଣତ କରିବା ପାଇଁ ଓଡ଼ିଶାର ଜନଗଣଙ୍କୁ ବହୁ ସଂଗ୍ରାମ କରିବାକୁ ପଡ଼ିଥିଲା । ସ୍ୱାଧୀନତା ସଂଗ୍ରାମ ଓ ସ୍ୱତନ୍ତ୍ର ପ୍ରଦେଶ ପାଇଁ ସଂଗ୍ରାମ, ଏହି ଦୁଇଟିଯାକ ପାଇଁ ଯେଉଁ ତ୍ୟାଗ, ତପସ୍ୟା, ସଂଗ୍ରାମ ଓ ସାଧନା କରିବାକୁ ପଡ଼ିଛି, ତା'ର ତୁଳନା ନାହିଁ । ଉତ୍କଳ ଗୌରବ ମଧୁସୂଦନ ଦାସ, ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ, ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଦେବ ଓ ଭାଷା ଓ ସାହିତ୍ୟ କ୍ଷେତ୍ରରେ ଫକୀର ମୋହନ, ରାଧାନାଥ, ମଧୁସୂଦନ, ଗଙ୍ଗାଧର ଓଡ଼ିଆ ଜାତୀୟତା, ଓଡ଼ିଆ ଭାଷା, ଓଡ଼ିଆ ସାହିତ୍ୟକୁ ବଞ୍ଚାଇ ରଖିବା ପାଇଁ ଓ ଏହାର ଅଭିବୃଦ୍ଧି ପାଇଁ ଆପ୍ରାଣ ଚେଷ୍ଟା କରିଛନ୍ତି । ତାହାରି ଫଳରେ ୧୯୩୬ ସାଲରେ ବହୁ ଭାଷାଭାଷୀ ଲୋକେ ସ୍ୱତନ୍ତ୍ର ପ୍ରଦେଶ ପାଇଁ ଦାବି କରି ଆସୁଥିଲେ ମଧ୍ୟ କେବଳ ଓଡ଼ିଆ ଜାତି ତା'ର ଏକ ସ୍ୱତନ୍ତ୍ର ପ୍ରଦେଶ ଲାଭ କରି ପାରିଥିଲା । ଆଜି ସେହି ପୂର୍ବ ସୂରୀମାନଙ୍କୁ ଏବଂ ସେମାନଙ୍କ ସହିତ ଯେଉଁ ଅଗଣିତ ଜନତା ସଂଗ୍ରାମ କରିଥିଲେ, ମୁଁ ସେମାନଙ୍କର ପବିତ୍ର ସ୍ମୃତି ଉଦ୍ଦେଶ୍ୟରେ ଗଭୀର ଶ୍ରଦ୍ଧାଂଜଳି ଅର୍ପଣ କରୁଛି ।

୧୯୩୬ ରୁ ୧୯୮୯ ମଧ୍ୟରେ ଓଡ଼ିଶାର ଅଭୂତପୂର୍ବ ଉନ୍ନତି ଘଟିଛି । ଏହାର ମାନଚିତ୍ର ବଦଳି ଯାଇଛି । କୃଷି, ଶିଳ୍ପ, ଶିକ୍ଷା, ସଂସ୍କୃତି, ସମସ୍ତ କ୍ଷେତ୍ରରେ ଓଡ଼ିଶାର ବିପୁଳ ଅଗ୍ରଗତି ସମ୍ଭବ ହୋଇଛି । ଆଜି ଓଡ଼ିଶାର ଲୋକେ ସଙ୍କଳ୍ପବଦ୍ଧ, ଭାରତରେ ନିଜର ପ୍ରାଚୀନ ଗୌରବକୁ ଫେରାଇ ଆଣିବା ପାଇଁ । ଉତ୍ତର ଭାରତ ଓ ଦକ୍ଷିଣାବର୍ତ୍ତ ମଧ୍ୟରେ ଅବସ୍ଥିତ ଓଡ଼ିଶା ହେଉଛି ଭାରତୀୟ ସଂସ୍କୃତିର ଏକ ସମନ୍ୱୟ ଭୂମି । ଭାଷା, ନୃତ୍ୟ, ସଙ୍ଗୀତ, ସାହିତ୍ୟ, ଧର୍ମ, ଆଚାର ବ୍ୟବହାର, ସମସ୍ତ କ୍ଷେତ୍ରରେ ଓଡ଼ିଶାରେ ଯେଉଁ ମହାନ୍ ସାଂସ୍କୃତିକ ସମନ୍ୱୟ ଗଢ଼ି ଉଠିଛି, ଭାରତବର୍ଷରେ ତାହା ଅତୁଳନୀୟ । ଓଡ଼ିଶାର ବିପୁଳ ପ୍ରାକୃତିକ ସଂପଦ, ବୁଦ୍ଧିମାନ ଓ ପରିଶ୍ରମୀ ଲୋକଶକ୍ତି ବିଶେଷ ଭାବରେ ଏକ ଜାଗ୍ରତ ଯୁବଶକ୍ତି ନିଶ୍ଚିତ ଭାବରେ ଏହାକୁ ଆଗେଇ ନେବ ଏବଂ ଓଡ଼ିଶା ଅଚିରେ ଭାରତରେ ଶୀର୍ଷ ସ୍ଥାନ ଅଧିକାର କରିବ । ଆଜି ଏହି ପୁଣ୍ୟ ଦିନରେ ଆମର ସଙ୍କଳ୍ପ ହେଉ—ଓଡ଼ିଶାକୁ ଆମେ ସବୁ କ୍ଷେତ୍ରରେ ଆଗେଇନେବା ଏବଂ ଏକ ଗୌରବମୟ, ସମୃଦ୍ଧିଶାଳୀ ଓଡ଼ିଶା ଗଠନ କରିବା । ଆଜିର ଏହି ପବିତ୍ର ଦିବସ ଉପଲକ୍ଷେ ମୁଁ ରାଜ୍ୟବାସୀଙ୍କ ପ୍ରତି ମୋର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି ।

ବନ୍ଦେ ଉତ୍କଳ ଜନନୀ ।

# ମୋ ଦୃଷ୍ଟିରେ ....

ଉତ୍କଳ ଦିବସ ଉପଲକ୍ଷେ ସବୁ ଓଡ଼ିଆଙ୍କୁ ଉତ୍ସବ ମୁଖର ସମ୍ବର୍ଦ୍ଧନା ଜଣାଇ "ଉତ୍କଳ ପ୍ରସଙ୍ଗ" ଆତ୍ମପ୍ରକାଶ କରୁଛି ।

ଅର୍ଦ୍ଧ ଶତାବ୍ଦୀ ପୂର୍ବେ ଭାଷା ଭିତ୍ତିକ ପ୍ରଦେଶ ଗଠନ ଦାବୀକୁ ସମ୍ମାନ ଜଣାଇ ୧୯୩୬ ଅପ୍ରେଲ ପହିଲା ଦିନ ବ୍ରିଟିଶ ସରକାର ଓଡ଼ିଆମାନଙ୍କର ସ୍ୱପ୍ନକୁ ବାସ୍ତବାୟିତ କରି ଯେଉଁ ପ୍ରଦେଶ ଗଠନ କରିଥିଲେ ତାହାର ସ୍ମୃତିଚାରଣ ଏବଂ ମହତ୍ତ୍ୱର ଉପଲବ୍ଧି କରିବା ଆଜିର ଉଦ୍ଦେଶ୍ୟ । ଯେଉଁ ମହନୀୟ ଦେଶ ଭକ୍ତମାନେ ଜୀବନର ନାନା କ୍ଷେତ୍ରରେ ପ୍ରତିଷ୍ଠା ଲାଭ କରି ଜନଜୀବନରେ ଏକ ସ୍ୱତନ୍ତ୍ର ପ୍ରଦେଶ ଗଠନ ନିମନ୍ତେ ଆଶା ଓ ଆକାଂକ୍ଷା ଜାଗ୍ରତ କରିଥିଲେ ସେମାନେ ଆଜି ବରେଣ୍ୟ ଓ ଚିର ନମସ୍ୟ ।

ସ୍ୱପ୍ନକୁ ବାସ୍ତବ ରୂପ ଦେଇ ପ୍ରଦେଶ ଗଠନ କରିବା ପରେ ଶାସନର ସର୍ବୋଚ୍ଚ କର୍ତ୍ତାଙ୍କୁ ଆହୁରି ଅନେକ ସ୍ୱପ୍ନ ଦେଖିବାକୁ ପଡ଼ିବ ଏବଂ ସେହି ସ୍ୱପ୍ନକୁ ବାସ୍ତବ କ୍ଷେତ୍ରରେ ରୂପାୟିତ କରିବାକୁ ଲୋକ ଓ ଧନ ବଳରେ ଆପ୍ରାଣ ଉଦ୍ୟମ କରିବାକୁ ପଡ଼ିବ । ସେହି ସ୍ୱପ୍ନ ଏବଂ ଉଦ୍ୟମର ଏକ ଝଲକ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ତାଙ୍କ ପ୍ରବନ୍ଧ 'ଉତ୍କଳ ଦିବସର ଅନୁଚିନ୍ତା'ରେ ଦର୍ଶାଇଛନ୍ତି । ଏହି ସ୍ୱପ୍ନ ପ୍ରତି ଆମେ ପାଠକମାନଙ୍କର ଦୃଷ୍ଟି ଆକର୍ଷଣ କରିବୁ ଏବଂ ଏହି ଉଦ୍ୟମକୁ ଆହୁରି ସଫଳ କରିବା ନିମନ୍ତେ ଓଡ଼ିଆ ଜାତିକୁ ଯେଉଁ ଆହ୍ୱାନ ଦିଆଯାଇଛି, ତାକୁ ଗ୍ରହଣ କରିବାକୁ ନିବେଦନ କରିବୁ ।

ସ୍ୱତନ୍ତ୍ର ଉତ୍କଳ ଦିବସ ପାଳନ ପରିପ୍ରେକ୍ଷୀରେ ଏହି ସଂଖ୍ୟାରେ ସନ୍ନିବେଶିତ ମୁଖ୍ୟ ଶାସନ ସଚିବ ଶ୍ରୀ ନଳିନୀ କାନ୍ତ ପଣ୍ଡା, ଡକ୍ଟର ବୈଦ୍ୟନାଥ ମିଶ୍ର, ଡକ୍ଟର ସତ୍ୟନାରାୟଣ ରାଜଗୁରୁ, ପ୍ରଫେସର ଭବାନୀ ଚରଣ ରାୟ ଓ ଅଧ୍ୟାପକ ଶତ୍ରୁଘ୍ନ ନାଥଙ୍କ ଲିଖିତ ପ୍ରବନ୍ଧଗୁଡ଼ିକ ପାଠକମାନଙ୍କ ମନରେ ଚିନ୍ତା ଓ ଚେତନାର ଭାବ ଉଦ୍ରେକ କରିବ ବୋଲି ଆମର ଆଶା ।

ଜୟ ଉତ୍କଳ ଜନନୀ

[signature]

# ଉତ୍କଳ ଦିବସର ଅନୁଚିନ୍ତା

ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ

ଆମେ ବର୍ତ୍ତମାନ ଏକ ଯୁଗାନ୍ତକାରୀ ସମୟରେ ଉପସ୍ଥିତ— ସାରା ପୃଥିବୀରେ ଏକ ପ୍ରବଳ ପରିବର୍ତ୍ତନର ଯୁଗ ଆସି ପହଞ୍ଚିଛି । ଶ୍ରୀ ଅରବିନ୍ଦ ୫୦ ବର୍ଷ ତଳେ କହିଥିଲେ ଯେ ଗୋଟିଏ ମହାନ ଯୁଗର ଆରମ୍ଭ ହେବ । ପୁରାତନ ଯୁଗର ଶେଷ ଓ ମହାନ ଯୁଗର ଆରମ୍ଭ ବେଳେ ଯେଉଁ ପରିବର୍ତ୍ତନ ହେବ, ସେତେବେଳେ ଅନେକ ଅଶାନ୍ତି ଉପଦ୍ରବ ଓ ଅନ୍ୟାନ୍ୟ ଅନ୍ତର୍ବିବାଦ ସମାଜରେ ଦେଖା ଦେବ । ତାହାକୁ ଆମ ପୁରାଣରେ ଘୋର କଳିର ଅବସାନ ବୋଲି ବର୍ଣ୍ଣନା କରାଯାଇଛି । ସେହି କଳିର ଶେଷରେ ଉଦୟ ହେବ ଶାନ୍ତି ଅହିଂସା ଏବଂ ସତ୍ୟ । ଏହାର ସୂଚନା ଏବେ ରୁଷର ଅପ୍ରତିଦ୍ୱନ୍ଦ୍ୱୀ ନେତା ଗୋର୍ବାଚେଭଙ୍କ କାର୍ଯ୍ୟାବଳୀରୁ ଦେଖିବାକୁ ମିଳେ । ଆମେରିକା ମଧ୍ୟ ସେହି ପ୍ରକାର ଶାନ୍ତିର ଆଦର୍ଶ ସହିତ ନିଜକୁ ମିଳାଇ ନେବାକୁ ଚାହୁଁଅଛି । ଯେଉଁ ଆଣବିକ ବୋମା ଲୋପ ବିଷୟରେ ଆମେ ଦିନେ ସନ୍ଦିହାନ ହୋଇଥିଲେ, ସେହି ଆଣବିକ ବୋମାର ଭୟ ପୃଥିବୀ ପୃଷ୍ଠରୁ ନିଶ୍ଚିହ୍ନ ନେବା ନିମନ୍ତେ ପ୍ରଥମ ପଦକ୍ଷେପ ନିଆ ଯାଇଅଛି । ପୃଥିବୀରେ ଅସ୍ତ୍ର ବିଲୋପ ହେଲେ ଶାନ୍ତି ଆସିବ ନାହିଁ ବରଂ ଜନସାଧାରଣଙ୍କ ଭିତରେ ଗଣତାନ୍ତ୍ରିକ ମୂଲ୍ୟବୋଧ ଓ ଶାନ୍ତି ନିମନ୍ତେ ପ୍ରବଳ ଆକାଂକ୍ଷାର ଉଦୟ ହେବା ଆବଶ୍ୟକ । ସେହିଭଳି ପରିବର୍ତ୍ତନ ଆଜି ଦୃଷ୍ଟିଗୋଚର ହେଉଛି । ଯାହାକୁ ଆମେ ଏକ ଗ୍ଲୋବ ସମାଜ ବା ଗ୍ଲୋବଲ୍ ସୋସାଇଟି ବୋଲି କହୁଥିଲେ ସେ ସମାଜ ଆସ୍ତେ ଆସ୍ତେ ବଦଳି ଯାଉଛି । ଏହି ସମୟ ଭିତରେ ସମଗ୍ର ମାନବ ସମାଜ ସହିତ ଆମର ଓଡ଼ିଶା ମଧ୍ୟ ଏକ ଭୀଷଣ ସଂଗ୍ରାମର ସମ୍ମୁଖୀନ । ସେହି ସଂଗ୍ରାମ ଦାରିଦ୍ର୍ୟ ବିରୁଦ୍ଧରେ, ଅଶିକ୍ଷା ବିରୁଦ୍ଧରେ ତଥା କୁସଂସ୍କାର ବିରୁଦ୍ଧରେ । ଏହି ସଂଗ୍ରାମରେ ଆମକୁ ନିଶ୍ଚିତ ଭାବରେ ସଫଳତା ଲାଭ କରିବାକୁ ପଡ଼ିବ । ଶାନ୍ତିର ରଣ ଭୂମିରେ ଆମେ ସଫଳ ହୋଇଛେ, ଗଣତନ୍ତ୍ରର ସଂଗ୍ରାମ କ୍ଷେତ୍ରରେ ଆମେ ସଫଳ ହୋଇଛେ । କିନ୍ତୁ ଦାରିଦ୍ର୍ୟ, ଅଶିକ୍ଷା ଏବଂ କୁସଂସ୍କାରର ଆହ୍ୱାନ ଆମେ ଆଜି ପର୍ଯ୍ୟନ୍ତ ସଫଳ ଭାବରେ ମୁକାବିଲା କରି ପାରି ନାହୁଁ । ସାରା ଭାରତ ତଥା ଓଡ଼ିଶାର ସଚେତନ ଜନସାଧାରଣଙ୍କ ପ୍ରତି ଏହାହିଁ ହେଉଛି ଏ ଯୁଗର ପ୍ରଧାନ ଆହ୍ୱାନ । ମୋର ଆଦୌ ସନ୍ଦେହ ନାହିଁ ଯେ ଆମେ ଏହି ଦାରିଦ୍ର୍ୟ ବିରୋଧୀ ଅଭିଯାନ, ଏହି ଅଶିକ୍ଷା ଓ କୁସଂସ୍କାର ବିରୋଧୀ ସଂଗ୍ରାମରେ ନିଶ୍ଚିତ ଭାବରେ ସଫଳ ହେବା । ଆଗାମୀ ୧୦—୧୫ ବର୍ଷ ଆମ ପାଇଁ ଏକ ମହାନ ଆନ୍ଦୋଳନର ସମୟ, ଏକ ବିରାଟ ଅଭିଯାନର ସମୟ ଏବଂ ଏକ ନିଶ୍ଚିତ କାର୍ଯ୍ୟକ୍ରମର ସମୟ । ଏହି ଅଭିଶାପଗୁଡ଼ିକୁ ଆମେ ସମାଜରୁ ସଂପୂର୍ଣ୍ଣ ଭାବରେ ଦୂରୀଭୂତ କରିପାରିଲେ ଆମ ଜୀବନ ସାର୍ଥକ ହେବ ।

ଓଡ଼ିଶାରେ ପ୍ରାକୃତିକ ସମ୍ପଦର ପ୍ରାଚୁର୍ଯ୍ୟ ରହିଛି, ଓଡ଼ିଶା ଜନସାଧାରଣଙ୍କ ଭିତରେ ବୁଦ୍ଧି ଶିକ୍ଷା ଓ ସଚେତନା ସମ୍ପୂର୍ଣ୍ଣ ଭାବରେ ରହିଅଛି । ଏହାକୁ ଆମେ ସଙ୍ଗଠିତ କରି ଦାରିଦ୍ର୍ୟ ଏବଂ ଅଶିକ୍ଷା ବିରୁଦ୍ଧରେ ଯୁଦ୍ଧ କରିବାକୁ ପଡ଼ିବ ଏବଂ ଶେଷରେ ଏହି ସଂଗ୍ରାମରେ ଆମେ ବିଜୟୀ ହେବାକୁ ପଡ଼ିବ । ଆମକୁ ପୁଣି ଥରେ ପ୍ରତିଜ୍ଞାବଦ୍ଧ ହେବା ପାଇଁ ପଡ଼ିବ ଯେ ଆମର ନୀତି, ଆଦର୍ଶ ଏବଂ କାର୍ଯ୍ୟକ୍ରମକୁ ଦୃଢ ଭାବରେ କାର୍ଯ୍ୟକାରୀ କରି ଓଡ଼ିଶାରୁ ଦାରିଦ୍ର୍ୟ, କୁସଂସ୍କାର ଓ ଅଶିକ୍ଷା ଦୂର କରିବାକୁ ହେବ । ଆଦର୍ଶ ନୀତି ଓ କାର୍ଯ୍ୟକ୍ରମ ଦୃଷ୍ଟିରୁ ଆଜି ଏ ଆହ୍ୱାନ ଏକ ନୂତନ ରୂପ ନେଇ ଆମ ଆଗରେ ଦଣ୍ଡାୟମାନ । ଏହି ଆହ୍ୱାନ ଏବଂ ଦାବୀକୁ ଆମେ ଗ୍ରହଣ କରି ଦେଶର ମୁକ୍ତିସଂଗ୍ରାମକୁ ଆହୁରି

ଆଗକୁ ନେବାକୁ ପଡ଼ିବ । ୧୦–୧୫ ବର୍ଷ ଭିତରେ ଓଡ଼ିଶାରୁ ଦାରିଦ୍ର୍ୟ ଦୂର କରିବାକୁ ହେବ । କୁସଂସ୍କାର ଦୂର କରିବାକୁ ହେବ । ଅଶିକ୍ଷା ଦୂର କରିବାକୁ ହେବ । ଜନଗଣ ସ୍ୱାସ୍ଥ୍ୟକୁ ପୁନରୁଦ୍ଧାର କରି ସମାଜକୁ ସୁସ୍ଥ କରିବାକୁ ହେବ ।

ଆମେ ଯେଉଁ ହଜାର ହଜାର କୋଟି ଟଙ୍କା ଆଜି ଆମର ଜାତୀୟକରଣ କରା ଯାଇଥିବା ଶିଳ୍ପ ଓ ଅନୁଷ୍ଠାନମାନଙ୍କରେ ଖଟାଉଛେ ଆଜି ସମୟ ଆସିଛି ସେସବୁ ସୁପରିଚାଳିତ ହେଉଛି କି ନାହିଁ ତାର ସମୀକ୍ଷା କରିବା ପାଇଁ ଦେଖିବାକୁ ହେବ ଯେ ଏହି ଶିଳ୍ପ, କର୍ପୋରେସନ ଓ ଅନୁଷ୍ଠାନ କିପରି ଦେଶର ଗରିବ ଲୋକଙ୍କର ଦାରିଦ୍ର୍ୟ ଦୂର କରିବା ପାଇଁ ସମର୍ଥ ହୋଇଛି । ଏହିଭଳି ଆତ୍ମପରୀକ୍ଷା ଦ୍ୱାରା ଆମେ ଏହି ଅନୁଷ୍ଠାନ ଗୁଡ଼ିକର କାର୍ଯ୍ୟକାରିତା ଓ ଉପାଦେୟତା ବୃଦ୍ଧି କରି ଓଡ଼ିଶାରୁ ଦାରିଦ୍ର୍ୟ ଦୂର କରି ପାରିବା । ଅର୍ଥନୀତିର ଅଭ୍ୟୁଦୟ ନିମନ୍ତେ ଯେଉଁ ପଥ ଅଛିଟି, ସେହି ପଥକୁ ଆମେ ଉନ୍ମୁକ୍ତ ମନ ଏବଂ ହୃଦୟର ସହିତ ଗ୍ରହଣ କରିବା । ଏହି ଦିଗରେ ଓଡ଼ିଶାରେ ବହୁତ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି । ଏହି କାର୍ଯ୍ୟକ୍ରମଗୁଡ଼ିକୁ ସୁପରିଚାଳନା କରି ଓଡ଼ିଆମାନଙ୍କର ଉନ୍ନତି ପାଇଁ, ଓଡ଼ିଶାର ଜନସାଧାରଣଙ୍କର ସ୍ୱାର୍ଥ ନିମନ୍ତେ ଆମକୁ ଦୃଷ୍ଟି ଦେବାକୁ ପଡ଼ିବ ।

ଭୂସଂସ୍କାର କ୍ଷେତ୍ରରେ ମଧ୍ୟ ଆମକୁ ପଦକ୍ଷେପ ନେବାକୁ ପଡ଼ିବ । ସବୁଜ ବିପ୍ଳବର ଏକମାତ୍ର କାରଣ ଜଳସେଚନର ସୁବିଧାକୁ ଆମକୁ ଗାଁ ଗାଁରେ ନେଇ ପହଞ୍ଚାଇବାକୁ ପଡ଼ିବ । କାରଣ ଭୂସଂସ୍କାର କାର୍ଯ୍ୟକ୍ରମରେ ଯଥେଷ୍ଟ ଅଗ୍ରଗତି ହୋଇ ଥିଲେ ମଧ୍ୟ ଜଳସେଚନର ସୁବିଧା ନ ଥିଲେ ଆମର ସମସ୍ତ ଶ୍ରମ ପଣ୍ଡ ହୋଇଯିବ । କୃଷି କ୍ଷେତ୍ରରେ ଯଦି ଉତ୍ପାଦନ ନ ବଢ଼େ ଏବଂ ଚାଷୀମାନେ ଯଦି ଉପଯୁକ୍ତ ଦର ନ ପାଆନ୍ତି ତେବେ ସମସ୍ତ ସଂସ୍କାର ବ୍ୟର୍ଥ ହୋଇଯିବ । ତେଣୁ ଆମକୁ ଆଜି ନିଷ୍ପତ୍ତି ନେବାକୁ ପଡ଼ିବ ଯେ ବିପୁଳ ଉଦ୍ୟମ କରି ଜଳସେଚନ କ୍ଷେତ୍ରରେ ଆମେ ଆଶାତୀତ ଅଗ୍ରଗତି କରିବା । କେବଳ ବଡ଼ଧରଣର ଜଳସେଚନ ଯୋଜନା ଏପରିକି ମଧ୍ୟମ ଧରଣର ଜଳସେଚନ ଯୋଜନା ଦ୍ୱାରା ସାର୍ଥକ ଜଳସେଚନ ହୋଇ ପାରିବ ବୋଲି ଯେଉଁ ଧାରଣା ଥିଲା, ତାକୁ ଟିକେ ପରିବର୍ତ୍ତନ କରି କ୍ଷୁଦ୍ର ଜଳସେଚନ, ଉଠାଜଳସେଚନ ଓ ଜଳ ଅମଳ ଯୋଜନା ଦ୍ୱାରା ଓଡ଼ିଶାର ପ୍ରାନ୍ତରେ ଚାଷୀକୁ ଜଳ ଯୋଗାଇ ଦେବାକୁ ପଡ଼ିବ । ଓଡ଼ିଶାରେ ଅନେକ ଅଞ୍ଚଳ ଅଛି ଯାହା ପୁରୁଷ ପୁରୁଷ ଧରି ପରମ୍ପରା କ୍ରମେ ମରୁଡ଼ିଗ୍ରସ୍ତ ଅଞ୍ଚଳ ହୋଇ ପରିଚିତ । କୋରାପୁଟ ଜିଲ୍ଲାର ଦଦାହାଣ୍ଡି ବ୍ଲକ, ଫୁଲବାଣୀ ଜିଲ୍ଲାର ବାଲିଗୁଡ଼ା ସବଡ଼ିଭିଜନ, ବଲାଙ୍ଗୀର ଜିଲ୍ଲାର ଟିଟିଲାଗଡ ଓ ପାଟଣାଗଡ ସବଡ଼ିଭିଜନ ତଥା କଳାହାଣ୍ଡିର ନୂଆପଡ଼ା ସବଡ଼ିଭିଜନରେ ଏଭଳି କେତେକ ଅଞ୍ଚଳ ଅଛି ଯାହା ପର୍ଯ୍ୟାୟ କ୍ରମରେ ପରମ୍ପରାଗତ ହୋଇ ମରୁଡ଼ିଗ୍ରସ୍ତ ହୋଇଛି । ଏହି ସମସ୍ୟାର ସମାଧାନ ଏକ ବୈପ୍ଳବିକ ଜଳସେଚନ ବ୍ୟବସ୍ଥା, ଯାହା ଅଦ୍ୟାବଧି ଆମେ ସଫଳ ଭାବରେ କରି ପାରି ନାହୁଁ । ସୁଖର ବିଷୟ ଓଡ଼ିଶାର ସବୁ ଅଞ୍ଚଳ ଭଳି ଏହି ଅଞ୍ଚଳଗୁଡ଼ିକ ମଧ୍ୟ ନଦୀମାତୃକା । ତେଣୁ ସେହି ଅଞ୍ଚଳଗୁଡ଼ିକ ପାଇଁ ଗୋଟିଏ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଗ୍ରହଣ କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ଗ୍ରହଣ କରିଛନ୍ତି । ଆଗାମୀ ଦୁଇ ବର୍ଷ ଭିତରେ ସାଢ଼େ ତିନିଲକ୍ଷ ଏକର ଜମିରେ ଜଳସେଚନ କରିବା ନିମନ୍ତେ ଏକ ସ୍ୱତନ୍ତ୍ର ଜରୁରୀ କାର୍ଯ୍ୟକ୍ରମ ହାତକୁ ନିଆଯାଉଛି ।

ଓଡ଼ିଶାର ଦାରିଦ୍ର୍ୟ ଏବଂ ବେକାରୀ ସମସ୍ୟାର ଏକ ମୁଖ୍ୟ କାରଣ ହେଉଛି ଯେ ଓଡ଼ିଶାର ଜନସଂଖ୍ୟା ଭିତରୁ ଶତକଡ଼ା ୪୦ ଭାଗ ଆଦିବାସୀ ଏବଂ ହରିଜନ । ଭାରତବର୍ଷର ଅନ୍ୟ କୌଣସି ରାଜ୍ୟରେ ଜନସଂଖ୍ୟାର ଏତେ ବିରାଟ ଭାଗ ଆଦିବାସୀ ହରିଜନ ନୁହନ୍ତି । ଓଡ଼ିଶା ପରେ ଭାରତବର୍ଷର ମଧ୍ୟପ୍ରଦେଶ ହେଉଛି ଅନ୍ୟ ଏକ ରାଜ୍ୟ ଯେଉଁଠି ଶତକଡ଼ା ୩୩ ଭାଗ ଲୋକ ଆଦିବାସୀ ଓ ହରିଜନ । ତେଣୁ ଏହି ଆଦିବାସୀ ଓ ହରିଜନମାନଙ୍କର ଉନ୍ନତି ନ ହେବା ପର୍ଯ୍ୟନ୍ତ ଓଡ଼ିଶା ନିଶ୍ଚୟ ଗରିବ ହୋଇ ରହିଥିବ । ଏହି ପରିବର୍ତ୍ତନ ନିମନ୍ତେ ଯେଉଁ ବିପ୍ଳବ ଆବଶ୍ୟକ ତାର କେତେକ ପଦକ୍ଷେପ ଓଡ଼ିଶା ସରକାର ନେଇଛନ୍ତି । ସେ ଉଦ୍ଦେଶ୍ୟରେ ଅନେକ କାର୍ଯ୍ୟକ୍ରମ ଆମେ ଗ୍ରହଣ କରିଛୁ । ଆଇନର ସଂଶୋଧନ କରାଯାଇ ଆଦିବାସୀ ଓ ହରିଜନମାନଙ୍କୁ ନିଶ୍ଚିତ ଭାବରେ ନିର୍ଦ୍ଦିଷ୍ଟ ସଂଖ୍ୟାରେ ଚାକିରି ଦେବାକୁ ଓଡ଼ିଶା ସରକାର ଆଇନଗତ ନିର୍ଭରତା ଦେଇଛନ୍ତି । ସେହି ଆଇନକୁ କାର୍ଯ୍ୟକାରୀ ନକଲେ ପେନାଲ କମିଶନ ଦ୍ୱାରା ଦଣ୍ଡର ବ୍ୟବସ୍ଥା ରହିଛି । ଏହି ଦୃଷ୍ଟିରୁ ଓଡ଼ିଶା ଭାରତର ପ୍ରଥମ ରାଜ୍ୟ । ଏହାଛଡ଼ା ଆଦିବାସୀ ଅଞ୍ଚଳରେ, ପୋଲିସ ବିଭାଗରେ ଭର୍ତ୍ତି ହେବା ନିମନ୍ତେ ଆଦିବାସୀ ଓ ହରିଜନ ଯୁବକମାନଙ୍କ ପାଇଁ ନିମ୍ନତମ ଯୋଗ୍ୟତାକୁ କୋହଳ କରି ଦିଆ ଯାଇଛି । ଆଇ. ଆର. ଡି. ପି. ଓ ଇ. ଆର. ଆର. ପି. ଯୋଜନାମାନଙ୍କରେ ଆଦିବାସୀ ହରିଜନଙ୍କର ଉନ୍ନତି ନିମନ୍ତେ ସ୍ୱତନ୍ତ୍ର ଦୃଷ୍ଟି ଦିଆ ଯାଇଛି । କିନ୍ତୁ ଯାହା କରାଯାଇଛି ସେଥିରେ ମୁଁ ସନ୍ତୁଷ୍ଟ ନୁହେଁ । କାରଣ ଆଦିବାସୀ ଓ ହରିଜନ ଅବସ୍ଥାର ପରିବର୍ତ୍ତନ ନହେଲେ, ସେମାନଙ୍କର ଆର୍ଥିକ ଉନ୍ନତି ନ ହେଲେ ଓ ଦାରିଦ୍ର୍ୟ ସୀମାରେଖା ଉପରକୁ ସେମାନେ ନ ଆସିବା ପର୍ଯ୍ୟନ୍ତ ଓଡ଼ିଶା ଦରିଦ୍ର ହୋଇ ରହିଥିବ ।

ଓଡ଼ିଶା ଏକ ପଛୁଆ ରାଜ୍ୟ, ଏଥିରେ କେତେକ ପଛୁଆ ଅଞ୍ଚଳ ପରସ୍ପର ଭିତରେ ପ୍ରତିଯୋଗିତା କରି ରହିଛନ୍ତି । ପଶ୍ଚିମ ଓଡ଼ିଶା ଉପକୂଳବର୍ତ୍ତୀ ଅଞ୍ଚଳ ଅପେକ୍ଷା ପଛୁଆ ବୋଲି ଦାବୀ କରେ । କିନ୍ତୁ ଏହି ପଶ୍ଚିମ ଓଡ଼ିଶାଠାରୁ ଆହୁରି ପଛୁଆ ହୋଇ ଆଉ ଗୋଟିଏ ଓଡ଼ିଶା ରହିଛି ଏବଂ ତାହା ହେଉଛି କେନ୍ଦ୍ର ଓଡ଼ିଶା । ସେ କେନ୍ଦ୍ର ଅଞ୍ଚଳ ମଧ୍ୟରେ ଫୁଲବାଣୀ, କେନ୍ଦୁଝର ଓ ମୟୂରଭଞ୍ଜ ରହିଅଛି । ଯାହାର ଉନ୍ନତି ଅତ୍ୟନ୍ତ ଆବଶ୍ୟକ । ଏହି ଅଞ୍ଚଳମାନଙ୍କରେ ଆବଶ୍ୟକ ହେଉଥିବା ବିପୁଳ ପୁଞ୍ଜି ଖଟେଇବା ପାଇଁ ଓଡ଼ିଶାର ବର୍ତ୍ତମାନ ସରକାର କେନ୍ଦ୍ର ସରକାରକୁ ସାହାଯ୍ୟ ମାଗିଛନ୍ତି । ଏଥି ନିମନ୍ତେ ଅର୍ଥ କମିଶନ ସହିତ ମୁଁ ଆଲୋଚନା କରିଥିଲି

ଏବଂ କମିଶନ ନିଜେ ହୃଦୟଙ୍ଗମ କରିଥିଲେ ଯେ ଓଡ଼ିଶା ଭଳି ରାଜ୍ୟ ଯଦି ଉପରକୁ ଉଠିବାକୁ ଚାହେଁ, ତାହାହେଲେ ଯେଉଁ ଅର୍ଥ ସାହାଯ୍ୟ ଦିଆ ଯାଉଛି, ତାହା ଯଥେଷ୍ଟ ନୁହେଁ ।

ଓଡ଼ିଶାରେ ମହିଳାମାନଙ୍କ ପାଇଁ ଆମେ କେତେଗୁଡ଼ିଏ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଗ୍ରହଣ କରିଛୁ । ପ୍ରାଥମିକ ସ୍କୁଲରେ ଯେଉଁ ଶିକ୍ଷୟିତ୍ରୀ ଆବଶ୍ୟକ ହେଉଛନ୍ତି ସେମାନଙ୍କୁ କେବଳ ମାଟ୍ରିକ ଟ୍ରେନ୍ଡ ମହିଳାମାନଙ୍କୁ ନିଆଯିବ । ତା'ଛଡ଼ା ଆମେ ଗୋଟିଏ କ୍ରାସ ଏମ୍ପ୍ଲୟମେଣ୍ଟ ପ୍ରୋଗ୍ରାମରେ ଦୁଇଲକ୍ଷ ବେକାର ଲୋକଙ୍କୁ ନିଯୁକ୍ତି ଦେବାକୁ ସ୍ଥିର କରିଛୁ ।

ଏ ସମସ୍ତ କାର୍ଯ୍ୟକ୍ରମର ପ୍ରଧାନ ଉଦ୍ଦେଶ୍ୟ ହେଉଛି ଯେ ଦ୍ରୁତ ବେଗରେ ଆମେ ବିଜ୍ଞାନ କ୍ଷେତ୍ରରେ, କାରୀଗରି ଜ୍ଞାନ କ୍ଷେତ୍ରରେ, କୃଷି କ୍ଷେତ୍ରରେ, ଶିଳ୍ପ କ୍ଷେତ୍ରରେ ପର୍ଯ୍ୟଟନ କ୍ଷେତ୍ରରେ ଓ ବିଭିନ୍ନ ଦାରିଦ୍ର୍ୟ ବିରୋଧୀ କାର୍ଯ୍ୟକ୍ରମ କରିଆରେ ଓଡ଼ିଶାକୁ ଅର୍ଥନୈତିକ ସମୃଦ୍ଧି ପଥରେ ଅଗ୍ରଗତି କରାଇ ନେବା ଏବଂ ଦେଖିବା ଯେ ଏକବିଂଶ ଶତାବ୍ଦୀ ବେଳକୁ ଓଡ଼ିଶା ଭାରତବର୍ଷର ଏକ ଶ୍ରେଷ୍ଠରାଜ୍ୟରେ ପରିଣତ ହୋଇ ଯାଇଥିବ । ଭାରତବର୍ଷର ଅନ୍ୟାନ୍ୟ ରାଜ୍ୟମାନଙ୍କ ସଙ୍ଗେ ସମକକ୍ଷ ହେବା ପାଇଁ ସେହି ରାଜ୍ୟମାନଙ୍କ ତୁଳନାରେ ଆମକୁ ଦୁଇ ଗୁଣ ଗତିରେ ଅଗ୍ରଗତି କରିବାକୁ ପଡ଼ିବ । ଏହି ଅଗ୍ରଗତି ନିମନ୍ତେ ଆମକୁ ଆମର ଏକତା, ଆମର ଶାସନର ସ୍ଥିରତା ଓ ଆମର କର୍ତ୍ତବ୍ୟନିଷ୍ଠା ବଳ ଉପରେ ନିର୍ଭର କରି ରହିବାକୁ ପଡ଼ିବ, ଏହାହିଁ ଆମର ବର୍ତ୍ତମାନର ପ୍ରତିଜ୍ଞା ।

(ମୁଖ୍ୟମନ୍ତ୍ରୀଙ୍କ ଭାଷଣର ସଂଗୃହୀତ)






* ପର୍ଯ୍ୟଟନ ସୁଖ ଓ ଆନନ୍ଦର ଉତ୍ସ
* ପର୍ଯ୍ୟଟନ ଏକ ସାର୍ବଜନୀନ ଶିକ୍ଷାର ବିଷୟ
* ପର୍ଯ୍ୟଟନ ବିଶ୍ୱଭ୍ରାତୃତ୍ୱ ବୃଦ୍ଧି କରିଥାଏ
* ପର୍ଯ୍ୟଟନ ସଂହତି ଏବଂ ସମୃଦ୍ଧି ଆଣିଦିଏ

- ମଧୁର ବ୍ୟବହାର ଓ ସୌହାର୍ଦ୍ଦ୍ୟ-ପୂର୍ଣ୍ଣ ଆତିଥ୍ୟ ପର୍ଯ୍ୟଟକ ଅଭିବୃଦ୍ଧି ପାଇଁ ଏକାନ୍ତ ଆବଶ୍ୟକ ।
- ଓଡ଼ିଶା ଭ୍ରମଣରେ ଆସୁଥିବା ପ୍ରତ୍ୟେକ ପର୍ଯ୍ୟଟକଙ୍କ ସୁଖ ଓ ସୁବିଧା ପାଇଁ ଓଡ଼ିଶା ସରକାରଙ୍କର ପର୍ଯ୍ୟଟନ ବିଭାଗ ଓ ପର୍ଯ୍ୟଟନ ଉନ୍ନୟନ ନିଗମ ଦ୍ୱାରା ବିଭିନ୍ନ ଦର୍ଶନୀୟ ସ୍ଥାନମାନଙ୍କରେ ରାତ୍ରିଯାପନ, ଖାଦ୍ୟ-ପେୟ ଏବଂ ଭ୍ରମଣ ପାଇଁ ଯାନବାହନର ସୁବ୍ୟବସ୍ଥା ରହିଛି ।
- ସେହିପରି ଚିଲିକା ହ୍ରଦରେ ନୌ-ବିହାର ନିମିତ୍ତ ମୋଟର ଲଞ୍ଚର ବ୍ୟବସ୍ଥା ମଧ୍ୟ ରହିଛି ।



• ଏ ସମସ୍ତ ସୁବିଧାର ସୁଯୋଗ ନେଇ ପର୍ଯ୍ୟଟନର ସର୍ବାଙ୍ଗୀନ ବିକାଶରେ ସହଯୋଗ କରନ୍ତୁ ।

ପର୍ଯ୍ୟଟନ ବିଭାଗ
ଓଡ଼ିଶା ସରକାର
ଭୁବନେଶ୍ୱର

ଶ୍ରମିକଙ୍କର ଥଇଥାନ, ବୃକ୍ଷ ରୋପଣ ଏବଂ ପମ୍ପସେଟ ବିଦ୍ୟୁତ୍‌କରଣ କ୍ଷେତ୍ରରେ ମଧ୍ୟ ନିର୍ଦ୍ଧାରିତ ଲକ୍ଷ୍ୟର ଶତକଡ଼ା ୯୦ ଭାଗରୁ ଅଧିକ ସାଫଲ୍ୟ ହାସଲ ସମ୍ଭବପର ହୋଇ ପାରିଛି । ଏହା ଫଳରେ, କେନ୍ଦ୍ର ସରକାରଙ୍କର କାର୍ଯ୍ୟକ୍ରମ ପ୍ରଣୟନ ମନ୍ତ୍ରଣାଳୟ ଦ୍ୱାରା କରଯାଇଥିବା ମୂଲ୍ୟାୟନ ଭିତ୍ତିରେ ଓଡ଼ିଶା ସମଗ୍ର ଦେଶରେ ବିଂଶସୂତ୍ରୀ କାର୍ଯ୍ୟକ୍ରମ ପ୍ରବର୍ତ୍ତନ କ୍ଷେତ୍ରରେ ଦ୍ୱିତୀୟ ସ୍ଥାନ ହାସଲ କରିଛି । ୧୯୮୫-୮୬ ଓ ୧୯୮୬-୮୭ ମସିହାରେ ଏ ଦିଗରେ ଆମେ ସପ୍ତମ ସ୍ଥାନ ହାସଲ କରିଥିବା ବେଳେ ୧୯୮୭-୮୮ ମସିହାରେ ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇ ଯାଇଥିବା ନିଶ୍ଚିତ ରୂପେ ଏକ ଅପୂର୍ବ ସାଫଲ୍ୟ । ୧୯୮୬-୮୭ ମସିହାର ମୂଲ୍ୟାୟନରେ କୋଡ଼ିଏଟି ମଧ୍ୟରୁ ମାତ୍ର ତେରଟିରେ ଆମେ 'କ' ଶ୍ରେଣୀର ଅନ୍ତର୍ଭୁକ୍ତ ହୋଇଥିବା ବେଳେ ଗତ ଆର୍ଥିକବର୍ଷ ମଧ୍ୟରେ ୧୯ଟି କାର୍ଯ୍ୟକ୍ରମରେ ଆମର ସଫଳତା 'କ' ଶ୍ରେଣୀ ଅନ୍ତର୍ଭୁକ୍ତ ହୋଇଛି ।

ଚଳିତ ଆର୍ଥିକ ବର୍ଷର ଡିସେମ୍ବର ମାସ ଶେଷସୁଦ୍ଧା ଘରଡ଼ିହ ବଣ୍ଟନ ଓ ଗୋବର ଗ୍ୟାସ ପ୍ଲାଣ୍ଟ ନିର୍ମାଣ କ୍ଷେତ୍ରରେ ଆମେ ବାର୍ଷିକ ଲକ୍ଷ୍ୟ ଅତିକ୍ରାନ୍ତ କରିସାରିଛୁ । ସିଲିଂ ବହିର୍ଭୂତ ଜମି ବଣ୍ଟନ, ନିମ୍ନ ଆୟକାରୀ ପରିବାର ପାଇଁ ଗୃହ ନିର୍ମାଣ, ବୃକ୍ଷ ରୋପଣ, ସମନ୍ୱିତ ଗ୍ରାମ୍ୟ ବିକାଶ ଯୋଜନା, ଜାତୀୟ ପଲ୍ଲୀକର୍ମ ନିଯୋଜନ ଯୋଜନା, ଗ୍ରାମାଞ୍ଚଳରେ ଶ୍ରମଭିତ୍ତିକ କର୍ମ ନିଯୋଜନ ଦାୟିତ୍ୱ କାର୍ଯ୍ୟକ୍ରମ, ପ୍ରତିଷେଧକ ଟୀକା, ଆଦିବାସୀ ଓ ହରିଜନ ପରିବାରମାନଙ୍କର ସହାୟତା, ଗ୍ରାମ୍ୟ ବିଦ୍ୟୁତ୍‌କରଣ, ଉନ୍ନତ ଚୁଲ୍ଲୀ ନିର୍ମାଣ, ବସ୍ତି ବାସିନ୍ଦାଙ୍କର ସହାୟତା, ନିର୍ମାଣ ପାଇଁ ସାହାଯ୍ୟ ପ୍ରଭୃତି ବିଭିନ୍ନ କ୍ଷେତ୍ରରେ ମଧ୍ୟ ଆମର ସାଫଲ୍ୟ ଉତ୍ସାହପ୍ରଦ ହୋଇପାରିଛି ।

ରାଜନୈତିକ ସ୍ଥିରତା ଏବଂ ପ୍ରଶାସନିକ ଦକ୍ଷତା ଫଳ ଏହି ପ୍ରଗତି ସମ୍ଭବପର ହୋଇପାରିଛି । କେବଳ ଜିଲ୍ଲାସ୍ତର ସମୀକ୍ଷା ନୁହେଁ, ରାଜ୍ୟ ସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କ ନିୟମିତ ସମୀକ୍ଷା କରିବା ସଙ୍ଗେ ସଙ୍ଗେ ବିଭିନ୍ନ କାର୍ଯ୍ୟ ପ୍ରଣୟନ ଦିଗରେ ସୃଷ୍ଟି ହେଉଥିବା ପ୍ରତିବନ୍ଧକ ଦୂରୀକର ତଥା ବିଭିନ୍ନ ବିଭାଗ ମଧ୍ୟରେ ଉପଯୁକ୍ତ ସମନ୍ୱୟ ସ୍ଥାପ ପାଇଁ ମୁଖ୍ୟ ଶାସନ ସଚିବ ତଥା ଉନ୍ନୟନ କମିଶନ ରୂପେ ମୁଁ ଉଦ୍ୟମ କରିଆସିଛି । ଏହା ଫଳ ପ୍ରଣୟନ ସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମଗୁଡ଼ିକର ସଫ ରୂପାୟନକୁ ତ୍ୱରାନ୍ୱିତ କରାଯାଇ ପାରିଛି । ଚଳିତବ ଆମେ ସମଗ୍ର ଦେଶରେ ଏହି କାର୍ଯ୍ୟକ୍ରମରେ ଶୀର୍ଷସ୍ଥା ହାସଲ କରିବାକୁ ଉଦ୍ୟମ କରୁଛୁ ।

ଜନ ସାଧାରଣଙ୍କ ଜୀବନର ମାନଦଣ୍ଡ ବିକାଶ ଦୃଷ୍ଟିକୋଣରୁ ଉପଯୁକ୍ତ ବିଷୟଗୁଡ଼ିକ ଅତୀବ ଗୁରୁତ୍ୱ ପୂର୍ଣ୍ଣ । ଆମ ସମେତ ସବୁ ସରକାର ଜନ ସାଧାରଣଙ୍କ ସର୍ବାଙ୍ଗୀନ ଉନ୍ନତି ଏବଂ ଜନ ମଙ୍ଗଳ ପାଇଁ ପ୍ରତିଶ୍ରୁତିବଦ୍ଧ । ନିକଟରେ ଦାରିଦ୍ର୍ୟ ଦୂରୀକରଣ ସଂକ୍ରାନ୍ତରେ ଅନୁଷ୍ଠିତ ଏକ ସର୍ଭେ ଅନୁଯାୟୀ ଏ ଦିଗରେ ସର୍ବୋତ୍କୃଷ୍ଟ ସାଫଲ୍ୟ ଲାଭ କରିଥିବା ରାଜ୍ୟମାନଙ୍କ ମଧ୍ୟରେ ଓଡ଼ିଶା ଅନ୍ୟତମ । ତଥାପି, ଏହି ସାଫଲ୍ୟ ଯୋଗୁଁ ଆତ୍ମ ସନ୍ତୋଷ ଲାଭ କରିବାର ଅବକାଶ ନାହିଁ । ଆମକୁ ସୁଦୀର୍ଘ ପଥ ଅତିକ୍ରମ କରିବାକୁ ପଡ଼ିବ । ରବର୍ଟ ଫ୍ରଷ୍ଟଙ୍କ ଭାଷାରେ "Miles to go before we sleep" ।

---

ମୁଖ୍ୟ ଶାସନ ସଚିବ ଓ ଉନ୍ନୟନ କମିଶନର,
ଓଡ଼ିଶା, ଭୁବନେଶ୍ୱର ।



# ଓଡ଼ିଶାରେ ବିଂଶସୂତ୍ରୀ କାର୍ଯ୍ୟକ୍ରମର

# ସଫଳ ରୂପାୟନ

ଶ୍ରୀ ନଳିନୀକାନ୍ତ ପଣ୍ଡା

ଆମ ଦେଶରେ ସାମାଜିକ ତଥା ଅର୍ଥନୈତିକ ଅଭ୍ୟୁତ୍ଥାନକୁ ତ୍ୱରାନ୍ୱିତ କରିବା ପାଇଁ ଭୂତପୂର୍ବ ପ୍ରଧାନମନ୍ତ୍ରୀ ସ୍ୱର୍ଗୀୟା ଶ୍ରୀମତୀ ଇନ୍ଦିରା ଗାନ୍ଧୀ ପ୍ରଥମେ ବିଂଶସୂତ୍ରୀ କାର୍ଯ୍ୟକ୍ରମ ପ୍ରଣୟନ କରିଥିଲେ । ଅଭିଜ୍ଞତା ଭିତ୍ତିରେ ସମୟାନୁକ୍ରମେ ଏହି କାର୍ଯ୍ୟକ୍ରମରେ ବିଭିନ୍ନ ପରିବର୍ତ୍ତନ ଓ ପରିବର୍ଦ୍ଧନ କରାଯାଇ ଥିଲା ଏବଂ ୧୯୮୬ ମସିହାରେ ପ୍ରବର୍ତ୍ତିତ ବିଂଶସୂତ୍ରୀ କାର୍ଯ୍ୟକ୍ରମରେ ବିଭିନ୍ନ ଶ୍ରେଣୀର ନାଗରିକମାନଙ୍କର ଆଶୁ ପ୍ରଗତି ପାଇଁ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ହାସଲ ଉପରେ ଗୁରୁତ୍ୱ ଦିଆଯାଇଥିଲା । ଏହିସବୁ କାର୍ଯ୍ୟକ୍ରମ ଆମର ଉନ୍ନୟନ କାର୍ଯ୍ୟକ୍ରମ ପରିଚାଳନାର ଅଂଶ ବିଶେଷ ହୋଇଥିବା ଦୃଷ୍ଟିରୁ ଆମ ରାଜ୍ୟର ଯୋଜନା ପ୍ରକ୍ରିୟାରେ ଏହାକୁ ଅନ୍ତର୍ଭୁକ୍ତ କରାଯାଇଛି । ପ୍ରଧାନମନ୍ତ୍ରୀ ଶ୍ରୀ ରାଜୀବ ଗାନ୍ଧୀଙ୍କ ଭାଷାରେ ଦାରିଦ୍ର୍ୟ ଦୂରୀକରଣ, ଉତ୍ପାଦନ ବୃଦ୍ଧି, ଅର୍ଥନୈତିକ ବୈଷମ୍ୟ ହ୍ରାସ, ସାମାଜିକ ତାରତମ୍ୟ ଦୂରୀକରଣ ତଥା ଜୀବନର ମାନର ଉନ୍ନତି ଦିଗରେ ଆମର ପ୍ରଚେଷ୍ଟାକୁ ଦ୍ୱିଗୁଣିତ କରିବା ହିଁ ଏହି କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ମହିଳାମାନଙ୍କୁ ସାମ୍ୟ ଏବଂ ହରିଜନ ଓ ଆଦିବାସୀମାନଙ୍କୁ ନ୍ୟାୟ ଦେବା ଉପରେ ଗୁରୁତ୍ୱ ଦିଆଯାଇଛି ଏବଂ ଆମ ସମାଜର ଏହି ମୁଖ୍ୟ ଗୋଷ୍ଠୀ-ମାନେ ଏହାର ଅଧିକାଂଶ କାର୍ଯ୍ୟକ୍ରମ ଦ୍ୱାରା ବିଶେଷ ଭାବେ ଉପକୃତ ହେଉଛନ୍ତି । ସମସ୍ତ ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ ହେବା ଫଳରେ ବିଂଶସୂତ୍ରୀ କାର୍ଯ୍ୟକ୍ରମ ବାସ୍ତବ କ୍ଷେତ୍ରରେ ଆମ ଯୋଜନାର କେନ୍ଦ୍ର ବିନ୍ଦୁ ରୂପେ ସ୍ୱୀକୃତ ହୋଇଛି । ଏଥିରେ ଅଣାଯାଇଥିବା ବିଭିନ୍ନ ପରିବର୍ତ୍ତନ ଓ ଉନ୍ନତି ଫଳରେ ପଲ୍ଲୀ ଅଞ୍ଚଳର ଦରିଦ୍ର ଲୋକମାନେ ବିଶେଷ ଭାବେ ଉପକୃତ ହେବା ସଙ୍ଗେ ସଙ୍ଗେ ସେମାନଙ୍କର ଅର୍ଥନୈତିକ ଓ ସାମାଜିକ ଅଭ୍ୟୁତ୍ଥାନ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଉଦ୍ଦେଶ୍ୟରେ ଏକ ଉପଯୁକ୍ତ ବାତାବରଣ ସୃଷ୍ଟି ସମ୍ଭବପର ହୋଇଛି ।

୧୯୮୭-୮୮ ମସିହା ମଧ୍ୟରେ ଏଥିରେ ଅନ୍ତର୍ଭୁକ୍ତ ପ୍ରାୟ ସମସ୍ତ କାର୍ଯ୍ୟକ୍ରମରେ ଆମରାଜ୍ୟ ଅଭୂତପୂର୍ବ ସାଫଲ୍ୟ ହାସଲ କରି ପାରିଛି । ବାସହୀନ ଲୋକମାନଙ୍କୁ ଘରଡ଼ିହ ଯୋଗାଇଦେବା, ନିମ୍ନ ଆୟକାରୀ ପରିବାର-ମାନଙ୍କପାଇଁ ବାସଗୃହ ନିର୍ମାଣ, ହରିଜନ ପରିବାରଙ୍କର ସହାୟତା ଏବଂ ଗୋବରଗ୍ୟାସ ପ୍ଲାଣ୍ଟ ନିର୍ମାଣ ପ୍ରଭୃତି କ୍ଷେତ୍ରରେ ଏହିବର୍ଷ ମଧ୍ୟରେ ରାଜ୍ୟ ପାଇଁ ନିର୍ଦ୍ଧାରିତ ଲକ୍ଷ୍ୟର ଦୁଇଗୁଣରୁ ଅଧିକ ସଫଳତା ହାସଲ ସମ୍ଭବପର ହୋଇପାରିଛି । ସମନ୍ୱିତ ଗ୍ରାମ୍ୟ ବିକାଶ ଯୋଜନା, ଜାତୀୟ ପଲ୍ଲୀ କର୍ମ ନିଯୋଜନ ଯୋଜନା, (N. R. E. P.) ଗ୍ରାମାଞ୍ଚଳରେ ଶ୍ରମଭିତ୍ତିକ କର୍ମନିଯୋଜନ ଦାୟିତ୍ୱ କାର୍ଯ୍ୟକ୍ରମ ( R. L. E. G. P. ) କ୍ଷୁଦ୍ର ଶିଳ୍ପ ପ୍ରତିଷ୍ଠା, ସିଲିଂ ବହିର୍ଭୂତ ଜମି ବଣ୍ଟନ, ସମସ୍ୟା ବହୁଳ ଗ୍ରାମମାନଙ୍କରେ ପାନୀୟ ଜଳ ଯୋଗାଣ, ସ୍ୱାସ୍ଥ୍ୟ ଉପକେନ୍ଦ୍ର ପ୍ରତିଷ୍ଠା, ପ୍ରତିଷେଧକ ଟୀକା, ସମନ୍ୱିତ ଶିଶୁ ବିକାଶ କାର୍ଯ୍ୟକ୍ରମ, ଅଙ୍ଗନବାଡ଼ି, ଆଦିବାସୀ ପରିବାର ମାନଙ୍କୁ ସହାୟତା ପ୍ରଦାନ, ଇନ୍ଦିରା ଆବାସ ଯୋଜନାର ବାସଗୃହ ନିର୍ମାଣ, ନିର୍ମାଣ ପାଇଁ ସାହାଯ୍ୟ ଯୋଗାଇ ଦେବା, ବସ୍ତି ଅଞ୍ଚଳବାସୀମାନଙ୍କର ସହାୟତା, ଗ୍ରାମ୍ୟ ବିଦ୍ୟୁତ୍‌କରଣ ଓ ଉନ୍ନତ ଚୁଲି ନିର୍ମାଣ କ୍ଷେତ୍ରରେ ଆମେ ବାର୍ଷିକ ଲକ୍ଷ୍ୟ ଅତିକ୍ରାନ୍ତ କରିପାରିଛୁ । ଗୋଟି

(୧) ଦୈନିକ ଆଶା ଓ ନିଉଜ୍ ଓଡ଼ିଶା ପତ୍ରିକାର ସମ୍ପାଦକ ଶଶିଭୂଷଣ ରଥ :

"ଓଡ଼ିଶାର ରାଜଧାନୀ ଗଞ୍ଜାମର ରମ୍ଭାଙ୍କଭୁଣ୍ଡରେ ସ୍ଥାପିତ ହେଲେ—ସବୁ ଦିଗରେ ଓଡ଼ିଶାର ସଂସ୍କୃତି ସମାନ ଭାବରେ ପ୍ରସାରିତ ହେବ" ।

(୨) ସମାଜର ସମ୍ପାଦକ ରାଧାନାଥ ରଥ :

"ଓଡ଼ିଶାର ଐତିହାସିକ ରାଜଧାନୀ ହେଉଛି କଟକ । ରମ୍ଭାଙ୍କଭୁଣ୍ଡ ପରି ଏଠାରେ ପାନୀୟ ଜଳର ଅଭାବ ନାହିଁ । ବାରବାଟୀ କିଲ୍ଲାରେ ଓଡ଼ିଶାର ସେକ୍ରେଟେରିଏଟ୍ ରହିବା ସବୁ ଦିଗରୁ ସୁବିଧାଜନକ" ।

(୩) ରାୟବାହାଦୁର ଲୋକନାଥ ମିଶ୍ର :

ଓଡ଼ିଶାର ମୁଖ୍ୟ ପବିତ୍ର ସ୍ଥାନ ନୀଳାଚଳ । ଯେଉଁଠାରେ ଦେବ ଦେବ ଶ୍ରୀ ଜଗନ୍ନାଥଙ୍କ ବିରାଟ ମନ୍ଦିର ବିଦ୍ୟମାନ । ମାନ୍ଦ୍ରାଜ ସହର ପରି ଏକ ବିରାଟ ମହୋଦଧି କୂଳରେ ଓଡ଼ିଶା ରାଜଧାନୀ ସ୍ଥାପିତ ହେବା ଆବଶ୍ୟକ" ।

(୪) ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି :

"ମୋ ମତରେ ଖୋର୍ଦ୍ଧା ପରି ଏକ ରେଲୱେ କେନ୍ଦ୍ରରେ ଓଡ଼ିଶା ରାଜଧାନୀ ସ୍ଥାପିତ ହେଲେ ପ୍ରଚୁର ପରିମାଣରେ ସରକାରୀ ଜମି ସଙ୍ଗେ ପରିବହନ ସୁବିଧା ହେତୁ ଓଡ଼ିଶାର ଶିଳ୍ପ ଓ ବାଣିଜ୍ୟର ପ୍ରସାର ପାଇଁ ଅନୁକୂଳ ବାତାବରଣ ସୃଷ୍ଟି ହୋଇ ପାରିବ" ।

(୫) ନୀଳମଣି ସେନାପତି :

"ସ୍ୱାସ୍ଥ୍ୟ ଓ ସ୍ଥାପତ୍ୟ ଦୃଷ୍ଟିରୁ ଭୁବନେଶ୍ୱର ହିଁ ଶ୍ରେଷ୍ଠ ସ୍ଥାନ, ସେଠାରେ ମଧ୍ୟ ପ୍ରଚୁର ସରକାରୀ ଜମି ରହିଛି । ଖଣ୍ଡଗିରି ଉଦୟଗିରି ନିକଟରେ ଯେଉଁ ଜଙ୍ଗଲ ମାଇଲ ମାଇଲ ଧରି ସୁବିସ୍ତୀର୍ଣ୍ଣ ହୋଇଛି, ତାହା କୂର୍ମ ପିଠି ଆକାରରେ ଥିବାରୁ ନୂତନ ସହର ସ୍ଥାପିତ ହେଲେ ତାହା ବର୍ଷାଋତୁରେ ସଁତସଁତିଆ ହେବ ନାହିଁ । ମନ୍ଦିର ମାଳିନୀ ଭୁବନେଶ୍ୱର ହିଁ ଓଡ଼ିଶାର ରାଜଧାନୀ ପାଇଁ ଉପଯୁକ୍ତ ସ୍ଥାନ । ଏଠାର କେଦାରଗୌରୀ କୁଣ୍ଡପାଦକ କଲିକତାକୁ ରପ୍ତାନୀ ହୁଏ, କାରଣ ଏଠାର ପାଣି ଅତି ନିର୍ମଳ ଓ ସ୍ୱାସ୍ଥ୍ୟ ପକ୍ଷରେ ଉତ୍ତମ" ।

(୬) ମାନ୍ଧାତା ଗୋରାଚାନ୍ଦ ପଟ୍ଟନାୟକ :

"ମୋ ମତରେ ଓଡ଼ିଶାକୁ ସର୍ବାଙ୍ଗ ସୁନ୍ଦର ଗଢ଼ି ତୋଳିବାକୁ ହେଲେ ଓଡ଼ିଆ ଭାଷା ଓ ସାହିତ୍ୟର ବିକାଶ ପ୍ରତି ସର୍ବ ପ୍ରଥମ ଧ୍ୟାନ ଦେବା ଆବଶ୍ୟକ" ।

(୭) ଟିକିଟି ରାଜକୁମାର ଗୌରଚନ୍ଦ୍ର ଦେବ :

"ଓଡ଼ିଶାର ରାଜଧାନୀ ଯେଉଁଠାରେ ହେଉ ପଛେ, ସେଥିର 'ଗ୍ରୀଷ୍ମନିବାସ' ପାଇଁ ପାଞ୍ଚ ହଜାର ଫୁଟରେ ଉଚ୍ଚ ଶିଖର ମହେନ୍ଦ୍ରାଚଳ ହିଁ ଉପଯୁକ୍ତ ସ୍ଥାନ । ଏଥିରେ କେହି ଆଦୌ ଅମତ ହେବେ ନାହିଁ" ।

(୮) ବାବୁ ଭୁବନାନନ୍ଦ ଦାସ (କଟକ) :

"ଓଡ଼ିଶା ପ୍ରଦେଶ ଗଠନ ପରେ ସେଠାରେ ଆର୍ଥିକ ଉନ୍ନତି ନ ଘଟିଲେ, ସବୁ ଆଶା ନିଷ୍ଫଳ ହେବ । ତେଣୁ ବିହାରର ସିଂହଭୂମ ଅଞ୍ଚଳ ଓଡ଼ିଶାରେ ସଂଯୁକ୍ତ କରି ସେଠାର ପ୍ରଚୁର ଖଣିଜ ସମ୍ପଦର ସଦ୍‌ବ୍ୟବହାର କରିବା ଆବଶ୍ୟକ" ।

(୯) ରାୟବାହାଦୁର ଲକ୍ଷ୍ମୀଧର ମହାନ୍ତି (କଟକ) :

"କଟକ ଓଡ଼ିଶାର ବୃହତ୍ତମ ନଗର ଦୃଷ୍ଟିରୁ ତାହାହିଁ ନବ ଓଡ଼ିଶାର ରାଜଧାନୀ ପାଇଁ ଉପଯୁକ୍ତ ସ୍ଥାନ । ତେବେ, ପୁରୀରେ ବର୍ତ୍ତମାନ ଯେଉଁ ସର୍କିଟ ହାଉସ୍ ଅଛି ସେଠାରେ ଗଭର୍ଣ୍ଣରର ହାଉସ୍ ସ୍ଥାପନ କରିବା ଆବଶ୍ୟକ" ।

ଏଠାରେ କହିବା ଆବଶ୍ୟକ ଯେ ଏ ଘଟଣାର ପ୍ରାୟ ୩ବର୍ଷ ଆଗରୁ ଭାରତ ସରକାରଙ୍କ ଏଫ୍-୪୭/୩୩-ଆର୍, ରିଜୋଲ୍ୟୁସନ୍ ଅନୁସାରେ (ତା୨୪.୬.୧୯୩୩) ଓଡ଼ିଶା ପ୍ରଶାସନ ପାଇଁ ଏକ ଖସଡ଼ା ପ୍ରସ୍ତୁତ କରିବାକୁ ସାର୍ ଜନ୍ ହବାକ୍‌ଙ୍କ ଅଧ୍ୟକ୍ଷତାରେ ଯେଉଁ କମିଟି ଗଢ଼ା ଯାଇଥିଲା, ସେଥିରେ ୯ ଜଣ ସଭ୍ୟ ରହି ଓଡ଼ିଶାର ରାଜଧାନୀ ଓ ଗ୍ରୀଷ୍ମ ନିବାସ ସମସ୍ୟା ପ୍ରଥମେ ଆଲୋଚନା କରିଥିଲେ । ସେମାନଙ୍କ ପ୍ରାଥମିକ ସଭା କଟକରେ ସେ ବର୍ଷ ଜୁଲାଇ ୨ ଓ ୩ ତାରିଖରେ ହୋଇଥିଲା । ସେଥିରେ ସ୍ଥିର ହେଲା ଯେ ସରକାରୀ ଓ ବେସରକାରୀ ଲୋକଙ୍କ ମତାମତ ସଂଗ୍ରହ ପାଇଁ କେତେକ ପ୍ରଶ୍ନ ବିଶିଷ୍ଟ ବ୍ୟକ୍ତି ଏବଂ ଅନୁଷ୍ଠାନଗୁଡ଼ିକୁ ପଠାଯିବ । ସେମାନଙ୍କଠାରୁ ସ୍ମାରକପତ୍ର ବା ଉତ୍ତର ପାଇଲା ପରେ ଅଗଷ୍ଟ ୨୧—୨୬ ତାରିଖରେ ରାଞ୍ଚିଠାରେ କମିଟିର ଦ୍ୱିତୀୟ ବୈଠକରେ ରିପୋର୍ଟ ପ୍ରସ୍ତୁତ କରିବା ସମ୍ଭବ ହେବ । ତାହା ହିଁ କାର୍ଯ୍ୟକାରୀ ହେଲା । କମିଟିର ସେକ୍ରେଟେରୀ ଥିଲେ ମାନ୍ଦ୍ରାଜର ଶ୍ରୀ ଭେଙ୍କଟ ରାମସ୍ୱାମୀ, ଆଇ.ସି.ଏସ୍. । କମିଟି ତାଙ୍କ ଦ୍ୱିତୀୟ ବୈଠକରେ ଅସ୍ଥାୟୀଭାବେ କଟକରେ ରାଜଧାନୀ ସ୍ଥାପନ କରିବାକୁ ମତ ଦେଇଥିଲେ । ସେଥିର ନିର୍ମାଣ ଖର୍ଚ୍ଚ ପ୍ରଭୃତି ବିଷୟରେ ବିହାର ଓଡ଼ିଶାର ମୁଖ୍ୟ ଇଞ୍ଜିନିୟର ମି. ଗ୍ରୁବ୍ସ କମିଟିକୁ ସାହାଯ୍ୟ କରିଥିଲେ ।

କମିଟିକୁ ସୁପାରିଶ କରି ଦକ୍ଷିଣ ଓଡ଼ିଶାର ସ୍ମାରକପତ୍ରଗୁଡ଼ିକରେ ଦାବୀ କରାଯାଇଥିଲା ଯେ ବ୍ରହ୍ମପୁରରେ ରାଜଧାନୀ ଓ ଗୋପାଳପୁରଠାରେ ଗ୍ରୀଷ୍ମନିବାସ ସ୍ଥାପନ କରିବା ସୁବିଧାଜନକ । ଏଥିରେ ଆଲୋଚନା କରି କମିଟି ତାଙ୍କ ରିପୋର୍ଟରେ ଲେଖିଥିଲେ :

**"Berhampur and Gopalpur have no doubt certain advantages. They have been equable climate and possibilities of town development. Their vicinity to the sea might obviate the need of a summer headquarters. Labour is said to be cheap, and the cost of buildings might be lower than elsewhere. But neither Berhampur nor Gopalpur possesses any historical associations. Popular sentiment does not view their claim with favour."**

କଟକ ସପକ୍ଷରେ ସୁପାରିଶ କରିବାକୁ ଯାଇ କମିଟି ଲେଖିଥିଲେ—

**"Cuttack is easily the most populous town in Orissa ... ..."**

ଏହା ବ୍ୟତୀତ ଅନ୍ୟ ଯେଉଁ ସବୁ କାରଣ ଦିଆଯାଇଥିଲା, ତାହା ବ୍ରହ୍ମପୁର ପାଇଁ ମଧ୍ୟ ଅନୁକୂଳ ଥିଲା । ବ୍ରହ୍ମପୁର—ଗୋପାଳପୁର ସୁପ୍ରସିଦ୍ଧ ଋଷିକୁଲ୍ୟାର ଅବବାହିକା ତଥା ଜଉଗଡ଼ର ଅଶୋକ ଅନୁଶାସନ ଦୃଷ୍ଟିରୁ ଏକ ପ୍ରସିଦ୍ଧ ଐତିହାସିକ ଅଞ୍ଚଳ ନୁହେଁ ବୋଲି ନଜିର ବାଢ଼ିବା ଏକ ଭଣ୍ଡାମି ବୋଲି ଅନେକେ ଆକ୍ଷେପ କରିଥିଲେ । ଏ ଘଟଣା ପରେ ଦୀର୍ଘ ୩।୪ ବର୍ଷ ପର୍ଯ୍ୟନ୍ତ କଟକ ଓ ବ୍ରହ୍ମପୁର ସମ୍ବାଦପତ୍ରମାନଙ୍କରେ ବାକ୍‌ବିତଣ୍ଡା ଲାଗି ରହିଲା । ସେଥିର ସମାଧାନ କରିବାକୁ ୧୯୩୬ ମସିହା ଅକ୍ଟୋବର ୫ ଓ ୬ ତାରିଖ ଦୁଇ ଦିନ ପୁରୀ ଗଭର୍ଣ୍ଣର ହାଉସ୍‌ରେ ସାର୍ ଜନ୍ ହବାକ୍‌ଙ୍କ ଅଧ୍ୟକ୍ଷତାରେ ଓଡ଼ିଶାର 'ଉପଦେଷ୍ଟା କାଉନ୍‌ସିଲ୍' ବୈଠକ ବସି ରାଜଧାନୀ ଓ ଗ୍ରୀଷ୍ମନିବାସ ସମ୍ବନ୍ଧରେ ଓଡ଼ିଶାର ନେତୃମଣ୍ଡଳୀରେ ଯେଉଁ ଉତ୍ତେଜନା ସୃଷ୍ଟି ହୋଇଥିଲା ସେଥିର ସମାଧାନ ପାଇଁ ଆଲୋଚନା ଚାଲିଥିଲା । ଉଭୟ ଦଳରେ ତୀବ୍ରବାଦାନୁବାଦ ହେବା ଦେଖି ଗଭର୍ଣ୍ଣର ଭୋଟ ନେବାକୁ ସ୍ଥିର କଲେ । କିନ୍ତୁ ଉତ୍ତର ଓଡ଼ିଶାର ଅଧିକାଂଶ ସଭ୍ୟ କଟକ ସପକ୍ଷରେ ଭୋଟ ଦେଇଥିଲେ । ଅନ୍ତୁ ବ୍ରହ୍ମପୁର ସଭ୍ୟ ଭୋଟ ପ୍ରତିଯୋଗିତାରେ ହାରିଗଲେ । ତଥାପି ଉଭୟ ପକ୍ଷର ବାଦବିବାଦ ଲାଗି ରହିବା ଦେଖି ଗଭର୍ଣ୍ଣରଙ୍କ ଇଚ୍ଛାକ୍ରମେ କେତେକ ନିରପେକ୍ଷ ବିଶିଷ୍ଟ ଲୋକଙ୍କଠାରୁ ପରାମର୍ଶ ସଂଗ୍ରହ କରି ଭୁବନେଶ୍ୱରଠାରେ ରାଜଧାନୀ ସ୍ଥାପନ କରିବା ନିଷ୍ପତ୍ତି ନିଆଗଲା । ତାହାହିଁ ଶେଷରେ କାର୍ଯ୍ୟକାରୀ ହେଲା ।

ଚିତ୍ରକର ଲେନ୍, ପାରଳାଖେମୁଣ୍ଡି, ଗଞ୍ଜାମ ।

# ମୋ ଡାଇରୀରୁ

ଡକ୍ଟର୍ ସତ୍ୟନାରାୟଣ ରାଜଗୁରୁ

ସେଦିନ ୧୯୩୬ ମସିହା ଅପ୍ରେଲ୍ ପହିଲା ତାରିଖ । ତିଥି ଚୈତ୍ର ଶୁକ୍ଳ ଦଶମୀ ବୁଧବାର । ମୁଁ କଟକରେ ରହୁଥାଏ । ସବୁଦିନ ପରି ପ୍ରଭାତରୁ ସୂର୍ଯ୍ୟ ଉଦିତ ପୂର୍ବରୁ ଆମେ କଟକ-ଭୁଜସାପୁର-କେନ୍ଦୁଝର କୋଠିରୁ ଉଠି ମହାନଦୀରେ ସ୍ନାନ ସାରିଥାଉ । ପାରଳାଖେମୁଣ୍ଡି ମହାରାଜ ଶ୍ରୀ କୃଷ୍ଣଚନ୍ଦ୍ର ଗଜପତିଙ୍କ ବନ୍ଧୁ କେନ୍ଦୁଝର ମହାରାଜା । ତାଙ୍କ ବିରାଟ ଗୃହ ଆମ ପାଇଁ ଛାଡ଼ି ଦେଇଥାନ୍ତି । ପାରଳା ମହାରାଜାଙ୍କ ସଙ୍ଗେ ମୁଁ, ତାଙ୍କ ପ୍ରାଇଭେଟ୍ ସେକ୍ରେଟାରୀ ଶ୍ୟାମ ସୁନ୍ଦର ଗନ୍ତାୟତ, ତାଙ୍କ ପ୍ରାସାଦ କଣ୍ଟ୍ରୋଲର୍ ଯୁଗଳ କିଶୋର ପାଣିଗ୍ରାହୀ, ତାଙ୍କ ଦେୱାନ୍ ଲକ୍ଷ୍ମୀନାରାୟଣ ପଟ୍ଟନାୟକ, ଅଧ୍ୟାପକ ହୀରାଲାଲ୍ ବର୍ଦ୍ଧନ, ପାରଳା ମ୍ୟୁନିସିପାଲିଟି ଅଫିସର୍ ରାସବିହାରୀ ପଟ୍ଟନାୟକ ଏବଂ ଏଡ୍‌ଭୋକେଟ୍ ମାନଧାତା ଗୋରାଚାନ୍ଦ ପଟ୍ଟନାୟକ ସେଠାରେ ରହିଥାଉଁ ।

ସକାଳ ୭ଟାରେ ଆମେ ସମସ୍ତେ ଜଳଖିଆ କରି ସାରି ମହାରାଜାଙ୍କ ଦୁଇଟି ମୋଟର୍‌ରେ ରେଭେନ୍ସା କଲେଜ୍‌କୁ ଯାତ୍ରା କଲୁ । କାରଣ ସେଦିନ ପ୍ରଭାତ ଘ୮.୩୦ ବେଳେ ସେଠା କଲେଜ୍ ହଲ୍‌ରେ ଓଡ଼ିଶାର ସର୍ବ ପ୍ରଥମ ଗଭର୍ଣ୍ଣର୍ ସାର୍ ଜନ୍ ହବାକ୍ ଶପଥ ଗ୍ରହଣ କରି ସ୍ୱତନ୍ତ୍ର ଓଡ଼ିଶାର ଶାସନଭାର ଗ୍ରହଣ କରିବେ । ଏଥିପାଇଁ ସମଗ୍ର କଟକ ସହରରେ ତୋରଣ ଓ ପତାକା ଶ୍ରେଣୀ ସଜାଇ ହଜାରହଜାର ସହରବାସୀ ଓ ବାହାରୁ ଆଗନ୍ତୁକ ବିଶିଷ୍ଟ ଲୋକଙ୍କୁ ଅଭ୍ୟର୍ଥନା କରୁଥାନ୍ତି । "ଉତ୍କଳର ଜୟ" ନାଦରେ ସମଗ୍ର ସହର ଉଚ୍ଛୁଳି ପଡୁଥାଏ । ସମସ୍ତଙ୍କ ହୃଦୟ ଆଶା-ଆନନ୍ଦ ଉତ୍ସାହରେ ଉଦ୍‌ବେଳିତ ହେଉଥାଏ । ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ସୁସଜ୍ଜିତ ରୋଲ୍‌ସ୍ ରାୟ୍ସ ମୋଟର୍ ଗାଡ଼ିରେ ମହାରାଜାଙ୍କ ସଙ୍ଗେ ଗଭର୍ଣ୍ଣର୍ ହବାକ୍ ଧୀରେଧୀରେ ଯାତ୍ରା କଲା ବେଳେ ଚତୁର୍ଦ୍ଦିଗରେ ହୁଳହୁଳି-ଶଙ୍ଖଧ୍ୱନୀ ସଙ୍ଗେ "ନବୋତ୍କଳର ଜୟ" "ଉତ୍କଳ ମାତାର ଜୟ" ଜୟଧ୍ୱନୀ ଶୁଣା ଯାଉଥିଲା ।

ନିର୍ଦ୍ଦିଷ୍ଟ ସମୟରେ ରେଭେନ୍ସା ମହାବିଦ୍ୟାଳୟର ସୁସଜ୍ଜିତ କକ୍ଷରେ ପାଟଣା ହାଇକୋର୍ଟ ଜଷ୍ଟିସ୍ ହବାକ୍ ସାହେବଙ୍କୁ ଶପଥ ପାଠ କରାଇଥିଲେ ।

ସେ ଦିନଟି କେବଳ କଟକରେ ନୁହେଁ ଓଡ଼ିଶାର ପ୍ରତି ସହରରେ ଓ ଗ୍ରାମାଞ୍ଚଳରେ ଉତ୍ସବର ଏକ ନିବିଡ଼ ଅରଣ୍ୟ ସୃଷ୍ଟି କରିଥିଲା । ପ୍ରତ୍ୟେକ ଓଡ଼ିଆଙ୍କ ପ୍ରାଣରେ ଆନନ୍ଦ-ଉତ୍ସାହର ଉଦ୍ଦୀପନା ଦେଖା ଦେଇଥିଲା । ଦୀର୍ଘ ୩୦ ବର୍ଷର ଆନ୍ଦୋଳନ ପରେ ଏବେ ସେଇଁ ସ୍ୱତନ୍ତ୍ର ପ୍ରଦେଶଟି ଖଣ୍ଡିତ ହୋଇ ସୁଦ୍ଧା ଗଠିତ ହେଲା, ଭବିଷ୍ୟତରେ ଓଡ଼ିଆ ଜାତି ସମ୍ମିଳିତ ଭାବେ ତାଙ୍କର ପୂର୍ବ ବିଭବ ନିଶ୍ଚୟ ଫେରି ପାଇବେ ବୋଲି ସମସ୍ତଙ୍କ ମୁଖରେ ହର୍ଷ ଦେଖାଦେଲା ।

ପରଦିନ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଉପଲକ୍ଷରେ ଗୋଟିଏ 'ଗାର୍ଡ଼ନ୍ ପାର୍ଟି'ର ଆୟୋଜନ କରିଥିଲେ । କଟକର ବାରବାଟୀ କିଲ୍ଲାରେ ବିରାଟ ସାମିଆନା ତଳେ ହଜାର ସଂଖ୍ୟାରେ ଚଉକୀ ଓ ଟେବୁଲ୍ ସ୍ଥାପିତ ହେଲା । ପାରଳା ଇଷ୍ଟେଟ୍‌ର ଦେୱାନ୍ ଲକ୍ଷ୍ମୀନାରାୟଣ ପଟ୍ଟନାୟକଙ୍କୁ ଏଥିର ଭାର ଦିଆ ଯାଇଥିଲା । ଅବଶ୍ୟ ଆମେମାନେ ସମସ୍ତେ ମିଶି ଯଥା ସମ୍ଭବ ନିଖୁଣ ଭାବେ ଆସନଗୁଡ଼ିକ ଓ କଲିକତାର ଏକ ବଡ଼ କମ୍ପାନୀରୁ ଅଣା ଯାଇଥିବା ଖାଦ୍ୟ ସାମଗ୍ରୀ ପରିବେଷଣ କରାଇଥିଲୁ । ଅନ୍ୟୁନ ଦୁଇ ହଜାର ଭଦ୍ରଲୋକ ସେଥିରେ ଯୋଗ ଦେଇଥିଲେ । ବିଶିଷ୍ଟ ଆଗନ୍ତୁକମାନଙ୍କ ମଧ୍ୟରେ ଥିଲେ ମୟୂରଭଞ୍ଜ, କନିକା, ଧରାକୋଟ୍, ବଡ଼ଖେମୁଣ୍ଡି, ଖଲ୍ଲିକୋଟ୍, ଚିକିଟି, ଖୋର୍ଦ୍ଧା, ଟିକଲି, ପ୍ରଭୃତି ରାଜାମାନଙ୍କ ସମେତ ସିଂହଭୂମ୍, ମେଦିନୀପୁର, ଓଡ଼ିଶାର ଗଡ଼ଜାତ ମହଲ ଶିକାକୁଳ ପ୍ରଭୃତି ବିଚ୍ଛିନ୍ନ ଅଞ୍ଚଳର ବିଶିଷ୍ଟ ଓଡ଼ିଆମାନେ । ସେମାନେ ସେଥିରେ ଯୋଗ ଦେଇଥିଲେ । ଓଡ଼ିଶାର ପ୍ରତି ଜିଲ୍ଲାରୁ ସରକାରୀ ଓ ବେସରକାରୀ ନେତୃସ୍ଥାନୀୟ ଲୋକେ ନିମନ୍ତ୍ରିତ ହୋଇଥିଲେ ।

ସନ୍ଧ୍ୟା ୬ଘଣ୍ଟା ବେଳେ ଓଡ଼ିଶାର ଗଭର୍ଣ୍ଣର୍ ଓ ତାଙ୍କ ସହଧର୍ମିଣୀ ଯୋଗ ଦେଲା ପରେ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ତାଙ୍କର ମୁଦ୍ରିତ ଭାଷଣଟି ପାଠ କରିଥିଲେ । ରାତ୍ରି ୭ଟା ବେଳେ ଭୋଜିସଭା ଶେଷ ହୋଇଥିଲେ ସୁଦ୍ଧା ଦୀର୍ଘ ସମୟ ବିଶିଷ୍ଟ ଆଗନ୍ତୁକମାନଙ୍କ ମଧ୍ୟରେ ଓଡ଼ିଶାର ଭବିଷ୍ୟତ ଉନ୍ନତି ପାଇଁ ଆଲୋଚନା ହୋଇଥିଲା ।

ମୋର ମନେ ଅଛି ମୁଁ ଓ ରାସବିହାରୀ ପଟ୍ଟନାୟକ କେତେକ ବିଶିଷ୍ଟ ନେତାଙ୍କ ଅଭିମତ ଖାତାରେ ଲେଖି ରଖିଥିଲୁ ସେଥିରୁ କେତୋଟି ନିମ୍ନରେ ଉଲ୍ଲେଖ କରାଗଲା :

ଭୀମଙ୍କ ଛାତିରେ ଆଘାତ କରିବାରୁ ଭୀମ ଅତ୍ୟନ୍ତ ବିବ୍ରତ ହୋଇ ପଡ଼ିଲେ । ଏହି ସମୟରେ ସାରଥୀ ଅଶୋକ ଗୋଟିଏ ରଥ ନେଇ ଆସି ଭୀମଙ୍କ ପାଖରେ ପହଞ୍ଚି ଯିବାରୁ ଭୀମ ଓ ଶ୍ରୁତାୟୁଙ୍କ ମଧ୍ୟରେ ପ୍ରବଳ ସଂଗ୍ରାମ ଆରମ୍ଭ ହେଲା । ଶ୍ରୁତାୟୁ ଶତାଧିକ ବାଣ ବର୍ଷଣ କରି ଭୀମଙ୍କୁ ଅତ୍ୟନ୍ତ ଅସ୍ତବ୍ୟସ୍ତ କରି ପକାଇଲେ । ଭୀମ ଶରାଘାତରେ ଶ୍ରୁତାୟୁଙ୍କ ସାହାଯ୍ୟକାରୀ କଳିଙ୍ଗବୀର ସତ୍ୟ ଓ ସତ୍ୟଦେବ ଏବଂ ରାଜକୁମାର କେତୁମାନ– ଏଇ ତିନିଜଣ ସେନାପତିଙ୍କୁ ହତ୍ୟା କରିବାରୁ ଶ୍ରୁତାୟୁ ପ୍ରାୟ ଏକ ସହସ୍ର କଳିଙ୍ଗବୀର ସୈନ୍ୟମାନଙ୍କ ସହ ଭୀମଙ୍କୁ ଚାରିଦିଗରୁ ଆକ୍ରମଣ କରି ବିଭିନ୍ନ ଅସ୍ତ୍ରଶସ୍ତ୍ର ଦ୍ୱାରା ଆଘାତ କରିବାକୁ ଲାଗିଲେ । ଇତ୍ୟବସରରେ ସାତ୍ୟକି, ଧୃଷ୍ଟଦ୍ୟୁମ୍ନ ପ୍ରଭୃତି ପାଣ୍ଡବପକ୍ଷ ବୀରଗଣ ଭୀମଙ୍କ ସାହଯ୍ୟାର୍ଥେ ମିଳିତ ହେଲେ ଏବଂ କଳିଙ୍ଗ ସେନାବ୍ୟୁହର ଅସଂଖ୍ୟ ହାତୀ, ଘୋଡ଼ା ଓ ରଥରେ ବହୁ ସହସ୍ର ବୀରଙ୍କ ପ୍ରତିରୋଧ ସତ୍ତ୍ୱେ ରାଜକୁମାର କେତୁମାନ, ଶ୍ରୁତାୟୁ, ସତ୍ୟ, ରାଜକୁମାର ଶକ୍ରଦେବ ପ୍ରଭୃତି ପ୍ରଖ୍ୟାତ ବୀରଗଣ ଭୀମଙ୍କ ଦ୍ୱାରା ରଣକ୍ଷେତ୍ରରେ ପ୍ରାଣବଳି ଦେଇ ନିଜର ଯଶ ଅକ୍ଷୁଣ୍ଣ ରଖିଥିଲେ ।

ମହାଭାରତର ଏଇ ଯୁଦ୍ଧ ବର୍ଣ୍ଣନାରୁ କଳିଙ୍ଗ ସାମ୍ରାଜ୍ୟ ଓ କଳିଙ୍ଗବାସୀ ବୀରମାନଙ୍କର ଶୌର୍ଯ୍ୟ ଓ ପରାକ୍ରମର ଯେଉଁ ଚିତ୍ର ମିଳିଥାଏ, ମହାଭାରତ ଯୁଦ୍ଧର ତିନି ହଜାର ବର୍ଷ ପରେ ମଧ୍ୟ କଳିଙ୍ଗ ସମ୍ରାଟ୍ ଖାରବେଳଙ୍କ ଯୁଦ୍ଧଯାତ୍ରା ଓ ଦିଗ୍‌ବିଜୟ କାହାଣୀ ତାହାରହିଁ ପୁନରାବୃତ୍ତି ହେବାର ଦେଖାଯାଏ । ଏହାପରେ ସୂର୍ଯ୍ୟବଂଶୀୟ କପିଳେନ୍ଦ୍ରଦେବଙ୍କର ରାଜତ୍ୱ କାଳରେ କଳିଙ୍ଗର ଅସୀମ ସାହସୀ ସେନା ଦ୍ୱାରା ଗଙ୍ଗାଠାରୁ କାବେରୀ ପର୍ଯ୍ୟନ୍ତ ସମଗ୍ର ଦକ୍ଷିଣ ପୂର୍ବାଞ୍ଚଳ କଳିଙ୍ଗ ବା ଉତ୍କଳ ସାମ୍ରାଜ୍ୟର ଅନ୍ତର୍ଭୁକ୍ତ ହୋଇଥିବାର ଐତିହାସିକ ବିବରଣ କଳିଙ୍ଗ-ଉତ୍କଳର ବୀରଜାତିର ସାକ୍ଷ୍ୟ ପ୍ରଦାନ କରିଥାଏ । ବର୍ତ୍ତମାନର ସେଇ ବୀର ଜାତିର ବଂଶଧରମାନଙ୍କୁ ଦେଖିଲେ, ସେ ସମସ୍ତ କାହାଣୀ କେବଳ ସ୍ୱପ୍ନ ପରି ମନେହୁଏ ।

ଏତ ଗଲା ଅତୀତ ଉତ୍କଳର ବୀରତ୍ୱର ଗାଥା । ପୁରାଣ-ଇତିହାସ ପୃଷ୍ଠାରେ ଉତ୍କଳ ସଦୃଶ ପୁଣ୍ୟଭୂମି ମଧ୍ୟ ସମଗ୍ର ପୃଥିବୀରେ ବିରଳ । ସ୍କନ୍ଦପୁରାଣ ଉତ୍କଳଖଣ୍ଡ ପୁରୁଷୋତ୍ତମ ମାହାତ୍ମ୍ୟରେ ସେ କାଳର ଉତ୍କଳବାସୀଙ୍କର ପବିତ୍ର ଚରିତ୍ର ଓ ପୁଣ୍ୟାତ୍ମତାର ଯେଉଁ ବିବରଣ ପ୍ରଦତ୍ତ ହୋଇଛି, ତାହା ଅଭୂତପୂର୍ବ । ପ୍ରାଚୀନ ଐତିହାସିକ ତଥ୍ୟରେ ପୃଥିବୀର କୌଣସି ଦେଶବାସୀଙ୍କ ସମ୍ପର୍କରେ ଏପ୍ରକାର ରୋମାଞ୍ଚକାରୀ ପବିତ୍ର କାହିଁ କେଉଁଠି ହେଲେ ବର୍ଣ୍ଣିତ ହେବାର ଦେଖାଯାଏ ନାହିଁ ।

ସାଗରସ୍ୟୋତ୍ତରେ ତୀରେ ମହାନଦ୍ୟାସ୍ତୁ ଦକ୍ଷିଣେ ।
ସ ପ୍ରଦେଶଃ ପୃଥିବ୍ୟାଂ ହି ସର୍ବତୀର୍ଥ ଫଳ ପ୍ରଦଃ ॥
ତତ୍ର ଯେ ମନୁଜା ବ୍ରହ୍ମନ୍ ନିବସନ୍ତି ସୁବୁଦ୍ଧୟଃ ।
ଜନ୍ମାନ୍ତରକୃତାନାଂଚ ପୁଣ୍ୟାନାଂ ଫଳଭାଗିନଃ ॥

* * * *

ଉତ୍କଳାଖ୍ୟ ଦେଶୋଽପି ଖ୍ୟାତଃ ପରମପାବନଃ
ଯତ୍ର ତୀର୍ଥାନ୍ୟନେକାନି ପୁଣ୍ୟାନ୍ୟାୟତନାନି ଚ ।

ଉତ୍କଳ ପୃଥିବୀ ମଧ୍ୟରେ ସର୍ବାପେକ୍ଷା ପୁଣ୍ୟକ୍ଷେତ୍ର । ପୂର୍ବର ବହୁ ଜନ୍ମର ସୁକୃତି ଫଳରେ ଉତ୍କଳ ଦେଶରେ ଜନ୍ମଲାଭ କରିବାର ସୌଭାଗ୍ୟ ମିଳେ । ଏ ଦେଶରେ ପୃଥିବୀର ସର୍ବ ତୀର୍ଥର ସମାହାର ହୋଇଛି । ଏହି ଉତ୍କଳ ପରମ ପବିତ୍ର ଭୂମି । ଏହି ପ୍ରକାର ପ୍ରଶଂସା ଓ ଗୌରବ କୀର୍ତ୍ତନ ଦ୍ୱାରା ଯେଉଁ ଦେଶକୁ ମହିମାନ୍ୱିତ କରାଯାଇଛି, ଆଜିର ଉତ୍କଳବାସୀ ତଥା ଓଡ଼ିଶାବାସୀ ବା ଓଡ଼ିଆ ଜାତି ସେହି ଦେଶର ଅଧିବାସୀ । ସେହି ଦେଶରେ ସେମାନଙ୍କର ଜନ୍ମ ବୃଦ୍ଧି ଓ ଅନ୍ତିମ ବିଶ୍ରାମ । କିନ୍ତୁ ବର୍ତ୍ତମାନର ଅଧିବାସୀମାନଙ୍କର ସାମୂହିକ ଜାତୀୟ ଚରିତ୍ର ବିଗତ ପୌରାଣିକ ଯୁଗର ଜାତୀୟ ଚରିତ୍ର ତୁଳନାରେ କେଉଁ ସ୍ତରକୁ ଆସିଛି ତାହା ବିମୃଶ୍ୟ ।

ଉତ୍କଳଖଣ୍ଡରେ ଏ ଜାତିର ସେ ଯୁଗର ଚରିତ୍ର ଗାଥାରେ କୁହାଯାଇଛି–

ସେଠାକାର ଲୋକସମୂହ ସଦାଗ୍ରର ପରାୟଣ, ବ୍ରାହ୍ମଣଗଣ ବେଦଜ୍ଞ ଓ ବେଦ ଅଧ୍ୟୟନ ତତ୍ପର । ଯଥା ବିଧାନରେ ଯାଗଯଜ୍ଞ କରନ୍ତି । ସୃଷ୍ଟିର ଆଦିମ କାଳରୁ ସେଠାରେ ବେଦବିହିତ ଯାଗଯଜ୍ଞ ସମଭାବରେ ଅନୁଷ୍ଠିତ ହୋଇ ଆସୁଛି । ଏହି ଦେଶ ଅଷ୍ଟାଦଶ ବିଦ୍ୟାର ଖଣି । ଶ୍ରୀ ଲକ୍ଷ୍ମୀ ଦେବୀ ଶ୍ରୀ ନାରାୟଣଙ୍କ ସହ ପ୍ରତି ଗୃହରେ ବିରାଜିତ । ... ଳର ଜନଗଣ ସମସ୍ତେ ବୈଷ୍ଣବ, ଧର୍ମପରାୟଣ, ସତ୍ୟବାଦୀ, ମାତୃପିତୃ ଭକ୍ତ, ଲଜ୍ଜାଶୀଳ ଓ ବିନୟୀ, ଆଧି-ବ୍ୟାଧିକ୍ଲେଶ କାହାରି ହେଲେ ନାହିଁ । ସେଠାରେ ବୈଷ୍ଣବଗଣ କେହି ଶଠ ବା କପଟ ନୁହନ୍ତି । ଲୋଭୀ, ଶଠ ଓ ଖଳ ପ୍ରକୃତିର ଲୋକ ସେଠାରେ କେହି ନାହାନ୍ତି । ଉତ୍କଳର ମନୁଷ୍ୟଗଣ ଦୀର୍ଘଜୀବୀ, ରମଣୀଗଣ ପତି ପରାୟଣା, ସୁଶୀଳା, ଧର୍ମଚାରିଣୀ, ଲଜ୍ଜା ଓ ସୁଚରିତ୍ରାଦି ଗୁଣ ଭୂଷିତା । ଉତ୍କଳର କ୍ଷତ୍ରିୟଗଣ ସ୍ୱଧର୍ମନିଷ୍ଠ, ପ୍ରଜା ପାଳନ ତତ୍ପର, ଦାତା, ଅସ୍ତ୍ର ବିଦ୍ୟା ଓ ସର୍ବ ଶାସ୍ତ୍ରରେ ବିଶାରଦ । ସମସ୍ତେ ଦାନଶୀଳ । ଅତିଥିପରାୟଣ । ବୈଶ୍ୟଗଣ କୃଷି, ବାଣିଜ୍ୟ, ଗୋରକ୍ଷଣ କାର୍ଯ୍ୟରେ ନିଯୁକ୍ତ । ଗୋ, ବ୍ରାହ୍ମଣ, ଦେବତା ଅତିଥି ପ୍ରତି ପ୍ରୀତି ପରାୟଣ । ଯାଚକ ଗୋଟିଏ ଗୃହକୁ ଗଲେ ଯାହା ପାଆନ୍ତି, ଅନ୍ୟ ଗୃହକୁ ଯିବାକୁ ପଡ଼େ ନାହିଁ । ଉତ୍କଳର ସମସ୍ତ ପ୍ରଜା କାବ୍ୟ, ସଙ୍ଗୀତ ଓ ଶିଳ୍ପ ବିଦ୍ୟାରେ ନିପୁଣ ।

ଶୂଦ୍ରଗଣ ଧର୍ମ ଓ ସେବା ପରାୟଣ । ତୀର୍ଥ ସ୍ନାନ ଓ ସତ୍‌କାର୍ଯ୍ୟରେ ସମସ୍ତେ ତତ୍ପର । ସେଠାରେ ଯେଉଁ ସଙ୍କର ଜାତି ଅଛନ୍ତି, ସେମାନେ ମଧ୍ୟ ଧର୍ମାଚରଣରେ ନିପୁଣ ।

ଉତ୍କଳରେ ଯଥା ସମୟରେ ଋତୁଗୁଡ଼ିକର କୌଣସି ବ୍ୟତିକ୍ରମ ହୁଏ ନାହିଁ । ଅକାଳରେ ମେଘ ବର୍ଷା ହୁଏ ନାହିଁ । କଦାପି ଶସ୍ୟ ହାନି ଘଟେ ନାହିଁ । ବାତ୍ୟା ବା ଅତିବୃଷ୍ଟି ମଧ୍ୟ ହୁଏ ନାହିଁ । ଦୁର୍ଭିକ୍ଷ, ମଡ଼କ ଓ ରାଷ୍ଟ୍ର ବିପର୍ଯ୍ୟୟ ହୁଏ ନାହିଁ । କେହି ଅନାହାର କଷ୍ଟ ପାଆନ୍ତି ନାହିଁ । ପୃଥିବୀର କୌଣସି ବସ୍ତୁ ସେଠାରେ ଦୁର୍ଲ୍ଲଭ ନୁହେଁ ।

ଉତ୍କଳ ଦେଶଟି ନିଖିଳ ଗୁଣସମ୍ପନ୍ନ; ନାନାବିଧ ବୃକ୍ଷଲତା ଶୋଭିତ । ଅର୍ଜ୍ଜୁନ, ଅଶୋକ, କଦମ୍ବ, ଆମ୍ର ଆମଳକାଦି ବୃକ୍ଷ ଚତୁର୍ଦ୍ଦିଗରେ ପରିବ୍ୟାପ୍ତ । ମାଳତୀ, କୁନ୍ଦ, କରବୀର, କେତକୀ, ଲବଙ୍ଗ, ଅଳେଇଚ, ଦାଡ଼ିମ୍ବ ପ୍ରଭୃତି ପୁଷ୍ପଫଳ ଉତ୍କଳରେ ପ୍ରଚୁର ପରିମାଣରେ ବିରାଜିତ ।

ଏହି ଉତ୍କଳ ନିଖିଳ ଦେଶ ମଧ୍ୟରେ ଅତ୍ୟନ୍ତ ଉତ୍ତମ ଅଟେ । ଦକ୍ଷିଣ ସମୁଦ୍ରଗାମିନୀ ଋଷିକୁଲ୍ୟାଠାରୁ ଆରମ୍ଭ କରି ଉତ୍ତରରେ ସୁବର୍ଣ୍ଣରେଖା ଓ ମହାନଦୀ ମଧ୍ୟରେ ଯେତେ ପ୍ରଦେଶ ଅଛି, ସମସ୍ତ ଦେଶ ଶ୍ରୀ ପୁରୁଷୋତ୍ତମ କ୍ଷେତ୍ର । ଏହି ପବିତ୍ର ଦେଶ ପୃଥିବୀର ଭୂସ୍ୱର୍ଗ ବୋଲି ବର୍ଣ୍ଣିତ ।

ସ୍କନ୍ଦ ପୁରାଣର ଉତ୍କଳ ଖଣ୍ଡ ପୁରୁଷୋତ୍ତମ ମାହାତ୍ମ୍ୟରେ ବର୍ଣ୍ଣିତ ଉତ୍କଳ ଦେଶ ଓ ଉତ୍କଳବାସୀଙ୍କ ସମ୍ପର୍କରେ ଏହି ବିବରଣ ଯେପରି ଜଣେ ପରିବ୍ରାଜକ ପ୍ରତ୍ୟକ୍ଷ ଦେଖି ଲେଖିଛନ୍ତି ବୋଲି ବୋଧହୁଏ । କେଉଁ ଶତାବ୍ଦୀର ଏହି ବିବରଣୀ, ତାହା ନିର୍ଣ୍ଣୟ କରିବାର ଉପାୟ ନାହିଁ ଏବଂ ଏହା ଏକ କାଳ୍ପନିକ ବା ଅଯଥା ପ୍ରଶସ୍ତି ବୋଲି ମଧ୍ୟ କୁହାଯାଇ ପାରିବ ନାହିଁ । ସେପରି ହୋଇଥିଲେ ଲେଖକ କୌଣସି ରାଜ ଅନୁଗ୍ରହ ଲାଭ କରିବାର ଇଚ୍ଛୁକ ହୋଇ ଏହି ବିବରଣୀ ଲେଖିଥିଲେ ନିଜର ନାମ-ଧାମ ସହ ରାଜାଙ୍କ ପ୍ରଚୁର ପ୍ରଶଂସା କରିଥାଆନ୍ତେ । ଏହି ବିବରଣୀରେ କୌଣସି ରାଜା ବା ରାଜବଂଶର ଗୁଣ କୀର୍ତ୍ତନ କରାଯାଇ ନାହିଁ । କେବଳ ଶ୍ରୀ ନୀଳମାଧବ ବିଗ୍ରହ ପୂଜକ ବିଶ୍ୱାବସୁ ଶବରରାଜଙ୍କର ଅବନ୍ତୀ-ବିପ୍ର ବିଦ୍ୟାପତିଙ୍କ ପ୍ରତି ଆତିଥ୍ୟ ପ୍ରସଙ୍ଗ ଓ ବିଶ୍ୱାବସୁଙ୍କର ସାଧୁତାର ପ୍ରଶଂସା କରାଯାଇଛି । ଯଦି ଅବନ୍ତୀରାଜ ଇନ୍ଦ୍ରଦ୍ୟୁମ୍ନଙ୍କର କୌଣସି ସାଚକ ଏହି ବିବରଣୀ ଲିପିବଦ୍ଧ କରିଥାଆନ୍ତେ ତେବେ ସେ ଇନ୍ଦ୍ରଦ୍ୟୁମ୍ନଙ୍କର ଯଥେଷ୍ଟ ପ୍ରଶଂସା କରିଥାଆନ୍ତେ, ଉତ୍କଳ ଦେଶ ଓ ଉତ୍କଳବାସୀଙ୍କର ଏହି ଉଚ୍ଛ୍ୱସିତ ଗୌରବ କୀର୍ତ୍ତନ କରି ନ ଥାଆନ୍ତେ ।

ଉତ୍କଳର ଶିଷ୍ଟ ଜନ, ସାଧୁ ସନ୍ଥ ଓ ଜଗନ୍ନାଥ ଭକ୍ତ ବୈଷ୍ଣବଗଣ ବିଶ୍ୱାସ କରନ୍ତି, ଏହି ବିବରଣ ସ୍ୱୟଂ ଭଗବାନଙ୍କର ଆଦେଶାବତାର

# ଉତ୍କଳର ଅତୀତ ଓ ବର୍ତ୍ତମାନ

ଡକ୍ଟର ଦୋଳଗୋବିନ୍ଦ ଶାସ୍ତ୍ରୀ

ଉତ୍କଳ ନାମକ ଦେଶରେ ଉଲ୍ଲେଖ ବହୁ ପ୍ରାଚୀନ ଶାସ୍ତ୍ରରୁ ଉପଲବ୍ଧ ହୁଏ । ପ୍ରାଚୀନତମ ଉଲ୍ଲେଖରୁ ଜଣାଯାଏ, ସତ୍ୟଯୁଗରେ ବିଷ୍ଣୁଙ୍କର ପରମପ୍ରିୟ ଭକ୍ତ ଧ୍ରୁବଙ୍କ ଭୂଇ ପତ୍ନୀଙ୍କ ଗର୍ଭରୁ ଯେଉଁ ସନ୍ତାନଗଣ ଜାତ ହୋଇଥିଲେ, ସେମାନଙ୍କ ମଧ୍ୟରୁ ଜଣଙ୍କର ନାମ ଉତ୍କଳ । ଧ୍ରୁବ ଶେଷ ଜୀବନରେ ତପସ୍ୟା କରି ଧ୍ରୁବ ଲୋକକୁ ଚାଲି ଯିବା ସମୟରେ ନିଜ ପୁତ୍ରମାନଙ୍କୁ ରାଜ୍ୟର ବିଭିନ୍ନ ଅଂଶରେ ସ୍ଥାପନା କରିଥିଲେ । ସେହିମାନଙ୍କ ନାମାନୁସାରେ ବିଭିନ୍ନ ରାଜ୍ୟର ନାମ କରଣ ହୋଇଥିବା ଜଣାଯାଏ । ଉତ୍କଳଙ୍କ ନାମାନୁସାରେ ଯେଉଁ ଭୂଖଣ୍ଡର ନାମ ଉତ୍କଳ ହୋଇଥିଲା, ତାହା ଏଇ ଉତ୍କଳ କିନା, ସେ ବିଷୟରେ ଶାସ୍ତ୍ର ନୀରବ ।

ପୁନଶ୍ଚ ମନୁ ପୁତ୍ର ସୁଦ୍ୟୁମ୍ନଙ୍କର ତିନୋଟି ପୁତ୍ର ଉତ୍କଳ , ଗୟ ଓ ବିମଳ ଦକ୍ଷିଣା ପଥ ରାଜ୍ୟର ରାଜା ହୋଇଥିଲେ । ଦକ୍ଷିଣାପଥ ଅର୍ଥାତ୍ ଭାରତବର୍ଷର ଦାକ୍ଷିଣାତ୍ୟର ଅଂଶ ଉତ୍କଳଙ୍କ ନାମାନୁସାରେ ଉତ୍କଳ ରାଜ୍ୟ ନାମରେ ପରିଚିତ ହୋଇଥିଲା ।

ଯଦୁବଂଶର ପୂର୍ବପୁରୁଷ ବଳି ନାମକ ରାଜାଙ୍କର ପତ୍ନୀଙ୍କ ଗର୍ଭରୁ ଜାତ ଅଙ୍ଗ, ବଙ୍ଗ, କଳିଙ୍ଗ, ସୁହ୍ମ, ପୁଣ୍ଡ୍ର ଓ ଅନ୍ଧ୍ର ନାମକ ରାଜାମାନଙ୍କ ନାମାନୁସାରେ ଅଙ୍ଗ (ମଗଧ), ବଙ୍ଗ (ବଙ୍ଗଦେଶ), ସୁହ୍ମ, ପୌଣ୍ଡ୍ର ଓ ଅନ୍ଧ୍ର ରାଜ୍ୟ ପ୍ରତିଷ୍ଠିତ ହୋଇଥିଲା ।

ଏତଦ୍‌ବ୍ୟତୀତ ଉକ୍ତ ରାଜ୍ୟର ପ୍ରାଚୀନ ପୌରାଣିକ ଶାସ୍ତ୍ରରେ ଏକାଧିକ ଉଲ୍ଲେଖ ଦେଖାଯାଏ ।

ମୂଳ ସଂସ୍କୃତ ମହାଭାରତର ବର୍ଣ୍ଣନାନୁସାରେ କଳିଙ୍ଗରାଜ ନିଜ ପୁତ୍ର ଓ ସୈନ୍ୟସାମନ୍ତ ସହ ଦୁର୍ଯ୍ୟୋଧନର ପକ୍ଷ ଗ୍ରହଣ କରିଥିଲେ । ଭୀଷ୍ମପର୍ବରେ ଗୋଟିଏ ଦିଗରେ ଧୃଷ୍ଟଦ୍ୟୁମ୍ନ ଓ ଭୀମ, ଅପର ପକ୍ଷରେ କଳିଙ୍ଗରାଜ ଭାନୁମାନ, ତାଙ୍କ ପୁତ୍ର ଶକ୍ରଦେବ ଏବଂ କଳିଙ୍ଗବୀର ଶ୍ରୁତାୟୁଙ୍କ ସହିତ ଯେଉଁ ସଂଗ୍ରାମ ହୋଇଥିଲା, ସେହି ସଂଗ୍ରାମ ଯେପରି ଭୟଙ୍କର ଓ ରୋମାଞ୍ଚକାରୀ ଏବଂ କଳିଙ୍ଗ ବାହିନୀର ଅଭୂତପୂର୍ବ ଶୌର୍ଯ୍ୟ, ବୀରତ୍ୱ ଓ ସାହସ ବ୍ୟାସଦେବ ସେପରି ଶତମୁଖ ହୋଇ ପ୍ରଶଂସା କରିଛନ୍ତି । କୁରୁକ୍ଷେତ୍ର ଯୁଦ୍ଧରେ ଅନ୍ୟାନ୍ୟ ରାଜାଙ୍କର ଯୁଦ୍ଧ ବର୍ଣ୍ଣନା କେଉଁଠାରେ କେତେକ ପଂକ୍ତି ମାତ୍ର, କେଉଁଠି ବା ଖୁବ୍ ହେଲେ ଗୋଟିଏ ଅନୁଚ୍ଛେଦରେ ଶେଷ ହୋଇଛି । କିନ୍ତୁ କଳିଙ୍ଗ ସମ୍ରାଟ ଭାନୁମାନ, ତାଙ୍କ ପୁତ୍ର ଶକ୍ରଦେବ ଓ ବୀରଶ୍ରେଷ୍ଠ ଶ୍ରୁତାୟୁଙ୍କ ସମର କୌଶଳ ବର୍ଣ୍ଣନା କରିବାକୁ ଯାଇ ଭଗବାନ୍ ବ୍ୟାସଦେବ ପ୍ରାୟ ଦୁଇପୃଷ୍ଠା ନେଇଛନ୍ତି ।

କୁରୁକ୍ଷେତ୍ର ଯୁଦ୍ଧର ଦ୍ୱିତୀୟ ଦିନର ଘଟଣା । ଭୀମ ସାତଟି ତୀକ୍ଷ୍ଣ ବାଣ ଦ୍ୱାରା ଦ୍ରୋଣାଚାର୍ଯ୍ୟଙ୍କୁ ଜର୍ଜରିତ କରିଦେଲେ ଏବଂ ଧୃଷ୍ଟଦ୍ୟୁମ୍ନଙ୍କୁ ନିଜ ରଥ ଉପରକୁ ଉଠାଇ ନେଲେ । ତା ନ ହେଲେ ଦ୍ରୋଣ ଧୃଷ୍ଟଦ୍ୟୁମ୍ନଙ୍କୁ ସେଇଦିନ ମାରି ପକାଇ ଥାଆନ୍ତେ । ଏହାପରେ ସଙ୍ଗେସଙ୍ଗେ ଦୁର୍ଯ୍ୟୋଧନ କଳିଙ୍ଗରାଜ ଭାନୁମାନ୍‌ଙ୍କୁ ତାଙ୍କ ସୈନ୍ୟ ବାହିନୀ ସହ ଦ୍ରୋଣାଚାର୍ଯ୍ୟଙ୍କୁ ସାହାଯ୍ୟ କରିବା ଲାଗି ପଠାଇଦେଲେ ।

କଳିଙ୍ଗର ସେଇ ମହାନ୍ ସୈନ୍ୟବାହିନୀ ଭୀମଙ୍କୁ ଆକ୍ରମଣ କରି ଅସ୍ତବ୍ୟସ୍ତ କରି ପକାଇଲେ । କଳିଙ୍ଗ ବାହିନୀ ଓ ଭୀମଙ୍କ ମଧ୍ୟରେ ମହାଭୟାନକ ରୋମାଞ୍ଚକାରୀ ଯୁଦ୍ଧ ଲାଗିଗଲା । କଳିଙ୍ଗରାଜ ଭାନୁମାନ୍‌ଙ୍କ ପୁତ୍ର ଶକ୍ରଦେବ ଏକ ଶକ୍ତିଶାଳୀ ବାଣଦ୍ୱାରା ଭୀମସେନଙ୍କ ଘୋଡାକୁ ମାରି ଦେଲେ । ଭୀମ ରଥହୀନ ହୋଇ ପଡ଼ିଲେ । ତଥାପି ସେ ଗଦା ପ୍ରହାର କରି ଶକ୍ରଦେବ ଓ ତାଙ୍କ ସାରଥୀକୁ ମାରିଦେଲେ । ପୁତ୍ରର ମୃତ୍ୟୁରେ କଳିଙ୍ଗରାଜ କ୍ରୋଧରେ ଭୟଙ୍କର ହୋଇ ଉଠିଲେ ଏବଂ ଏକ ଶକ୍ତିଶାଳୀ ବିଶାଳବାଣ ନିକ୍ଷେପ କରି ଭୀମଙ୍କୁ ମାରି ଦେବା ପାଇଁ ଚେଷ୍ଟା କରିବାରୁ ଭୀମ ନିଜ ତରବାରୀ ଦ୍ୱାରା ସେଇ ବାଣକୁ ଖଣ୍ଡଖଣ୍ଡ କରିଦେଲେ । କଳିଙ୍ଗ ରାଜାଙ୍କର କ୍ରୋଧର ସୀମା ରହିଲା ନାହିଁ; ସେ ପଥର ଉପରେ ଚଉଦଟି ତୋମରକୁ ଘସି ଧାରୁଆ କରି ଭୀମଙ୍କ ଉପରକୁ ନିକ୍ଷେପ କଲେ । ଭୀମ ସେଇ ତୋମରଗୁଡ଼ିକୁ ଖଣ୍ଡଖଣ୍ଡ କରି ଭାଙ୍ଗି ଦେବାରୁ କଳିଙ୍ଗରାଜ ପୁନଶ୍ଚ ବାଣବର୍ଷଣ କରି ଭୀମସେନଙ୍କୁ ଚାରିଆଡୁ ଢାଙ୍କି ପକାଇଲେ । ଭୀମ ରଥରୁ ଡ଼େଇଁ ପଡ଼ି ଭାନୁମାନଙ୍କ ହାତୀର ଦାନ୍ତ ଦୁଇଟିକୁ ଓପାଡ଼ି ପକାଇଲେ ଏବଂ ତା ଉପରେ ଖଣ୍ଡାରେ ଆଘାତ କରିବାରୁ ହାତୀ ଚିତ୍କାର କରୁକରୁ ତଳେ ପଡ଼ିଗଲା । ସେତେବେଳେ ଭୀମ ଏକାକୀ ତଳେ ଥାଇ ଭାନୁମାନଙ୍କ ସହ ଯୁଦ୍ଧ କରିବାକୁ ଲାଗିଲେ । ସେଇ ଯୁଦ୍ଧ ଖୁବ ଭୟଙ୍କର ଥିଲା । ଉଭୟ ବୀର ପ୍ରାୟ ସମାନ ବଳଶାଳୀ ଥିଲେ । ତେଣୁ କେହିକାହାକୁ ପରାଜିତ କରି ପାରୁ ନଥିଲେ । ଇତି ମଧ୍ୟରେ କଳିଙ୍ଗ ସେନାବାହିନୀର ଅନ୍ୟତମ ବୀର ଶ୍ରୁତାୟୁ ବହୁ ସଂଖ୍ୟକ ସୈନ୍ୟସହ ଭୀମଙ୍କୁ ଚାରି ପାଖରୁ ଘେରିଗଲେ । ଶ୍ରୁତାୟୁ ଗୋଟିଏ ତୀକ୍ଷ୍ଣ ଶରରେ

# ଆମ ଚିତ୍ର ପୋଥି

ଶ୍ରୀ ନୀଳମଣି ମିଶ୍ର

ଆମ ପୋଥି ସମ୍ପଦର ବିକାଶ କେଉଁ ଯୁଗରୁ ଆରମ୍ଭ ହେଲାଣି । ତା'ର ଐତିହ୍ୟ ସଠିକ ଭାବରେ ନିର୍ଦ୍ଧାରଣ କରିବା ଆଦୌ ସମ୍ଭବ ନୁହେଁ । ତଥାପି ଏତିକି ନିଶ୍ଚିତ ଭାବରେ କହି ହେବ ଯେ, ଖ୍ରୀଷ୍ଟୀୟ ପ୍ରଥମ ଷଷ୍ଠ ଶତାବ୍ଦୀରୁ ଧାରାବାହିକ ଭାବରେ ପୋଥି ଉପରେ ଚିତ୍ର ଖୋଦନ ହୋଇ ଆସୁଛି ।

ପୋଥି ଉପରେ ଚିତ୍ର ଖୋଦନର ବହୁ ପୂର୍ବରୁ ଓଡ଼ିଶାରେ ପ୍ରସ୍ତର ଗାତ୍ରରେ ଚିତ୍ର ନିର୍ମାଣ ପଦ୍ଧତି ଥିବାର ପ୍ରମାଣ ମିଳୁଛି । କଳାହାଣ୍ଡି ଜିଲ୍ଲାର ଗୁଡ଼ହାଣ୍ଡି, ସମ୍ବଲପୁର ବିକ୍ରମଖୋଲ, ସୁନ୍ଦରଗଡ଼ର ଉଷାକୋଠି ପର୍ବତ ଗାତ୍ରରେ ବିଭିନ୍ନ ଚିତ୍ର ଅଙ୍କିତ ହୋଇଥିବାର ପରିଲକ୍ଷିତ ହୁଏ । ପ୍ରାଗ୍ ଐତିହାସିକ ଯୁଗର ସେହି ଚିତ୍ରକଳା ହେଉଛି—ଓଡ଼ିଶା ଚିତ୍ରକଳାର ପ୍ରାରମ୍ଭିକ ଅବସ୍ଥା ।

ଯୁଗ ପରେ ଯୁଗ ବିତି ଯାଇଛି । ଇତିହାସର ସୀମାରେଖା ମଧ୍ୟରେ ଓଡ଼ିଶା ଚିତ୍ରକଳା 'ଅଲିମ୍ପନ କଳା' ମାଧ୍ୟମରେ ବଞ୍ଚି ରହିଛି ବୋଲି କଳାବିତ୍‌ମାନେ ମତ ଦିଅନ୍ତି । ଆଜିକାଲି ମଧ୍ୟ ଆଦିବାସୀମାନଙ୍କ ଘର ଓ କୁଡ଼ିଆ ମୂଳରେ ଆଙ୍କା ଯାଉଥିବା ଚିତ୍ରକଳାକୁ ଲକ୍ଷ୍ୟ କଲେ, ତାହା ସେହି ଆଦିମ ପରମ୍ପରାର ଧାରା ପ୍ରବାହ ବୋଲି ନିଃସନ୍ଦେହରେ କହି ହେବ ।

ଆଜି ଗାଁଗହଳର ଝିଅ ବୋହୂମାନେ ଗୁରୁବାର ମାଣବସା, ରଜପର୍ବ, ପ୍ରଥମାଷ୍ଟମୀ, ଦୀପାବଳୀ, ରାସପୂର୍ଣ୍ଣିମା, ଦୋଳପୂର୍ଣ୍ଣିମା, ଚଇତି ପୂର୍ଣ୍ଣିମା ତଥା ଅନ୍ୟାନ୍ୟ ମାଙ୍ଗଳିକ ଉତ୍ସବ ସମୟରେ ଯେଉଁ ଝୋଟି, ଅଳପଣା ଭିନ୍ନ ଘରର କାନ୍ଥ, ଦାଣ୍ଡଦୁଆର, ତୁଳସୀ ଚଉରା ଓ ପୂଜାସ୍ଥଳମାନଙ୍କରେ ଚିତ୍ରି ଦେଇ ଆସନ୍ତି, ତାହା ଭାରତୀୟ ଚିତ୍ରକଳାର କୌଣସି ଶୈଳୀର ଅନ୍ତର୍ଭୁକ୍ତ ନୁହେଁ । ତାହା ହେଉଛି— ବିଭାବଚିତ ଭାବରେ ଗଢ଼ି ଆସିଥିବା ଆଦିମ କଳାର ଅଂଶ ବିଶେଷ । ସେଥିପାଇଁ କୌଣସି ପାରମ୍ପରିକ ସ୍କୁଲର ଆନୁଷ୍ଠାନିକତା ପଡ଼େ ନାହିଁ । ମାଆ ପାଖରୁ ଝିଅ, ଶାଶୁପାଖରୁ ବୋହୂ ସେହି ଚିତ୍ରକଳା ଶିଖି ଆସେ ଏବଂ ନିଜର ରୁଚି ଅନୁସାରେ ତାହା ସରସ ନାଗର ହୋଇ ଅଲିମ୍ପନ ମାଧ୍ୟମରେ ପରିଚାଳିତ ହୁଏ ।

ଓଡ଼ିଶାର ବଡ଼ ଦେଉଳ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ପାଟକ ପଟଚିତ୍ରର ମୂର୍ତ୍ତିମାନ ପ୍ରତୀକ । କେଉଁ ଯୁଗରୁ ସେ ଏପରି ଭାବରେ ଚିତ୍ରିତ ହୋଇ ଆସୁଛନ୍ତି, ତା'ର ମଧ୍ୟ ସଠିକ ଇତିହାସ ନାହିଁ । ମଗଧରାଜ ମହାପଦ୍ମନନ୍ଦ ଯେଉଁ 'ଜୀନାସନ' କଳିଙ୍ଗରୁ ନେଇ ଯାଇଥିଲେ, ତାହା ମଧ୍ୟ ଆଜକୁ ଦୁଇ ହଜାର ପାଞ୍ଚ ସହସ୍ର ବର୍ଷ ତଳର ଘଟଣା । ସେତେବେଳେ ଜୀନାସନର ଆକୃତି କ'ଣ ଥିଲା, ତାହା ଧାରଣା କରି ହୁଏ ନାହିଁ । ତଥାପି ଏତିକି ଅନୁମାନ କରାଯାଏ ଯେ, ନନ୍ଦରାଜାଙ୍କ ଦ୍ୱାରା ଅପହୃତ 'ଜୀନାସନ'ଟି ବେଶ୍ ଆକର୍ଷଣୀୟ ହୋଇ ଥିବ । ଖୁବ୍ ସମ୍ଭବତଃ ତାହା ଆଧୁନିକ ଶ୍ରୀଜଗନ୍ନାଥଙ୍କ ମୂର୍ତ୍ତି ପରି କିମ୍ବା ତଦନୁରୂପ କୌଣସି ଚିତ୍ତାକର୍ଷକ ଚିତ୍ରଫଳକ ହୋଇପାରେ ।

ମୂର୍ତ୍ତିକଳା ଦୃଷ୍ଟିରୁ ବିଚାର କଲେ ଜଣାଯାଏ ଯେ, ଧଉଳି ପାହାଡ଼ ଉପରେ ଅଶୋକ ଖୋଳାଇଥିବା ହାତୀଟି ପ୍ରାଚୀନତମ ମୂର୍ତ୍ତିକଳାର ନିଦର୍ଶନ ଏବଂ ତତ୍‌ପରବର୍ତ୍ତୀ ଯୁଗରେ ଅର୍ଥାତ୍ ଖ୍ରୀଷ୍ଟପୂର୍ବ ଦୁଇଶହ ତଳେ ଖଣ୍ଡଗିରି ଓ ଉଦୟଗିରିର ଗୁମ୍ଫାଚିତ୍ର ମଧ୍ୟ ଓଡ଼ିଶା ମୂର୍ତ୍ତିକଳାର ବିକାଶ ଯୁଗର ସୂଚନା ଦିଏ । ଏହି ପରମ୍ପରା ଅନୁସାରେ ଖ୍ରୀଷ୍ଟୀୟ ପଞ୍ଚମ ଷଷ୍ଠ ଶତାବ୍ଦୀରୁ ଓଡ଼ିଶାରେ ମନ୍ଦିର ତଥା ମୂର୍ତ୍ତିକଳା ପ୍ରଗତି ପଥରେ ଅଗ୍ରସର ହୋଇଛି ।

ଓଡ଼ିଶାରେ ମନ୍ଦିର ନିର୍ମାଣ ଆରମ୍ଭ ହେବା ଯୁଗରୁ ତାଳପତ୍ର ପୋଥିର ଚିତ୍ର ବିଶେଷ ଭାବରେ ଲୋକପ୍ରିୟ ହୋଇଥିବାର ଅନୁମାନ କରାଯାଇ ପାରେ । କାରଣ ଶିଳ୍ପୀମାନେ କୌଣସି ମନ୍ଦିର ନିର୍ମାଣ କରିବା ପୂର୍ବରୁ ତା'ର ପ୍ରତିରୂପ ବା 'ମଡେଲ୍' ତାଳପତ୍ରରେ ଖୋଦନ କରି ପୃଷ୍ଠପୋଷକ ରାଜାଙ୍କ ଅନୁମୋଦନ କରାଉଥିବେ । ଅନ୍ୟଥା ଏତେ ବଡ଼ବଡ଼ ମନ୍ଦିର ନିର୍ମାଣ ପୂର୍ବପରିକଳ୍ପିତ ଯୋଜନା ବିନା କେବେ ହେଲେ ସମ୍ଭବ ହୋଇ ନଥିବ ।

ଭାରତବର୍ଷରେ ବହୁ ଅନୁଷ୍ଠାନ ତାଳପତ୍ର ପୋଥି ଓ ଚିତ୍ର ସମ୍ବଳିତ ତାଳପତ୍ର ପୋଥି ସଂଗ୍ରହ କରିଛନ୍ତି । ସେମାନଙ୍କ ମଧ୍ୟରେ କଲିକତାର 'ଏସିଆଟିକ୍ ସୋସାଇଟି', 'ଆଶୁତୋଷ ମ୍ୟୁଜିଅମ୍', ଶାନ୍ତିନିକେତନର ବିଶ୍ୱଭାରତୀ-ଓଡ଼ିଆ ବିଭାଗ, ବାରାଣସୀର 'ଭାରତୀୟ କଳାଭବନ', ଏଲାହାବାଦ୍‌ର ମ୍ୟୁଜିଅମ୍, ଲକ୍ଷ୍ନୌ ମ୍ୟୁଜିଅମ୍, ଦିଲ୍ଲୀର 'ରାଷ୍ଟ୍ରୀୟ ସଂଗ୍ରହାଳୟ', ମାଡ୍ରାସର [illegible] ପାଣ୍ଡୁଲିପି ସଂଗ୍ରହାଳୟ', ଆଡ୍ୟାର୍‌ର 'ଥିଓସଫିକାଲ [illegible] ସଂଗ୍ରହାଳୟ', ତାଞ୍ଜୋରର 'ସରସ୍ୱତୀ ମହଲ୍' ପ୍ରଭୃତି ପ୍ରଧାନ । ଏହି ଅନୁଷ୍ଠାନଗୁଡ଼ିକରେ ଓଡ଼ିଆ

ବ୍ୟାସଦେବଙ୍କର ଶ୍ରୀମୁଖ ଉକ୍ତି । ସୁଦୂର ପ୍ରାଗୈତିହାସିକ ଯୁଗରୁ ଏହା ଶ୍ରୌତ ପରମ୍ପରାରେ ଅବତରଣ କ[illegible] ହୁଏତ ଖ୍ରୀଷ୍ଟପୂର୍ବ ବା ଖ୍ରୀଷ୍ଟପର କୌଣସି ଶତାବ୍ଦୀରେ ଲିଖିତ ଗ୍ରନ୍ଥାକାରରେ ଉପଲବ୍ଧ ହୋଇଛି । ଏ ସମ୍ପର୍କରେ ଐତିହାସିକ କାଳ ନି[illegible]ୟ ପ୍ରଚେଷ୍ଟା ବୃଥା ପ୍ରୟାସ ମାତ୍ର ।

ଭଗବାନ ବ୍ୟାସଦେବ ତ୍ରିକାଳଦର୍ଶୀ ମହାଜନ । ତାଙ୍କ ଚରିତ୍ରରେ ଭ୍ରମ, ପ୍ରମାଦ, ବିପ୍ରଲିପ୍ସା (ବଞ୍ଚନା କରିବାର ପ୍ରବୃତ୍ତି) ଓ କରଣା ପାଟବ (ଇନ୍ଦ୍ରିୟର ଅପଟୁତା) ପ୍ରଭୃତି ଦୋ[illegible] ଦୃଷ୍ଟ ନାହିଁ । ଏଇ ଚାରୋଟି ଦୋଷ ନ ଥିବା ବ୍ୟକ୍ତିମାନେ "ମହାଜନ" [illegible] ଶାସ୍ତ୍ରରେ କଥିତ ଅଛି । ସୁତରାଂ ଉତ୍କଳ ଦେଶର ପବିତ୍ରତା ଓ ସେ[illegible] ଉତ୍କଳବାସୀଙ୍କର ଜାତୀୟ ଚରିତ୍ର ସମ୍ପର୍କରେ ଶାସ୍ତ୍ରରେ ଯାହା ବର୍ଣ୍ଣ[illegible] କରାଯାଇଛି, ତାହା ଅତିରଞ୍ଜିତ ବା ଅତିସ୍ତୁତି ନୁହେଁ ।


ପୌରାଣିକ ଯୁଗର ସେଇ ଉତ୍କଳ, କଳିଙ୍ଗ ଓ ଓଡ୍ର ଦେଶର ବର୍ତ୍ତମାନ ପରିଚୟ ଓଡ଼ିଶା ଏବଂ ସେଇ ଦେଶର ଅଧିବାସୀମାନଙ୍କର ବର୍ତ୍ତମାନ ସଂଜ୍ଞା ଓଡ଼ିଆ । କିନ୍ତୁ ବର୍ତ୍ତମାନ ଯୁଗର ଓଡ଼ିଆ ବା ଓଡ଼ିଶା ଅଧିବାସୀମାନଙ୍କର ଜାତୀୟ ଚରିତ୍ରର ନମୁନା ଯାହା ଦେଖାଯାଉଛି, ସେଥିରେ ପୂର୍ବେ ଯେ ଏ ଜାତି ଏତେ ବୀର, ଏତେ ଚରିତ୍ରବାନ, ଏତେ ସାଧୁ ଥିଲେ, ଏହା ବିଶ୍ୱାସ କରିବାକୁ ଯେ କେହି ପଶ୍ଚାତ୍‌ପଦ ହେବେ ।

ରାଷ୍ଟ୍ର, ଜାତି, ବଂଶ, ସଭ୍ୟତା ଓ ସଂସ୍କୃତିର ଉତ୍‌ଥାନ, ପତନ କାଳ ଚକ୍ରର ଆବର୍ତ୍ତନ ପରି ବିଭିନ୍ନ ଯୁଗରେ ବିଭିନ୍ନ କାରଣରୁ ଘଟିଥାଏ । କିନ୍ତୁ ଶାସ୍ତ୍ର ନିର୍ଦ୍ଦିଷ୍ଟ ସ୍ଥାନ, ଭୂମି ଓ ତୀର୍ଥର ମାହାତ୍ମ୍ୟ ଅପରିବର୍ତ୍ତନୀୟ, ଶାଶ୍ୱତ । ଗଙ୍ଗା ଜଳରେ ସମୟ ବିଶେଷରେ ଫେଣ, ପଙ୍କ, ମଇଳା ଦେଖାଗଲେ ମଧ୍ୟ ତାହାର ପାବନୀୟତା ଚିରନ୍ତନ । ତୀର୍ଥ କ୍ଷେତ୍ରରେ ସ୍ୱେର, ତସ୍କରର ପ୍ରାଦୁର୍ଭାବ ହେଲେ ମଧ୍ୟ ତୀର୍ଥର ପବିତ୍ରତା ଅପରିବର୍ତ୍ତନୀୟ । କୌଣସି ବାହ୍ୟ କାରଣ ଦ୍ୱାରା ତୀର୍ଥର ତୀର୍ଥତ୍ୱ ଓ ପବିତ୍ରତାର ହାନି ହୁଏ ନାହିଁ ।

ସେହିପରି ପୃଥିବୀ ମଧ୍ୟରେ ଭାରତ ବର୍ଷର ଏବଂ ଭାରତ ବର୍ଷ ମଧ୍ୟରେ ଉତ୍କଳର ଯେଉଁ ମହତ୍ତ୍ୱ ଓ ପବିତ୍ରତା ପ୍ରାଚୀନ ଶାସ୍ତ୍ରରେ ମହାଜନମାନଙ୍କ ଦ୍ୱାରା କୀର୍ତ୍ତିତ ହୋଇଛି, ତାହାର ହାନି କୌଣସି କାରଣରୁ କୌଣସି କାଳରେ ଘଟେ ନାହିଁ । ତୀର୍ଥର ଅଧିବାସୀମାନଙ୍କର ଚାରିତ୍ରିକ ଉନ୍ନତି ଓ ଅବନତି ସହିତ ତୀର୍ଥ କ୍ଷେତ୍ରର ପବିତ୍ରତା ବଢ଼ି ଯାଏନା ବା କମି ଯାଏନା; ତାହା ଚିରନ୍ତନ ।

ପାରେଶ୍ୱରସାହି,
କଟକ-୩



ନିଚନସଂମ୍ବଳ କରି ଅଙ୍କନ କରିଛନ୍ତି । ଅଧିକାଂଶ ନାରୀ ମୂର୍ତ୍ତିରେ ଓଢ଼ଣା ନ ଥିଲେ ମଧ୍ୟ କେତୋଟି ନାରୀ ମୂର୍ତ୍ତିରେ ଓଢ଼ଣା ରହିଛି ଏବଂ ଦୁଇ ଗୋଟି ନାରୀ ମୂର୍ତ୍ତି ଅବଗୁଣ୍ଠିତା ରୂପେ ଚିତ୍ରିତ ହୋଇଛନ୍ତି ।

ସର୍ବଭାରତୀୟ ସ୍ତରରେ 'ଅମରୁ ଶତକ' କଥାବସ୍ତୁ ଅତ୍ୟନ୍ତ ଲୋକପ୍ରିୟ ଆଖ୍ୟାନ ରୂପେ ପ୍ରସିଦ୍ଧ ହୋଇଛି । ଏହା ପୃଷ୍ଠଭୂମିରେ ଗୋଟିଏ ଲକିଷ୍ଟ କିମ୍ବଦନ୍ତୀ ଏହି ପୁସ୍ତକଟିକୁ ଲୋକପ୍ରିୟ କରାଇଛି ।

ଜଗଦ୍‌ଗୁରୁ ଆଦି ଶଙ୍କରାଚାର୍ଯ୍ୟ ଦିଗ୍‌ବିଜୟ ଅଭିଯାନରେ ବାହାରି କାଶ୍ମୀରରେ ପ୍ରଖ୍ୟାତ ପଣ୍ଡିତ ମଣ୍ଡନ ମିଶ୍ରଙ୍କ ଗୃହରେ ଉପସ୍ଥିତ ହେଲେ । ସେତେବେଳେ ପଣ୍ଡିତ ମଣ୍ଡନ ମିଶ୍ର ଗୃହରେ ନ ଥିଲେ । ପରିବ୍ରାଜକ ଶଙ୍କରଙ୍କୁ ପଣ୍ଡିତଙ୍କ ପତ୍ନୀ ଉଭୟ ଭାରତୀ ସ୍ୱାଗତ ଜଣାଇବା ପରେ ଆଗମନର କାରଣ ପଚାରିଲେ । ଶଙ୍କର ନିଜ ଅଭିପ୍ରାୟ ପ୍ରକାଶ କରନ୍ତେ ବିଦୁଷୀ ଉଭୟ ଭାରତୀ ନିଜ ଜ୍ଞାନର ପରାକାଷ୍ଠା ପ୍ରଦର୍ଶନ କରିଥିଲେ । ସେ ଆଲୋଚନା ପ୍ରସଙ୍ଗରେ ଶଙ୍କରଙ୍କୁ କାମଶାସ୍ତ୍ରର କେତୋଟି ନିଗୂଢ଼ ତତ୍ତ୍ୱ ସମ୍ପର୍କରେ ପ୍ରଶ୍ନ କରନ୍ତେ, ଯୋଗୀରାଜ କାମଶାସ୍ତ୍ରରେ ନିଜର ଅପାରଗତା ବିଷୟରେ ସୂଚନା ଦେଲେ ।

ତେଣୁ ଉଭୟ ଭାରତୀ ଯୋଗୀରାଜ ଶଙ୍କରଙ୍କ 'ଯୋଗ' ସାଧନାର ନିପୁଣତା ସମ୍ପର୍କରେ ପରୀକ୍ଷା କରିବାକୁ ଯାଇ କହିଲେ–''ଆପଣ ଯଦି ଜଣେ ଯୋଗାରୂଢ଼ ଆଚାର୍ଯ୍ୟ, ତେବେ 'ପରକାୟା ପ୍ରବେଶ' ପ୍ରକ୍ରିୟାରେ ମୃତ କାଶ୍ମୀର ରାଜ ଅମରୁକଙ୍କ ଶବରେ ନିଜ 'ଆତ୍ମା'କୁ ପ୍ରବେଶ କରାଇ ତାଙ୍କ ରାଣୀମାନଙ୍କ ଗହଣରେ କାମ ଶାସ୍ତ୍ରରେ ଦକ୍ଷତା ଅର୍ଜନ କରନ୍ତୁ । ଏତକ କରି ସାରିବା ପରେ ମୋ ସ୍ୱାମୀ ଆପଣଙ୍କଠାରୁ ପରାଜୟ ବରଣ କଲେ ବୋଲି ଆପଣ ଡିଣ୍ଡିମ ପିଟିବେ'' ।

ଯୋଗୀ ଶଙ୍କରାଚାର୍ଯ୍ୟ ଉଭୟ ଭାରତୀଙ୍କ ସଙ୍କେତ ଅନୁସାରେ 'ପରକାୟା ପ୍ରବେଶ' ପ୍ରକ୍ରିୟାରେ ଅମରୁକଙ୍କୁ ବଞ୍ଚାଇ ଦେଇ ତାଙ୍କ ରାଣୀମାନଙ୍କ ସହିତ ଶହେଟି ଦିନ କାମକ୍ରୀଡ଼ାରେ ରତ ହୋଇଥିଲେ । ସେହି ଶହେ ଦିନର ଅଭିଜ୍ଞତାକୁ ସେ ଶହେଟି ଶ୍ଳୋକରେ ବର୍ଣ୍ଣନା କରିଥିଲେ । ସେହି ଶ୍ଳୋକ ଶହେଟି 'ଅମରୁ ଶତକ' ନାମରେ ପରିଚିତ । ଏହି ପୁସ୍ତକଟି ବିଶ୍ୱର ଅଧିକାଂଶ ପ୍ରସିଦ୍ଧ ଭାଷାରେ ଅନୁବାଦିତ ହୋଇଛି । ଓଡ଼ିଶାର ଖ୍ୟାତନାମା କବି ଶ୍ରୀଯୁକ୍ତ ସତ୍ୟାନନ୍ଦ ଚମ୍ପତିରାୟ 'ଅମରୁ ଶତକ'ର ଶ୍ଳୋକଗୁଡ଼ିକୁ ମନୋଜ୍ଞ ଓଡ଼ିଆ ପଦ୍ୟରେ 'ପ୍ରୀତି ଶତକ' ନାମରେ ଅନୁବାଦ କରିଛନ୍ତି ।

ଓଡ଼ିଶା ରାଜ୍ୟ ସଂଗ୍ରହାଳୟରେ ସଂରକ୍ଷିତ ଏହି ଚିତ୍ରପୋଥିଟି ଇଂରାଜୀ ଅନୁବାଦ ସମେତ 'ଓଡ଼ିଶା ଲଳିତ କଳା ଏକାଡେମୀ' ପକ୍ଷରୁ ପ୍ରକାଶ ପାଇଛି ।

ଓଡ଼ିଶା ରାଜ୍ୟ ସଂଗ୍ରହାଳୟର ପୋଥି ବିଭାଗରେ ସଂରକ୍ଷିତ ଅନ୍ୟାନ୍ୟ ଚିତ୍ରପୋଥିଗୁଡ଼ିକ ମଧ୍ୟରେ ଓଡ଼ିଆ କବି ଜୟଦେବଙ୍କ ରଚିତ 'ଗୀତଗୋବିନ୍ଦ'ର ଚିତ୍ରରୂପ ବିଶ୍ୱର କଳା ଆଲୋଚକଙ୍କ ମହଲରେ ପ୍ରାଦୃତ ହୋଇଛି । ଓଡ଼ିଶା ରାଜ୍ୟ ସଂଗ୍ରହାଳୟରେ ପ୍ରାୟ କୋଡ଼ିଏ ଖଣ୍ଡି ଚିତ୍ରିତ ଗୀତଗୋବିନ୍ଦ ପୋଥି ରହିଛି । ଏହା ବ୍ୟତୀତ ଆଶୁତୋଷ ମ୍ୟୁଜିଅମ୍, କଲିକତା, ରାଷ୍ଟ୍ରୀୟ ସଂଗ୍ରହାଳୟ, ଦିଲ୍ଲୀ, କର୍‌ପୋରେସନ୍ ମ୍ୟୁଜିଅମ୍, ଅହମଦାବାଦ୍ ତଥା ପ୍ରିନ୍ସ ଅଫ୍ ୱେଲ୍ସ ମ୍ୟୁଜିୟମ୍ ପ୍ରଭୃତିରେ ଓଡ଼ିଆ ଶିଳ୍ପୀଙ୍କ ରଚିତ ଗୀତଗୋବିନ୍ଦର ଚିତ୍ରପୋଥି ସଂଗୃହୀତ ହୋଇଛି । ଅବଶ୍ୟ ଗୀତଗୋବିନ୍ଦର ଚିତ୍ରରୂପ ବିଭିନ୍ନ ଅଞ୍ଚଳରେ ଲୋକପ୍ରିୟତା ଅର୍ଜନ କରିଛି ସତ୍ୟ, କିନ୍ତୁ ତାଳପତ୍ର ଉପରେ ଯେତେ ଗୀତଗୋବିନ୍ଦର ଚିତ୍ର ଅଙ୍କିତ ହୋଇଛି ସେଗୁଡ଼ିକ ଓଡ଼ିଶାର ପୋଥି ଏବଂ ଓଡ଼ିଆ ଶିଳ୍ପୀର ହାତ କାମ ବୋଲି ଜଣାଯାଏ ।

ସ୍ୱର୍ଗତ କାଳୀଚରଣ ପଟ୍ଟନାୟକଙ୍କ ଦ୍ୱାରା କଟକ ଜିଲ୍ଲାର ବଡ଼ମ୍ବା ଅଞ୍ଚଳରୁ ସଂଗୃହୀତ ତଥା ଓଡ଼ିଶା ସଂଗ୍ରହାଳୟରେ ସଂରକ୍ଷିତ ଖଣ୍ଡିଏ ଗୀତଗୋବିନ୍ଦ ଚିତ୍ର ପୋଥି ସମଗ୍ର ବିଶ୍ୱରେ ହେଳ ସୃଷ୍ଟି କରିଛି । 'ଭାରତ ଉତ୍ସବ' ଅବସରରେ ସେହି ପୋଥିଟି ରାଷ୍ଟ୍ରୀୟ ସଂଗ୍ରହାଳୟ ଆନୁକୂଲ୍ୟରେ ଆମେରିକା, ଇଲଣ୍ଡ ଓ ଫ୍ରାନ୍ସରେ ପ୍ରଦର୍ଶିତ ହୋଇଛି ।

ଧନଞ୍ଜୟ ବିପ୍ର ନାମକ ଚିତ୍ରଶିଳ୍ପୀ ଖୁର୍ଦ୍ଧା ରାଜା ଗଜପତି ମୁକୁନ୍ଦଦେବଙ୍କ ଅଙ୍କ ୯ ଅର୍ଥାତ ଖ୍ରୀ:ଅ: ୧୬୮୯ ମସିହାରେ ଗୀତଗୋବିନ୍ଦର ଗୋଟିଏ ପ୍ରାନ୍ତଲ ଟୀକା କରିବା ସଙ୍ଗେସଙ୍ଗେ ତାଳପତ୍ର ଉପରେ ଚିତ୍ର ପୁତ୍ତଳିକା ଖୋଦନ କରିଥିଲେ । ଆଜିବି ମଧ୍ୟ ଗୀତଗୋବିନ୍ଦର ବିଷୟ ବସ୍ତୁକୁ 'ମାଳା' ଓ ଖଡ଼ୁକାର ପୋଥିରେ ଲେଖନ କରି ଉତ୍କଳୀୟ ଶିଳ୍ପୀମାନେ କଳାର ଉତ୍କର୍ଷତା ପ୍ରଦର୍ଶନ କରିଛନ୍ତି ।

ରାଜ୍ୟ ସଂଗ୍ରହାଳୟରେ ସଂରକ୍ଷିତ ପ୍ରାଚୀନ କବି ଶିଶୁ ଶଙ୍କର ଦାସଙ୍କ 'ଉଷାଭିଳାଷ' କାବ୍ୟର କେତେ ଖଣ୍ଡି ଚିତ୍ରପୋଥି ମଧ୍ୟରେ ଗଞ୍ଜାମର ପାରଳାଖେମୁଣ୍ଡି ଅଞ୍ଚଳରୁ ସଂଗୃହୀତ ତଥା ପୁତ୍ତଳିକାର ଖଣ୍ଡପତ୍ରରୁ ସାତ ଦୁଇଖଣ୍ଡି ଚିତ୍ରପୋଥି କଳାପ୍ରେମୀମାନଙ୍କ ଦୃଷ୍ଟି ଆକର୍ଷଣ କରେ ।

ଶୋଣିତପୁରର ରାକ୍ଷସରାଜ ବାଣାସୁରଙ୍କ କନ୍ୟା ଉଷାବତୀ ସହିତ ଶ୍ରୀକୃଷ୍ଣଙ୍କ ପୌତ୍ର ଅନିରୁଦ୍ଧଙ୍କର ପ୍ରେମ ବିବାହକୁ ଉପଜୀବ୍ୟ କରି ଶିଳ୍ପୀ ଲେଖନୀ ମୁନରେ ଯେଉଁ ଆଲେଖ୍ୟ ଅଙ୍କନ କରିଛନ୍ତି, ତାହା ବାସ୍ତବିକ ହୃଦୟଗ୍ରାହୀ । ଉତ୍କଳୀୟ ଶୈଳୀକୁ ନିପୁଣ ଭାବରେ ଅନୁକରଣ କରି ଶିଳ୍ପୀ 'ଚଉଷଠି ରତିବନ୍ଧ'କୁ ବହୁରଙ୍ଗରେ ଚର୍ଚ୍ଚିତ କରିଛନ୍ତି । ଖ୍ରୀଷ୍ଟୀୟ ସପ୍ତଦଶ ଶତାବ୍ଦୀର କବି ଗୋପାଳ ଭଞ୍ଜଙ୍କ ଲିଖିତ 'ଚଉଷଠି ରତିବନ୍ଧ' ପୋଥିର ଚିତ୍ର ରୂପ ଓଡ଼ିଶାର ବହୁଶିଳ୍ପୀ ପ୍ରସ୍ତୁତ କରିଛନ୍ତି । ବିଭିନ୍ନ ରଙ୍ଗରେ ରଞ୍ଜିତ କାମଶାସ୍ତ୍ର ସମ୍ମତ ଚିତ୍ରଗୁଡ଼ିକ ଦର୍ଶକମାନଙ୍କ ଦ୍ୱାରା ଅତ୍ୟନ୍ତ କୌତୁହଳପୂର୍ଣ୍ଣ ଆଗ୍ରହର ସହିତ ପରିଲକ୍ଷିତ ହୁଏ ।

ଶ୍ରୀକୃଷ୍ଣ ଓ ରାଧାଙ୍କ ରହସ୍ୟ ପୂର୍ଣ୍ଣ ଲୀଳାକୁ ଓଡ଼ିଆ ଶିଳ୍ପୀ 'ବିଦଗ୍ଧମାଧବ ନାଟକ' ମାଧ୍ୟମରେ ରୂପାୟିତ କରିଛନ୍ତି । ଶ୍ରୀରାଧା ଓ ଚନ୍ଦ୍ରାବଳୀଙ୍କ ମନରେ ରସରାଜ ଶ୍ରୀକୃଷ୍ଣ ଯେଉଁ ଅପୂର୍ବ ଲାବଣ୍ୟର ମୋହିନୀ ମାୟା ସୃଷ୍ଟି କରିଛନ୍ତି, ତା'ରି ଅଭିବ୍ୟକ୍ତି ଘଟିଛି 'ବିଦଗ୍ଧମାଧବ'ରେ । ସ୍ୱୟଂ ମାଧବ ଶ୍ରୀକୃଷ୍ଣ ଉଭୟ ପରକୀୟା ନାୟିକାଙ୍କ ଲାବଣ୍ୟସିନ୍ଧୁରେ ଅବଗାହନ କରି ଶୃଙ୍ଗାରର ମୂର୍ତ୍ତିମାନ ସ୍ୱରୂପରେ ପରିଣତ ହୋଇଛନ୍ତି । ବିପ୍ରଲମ୍ଭ ଓ ଶୃଙ୍ଗାରର ଛାଇ ଆଲୁଅ ମଧ୍ୟରେ ଦକ୍ଷିଣ ନାୟକ ଶ୍ରୀକୃଷ୍ଣ ତଥା ଉଭୟ ପରୋଢ଼ା ନାୟିକା ରସର ଯେଉଁ ମନ୍ଦାକିନୀ ପ୍ରବାହିତ କରାଇଛନ୍ତି, ତାହା ପ୍ରତ୍ୟେକ ଦର୍ଶକକୁ ରସାପ୍ଳୁତ କରାଉଛି । ତାଳପତ୍ର ଓ ଲୁହାର ଲେଖନୀ ମାଧ୍ୟମରେ ଏହି ଅନିର୍ବଚନୀୟ ରସଲୀଳା ଓଡ଼ିଆ ଚିତ୍ରଶିଳ୍ପୀଙ୍କୁ ଚିରଞ୍ଜୀବୀ କରାଇପାରିଛି ।

ପୋଥିଚିତ୍ରଗୁଡ଼ିକ ମଧ୍ୟରେ ରାମାୟଣୀୟ କଥାବସ୍ତୁର ଅବଲମ୍ବନରେ 'ଅଧ୍ୟାତ୍ମ ରାମାୟଣ' ପୋଥିଟି କମ୍ ଉପାଦେୟ ନୁହେଁ । ତଦ୍‌ବ୍ୟତୀତ ବ୍ରଜନାରୀ ଓ ଦ୍ୱାରିକା ନାରୀଙ୍କ ଗହଣରେ ପ୍ରମୁଦିତ ଗୋବିନ୍ଦଙ୍କ ଲୀଳା ପ୍ରକଟିତ ହୋଇଛି । 'ଗୋପୀଚନ୍ଦନ' ଶୀର୍ଷକ ପୋଥିରେ ଖ୍ରୀଷ୍ଟୀୟ ଷୋଡ଼ଶ ଶତାବ୍ଦୀର କବି ବୃନ୍ଦ ଦାସଙ୍କ କାବ୍ୟଟିକୁ ଓଡ଼ିଆ ଶିଳ୍ପୀ ଲେଖନୀ ମୁନରେ ଯେପରି ଭାବରେ ପରିସ୍ଫୁଟ କରାଇଛନ୍ତି, ତାହା ପ୍ରତ୍ୟେକ ଦର୍ଶକଙ୍କ ମନରେ ଏକ ମାୟାର କୁହେଳିକା ସୃଷ୍ଟି କରେ ।

ଏହା ବ୍ୟତୀତ ଉପେନ୍ଦ୍ରଭଞ୍ଜଙ୍କ ଚିତ୍ର କାବ୍ୟ ବନ୍ଧୋଦୟ, ନୀଳକଣ୍ଠ ଦାସଙ୍କ 'ନଅପୋଇ', ଯୁଗଭଞ୍ଜଙ୍କ 'ଦଶପୋଇ', ଦୀନକୃଷ୍ଣ ଦାସଙ୍କ 'ଆର୍ତ୍ତତ୍ରାଣ ଚଉତିଶା' ଓ 'ଲୁଣବୀ ଜଣାଣ' ପୋଥିଗୁଡ଼ିକ ଓଡ଼ିଶା କଳାର ଖଣ୍ଡିଏ ଖଣ୍ଡିଏ ଉତ୍କୃଷ୍ଟତମ ଚିତ୍ରପୋଥି ।

ପଲଲପୁର ବିଶ୍ୱବିଦ୍ୟାଳୟରେ ସଂରକ୍ଷିତ ଖ୍ରୀଷ୍ଟୀୟ ଅଷ୍ଟାଦଶ ଶତାବ୍ଦୀର ଲୋକପ୍ରିୟ କବି ବ୍ରଜନାଥ ବଡ଼ଜେନାଙ୍କ ସ୍ୱହସ୍ତ ଅଙ୍କିତ ଭାଗବତ ପୋଥି ଆମ ଦେଶର ଚିତ୍ରପୋଥିଗୁଡ଼ିକ ମଧ୍ୟରେ ଏକ ଉପାଦେୟ କଳାକୃତି । କବି ବଡ଼ଜେନା ନିଜେ ଜଣେ ଦକ୍ଷ ଶିଳ୍ପୀ ଥିବାର ପ୍ରମାଣ ଏହି ଚିତ୍ର ପୋଥିଟିରୁ ମିଳୁଛି ।

''ଢେଙ୍କାନାଳ ରାଜ୍ୟରେ ସ୍ଥିତ ।
କରଣ କୁଳରେ ସମ୍ଭୂତ ॥
ନାମ ଅଟଇ ବ୍ରଜନାଥ ।
ପଦ ଯେ ବଡ଼ଜେନା ଖ୍ୟାତ ॥

ସ୍ଥିର ବିଭିନ୍ନ ତାଳପତ୍ର ପୋଥି ସଂରକ୍ଷିତ ହେବା ସଙ୍ଗେସଙ୍ଗେ ଓଡ଼ିଆ ଶିଳ୍ପୀର ହାତକାମ ପୂର୍ଣ୍ଣ ତାଳପତ୍ର ଚିତ୍ରପୋଥି ସଂରକ୍ଷିତ ହୋଇଛି । ଏହା ବ୍ୟତୀତ ସମଗ୍ର ଭାରତବର୍ଷରେ ବହୁ ବ୍ୟକ୍ତି ଓଡ଼ିଶାରୁ ତାଳପତ୍ର ଚିତ୍ରପୋଥି ସଂଗ୍ରହ କରି ରଖିଛନ୍ତି ।

ଆମ ଦେଶର ସଂଗ୍ରହ ବ୍ୟତୀତ ଇଂଲଣ୍ଡର 'ଇଣ୍ଡିଆ ଅଫିସ୍ ଲାଇବ୍ରେରୀ', 'ବ୍ରିଟିଶ୍ କାଉନ୍‌ସିଲ୍ ଲାଇବ୍ରେରୀ', ସ୍ୱିଜରଲାଣ୍ଡର 'ରିଟ୍‌ବର୍ଗ ମ୍ୟୁଜିଅମ୍', ପଶ୍ଚିମ ଜର୍ମାନୀର ହାଇଡେଲ୍‌ବର୍ଗ ବିଶ୍ୱବିଦ୍ୟାଳୟର 'ସାଉଥ୍ ଏସିଆ ଇନ୍‌ଷ୍ଟିଚ୍ୟୁଟ୍' ତଥା ଅନ୍ୟାନ୍ୟ ବହୁ ସ୍ଥାନରେ ଓଡ଼ିଶାର ତାଳପତ୍ର ପୋଥିଚିତ୍ର ସଂରକ୍ଷିତ ହୋଇଛି ।

ଓଡ଼ିଶା ବ୍ୟତୀତ ଆନ୍ଧ୍ରପ୍ରଦେଶ, ତାମିଲ୍‌ନାଡୁ, କେରଳ ଓ କର୍ଣ୍ଣାଟକରେ ମଧ୍ୟ ତାଳପତ୍ର ଉପରେ ଲେଖିବା ଓ ଚିତ୍ର ପ୍ରସ୍ତୁତ କରିବା ପ୍ରଣାଳୀ ଅନୁସୃତ ହୋଇ ଆସୁଅଛି । କିନ୍ତୁ ଓଡ଼ିଆ ଶିଳ୍ପୀମାନେ ତାଳପତ୍ର ଉପରେ ଯେପରି ନିଖୁଣ ଚିତ୍ର ଅଙ୍କନ କରି ପାରୁଛନ୍ତି, ତାହା ଅନ୍ୟତ୍ର ବିରଳ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ ।

ତାଳପତ୍ର ଉପରେ ଚିତ୍ର ଖୋଦନ କଲା ବେଳେ ଚିତ୍ରଶିଳ୍ପୀ ଅତ୍ୟନ୍ତ ସାବଧାନତା ଅବଲମ୍ବନ କରିଥା'ନ୍ତି । କାରଣ, ଆଜିକାଲିର ଚିତ୍ରାଙ୍କନ ପରି କାଗଜ, ପେନ୍‌ସିଲ୍ ଓ ରବର୍‌ର ବ୍ୟବହାର ସେତେବେଳେ ନ ଥିଲା । ତାଳପତ୍ର ଉପରେ ଲୁହାର ଲେଖନୀ ସାହାଯ୍ୟରେ ଚିତ୍ରଶିଳ୍ପୀମାନେ ରେଖା ଖୋଦନ କରି ଚିତ୍ରାଙ୍କନ କରୁଥିଲେ । ତାଳପତ୍ର ଉପରେ ଗୋଟିଏ ଭୁଲ୍ ରେଖା ଅଙ୍କିତ ହୋଇଗଲେ ତାହାକୁ କୌଣସି ମତେ ସଂଶୋଧନ କରିହୁଏ ନାହିଁ । ତେଣୁ ତାଳପତ୍ର ଉପରେ ଲେଖନୀ ଚଳାଇବା ପୂର୍ବରୁ ଶିଳ୍ପୀ ସମୁଦାୟ ବିଷୟବସ୍ତୁକୁ ନିଜର ମାନସ ପଟଳରେ ଅଙ୍କନ କରିନିଏ ଏବଂ ଏକାଗ୍ରତାର ସହିତ ସେଗୁଡ଼ିକୁ ଅଙ୍କନ କରେ । ତାଳପତ୍ର ଉପରେ ଚିତ୍ର ଖୋଦନ କରିବା ସମୟରେ ଶିଳ୍ପୀ କେତେକ ମୌଳିକ ନୀତି ପ୍ରତି ଦୃଷ୍ଟି ଦେଇଥାଏ । ସେହି ନୀତିଗୁଡ଼ିକ ହେଉଛି—

(କ) ତାଳପତ୍ରରେ ଅଙ୍କିତ ମୂର୍ତ୍ତିଗୁଡ଼ିକର ଗୋଟିଏ ଆଖି ଦେଖାଇ ମୁଖମଣ୍ଡଳର ସମଗ୍ର ଅଭିବ୍ୟକ୍ତି ବ୍ୟକ୍ତ କରିବାକୁ ଶିଳ୍ପୀ ଚେଷ୍ଟା କରେ । ସେହି ଗୋଟିଏ ଆଖି ସାହାଯ୍ୟରେ ମୁଖଭଙ୍ଗୀର ହାସ୍ୟ, କ୍ରୋଧ, କରୁଣ, ବାତ୍ସଲ୍ୟ ପ୍ରଭୃତି ଭାବଭଙ୍ଗୀକୁ ବ୍ୟକ୍ତ କରାଯାଏ । ଏହା ଅବଶ୍ୟ ଅତ୍ୟନ୍ତ କଷ୍ଟସାଧ୍ୟ ବ୍ୟାପାର । ତଥାପି ଓଡ଼ିଆ ଶିଳ୍ପୀମାନେ ଏହି ପ୍ରକ୍ରିୟାରେ ବେଶ୍ ସଫଳତା ହାସଲ କରିଛନ୍ତି । ପରବର୍ତ୍ତୀ କାଳରେ ଅର୍ଥାତ ଖ୍ରୀଷ୍ଟୀୟ ଊନବିଂଶ ଶତାବ୍ଦୀର ଚିତ୍ରଶିଳ୍ପୀମାନେ ସେମାନଙ୍କ ଅଙ୍କନରେ ସ୍ତ୍ରୀ ଓ ପୁରୁଷମାନଙ୍କ ମୁଖମଣ୍ଡଳର ଅଭିବ୍ୟକ୍ତିକୁ ଦୁଇଟି ଆଖି ଦେଖାଇ ବ୍ୟକ୍ତ କରିଛନ୍ତି । କିନ୍ତୁ ସେ ପ୍ରକାର ଅଙ୍କନ କ୍ୱଚିତ ପରିଲକ୍ଷିତ ହୁଏ ।

(ଖ) ଓଡ଼ିଶା ତାଳପତ୍ର ଚିତ୍ରରେ ପୁରୁଷ ଓ ସ୍ତ୍ରୀମାନଙ୍କ ମୂର୍ତ୍ତିର ନାସିକାଗୁଡ଼ିକ ସାଧାରଣତଃ ଗୋଜିଆ (ପଏଣ୍ଟେଡ୍) ହୋଇଥାଏ ।

(ଗ) ଆଧୁନିକ ମହାରାଷ୍ଟ୍ର, ଗୁଜୁରାଟ୍ ଓ ତେଲୁଗୁ ସ୍ତ୍ରୀଲୋକମାନେ ଯେପରିଯେପରି କଚ୍ଛ ପରିଧାନ କରନ୍ତି, ଅର୍ଥାତ କଚ୍ଛାମାରି ଶାଢ଼ୀ ପିନ୍ଧନ୍ତି, ଓଡ଼ିଶା ପୋଥିଚିତ୍ରରେ ଶିଳ୍ପୀମାନେ ନାରୀମାନଙ୍କୁ କଚ୍ଛା ପରିଧାନ କରାଇଛନ୍ତି ।

(ଘ) ପୁରୁଷ ଓ ନାରୀ ନିର୍ବିଶେଷରେ ବେଣୀ ଓ ଯୁଡ଼ା ଥିବାର ଦେଖାଯାଏ । କେବଳ ଶାଢ଼ୀ ଓ ଅନ୍ୟାନ୍ୟ ଗହଣା ପିନ୍ଧାରୁ ହିଁ ନାରୀ ପୁରୁଷଙ୍କ ସ୍ୱାତନ୍ତ୍ର୍ୟ ଚିହ୍ନ ହୁଏ ।

(ଙ) ବୟୋଜ୍ୟେଷ୍ଠ ବା ବୃଦ୍ଧଙ୍କ ମୂର୍ତ୍ତି ଖୋଦନ ସମୟରେ ଶିଳ୍ପୀମାନେ ସାଧାରଣତଃ ମୂର୍ତ୍ତିର ଶ୍ମଶ୍ରୁ ଓ ଅଳ୍ପ ଦାଢ଼ୀ ଦେଖାଇଥାଆନ୍ତି ଏବଂ ବୃଦ୍ଧା ସ୍ତ୍ରୀ ପ୍ରଦର୍ଶନ ସମୟରେ ନାରୀ ମୂର୍ତ୍ତିର ତଳ ଓଠ ଟିକିଏ ଲମ୍ବାଇ ଦିଆଯାଇଥାଏ ତଥା କେତେକ ଚିତ୍ରରେ ମଧ୍ୟ କୁଜ ପଡ଼ିଲା ପରି ହାତରେ ବାଡ଼ି ଧରି ମୂର୍ତ୍ତିଟି ଠିଆ ହୋଇଥାଏ ।

ପୋଥିଚିତ୍ର ଅଙ୍କନ କରୁଥିବା କଳାବିତ୍‌ମାନେ ବନ, ଉପବନ, ଅରଣ୍ୟାନୀ ଚିହ୍ନାଇବା ଲାଗି ଯଥାସାଧ୍ୟ ଚେଷ୍ଟା କରିଛନ୍ତି ଏବଂ ପ୍ରତ୍ୟେକ ଦୃଶ୍ୟକୁ ସାକାର କରାଇବାରେ ଯତ୍‌ପରୋନାସ୍ତି ଚେଷ୍ଟା କରିଛନ୍ତି । ଉଦାହରଣ ସ୍ୱରୂପ ଏତିକି କୁହାଯାଇ ପାରେ ଯେ, ଅରଣ୍ୟାନୀ ବା ନିବିଡ଼ ଜଙ୍ଗଲ ଦେଖାଇବା ଉଦ୍ଦେଶ୍ୟରେ ଚିତ୍ରକାର ତାଳପତ୍ର ପୋଥିର ସୀମିତ ପରିସର ମଧ୍ୟରେ କେତେକ ସାଙ୍କେତିକ ଚିହ୍ନ ପ୍ରୟୋଗ କରିଛନ୍ତି । ସେଥିରୁ ବୃକ୍ଷଗୁଡ଼ିକର ଆଭାସ ସ୍ପଷ୍ଟ ହୋଇ ପାରୁଛି । ସେହିପରି ସୂର୍ଯ୍ୟୋଦୟ, ସୂର୍ଯ୍ୟାସ୍ତ, ମେଘୋଦୟ, ବର୍ଷା, ସମୁଦ୍ର, ନଦୀ, ପର୍ବତ ଆଦିର ଅଙ୍କନରେ ସେମାନେ ଯେଉଁ କଳାତ୍ମକ କୌଶଳ ଅବଲମ୍ବନ କରିଛନ୍ତି, ତାହା ବାସ୍ତବିକ ବିସ୍ମୟକର ।

ତାଳପତ୍ର ପୋଥିଚିତ୍ରରେ ବିଭିନ୍ନ ରଙ୍ଗ ପ୍ରୟୋଗ କରାଯାଇଛି । ଚିତ୍ରଗୁଡ଼ିକୁ ଅଧିକ ଆକର୍ଷଣୀୟ କରିବା ଉଦ୍ଦେଶ୍ୟରେ ସେମାନେ କଳା, ଧଳା, ନାଲି, ହଳଦିଆ ଓ ସବୁଜ ରଙ୍ଗର ପ୍ରୟୋଗ କରିଛନ୍ତି । ଆମ ବନ୍ୟଜାତ ପଦାର୍ଥ ଓ ପ୍ରାଣୀଜ ପଦାର୍ଥଗୁଡ଼ିକୁ ସେମାନେ ରଙ୍ଗରୂପେ ବ୍ୟବହାର କରିଛନ୍ତି । ଅନୁସନ୍ଧାନରୁ ଜଣାଯାଏ ଯେ, ହିଙ୍ଗୁଳ, ହରିତାଳ, ପତ୍ରରସ, ହରିଡ଼ା ରସ, ଗୋରଚନା, କସ୍ତୁରୀ ଓ ଚୂନ ପ୍ରଭୃତିରୁ ସେମାନେ ରଙ୍ଗ ପ୍ରସ୍ତୁତ କରୁଥିଲେ । ସେହି ରଙ୍ଗଗୁଡ଼ିକରେ ସେମାନେ ବେଲ, କଇଥ, କେନ୍ଦୁ, ବବୁରୀ ଅଠା ମିଶାଇ ଏପରି ପୁଟପାକ ପ୍ରସ୍ତୁତ କରିଛନ୍ତି ଯେ, ତାହା ଦୀର୍ଘକାଳ ଅତିବାହିତ ହୋଇଥିଲେ ହେଁ ଉଜ୍ଜ୍ୱଳତା ହରାଇ ନାହିଁ ।

ରଙ୍ଗ ପ୍ରୟୋଗ ସମ୍ବନ୍ଧରେ ଆହୁରି ମଧ୍ୟ ଜଣାଯାଏ ଯେ, ପଶୁମାନଙ୍କ ଚର୍ବିକୁ ଶିଳ୍ପୀମାନେ ରଙ୍ଗ ସହିତ ମିଶାଇ ପୁଟପାକ କରିଥିବାରୁ, ତାହା ଦୀର୍ଘ କାଳ ଧରି ସ୍ଥାୟୀ ହୋଇ ପାରୁଛି । ଖୁବ୍ ସମ୍ଭବତଃ ଏହା ହୋଇ ନ ଥିବ । କାରଣ ପୋଥିଗୁଡ଼ିକ ସାଧାରଣତଃ ଦେବାଳୟରେ ରଖା ଯାଉଥିବାରୁ ଚର୍ବି ପରି ଅଶୁଦ୍ଧ ବସ୍ତୁକୁ ସେମାନେ ପୋଥିର ରଙ୍ଗରେ ବ୍ୟବହାର କରୁ ନ ଥିବେ ।

ଓଡ଼ିଶା ରାଜ୍ୟ ସଂଗ୍ରହାଳୟ ୧୯୩୨ ମସିହାରୁ ଆରମ୍ଭ ହୋଇଥିଲେ ହେଁ ୧୯୫୦ ମସିହା ଅପ୍ରେଲ୍ ମାସରୁ ପୋଥି ସଂଗ୍ରହ ଉପରେ ଗୁରୁତ୍ୱ ଦିଆଯାଇଛି ଏବଂ ୧୯୮୦ରୁ ୧୯୮୬ ମସିହା ଜାନୁଆରୀ ମାସ ମଧ୍ୟରେ ସର୍ବାଧିକ ପୋଥି ସଂଗୃହିତ ହୋଇଛି । ଏହି ପୋଥିଗୁଡ଼ିକୁ ବେଦ, ତନ୍ତ୍ର, ଦର୍ଶନ, ଆୟୁର୍ବେଦ, ଗଣିତ, କାବ୍ୟ, ନାଟକ ଓ ଅଳଙ୍କାର ଆଦି ଭେଦରେ ସତାଇଶଟି ବିଭାଗରେ ବିଭକ୍ତ ରଖାଯାଇଛି । ଏହି ପୋଥିଗୁଡ଼ିକ ମଧ୍ୟରେ ଚିତ୍ରପୋଥିଗୁଡ଼ିକ ଦେଶ ବିଦେଶର ଦର୍ଶକମାନଙ୍କୁ ଆକୃଷ୍ଟ କରି ପାରିଛି ।

ରାଜ୍ୟ ସଂଗ୍ରହାଳୟରେ ସଂରକ୍ଷିତ ଚିତ୍ରପୋଥିଗୁଡ଼ିକ ମଧ୍ୟରେ 'ଅମରୁ ଶତକ ' ପୋଥିଟି ସମଗ୍ର ବିଶ୍ୱରେ ଏକମାତ୍ର ଉନ୍ନତ ଶୈଳୀକ ଗୁରୁତ୍ୱପୂର୍ଣ୍ଣ ପୋଥି । ଏହି ତାଳପତ୍ର ପୋଥିରେ ଖ୍ରୀଷ୍ଟୀୟ ନବମ ଶତାବ୍ଦୀର କାଶ୍ମୀରୀୟ କବି ଅମରୁକଙ୍କ ଦ୍ୱାରା ଲିଖିତ ଶହେଟି ଆଦିରସାତ୍ମକ ଶ୍ଳୋକ ଏବଂ ତାହାର ଚିତ୍ରରୂପ ଖୋଦିତ ହୋଇଛି । ଏହି ପୋଥିର ଚିତ୍ରଶିଳ୍ପୀ ଖୁବ ସମ୍ଭବତଃ ଖ୍ରୀଷ୍ଟୀୟ ଷୋଡ଼ଶ ଶତାବ୍ଦୀରେ ଚିତ୍ରଗୁଡ଼ିକ ଖୋଦନ କରିଛନ୍ତି । ପ୍ରତ୍ୟେକ ପତ୍ରର ଦୁଇ ପାର୍ଶ୍ୱରେ ଗୋଟିଗୋଟି ଶ୍ଳୋକ ରହିଛି ଏବଂ ଗୋଟିଗୋଟି ଶ୍ଳୋକର ବହୁ ରଙ୍ଗରେ ରଞ୍ଜିତ ଚିତ୍ରସମ୍ଭାର ହୋଇଛି । ଚିତ୍ର ଅଙ୍କନ ସମୟରେ ଶିଳ୍ପୀ ଉତ୍କଳୀୟ ପରମ୍ପରାର ଅନୁସରଣ କରି ଗୋଟିଏ ଆଖି ମାଧ୍ୟମରେ ମୂର୍ତ୍ତିର ମୁଖମଣ୍ଡଳର ସମ୍ପୂର୍ଣ୍ଣ ଭାବ ଭଙ୍ଗିମା ପରିସ୍ଫୁଟ କରାଇଛନ୍ତି । ଚିତ୍ରଗୁଡ଼ିକରେ ଉଭୟ ପୁରୁଷ ଓ ନାରୀ ମୂର୍ତ୍ତିର ଖୁବ୍ ବିଶେଷ ପାର୍ଥକ୍ୟ ପରିଲକ୍ଷିତ ହୁଏ ନାହିଁ । ତଥାପି ପୁରୁଷମାନଙ୍କ ମୁଣ୍ଡରେ ଚୂଡ଼ା ଓ ନାରୀମାନଙ୍କ କେଶସଜ୍ଜାରେ ସାମାନ୍ୟ ପରିପାଟୀଗତ ପାର୍ଥକ୍ୟ ଥିବାର ଦେଖାଯାଏ । ଶିଳ୍ପୀ ଉଭୟ ନାରୀ ଓ ପୁରୁଷଙ୍କ ହାତରେ ତାଡ଼, ତୋଡ଼ର, ବଳା ଆଦି ବ୍ୟବହାର କରିଛନ୍ତି ଏବଂ ନାରୀ ମୂର୍ତ୍ତିର ନାସାରେ ନାସା ଭୂଷଣ—ନଥ, ଗुଣା, ନୋଲକ ଆଦି ଖଞ୍ଜି ଦେଇ ଉଭୟ ଚିତ୍ରର ବୈଶିଷ୍ଟ୍ୟ ପ୍ରତିପାଦନ କରିଛନ୍ତି । ପୁରୁଷ ମୂର୍ତ୍ତିଗୁଡ଼ିକୁ ଚିତ୍ରକର ବେଶ ସୁଗଠିତ ବପୁ ତଥା ଶ୍ମଶ୍ରୁଯୁକ୍ତ କରିଥିବା ସମୟରେ ନାରୀ ଚିତ୍ରଗୁଡ଼ିକୁ ସିଂହକଟୀ, କୃଶୋଦରୀ ତଥା ବିଶାଳ

# ଉତ୍କଳ ପ୍ରଦେଶ ଗଠନର ରୂପକାର ଗୌରୀଶଙ୍କର

ଡକ୍ଟର ଜଗନ୍ନାଥ ପଟ୍ଟନାୟକ

ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ଦିଗରେ ଓଡ଼ିଶାର ଯେଉଁ କେତେଜଣ ବରେଣ୍ୟ ମୁଷ୍ଟିମେୟ ବ୍ୟକ୍ତି ଆଜୀବନ ଉଦ୍ୟମ କରି ଓଡ଼ିଶାବାସୀଙ୍କ ନିକଟରେ ନମସ୍ୟ ହୋଇ ରହିଛନ୍ତି, ସେମାନଙ୍କ ମଧ୍ୟରୁ ଗୌରୀଶଙ୍କର ରାୟ ଥିଲେ ଅନ୍ୟତମ । ଅବଶ୍ୟ ୧୯୩୬ ମସିହାରେ ସ୍ୱତନ୍ତ୍ର ପ୍ରଦେଶ ଜନ୍ମ ହେବାର ୧୯ବର୍ଷ ପୂର୍ବରୁ ସେ ଇହଧାମ ତ୍ୟାଗ କରିସାରିଥିଲେ । ତଥାପି ପ୍ରାଥମିକ ପର୍ଯ୍ୟାୟରେ ଏ ସମ୍ପର୍କରେ ବିଭିନ୍ନ ପଦକ୍ଷେପ ଅବଲମ୍ବନ କରିବା ଦିଗରେ ଅନ୍ୟମାନଙ୍କସହ ସେ ଏକ ଉଲ୍ଲେଖଯୋଗ୍ୟ ଭୂମିକା ଗ୍ରହଣ କରିଥିଲେ । ଭାରତୀୟ ମାନଚିତ୍ରରେ ଉତ୍କଳକୁ ଏକ ସ୍ୱତନ୍ତ୍ର ପ୍ରଦେଶର ସ୍ଥାନ ଦେବା ଥିଲା ତାଙ୍କର ଏକ ରଙ୍ଗୀନ ସ୍ୱପ୍ନ । ଏହି ସ୍ୱପ୍ନକୁ ଚରିତାର୍ଥ କରିବା ପାଇଁ ସେ ପ୍ରାଣମୂର୍ଚ୍ଛା ଉଦ୍ୟମ କରିଛନ୍ତି । ସେହି ଦୃଷ୍ଟିରୁ ବିଚାର କଲେ, ଗୌରୀଶଙ୍କର ରାୟ ଥିଲେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ଜଣେକ ଆଦିରୂପକାର । ମାତ୍ର ଏ ସମ୍ପର୍କରେ ସ୍ମୃତିଚାରଣ କରିବାର ଅବକାଶରେ ସାଧାରଣତଃ ତାଙ୍କ ସମ୍ପର୍କରେ ଆଲୋଚନା କରାଯାଉଥାଏ । ତେଣୁ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ୫୩ତମ ପୂର୍ତ୍ତିପାଳନ ଅବକାଶରେ ଏଥିପ୍ରତି ଗୌରୀଶଙ୍କର ରାୟଙ୍କ ଅବଦାନ ଉପରେ ସାମାନ୍ୟ କିଛି ସୂଚନାଦେବା ପାଇଁ ଉକ୍ତ ପ୍ରବନ୍ଧର ଅବତାରଣା ।

ଏହି ପରିପ୍ରେକ୍ଷୀରେ ଇଂରେଜଶାସନ ସମୟରେ ଓଡ଼ିଶାର ରାଜନୈତିକ ମାନଚିତ୍ର ଉପରେ କିଞ୍ଚିତ ଆଲୋକପାତ କରିବା ଆବଶ୍ୟକ । ଦୁର୍ଭାଗ୍ୟକୁ ଓଡ଼ିଶା ସେତେବେଳେ ଏକ ଛାତଭ୍ରଂଷ୍ଟ ପୁଷ୍ପର ରୂପ ନେଇଥିଲା । ଇଂରେଜମାନେ ନିଜର ରାଜନୈତିକ ସ୍ୱାର୍ଥସାଧନ କରିବା ଉଦ୍ଦେଶ୍ୟରେ ଓଡ଼ିଆ ଭାଷାଭାଷୀ ଅଞ୍ଚଳ ମଧ୍ୟରୁ କେତେକକୁ ବିଭିନ୍ନ ପ୍ରାଦେଶିକ ଶାସନକର୍ତ୍ତାଙ୍କ ଅଧୀନରେ ରଖିଥିଲେ । କାରଣ ସେମାନେ ଥିଲେ ପୂରାପୂରି ବୈଦେଶିକ ଶକ୍ତି । ନଜର ସ୍ଥିତିକୁ ସୁଦୃଢ଼କରି ରଖିବା ପାଇଁ ସେମାନେ ଓଡ଼ିଶାରେ ପ୍ରଶାସନିକ ବିକେନ୍ଦ୍ରୀକରଣର ପନ୍ଥା ଅବଲମ୍ବନ କରିଥିଲେ । ଗଞ୍ଜାମ ସମେତ ଦକ୍ଷିଣ ଓଡ଼ିଶାର ବହୁ ଅଞ୍ଚଳକୁ ମାନ୍ଦ୍ରାଜ ପ୍ରେସିଡେନ୍‌ସି ଅଧୀନରେ ଅବସ୍ଥାପିତ କରାଇ ଉକ୍ତ ଅଞ୍ଚଳର ଶାସନ କାର୍ଯ୍ୟ ମାନ୍ଦ୍ରାଜସ୍ଥିତ ଫୋର୍ଟ ସେଣ୍ଟଜର୍ଜଠାରୁ ନିୟନ୍ତ୍ରିତ କରାଯାଉଥିଲା । ସେହିପରି ମହାନଦୀର ପଶ୍ଚିମ ପାର୍ଶ୍ୱରେ ଅବସ୍ଥିତ ସମ୍ବଲପୁର ସମେତ ବିରାଟ ଅଞ୍ଚଳର ଶାସନ କାର୍ଯ୍ୟ ତତ୍କାଳୀନ ସେଣ୍ଟ୍ରାଲ ପ୍ରଭିନ୍‌ସ୍‌ର କମିଶନରଙ୍କ ଦ୍ୱାରା ନିୟନ୍ତ୍ରିତ ହୋଇଥିଲା । ଉତ୍ତରରେ ସୁବର୍ଣ୍ଣରେଖା ନଦୀର ଅପର ପାର୍ଶ୍ୱରେ ଅବସ୍ଥିତ ମେଦିନାପୁର ସମେତ ଓଡ଼ିଶାର ଅନ୍ୟାନ୍ୟ ଅଞ୍ଚଳକୁ ବେଙ୍ଗଲ ପ୍ରେସିଡେନ୍‌ସି ଅଧୀନରେ ଅବସ୍ଥାପିତ କରାଇ ଏହାର ଶାସନକାର୍ଯ୍ୟ କଲିକତାସ୍ଥିତ ଫୋର୍ଟ ଉଇଲିୟମ୍‌ରୁ ନିୟନ୍ତ୍ରିତ ହୋଇଥିଲା । ଓଡ଼ିଶାର ଉତ୍ତର ପଶ୍ଚିମାଂଶର ପାର୍ବତ୍ୟ ଅଞ୍ଚଳରେ ଅବସ୍ଥିତ ୨୬ଟି ଗଡ଼ଜାତ ବା କରଦରାଜ୍ୟ ନିଜନିଜର ରାଜାଙ୍କ ଦ୍ୱାରା ଶାସିତ ହେଉଥିଲା । ଅବଶିଷ୍ଟ ମୋଗଲବନ୍ଦୀ ନାମରେ କଥିତ ପୁରୀ, କଟକ ଓ ବାଲେଶ୍ୱର ଜିଲ୍ଲାର ଶାସନକାର୍ଯ୍ୟ କଟକରେ ଅବସ୍ଥାପିତ ଜଣେକ ବ୍ରିଟିଶ କମିଶନରଙ୍କ ଦ୍ୱାରା ପରିଚାଳିତ ହୋଇଥିଲା । ସେ ମଧ୍ୟ କଲିକତାସ୍ଥିତ ଇଂରେଜ କର୍ତ୍ତୃପକ୍ଷଙ୍କର ପ୍ରତ୍ୟକ୍ଷ ନିୟନ୍ତ୍ରଣାଧୀନ ହୋଇ ରହିଥିଲେ । ଏହିପରି ଭାବେ ଅତୀତରେ ଓଡ଼ିଶାର ବିଶାଳ ସାମ୍ରାଜ୍ୟ ଖଣ୍ଡ ବିଖଣ୍ଡିତ ହୋଇ ରହିଥିଲା । ଓଡ଼ିଶାର ଶାସନ କାର୍ଯ୍ୟ ନିୟନ୍ତ୍ରିତ ହେଉଥିଲା ଓଡ଼ିଶା ବାହାରୁ ।

ସବୁଦିନ ସମାନ ଭାବରେ ଗତି କରି ନ ଥାଏ । ଗୋଟିଏ ଗୋଟିଏ ସମୟର ସନ୍ଧିକ୍ଷଣରେ କେତେଜଣ ବ୍ୟକ୍ତିଙ୍କର

ସାଧୁପଣଙ୍କୁ ପୁଣି ଗୀତରେ ।
ଗଣନ୍ତି କବିଙ୍କ ସଙ୍ଗରେ ॥
କାଗଜ ତାଳପତ୍ର ଚିତ୍ର ।
ତିନି କଲା ମମୋ ମିହନ୍ତ ॥
ଏ ପୋଥି ଅଷ୍ଟମ ନବମ ।
ଚରିତ ପିତୁଳା ମୋ କାମ" ॥

ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ଅଦ୍ୟାପି ବହୁ ଚିତ୍ରପୋଥି ଅନାବିଷ୍କୃତ ଅବସ୍ଥାରେ ପଡ଼ି ରହିଛି । ବାହାରର ଲୋକମାନେ ନାନା ପ୍ରକାର ପ୍ରଲୋଭନ ଦେଖାଇ ଓଡ଼ିଆ ଚିତ୍ରପୋଥିଗୁଡ଼ିକୁ ସଂଗ୍ରହ କରି ନେଉଛନ୍ତି । କେବଳ ସରକାରଙ୍କ ଉପରେ ଦାୟିତ୍ୱ ଛାଡ଼ି ନଦେଇ ସୁଧୀବର୍ଗ ଏକ୍ଷେତ୍ରରେ ଠିକ୍ ପଦକ୍ଷେପ ନେଲେ ଓଡ଼ିଆ ଚିତ୍ରକରମାନଙ୍କ ଚିତ୍ରପୋଥିଗୁଡ଼ିକ ଆମ ସଂଗ୍ରହାଳୟର ଶ୍ରୀମଣ୍ଡନ କରନ୍ତେ ।

ରାଜ୍ୟ ସଂଗ୍ରହାଳୟ, ଭୁବନେଶ୍ୱର ।



ଆଭିମୁଖ୍ୟ ସମ୍ପର୍କରେ ସଂବିଧାନରେ ଲେଖାଯାଇଥିଲା "ଏଥିରେ ସମସ୍ତ - ଉତ୍କଳଭାଷୀ ଅଞ୍ଚଳର ମଙ୍ଗଳଜନକ ପ୍ରସ୍ତାବମାନ ପ୍ରସ୍ତାବିତ ହୋଇ କାର୍ଯ୍ୟରେ ପରିଣତ ହେବ ......ବର୍ତ୍ତମାନ ଉତ୍କଳ ସମ୍ମିଳନୀ ଉତ୍କଳୀୟମାନଙ୍କର ମଙ୍ଗଳ ସାଧନ ଅଭିପ୍ରାୟରେ ସ୍ଥାପିତ ହୋଇଅଛି ।" ମୋଟ ଉପରେ ସମସ୍ତ ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ସଂଯୁକ୍ତକରି ଏକ ଶାସନ ଅଧୀନରେ ରଖିବା ଏବଂ ଶିକ୍ଷା ଓ ଶିଳ୍ପର ବିକାଶ ମାଧ୍ୟମରେ ଓଡ଼ିଶାର ସାମାଜିକ ଓ ଅର୍ଥନୈତିକ ବିକାଶ ଆଣିବା ଥିଲା ଏହାର ପ୍ରଧାନ ଆଭିମୁଖ୍ୟ । ଏହି ଉତ୍କଳ ସମ୍ମିଳନୀର ପ୍ରଥମ କାର୍ଯ୍ୟ ନିର୍ବାହିକା କମିଟିର ପ୍ରଥମ ବୈଠକ ବସିଥିଲା ୧୯୦୩ ମସିହା ଅକ୍‌ଟୋବର ୨୫ତାରିଖ ଦିନ କଟକଠାରେ । ଏଥିରେ ୬୨ ଜଣ ସ୍ଥାୟୀ ସଭ୍ୟଙ୍କୁ ନିଆଯାଇଥିଲା ଓ ତନ୍ମଧ୍ୟରୁ ଗୌରୀଶଙ୍କର ରାୟ ଥିଲେ ଅନ୍ୟତମ । ସେମାନଙ୍କମଧ୍ୟରୁ ୧୦ଜଣ ଥିଲେ ସମ୍ପାଦକ ଓ ସେ ମଧ୍ୟ ଥିଲେ ତନ୍ମଧ୍ୟରୁ ଅନ୍ୟତମ । ଏହାର ପରିଚାଳନା ପାଇଁ ପ୍ରଥମେ ଗୌରୀଶଙ୍କର ୧୦୦ଟଙ୍କା ଦାନ କରିଥିଲେ । ସେହିଦିନଠାରୁ ଏହି ଉତ୍କଳ ସମ୍ମିଳନୀର ବିଭିନ୍ନ ଅଧିବେଶନରେ ଗୌରୀଶଙ୍କର ଯୋଗଦେଇ ସ୍ୱତନ୍ତ୍ର ଉତ୍କଳ ଗଠନ ସମ୍ପର୍କୀୟ ଆଲୋଚନାରେ ସକ୍ରିୟ ଅଂଶ ଗ୍ରହଣ କରିଥିଲେ । ଏହି ଉତ୍କଳ ସମ୍ମିଳନୀର ପ୍ରଚେଷ୍ଟା ଫଳରେ ୧୯୦୫ ମସିହା ଅକ୍‌ଟୋବର ୧୬ତାରିଖ ଦିନ ଭାରତ ସରକାର ଏକ ବିଜ୍ଞପ୍ତି ଜାରୀକରି ମଧ୍ୟପ୍ରଦେଶର ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ବେଙ୍ଗଲ ପ୍ରେସିଡେନ୍‌ସି ଅଧୀନକୁ ହସ୍ତାନ୍ତର କରିଥିଲେ । ଏଥି ସହିତ ସମ୍ବଲପୁର ଜିଲ୍ଲାକୁ ମଧ୍ୟ ସେହିଦିନ ଓଡ଼ିଶା ଡିଭିଜନରେ ଅନ୍ତର୍ଭୁକ୍ତ କରାଯାଇଥିଲା । ମାତ୍ର ଅସ୍ଥାୟୀ ଗଭର୍ଣ୍ଣର ଜେନେରାଲ ରୂପେ କାର୍ଯ୍ୟକରୁଥିବା ମାନ୍ଦ୍ରାଜର ତତ୍କାଳୀନ ଗଭର୍ଣ୍ଣର ଏମଥିଲ ସାହେବ ଗଞ୍ଜାମକୁ ଓଡ଼ିଶା ସହିତ ମିଶଣର ପ୍ରତିରୋଧ କରିଥିବାରୁ ଗଞ୍ଜାମ ମାନ୍ଦ୍ରାଜ ପ୍ରେସିଡେନ୍‌ସ ଅଧୀନରେ ରହିଥିଲା । ତଥାପି ଉତ୍କଳ ସମ୍ମିଳନୀ ମାଧ୍ୟମରେ ଗୌରୀଶଙ୍କରଙ୍କର ପ୍ରଚେଷ୍ଟା ଅବ୍ୟାହତ ରହିଥିଲା । ୧୯୦୬ ମସିହା ଡିସେମ୍ବର ୨୬ ଓ ୨୭ତାରିଖ ଦିନ ବ୍ରହ୍ମପୁରଠାରେ ଅନୁଷ୍ଠିତ ଉତ୍କଳ ସମ୍ମିଳନୀର ୪ର୍ଥ ଅଧିବେଶନରେ ତାଙ୍କର ଯୋଗଦାନ ଥିଲା ଉଲ୍ଲେଖଯୋଗ୍ୟ, । ଏଠାରେ ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ଓଡ଼ିଶା ସହିତ ମିଶଣ ପ୍ରସ୍ତାବର ଚିଠା ସେ ନିଜେ ପ୍ରସ୍ତୁତକରି ମାନ୍ଦ୍ରାଜର ଗଭର୍ଣ୍ଣରଙ୍କ ନିକଟକୁ ପଠାଇଥିଲେ । ସେହି ପ୍ରସ୍ତାବର ସେ ମଧ୍ୟ ଥିଲେ ପ୍ରଥମ ସମର୍ଥକ । ଅବଶ୍ୟ ଏହାର ପ୍ରସ୍ତାବକ ଥିଲେ ବଡ଼ଖେମଣ୍ଡିର ରାଜା । ସେହିପରି ୧୯୧୩ ମସିହାରେ ପୁରୀଠାରେ ଅନୁଷ୍ଠିତ ୯ମ ଅଧିବେଶନରେ ଗୌରୀଶଙ୍କରଙ୍କର ଯୋଗଦାନ ଥିଲା ମହତ୍ତ୍ୱପୂର୍ଣ୍ଣ । ଏହିପରି ଭାବେ ଜୀବନର ଶେଷ ମୁହୂର୍ତ୍ତ ପର୍ଯ୍ୟନ୍ତ ଗୌରୀଶଙ୍କର ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ସ୍ୱପ୍ନ ଦେଖି ତାକୁ ଚରିତାର୍ଥ କରିବା ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଥିଲେ । ତେଣୁ ଯଥାର୍ଥରେ ସେ ଥିଲେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ଜଣେ ଆଦି ରୂପକାର ।

---

ଇତିହାସ ପ୍ରଫେସର, ଉତ୍କଳ ବିଶ୍ୱବିଦ୍ୟାଳୟ,
ବାଣୀବିହାର



ଆବିର୍ଭାବ ହୋଇଥାଏ ଯେଉଁମାନେକି ବହୁ ବନ୍ଧୁର ପଥ ଅତିକ୍ରମକରି ଦେଶ ଓ ଦଶର ମଙ୍ଗଳ ବିଧାନ କରିଥାଆନ୍ତି । ଉକ୍ତ ସତ୍ୟରେ ଇତିହାସ ପୃଷ୍ଠା ମୁଖରିତ । ଊନବିଂଶ ଶତାବ୍ଦୀର ଶେଷାର୍ଦ୍ଧରେ ସେହିପରି ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ଏକତ୍ର କରିବାପାଇଁ କେତେଜଣ ବୁଦ୍ଧିଜୀବୀ ସ୍ୱପ୍ନ ଦେଖି ଏହାକୁ ଚରିତାର୍ଥ କରିବାପାଇଁ ପଦକ୍ଷେପ ଗ୍ରହଣ କରିଥିଲେ । ସେମାନଙ୍କ ମଧ୍ୟରୁ ଗୌରୀଶଙ୍କର ରାୟ ଥିଲେ ଅନ୍ୟତମ । ସେ ଓ ଅନ୍ୟାନ୍ୟ କତିପୟ ବ୍ୟକ୍ତିଙ୍କର ପ୍ରଚେଷ୍ଟାରେ ୧୮୭୮ ମସିହାରେ ଓଡ଼ିଶା ଆସୋସିଏସନ ବା ଉତ୍କଳସଭା ନାମରେ ଏକ ଅନୁଷ୍ଠାନ ଗଠନ କରାଯାଇଥିଲା । ସେତେବେଳେ ଓଡ଼ିଆ ଭାଷା ଓ ସାହିତ୍ୟର ଉନ୍ନତି ବିଧାନ ଥିଲା ଏହାର ଲକ୍ଷ୍ୟ । ମାତ୍ର ୧୮୮୨ ଖ୍ରୀଷ୍ଟାବ୍ଦରେ ଉତ୍କଳ ସଭାକୁ ଏକ ରାଜନୈତିକ ଅନୁଷ୍ଠାନରେ ରୂପାନ୍ତରିତ କରାଯାଇଥିଲା । ଓଡ଼ିଆ ଭାଷାର ଉନ୍ନତି ଆଣିବା ସଙ୍ଗେସଙ୍ଗେ ଓଡ଼ିଆଭାଷା ପ୍ରଚଳିତ ଅଞ୍ଚଳକୁ ନେଇ ଏକ ସଂଯୁକ୍ତ ଓଡ଼ିଶା ପ୍ରଦେଶ ଗଠନ କରିବା ପାଇଁ ଏକ ଆନ୍ଦୋଳନ ସୃଷ୍ଟି କରିବା ଥିଲା ଏହି ଅନୁଷ୍ଠାନର ପ୍ରଧାନ ଆଭିମୁଖ୍ୟ । ଏହାକୁ ସାଧାରଣତଃ ଓଡ଼ିଆ ଆନ୍ଦୋଳନ ବୋଲି କୁହାଯାଇଥାଏ । ଏପରି ଏକ ଅନୁଷ୍ଠାନ ଗଠନ କରିବା ମୂଳରେ ରହିଥିଲା ମୁଖ୍ୟତଃ ଗୌରୀଶଙ୍କର ରାୟ ଓ ମଧୁସୂଦନ ଦାସଙ୍କର ପ୍ରତ୍ୟକ୍ଷ ଓ ପରୋକ୍ଷ ପ୍ରଚେଷ୍ଟା । ତେଣୁ ଗୌରୀଶଙ୍କରଙ୍କୁ ଏହାର ସମ୍ପାଦକ ଭାବେ ମନୋନୀତ କରାଯାଇଥିଲା । ତାଙ୍କର କର୍ମତତ୍ପରତା, ନିଷ୍ଠା ଓ ଦକ୍ଷତା ପାଇଁ ସେ ଉକ୍ତ ପଦବୀରେ ଏକାଦିକ୍ରମେ ଦୀର୍ଘ ୨୩ ବର୍ଷ କାର୍ଯ୍ୟକରି ୧୯୦୫ ମସିହାରେ ଏଥିରୁ ଅବ୍ୟାହତି ନେଇଥିଲେ । ତେଣୁ ଗୌରୀଶଙ୍କରଙ୍କର ଜୀବନୀ ହୋଇଥିଲା ମୁଖ୍ୟତଃ ଉତ୍କଳସଭାର ଇତିହାସ । ସେହି ଦୃଷ୍ଟିରୁ ବିଚାର କଲେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ଜନୈକ ଆଦିରୂପକାର ଥିଲେ ଗୌରୀଶଙ୍କର ରାୟ ।

କେବଳ ସେତିକି ନୁହେଁ, ଗୌରୀଶଙ୍କର ଉପଲବ୍ଧ କରିଥିଲେ ଯେ ସଂଯୁକ୍ତ ଓଡ଼ିଶା ପ୍ରଦେଶ [illegible] ଓ ଓଡ଼ିଆ ଭାଷା ଓ ସାହିତ୍ୟର ଅଭିବୃଦ୍ଧି [illegible] ସୂତ୍ରପାତ ହୋଇଥିବା ଓଡ଼ିଆ ଆନ୍ଦୋଳନର [illegible] ରୂପାୟନ ପାଇଁ ଏକ ବୌଦ୍ଧିକ ଜାଗରଣ ମାଧ୍ୟମରେ [illegible] ଚେତନାର ଅଭିବୃଦ୍ଧି ଆବଶ୍ୟକ । ତାହା ସମ୍ବାଦପତ୍ର ମାଧ୍ୟମରେ କରାଯାଇପାରିବ ବୋଲି ଗୌରୀଶଙ୍କର ଉପଲବ୍ଧି କରି ନିଜ ସମ୍ପାଦନାରେ ସେ ୧୮୬୬ ଖ୍ରୀଷ୍ଟାବ୍ଦରେ 'ଉତ୍କଳ ଦୀପିକା' ନାମକ ଏକ ସାପ୍ତାହିକ ପତ୍ରିକା ପ୍ରକାଶ କରିଥିଲେ । ଏହା ପ୍ରଥମେ କଟକ ପ୍ରିଣ୍ଟିଙ୍ଗ କମ୍ପାନୀ ନାମକ ଏକ ଯୌଥ ଅନୁଷ୍ଠାନ ଦ୍ୱାରା ପ୍ରକାଶ ପାଉଥିଲା । ଏହି ପତ୍ରିକା ମାଧ୍ୟମରେ ସେ ମୁଖ୍ୟତଃ ଓଡ଼ିଶାବାସୀଙ୍କର ପୁଞ୍ଜିଭୂତ ଅସନ୍ତୋଷକୁ ଉପସ୍ଥାପନ କରି ଓଡ଼ିଆ ଆନ୍ଦୋଳନକୁ ସକ୍ରିୟ କରାଇ ପାରିଥିଲେ, । ଏହାମଧ୍ୟ ନିୟମିତ ଭାବେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପର୍ଯ୍ୟନ୍ତ ଦୀର୍ଘ ୭୦ ବର୍ଷଧରି ପ୍ରକାଶିତ ହୋଇଥିଲା । ସେହି ଦୃଷ୍ଟିରୁ ବିଚାର କଲେ ମଧ୍ୟ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନକୁ ରୂପ ଦେବା ଦିଗରେ ଗୌରୀଶଙ୍କର ଥିଲେ ଜନୈକ ଆଦି ମହାରଥୀ । ସେ ଦିଗରେ ତାଙ୍କର ପତ୍ରିକା କିପରି କ୍ଷେତ୍ର ପ୍ରସ୍ତୁତ କରିଥିଲା, ତାର କେତୋଟି ଦୃଷ୍ଟାନ୍ତ ଏଠାରେ ଉଦ୍ଧାର କରାଯାଇପାରେ ।

ସଂଯୁକ୍ତ ଓଡ଼ିଶା ପ୍ରଦେଶ ଗଠନ ସପକ୍ଷରେ ଯୁକ୍ତି ଉପସ୍ଥାପନ କରି ୧୮୬୯ ମସିହାରେ ଉତ୍କଳ ଦୀପିକାର ସମ୍ପାଦକୀୟରେ ଗୌରୀଶଙ୍କର ରାୟ ଲେଖିଥିଲେ, "ମେଦିନାପୁର, ସମ୍ବଲପୁର ଓ ଗଞ୍ଜାମ ପ୍ରଭୃତି ଓଡ଼ିଆ ଭାଷା-ଭାଷୀ ଅଞ୍ଚଳ ଓଡ଼ିଶା ସହିତ ମିଶ୍ରଣହୋଇ ନ ଥିବାରୁ ପ୍ରଶାସନିକ ତ୍ରୁଟି ଦେଖାଦେଇଛି, ତେଣୁ ଓଡ଼ିଶାର ଉନ୍ନତି ହୋଇ ପାରୁନାହିଁ" । ସେହିପରି ୧୮୭୨ ମସିହାରେ ସମ୍ବଲପୁରକୁ ଓଡ଼ିଶା ଡିଭିଜନ ସହିତ ମିଶାଇବା ପାଇଁ ଅନ୍ୟମାନଙ୍କ ସହ ଗୌରୀଶଙ୍କର ରାୟ ଅଗ୍ରଭାଗରେ ରହି ଏହା ସପକ୍ଷରେ ବିଭିନ୍ନ ତଥ୍ୟ ତାଙ୍କ ସମ୍ବାଦପତ୍ରରେ ପ୍ରକାଶ କରି ଜନମତ ସୃଷ୍ଟି କରିଥିଲେ । ୧୮୮୮ ମସିହାଠାରୁ ଉତ୍କଳସଭା ଆନୁକୂଲ୍ୟପରେ ଗୌରୀଶଙ୍କର ରାୟଙ୍କ ସମେତ ଅନ୍ୟ କେତେଜଣ ବୁଦ୍ଧିଜୀବୀ ସଂଯୁକ୍ତ ଓଡ଼ିଶା ପ୍ରଦେଶ ଗଠନପାଇଁ କ୍ରମାଗତ ଦାବୀ ଉପସ୍ଥାପନ କରିଥିଲେ । ଉତ୍କଳ ଦୀପିକାରେ ଏସମ୍ପର୍କରେ ଗୌରୀଶଙ୍କର ନିଜେ ବହୁ ଲେଖା ପ୍ରକାଶକରି ଉକ୍ତ କର୍ତ୍ତୃପକ୍ଷକୁ ଅବହିତ କରାଇଥିଲେ । ବିଶେଷତଃ ୧୮୮୮ ମସିହା ନଭେମ୍ବର ୧୭ ତାରିଖ ଦିନ ବଙ୍ଗଳାର ଲେପଟନାଣ୍ଟ ଗଭର୍ଣ୍ଣରଙ୍କ ଆଗମନ ଉପଲକ୍ଷେ କଟକରେ ଆୟୋଜିତ ଏକ ଦରବାରରେ ଗୌରୀଶଙ୍କର ଓ ଅନ୍ୟାନ୍ୟ କେତେଜଣଙ୍କ ନେତୃତ୍ୱରେ ଉତ୍କଳ ସଭା ତାଙ୍କୁ ଓଡ଼ିଆ ଭାଷାଭାଷୀ ଲୋକଙ୍କର ଆଶା ଓ ଆକାଂକ୍ଷା ସମ୍ପର୍କରେ ଅବହିତ କରାଇଥିଲା । ଏଥିରେ ତାଙ୍କୁ ଅନୁରୋଧ କରା ଯାଇଥିଲା ଯେ ସେ ନିଜେ ମାଡ୍ରାଜ, ବଙ୍ଗଳା ଓ ମଧ୍ୟପ୍ରଦେଶରେ ଥିବା ଓଡ଼ିଆ ଭାଷାଭାଷୀ ଅଞ୍ଚଳରେ ଅବସ୍ଥା ଅନୁଧ୍ୟାନକରି ସେଗୁଡ଼ିକୁ ଏକ ଶାସନାଧୀନ କରି ରଖିବାପାଇଁ ପଦକ୍ଷେପ ନିଅନ୍ତୁ । ଏହି ପ୍ରସ୍ତାବ ମଧ୍ୟ ଉତ୍କଳ ଦୀପିକାରେ ଗୌରୀଶଙ୍କର ରାୟ ପ୍ରକାଶ କରି ଏଦିଗରେ ଜନଜାଗରଣ ସୃଷ୍ଟି କରିଥିଲେ । ସମ୍ପାଦକୀୟରେ 'ଓଡ଼ିଆମାନଙ୍କର ସ୍ଥାନାନ୍ତର' ଶିରୋନାମା ଦେଇ ସେ କ୍ରମାଗତ ଭାବେ କେତୋଟି ପ୍ରବନ୍ଧ ପ୍ରକାଶ କରିଥିଲେ । ସେହିପରି ୧୮୯୫ ଖ୍ରୀଷ୍ଟାବ୍ଦରେ ଉତ୍କଳ ଦୀପିକାରେ ସେ ଲେଖିଥିଲେ ଯେ ଆବଶ୍ୟକ ପଡ଼ିଲେ ପ୍ରତିନିଧି ପଠାଯାଇ ବ୍ରିଟିଶ ପାର୍ଲିଆମେଣ୍ଟରେ ଏହି ପ୍ରଶ୍ନ ଉତ୍ଥାପନ କରାଯିବ ଏବଂ ସେମାନଙ୍କର ଖର୍ଚ୍ଚପାଇଁ ଏକ ହଜାର ଟଙ୍କା ଆଦାୟ କରାଯିବ । ଏହିସବୁ ଦୃଷ୍ଟିକୋଣରୁ ବିଚାରକଲେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପାଇଁ ଭିତ୍ତିଭୂମି ପ୍ରତିଷ୍ଠା-ଦିଗରେ ଗୌରୀଶଙ୍କରଙ୍କର ଦାନଥିଲା ଅନବଦ୍ୟ ।

ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ଦିଗରେ ଗୌରୀଶଙ୍କରଙ୍କର ଅବଦାନ ସେତିକିରେ ପରିସମାପ୍ତ ଘଟି ନ ଥିଲା । ଏ ଦିଗରେ ତାଙ୍କର ଅନ୍ୟ ଏକ ପଦକ୍ଷେପ ଥିଲା ମହତ୍ତ୍ୱପୂର୍ଣ୍ଣ । ୧୯୦୩ ମସିହା ଅକ୍ଟୋବର ମାସରେ କଟକଠାରେ ମଧୁସୂଦନ ଦାସ ପ୍ରତିଷ୍ଠା କରିଥିଲେ ଉତ୍କଳ ସମ୍ମିଳନୀ । ଏହାର

ଭାରତୀୟ ଦାବୀ ଉପସ୍ଥାପନ କରିଥିଲେ । ଓଡ଼ିଶା ପ୍ରଦେଶ ଗଠନ ନିମନ୍ତେ ସେ ଫିଲିପ୍‌ଡ୍ରୀ ଫଟ କମିଟି ଓ ସାଇମନ କମିଶନ ନିକଟରେ ପାରଳା ମହାରାଜାଙ୍କ ନେତୃତ୍ୱ ନିମନ୍ତେ ପ୍ରସ୍ତାବ ଉପସ୍ଥାପନ କରିଥିଲେ ଓଡ଼ୋନାଲ କମିଟି ନିକଟରେ ପାରଳାଖେମୁଣ୍ଡି ଓ ଜୟପୁର ଜମିଦାରୀ ଦ୍ୱୟର ନୂତନ ଓଡ଼ିଶା ସହ ସମ୍ମିଳନ ସପକ୍ଷରେ ବଳିଷ୍ଠ ଯୁକ୍ତି ଉପସ୍ଥାପନ କରିଥିଲେ । ୧୯୨୯ରେ ସେ ଉତ୍କଳ ସମ୍ମିଳନୀର ପୁନଃସ୍ଥାପନ କରେ ।

୧୯୨୨ରେ ଗାନ୍ଧିଜୀଙ୍କର ନେତୃତ୍ୱରେ ପରିଚାଳିତ ଅସହଯୋଗ ଆନ୍ଦୋଳନରେ ସେ ଯୋଗଦାନ କରି ଓଡ଼ିଶାର ପଲ୍ଲୀପଲ୍ଲୀରେ ସ୍ୱାଧୀନତା ସଂଗ୍ରାମର ବାର୍ତ୍ତା ପ୍ରଚାର କରିଥିଲେ । ୧୯୩୦ଠାରୁ ୧୯୩୪ ପର୍ଯ୍ୟନ୍ତ ଚାଲିଥିବା ଆଇନ ଅମାନ୍ୟ ଆନ୍ଦୋଳନ ବେଳେ ସେ ଦକ୍ଷିଣ ଓଡ଼ିଶାର ନେତୃତ୍ୱ ନେଇଥିଲେ । ତାଙ୍କର ଇଙ୍ଗିତରେ ବ୍ରହ୍ମପୁରଠାରେ ପ୍ରଥମଥର ପାଇଁ ସ୍ୱାଧୀନତା ଦାବୀକରି ମହିଳାମାନେ ଏକ ବିରାଟ ଶୋଭାଯାତ୍ରା ବାହାର କରେ । ରମ୍ଭା ଓ ହୁମାଠାରେ ସେ ଲବଣ ଆଇନ ଅମାନ୍ୟ କରି ସ୍ୱାଧୀନତା ଆନ୍ଦୋଳନକୁ ତୀବ୍ରତର କରିଥିଲେ । ବ୍ରହ୍ମପୁର ସହରରେ ଆଇନ ଅମାନ୍ୟ ଆନ୍ଦୋଳନ ତାଙ୍କର ନେତୃତ୍ୱରେ ଏପରି ତୀବ୍ରତର ହେଲା ଯେ ତାଙ୍କୁ ତତ୍‌କାଳୀନ କଲେକ୍ଟର ଅଷ୍ଟିନ ସାହେବ ଏକ ମସ୍ତବଡ଼ ଗୁଣ୍ଡା ଭାବେ ଚିହ୍ନିତ କରି ତାଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନିମନ୍ତେ ମାନ୍ଦ୍ରାଜ ସରକାରଙ୍କୁ ସୁପାରିଶ କରିଥିଲେ । ଶଶିଭୂଷଣଙ୍କ ସହ ସ୍ୱର୍ଗତ ବିଶ୍ୱନାଥ ଦାଶଙ୍କୁ ମଧ୍ୟ ସେ ଗୁଣ୍ଡା ଭାବେ ବର୍ଣ୍ଣନା କରି ତାଙ୍କ ବିରୋଧରେ ଶାସ୍ତିମୂଳକ କାର୍ଯ୍ୟାନୁଷ୍ଠାନ ଅଷ୍ଟିନ ସାହେବ ସରକାରଙ୍କ ନିକଟକୁ ଗୁପ୍ତ ରିପୋର୍ଟ ପଠାଇଲେ । ସ୍ୱାଧୀନତା ସଂଗ୍ରାମରେ ଭାଗ ନେଇଥିବା ହେତୁ ତାଙ୍କୁ ବାରମ୍ବାର କାରାବରଣ କରିବାକୁ ପଡ଼ିଥିଲା ଶଶିଭୂଷଣଙ୍କର ନାମ ଶୁଣିଲେ ବ୍ରିଟିଶ ଶାସକମାନେ ଆତଙ୍କିତ ହୋଇ ଉଠୁଥିଲେ । ଶଶିଭୂଷଣଙ୍କର ଐକାନ୍ତିକ ନେତୃତ୍ୱ ଓ ସହନଶୀଳ ବ୍ୟକ୍ତିତ୍ୱ ଯୋଗୁଁ ସମସାମୟିକ ଯୁବମାନସରେ ଗଭୀର ଉନ୍ମେଷ ଓ ଜାଗରଣ ସୃଷ୍ଟି କରିଥିଲେ । ଜାତୀୟ ମୁକ୍ତି ଆନ୍ଦୋଳନର ସେ ଥିଲେ ଜଣେ ଶକ୍ତିଶାଳୀ ଯୋଦ୍ଧା ଓ ବଳିଷ୍ଠ ଦିଗ୍‌ଦର୍ଶକ । ଦେଶ ମାତୃକାକୁ ବିଦେଶୀ ଶାସନ ଶୃଙ୍ଖଳରୁ ମୁକ୍ତକରିବା-ଥିଲା ତାଙ୍କ ଜୀବନର ପରମ ଧ୍ୟେୟ । ପଣ୍ଡିତ ଗୋପବନ୍ଧୁଙ୍କର ସେ ଥିଲେ ଘନିଷ୍ଠ ସହଯୋଗୀ ।

୧୯୩୪ରେ ବର୍ମା ଯାତ୍ରା କରି ସେଠାରେ ଥିବା ଓଡ଼ିଆମାନଙ୍କୁ ସଙ୍ଗଠିତ କରିଥିଲେ । ସେଠାରେ ଥିବା ବିଶିଷ୍ଟ ଓଡ଼ିଆନେତା ଯୁଗଳ କିଶୋର ପଟ୍ଟନାୟକ, ଦୟାନିଧି ପଟ୍ଟନାୟକ, ମାଗତା ପାଢ଼ ଓ ଲକ୍ଷ୍ମଣ ଶୌଡ଼ଙ୍କର ସହଯୋଗରେ ବର୍ମା ଓଡ଼ିଆମାନଙ୍କର ଅଭାବ ଓ ଦୈନ୍ୟ ମୋଚନ ନିମନ୍ତେ ଅଦମ୍ୟ ଉଦ୍ୟମ କରିଥିଲେ । ରେଙ୍ଗୁନ ସହରଠାରେ ପ୍ରତିଷ୍ଠିତ ଜଗନ୍ନାଥ ମନ୍ଦିରର ରକ୍ଷଣାବେକ୍ଷଣ ନିମନ୍ତେ ସେ ଯଥୋଚିତ ବ୍ୟବସ୍ଥାମାନ କରାଇଥିଲେ । ଶଶିଭୂଷଣ ସେଠାରେ ଓଡ଼ିଆ ତଥା ଭାରତୀୟ ସ୍ୱାଧୀନତା ବାର୍ତ୍ତା ଓ ଚେତନା ପ୍ରଚାର କରିଥିଲେ ।

ବ୍ରହ୍ମଦେଶରୁ ପ୍ରତ୍ୟାବର୍ତ୍ତନ ପରେପରେ ଗାନ୍ଧିଜୀଙ୍କର ଆହ୍ୱାନ କ୍ରମେ ବ୍ରହ୍ମପୁରଠାରେ ହରିଜନ ସେବା କାର୍ଯ୍ୟରେ ନିଜକୁ ନିୟୋଗ କଲେ । ତାଙ୍କର ନେତୃତ୍ୱରେ ହରିଜନ ସଂପ୍ରଦାୟର ବହୁ ମଙ୍ଗଳ ବିଧାୟକ କାର୍ଯ୍ୟ ସାଧିତ ହୋଇଥିଲା ।

ଶଶିଭୂଷଣଙ୍କୁ ଓଡ଼ିଆର ସର୍ବପ୍ରଥମ ଇଂରାଜୀ ଓ ଓଡ଼ିଆ ସାମ୍ବାଦିକ କହିଲେ ଅସମୀଚୀନ ହେବ ନାହିଁ । ସମ୍ବାଦପତ୍ର ମାଧ୍ୟମରେ ଓଡ଼ିଶାର ସାହିତ୍ୟ ଓ ବୌଦ୍ଧିକ କ୍ଷେତ୍ରକୁ ଶଶିଭୂଷଣଙ୍କର ଅବଦାନ ମହତ ଓ ଅତୁଳନୀୟ । ଓଡ଼ିଶାର ସାମ୍ବାଦିକତା କ୍ଷେତ୍ରକୁ ତାଙ୍କର ଦାନ ଅନସ୍ୱୀକାର୍ଯ୍ୟ, ମୌଳିକ ଓ ଅସାମାନ୍ୟ କହିଲେ ଅତ୍ୟୁକ୍ତି ହେବନାହିଁ । ଇଂରାଜୀ ଭାଷା ଓ ସାହିତ୍ୟରେ ସେ ଧୁରୀଣ ଥିଲେ । ଇଂରାଜୀ ଭାଷାରେ ସେ ପ୍ରଗଳ୍‌ଭ ବକ୍ତା ଓ ସୁଲେଖକ ଥିଲେ । 'ନିଉ ଓଡ଼ିଶା' ଓ 'ଇଷ୍ଟକୋଷ୍ଟ'ର ସ୍ତମ୍ଭରେ ତାଙ୍କର ଗଭୀର ଇଂରାଜୀ ଜ୍ଞାନର ପରିଚୟ ମିଳେ ।

ଶଶିଭୂଷଣ ଥିଲେ ଜଣେ ବିଦ୍ୱାନ ଓ ପ୍ରଜ୍ଞାବାନ ବ୍ୟକ୍ତି । ଇତିହାସ, ରାଜନୀତି, ଦର୍ଶନ, ସମାଜ ବିଜ୍ଞାନ, ଅର୍ଥନୀତି ଓ ସାହିତ୍ୟ ବିଷୟରେ ତାଙ୍କର ଅସାଧାରଣ ପାଣ୍ଡିତ୍ୟ ଥିଲା । ବ୍ରହ୍ମପୁରସ୍ଥ ଶଶିଭୂଷଣ ପାଠାଗାରରେ ତାଙ୍କର ସୁପଠିତ ଓ ସ୍ୱାକ୍ଷରୀତ ଅନ୍ୟୂନ ଦୁଇ ହଜାର ମୂଲ୍ୟବାନ ପୁସ୍ତକ ବର୍ତ୍ତମାନ ସୁଦ୍ଧା ସଂରକ୍ଷିତ ରହିଛି । ଏହି ପୁସ୍ତକଗୁଡ଼ିକ ଉପରେ ଦୃଷ୍ଟିପାତ କଲେ ଶଶିଭୂଷଣଙ୍କର ଏକନିଷ୍ଠ ଅଧ୍ୟୟନ, ଗଭୀର ଅନୁଧ୍ୟାନ ଓ ଅସୀମ ପାଣ୍ଡିତ୍ୟ ସଂପର୍କରେ ଅନୁମାନ କରିହେବ ।

ବ୍ରହ୍ମପୁର ସହରରେ ଓଡ଼ିଆମାନଙ୍କର ସ୍ୱାର୍ଥକୁ ବଜାୟ ରଖିବା ନିମନ୍ତେ ସେ ବହୁ ସଫଳ ପଦକ୍ଷେପ ଗ୍ରହଣ କରିଥିଲେ । ବ୍ରହ୍ମପୁରର ଓଡ଼ିଆ ଓ ତେଲୁଗୁ ସଂପ୍ରଦାୟ ମଧ୍ୟରେ ସୌହାର୍ଦ୍ଦ୍ୟ ଓ ସଦ୍‌ଭାବ ସଂରକ୍ଷଣ ନିମନ୍ତେ ସେ ସର୍ବଦା ଯତ୍ନଶୀଳ ଥିଲେ । ତାଙ୍କର ପ୍ରଗାଢ଼ ପ୍ରଚେଷ୍ଟା ଯୋଗୁଁ ବ୍ରହ୍ମପୁର ସହରରେ ପ୍ରସିଦ୍ଧ ଠାକୁରାଣୀ ଯାତ୍ରାଯୋଜନ ପରଂପରା ସୁପ୍ରତିଷ୍ଠିତ ହେଲା । ଏହି ଉତ୍ସବ ଯାତ୍ରାର ଅନୁଷ୍ଠାନ ପାଇଁ ସେ ଉଭୟ ଓଡ଼ିଆ ଓ ତେଲୁଗୁ ସଂପ୍ରଦାୟଙ୍କ ଉପରେ ସମ ଦାୟିତ୍ୱ ଅର୍ପଣ କରିଥିଲେ । ଫଳତଃ ଠାକୁରାଣୀ ଯାତ୍ରାର ଉତ୍ସବାୟୋଜନ ଓଡ଼ିଆ ତେଲୁଗୁ ସଂପ୍ରଦାୟଙ୍କ ସଂହତି ଏବଂ ଏକତା ଭାବର ଶ୍ରେଷ୍ଠ ନିଦର୍ଶନ ଭାବେ ସ୍ୱୀକୃତ ହୋଇ ଆସିଛି । ଓଡ଼ିଆ ତେଲୁଗୁ ସଂପ୍ରଦାୟ ମଧ୍ୟରେ ସୌହାର୍ଦ୍ଦ୍ୟ ପ୍ରତିଷ୍ଠା ପାଇଁ ଶଶିଭୂଷଣଙ୍କର ନିଷ୍ଠାପର ଉଦ୍ୟମକୁ ଆନ୍ଧ୍ରନେତା ପଟ୍ଟାଭି ସୀତାରାମାୟା ଭୂୟସୀ ପ୍ରଶଂସା କରିଥିଲେ ।

# ଓଡ଼ିଶା ଗଠନର ରଥୀ :

# ଶଶୀ ଭୂଷଣ

ଡକ୍‌ଟର ଦଣ୍ଡପାଣି ବେବର୍ତ୍ତା

ଓଡ଼ିଶାର ଘରେ ଘରେ ସୁପରିଚିତ ସ୍ୱର୍ଗତ ଶଶୀଭୂଷଣ ରଥ ଏକାଧାରାରେ ଥିଲେ ଜାତୀୟ ନେତା, ଜନ ନାୟକ, ସମାଜ ସେବୀ, ସ୍ୱାଧୀନତା ସଂଗ୍ରାମୀ, ଓଡ଼ିଆ ଆନ୍ଦୋଳନର ଯୋଦ୍ଧା, ସାହିତ୍ୟିକ, ସାମ୍ବାଦିକ ଓ ବାଗ୍ମୀ । ସେ ଥିଲେ ବହୁମୁଖୀ ପ୍ରତିଭାର ଅଧିକାରୀ, ତତ୍ତ୍ୱ ଓ ଆଦର୍ଶର ବାର୍ତ୍ତାବହ, ଜ୍ଞାନ ଓ ସଂସ୍କାର ବାହକ ଏବଂ ପରମ ମାନବ ଧର୍ମ ଓ ସେବାର ଅବତାର । ତାଙ୍କର ଚରମ ନିଷ୍ଠାମୂଳକ ଜାତୀୟ ସେବା ଓ ଅସାଧାରଣ ଜୀବନ ଆଦର୍ଶ ପାଇଁ ସେ ଓଡ଼ିଆଜାତିର ଚିର ନମସ୍ୟ ଏବଂ ପ୍ରାତଃ ସ୍ମରଣୀୟ ନେତା ଓ ମନୀଷୀ ଅଟନ୍ତି ।

ଶଶିଭୂଷଣ ରଥ ଗଞ୍ଜାମ ଜିଲ୍ଲାର ସୋରଡ଼ା ସହରରେ ୧୮୮୫ ସାଲ, ଜାନୁଆରୀ ଏକ ତାରିଖରେ ଭୂମିଷ୍ଠ ହୋଇଥିଲେ । ତାଙ୍କ ପିତାଙ୍କ ନାମ ଲମ୍ବୋଦର ମହାପାତ୍ର କିନ୍ତୁ ସେ ଭଞ୍ଜନଗର ନିକଟସ୍ଥ ମହୁରିଆ ଗ୍ରାମର ପ୍ରସିଦ୍ଧ ରଥ ପରିବାରରେ ଦତ୍ତ ହୋଇଥିବାରୁ ତାଙ୍କ ନାମ ଶଶିଭୂଷଣ ମହାପାତ୍ର ନ ହୋଇ ଶଶିଭୂଷଣ-ରଥ ହୋଇଥିଲା । କୌଳିକ ଆଭିଜାତ୍ୟ, ବଂଶଗତମର୍ଯ୍ୟାଦା ଓ ପାରିବାରିକ କୃଷ୍ଟି ଦୃଷ୍ଟିରୁ କେବଳ ଗଞ୍ଜାମ ଜିଲ୍ଲା ନୁହେଁ ସମଗ୍ର ଓଡ଼ିଶାରେ ଏହି ରଥ ପରିବାର ପ୍ରଖ୍ୟାତ ଥିଲେ । ସୁସ୍ଥ ଓ ବଳିଷ୍ଠ ପାରିବାରିକ ପରିବେଶ ମଧ୍ୟରେ ଶଶିଭୂଷଣଙ୍କ ବାଲ୍ୟ ଜୀବନ ପୁଷ୍ଟ ଓ ବର୍ଦ୍ଧିତ ହୋଇଥିଲା ଏବଂ ତାଙ୍କର ଜୀବନାଦର୍ଶ ସୁଗଠିତ ହୋଇଥିଲା । ପାରିବାରିକ ସଂସ୍କୃତି କ୍ରମେ ସେ ଅତ୍ୟଧିକ ସତ୍ୟବାଦୀ, ନିଷ୍ଠାବାପୀ, ନିର୍ଭୀକ ଓ ନ୍ୟାୟବାନ ହୋଇ ପାରିଥିଲେ ।

ସୋରଡ଼ାଠାରେ ବାଲ୍ୟଶିକ୍ଷା ସମାପନ କଲାପରେ, ଶଶିଭୂଷଣ ବମ୍ବେଠାରେ ଉଚ୍ଚଶିକ୍ଷା ଲାଭ କରିଥିଲେ । ଶିକ୍ଷା ସମାପ୍ତିପରେ କୁଳବୃଦ୍ଧ ମଧୁସୂଦନଙ୍କ ଦ୍ୱାରା କଟକରେ ପ୍ରତିଷ୍ଠିତ ଉତ୍କଳ ଟାନେରୀ (Utkal Tannery) ନାମକ ଏକ ଚମଡ଼ା ଓ ଜୋତା ତିଆରି କାରଖାନାରେ କିଛିକାଳ ପାଇଁ କାମ କଲେ । ତାପରେ ୧୯୧୩ ସାଲରେ ବ୍ରହ୍ମପୁରଠାରେ ପାରଳାଖେମୁଣ୍ଡି ମହାରାଜା ଶ୍ରୀ କୃଷ୍ଣ ଚନ୍ଦ୍ର ଗଜପତିଙ୍କ ଆର୍ଥିକ ସାହାଯ୍ୟରେ 'ଆଶା' ନାମକ ଏକ ଓଡ଼ିଆ ସାପ୍ତାହିକ ପତ୍ରିକାର ସଂପାଦକ ଭାବେ କାର୍ଯ୍ୟଭାର ଗ୍ରହଣ କଲେ । ଏହି ପତ୍ରିକା ପ୍ରକାଶନରେ ତାଙ୍କୁ ଉତ୍କଳମଣି ଗୋପବନ୍ଧୁ ଦାଶ, ନୀଳମଣି ବିଦ୍ୟାରତ୍ନ, ନରସିଂହ ଦାସ, ଶ୍ରୀବତ୍ସ ପଣ୍ଡା, ପଣ୍ଡିତ ଗୋଦାବରୀଶ ମିଶ୍ର, ଏବଂ ପଣ୍ଡିତ ନୀଳକଣ୍ଠ ଦାଶ ବହୁବିଧ ସାହାଯ୍ୟ ଓ ସହଯୋଗ କରିଥିଲେ । 'ଆଶା' ଓଡ଼ିଆ ଆନ୍ଦୋଳନର ମୁଖପତ୍ର ଭାବେ କାର୍ଯ୍ୟ କଲା । ଏତଦ୍‌ବ୍ୟତୀତ ୧୯୨୮ରେ ଇଂରାଜୀରେ ପ୍ରକାଶିତ ଇଷ୍ଟକୋଷ୍ଟ (East Coast) ଏବଂ ନିଉ ଓଡ଼ିଶା (New Orissa) ନାମକ ଦୁଇଗୋଟି ସାପ୍ତାହିକ ପତ୍ରିକାର ସେ ସଂପାଦନା କରିଥିଲେ ।

୧୯୨୧ରେ ସେ ମାନ୍ଦ୍ରାଜ ବିଧାନସଭାକୁ ନିର୍ବାଚିତ ହୋଇଥିଲେ । ଏହି ସଭାରେ ସେ ପାରଳା ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ଓ ଏ. ପରଶୁରାମ ପାତ୍ରଙ୍କର ସହଯୋଗରେ ମାନ୍ଦ୍ରାଜ ଶାସନାଧୀନ ଓଡ଼ିଆ ଭାଷାଭାଷୀ ଅଞ୍ଚଳମାନଙ୍କୁ ଓଡ଼ିଶା ସହ ସାମିଲ କରିବା ପାଇଁ ସେ

# ଭାରତ-ବିଦ୍ୟାର ଭିତ୍ତି ଓ ପରିବ୍ୟାପ୍ତି

ଡକ୍ଟର ଶରତ ଚନ୍ଦ୍ର ରଥ

ଭାରତବର୍ଷ ଗୋଡ଼ିମାଟି ପଥରରେ ଗଢ଼ା ଏକ ଭୂଖଣ୍ଡ ମାତ୍ର ନୁହେଁ, ଏହା ଏକ ଜାଗ୍ରତ ଚେତନା । ଦେବଭୂମି ଭାବରେ ଏହାର ପ୍ରଶସ୍ତି ରହିଛି । ସଚେତନତା ଭାରତୀୟ ମାନସର ସ୍ୱକୀୟତା । ଆଧ୍ୟାତ୍ମିକତା ହେଉଛି ଭାରତୀୟ ଜୀବନର ମୂଳମନ୍ତ୍ର । ନିଜସ୍ୱ ମୌଳିକ ସଚେତନ ଦୃଷ୍ଟିକୋଣ ନିମନ୍ତେ ଭାରତବର୍ଷ ବିଶ୍ୱ ଦରବାରରେ ସ୍ୱତନ୍ତ୍ର ଆସନ ପାଇବାର ଯୋଗ୍ୟତା ଅର୍ଜନ କରିଛି । ଏହି ଦୃଷ୍ଟିକୋଣ ଭାରତ ବିଦ୍ୟାରେ ଉପସ୍ଥାପିତ କେବଳ ନୁହେଁ ଭିତ୍ତିଭୂମି ଭାବରେ ପ୍ରତିଷ୍ଠିତ ହୋଇଛି । ଅତୀତରେ ଭାରତବର୍ଷ ବିଦ୍ୟାର ବହୁ ଦିଗନ୍ତ ଉନ୍ମୋଚନ କରି ଅନ୍ୟମାନଙ୍କୁ ଆକୃଷ୍ଟ ତଥା ପ୍ରଭାବିତ କରିଥିବାର ଦେଖାଯାଏ । ଭବିଷ୍ୟତର ଭାରତ ହେବ ଆଗାମୀ ବିଶ୍ୱର ଗୁରୁ । ଅତୀତର ମର୍ଯ୍ୟାଦା ଓ ଗୌରବ ହଜିଯାଇ ନାହିଁ, ସ୍ୱତନ୍ତ୍ର ଶକ୍ତିର ଅଧିକାରୀ ହେବାର ଯୋଗ୍ୟତା ବରଂ ସେହି ଭିତ୍ତିରେ ପ୍ରତିଷ୍ଠିତ ହେବ, ଏଥିରେ ସନ୍ଦେହର ଅବକାଶ ନାହିଁ । ପୁନର୍ବାର କପିଳ ସଂହିତାର ସେହି ଉକ୍ତି ବର୍ଣ୍ଣାଂ ଭାରତଃ ଶ୍ରେଷ୍ଠଃ" ଅଧିକରୁ ଅଧିକ ଯୁକ୍ତିଯୁକ୍ତ ବୋଲି ପ୍ରମାଣିତ ହେବ । ସମଗ୍ର ମାନବ ଜାତିକୁ ଭାରତ ଦେବ ଅଭ୍ରାନ୍ତ ଦିଗ୍‌ଦର୍ଶନ । ଭାରତ ବହୁ ଝଡ଼ ସହି ବଞ୍ଚିରହିଛି, ବଞ୍ଚି ରହିଛି ସମଗ୍ର ଜଗତ ପାଇଁ । ଭାରତୀୟ ସଂସ୍କୃତି ନିଜସ୍ୱ ଜୀବନୀ ଶକ୍ତିର ବଳରେ ବଞ୍ଚି ରହିଛି । ପ୍ରାଚୀନ ଗ୍ରୀକ୍ ଓ ରୋମ ସଂସ୍କୃତି ପରି ଏହା ମଳିନ ହୋଇ ନାହିଁ । ଯେଉଁ ଶକ୍ତି ବଳରେ ଭାରତ ତିଷ୍ଠି ରହିଛି ସେଥି ମଧ୍ୟରୁ ତା'ର ପ୍ରାଚୀନ ବିଦ୍ୟା ଅନ୍ୟତମ । ଉଭୟ ପରାବିଦ୍ୟା ଓ ଅପରାବିଦ୍ୟା କ୍ଷେତ୍ରରେ ପ୍ରାଚୀନ ଭାରତର କୃତିତ୍ୱ ଅନନ୍ୟ ସାଧାରଣ କହିଲେ ଅତ୍ୟୁକ୍ତି ହେବ ନାହିଁ । ସେ ବିଦ୍ୟାର ଶକ୍ତି ଏତେ ଅଧିକ ଯେ ବହୁ ପାଶ୍ଚାତ୍ୟ ମନୀଷୀ ତାହାଦ୍ୱାରା ଅଭିଭୂତ ଓ ପ୍ରଭାବିତ ହେବାର କେତେକ ଦୃଷ୍ଟାନ୍ତ ରହିଛି । ବହୁ ପାଶ୍ଚାତ୍ୟ ମନୀଷୀ ଭାରତ ପ୍ରତି ସେମାନଙ୍କର ଅନ୍ତରର ଶ୍ରଦ୍ଧା ଜ୍ଞାପନ କରିଛନ୍ତି । ଏହାର ମହିମା ସେମାନଙ୍କ କଣ୍ଠରେ ଉଦ୍‌ଘୋଷିତ ହୋଇଛି । ସେହି ମନୀଷୀମାନଙ୍କ ମଧ୍ୟରୁ ମାକ୍‌ସମୁଲର ହେଉଛନ୍ତି ଜଣେ । ତାଙ୍କ ମତରେ "ମୁଁ ଯଦି ନିଜକୁ ପଚାରେ ଆମେ ଇଉରୋପୀୟମାନେ ଯେଉଁମାନେ କି ପୂର୍ଣ୍ଣ ଭାବରେ ଗ୍ରୀକ୍ ଓ ରୋମାନ୍ ତଥା ଆଦିମ ଇହୁଦୀୟ ଚିନ୍ତାଧାରାରେ ଲାଳିତପାଳିତ ହୋଇଅଛୁ, ଆମର ଅନ୍ତର୍ଜୀବନକୁ ଅଧିକ ପରିପୂର୍ଣ୍ଣ, ଅଧିକ ସର୍ବଜନୀନ, ଅଧିକ ମାନବିକ କରିବାକୁ ହେଲେ କେଉଁ ଦେଶ ସାହିତ୍ୟରୁ ଆମେ ଯଥାର୍ଥ ଗଠନ ମୂଳକ ପ୍ରେରଣା ପାଇ ପାରିବୁ, ତେବେ ପୁନର୍ବାର ମୁଁ ନିର୍ଦ୍ଦେଶ କରିବି ଭାରତବର୍ଷ ହେଉଛି ସେହି ଦେଶ । ଯେଉଁ ଅନ୍ତର୍ନିହିତ ଜୀବନୀ ଶକ୍ତି ଭାରତକୁ ବଞ୍ଚାଇ ରଖିଛି, ତାହା ହେଉଛି ଭାରତର ବିଦ୍ୟା । ଉଭୟ ପରାବିଦ୍ୟା ଓ ଅପରାବିଦ୍ୟା ଏହାର ଅନ୍ତର୍ଭୁକ୍ତ । ଆର୍ଯ୍ୟଭୂମି ଭାରତରୁ ଉଦ୍ଭୁତ ଏହି ବିଦ୍ୟା ଆଜି ସମଗ୍ର ବିଶ୍ୱରେ ସୃଷ୍ଟି କରିଛି ଗଭୀର ଆଲୋଡ଼ନ । ଭାରତୀୟ ଜୀବନର ଅସଲ ମୂଳ ଭିତ୍ତି ହେଉଛି ଆଧ୍ୟାତ୍ମିକତା । ଏହାର ଅର୍ଥ ନୁହେଁ ଯେ ଭାରତ ଭୌତିକ ବିଦ୍ୟାକୁ ଘୃଣା କରିଛି । ବରଂ ଏକଥା ସ୍ୱୀକାର୍ଯ୍ୟ ଯେ ପ୍ରାଚୀନ ଭାରତରେ ଉଭୟ ପରାବିଦ୍ୟା ଓ ଅପରାବିଦ୍ୟାର ସମ୍ୟକ ସମନ୍ୱୟ ଦେଖିବାକୁ ମିଳେ । ପ୍ରାଚୀନ ଭାରତରେ ସାହିତ୍ୟ, ଦର୍ଶନ, ବିଜ୍ଞାନ, ଶିଳ୍ପକଳାର ଅଦ୍ଭୁତ ଉନ୍ନତି ସାଧିତ ହୋଇଥିଲା । ପ୍ରାୟ ଦ୍ୱାଦଶ ଶତାବ୍ଦୀ ପର୍ଯ୍ୟନ୍ତ ଭାରତର ସମୃଦ୍ଧି ଥିଲା ଅକ୍ଷତ ଓ ଅବ୍ୟାହତ । ପ୍ରାଗୈତିହାସିକ ଯୁଗଠାରୁ ଆରମ୍ଭ କରି ଦ୍ୱାଦଶ ଶତାବ୍ଦୀ ପର୍ଯ୍ୟନ୍ତ ଭିନ୍ନ ଭିନ୍ନ କ୍ଷେତ୍ରରେ ବ୍ୟାସ, ବାଲ୍ମୀକି, କାଳିଦାସ, ଭବଭୂତି, ଭାରବୀ, ଶ୍ରୀହର୍ଷ, ବିଷ୍ଣୁଶର୍ମା, ଯାଜ୍ଞବଲ୍କ୍ୟ, ପତଞ୍ଜଳି, ଗୌତମ, ଶଙ୍କର, ପାଣିନୀ, କାତ୍ୟାୟନ, ପିଙ୍ଗଳ, ଆର୍ଯ୍ୟଭଟ୍ଟ, ବରାହ ମିହିର, ଚରକ, ସୁଶ୍ରୁତ, କୌଟିଲ୍ୟ ଓ ନାଗାର୍ଜୁନ ପ୍ରତିଷ୍ଠା ଅର୍ଜନ କରିଥିଲେ ।

ପ୍ରାଚୀନ ଭାରତରେ ବିଜ୍ଞାନର ଚର୍ଚ୍ଚା ନ ଥିଲା ଏବଂ ପାଶ୍ଚାତ୍ୟରେ ବିଜ୍ଞାନର ଚର୍ଚ୍ଚା ଆରମ୍ଭ ହୋଇଛି ଇତ୍ୟାଦି ଧାରଣା ସାଧାରଣତଃ ପୋଷଣ କରାଯାଇଥାଏ । କିନ୍ତୁ ପ୍ରକୃତରେ ବିଜ୍ଞାନର ବହୁଳ ଚର୍ଚ୍ଚା ପ୍ରାଚୀନ ଭାରତରେ ଥିଲା । ଆର୍ଯ୍ୟଭଟ୍ଟ ପଞ୍ଚମ ଶତାବ୍ଦୀରେ ସର୍ବ ପ୍ରଥମେ ପୃଥିବୀର ଆବର୍ତ୍ତନ ଯୋଗୁ ଦିବାରାତ୍ରି ହେଉଛି ବୋଲି ମତବ୍ୟକ୍ତ କରିଥିଲେ । ଏ କଥାଟିକୁ ପରେ ପାଶ୍ଚାତ୍ୟ ବୈଜ୍ଞାନିକ ସ୍ପଷ୍ଟ ଭାବରେ ଉଦ୍‌ଘୋଷଣା କଲେ । ଭାରତ ଭୂମିର ଭାସ୍କରାଚାର୍ଯ୍ୟ ଦ୍ୱାଦଶ ଶତାବ୍ଦୀରେ ମାଧ୍ୟାକର୍ଷଣ ଶକ୍ତି ଆବିଷ୍କାର କରିଥିଲେ । ବହୁ ପରେ ଅର୍ଥାତ ସପ୍ତଦଶ ଶତାବ୍ଦୀରେ ପାଶ୍ଚାତ୍ୟ ଭୂଖଣ୍ଡର ସ୍ୱନାମଧନ୍ୟ ବୈଜ୍ଞାନିକ ନିଉଟନ୍ ଏହି କଥା ଉଦ୍‌ଘୋଷଣା କରିଥିଲେ ।

ପାଟୀ ଗଣିତ ହେଉଛି ଏକ ବିଦ୍ୟା ଯହିଁରେ ଭାରତବର୍ଷର କୃତିତ୍ୱ ଅସାଧାରଣ । ଏକଠାରୁ ନଅ ପର୍ଯ୍ୟନ୍ତ ସଂଖ୍ୟାର ଆବିଷ୍କାର ଭାରତରେ

ସ୍ୱର୍ଗତ ଶଶୀଭୂଷଣଙ୍କର ଏକମାତ୍ର କନ୍ୟା ଶ୍ରୀମତୀ ଆଶାଦେବୀ ଓଡ଼ିଶାର ପୂର୍ବତନ ସ୍ୱାସ୍ଥ୍ୟ ବିଭାଗର ନିର୍ଦ୍ଦେଶକ ସ୍ୱର୍ଗତ ବଦରଭଦ୍ର ମିଶ୍ରଙ୍କୁ ବିବାହ କରିଥିଲେ । ସ୍ୱର୍ଗତ ମିଶ୍ର ଓ ତାଙ୍କର ସନ୍ତାନ ସନ୍ତତି ବର୍ଗ ଓଡ଼ିଶାରେ ସୁପରିଚିତ । ଶଶିଭୂଷଣଙ୍କର ମୃତ୍ୟୁପରେ ସ୍ୱର୍ଗତ ଶରତ ମହାପାତ୍ରଙ୍କର ସଂପାଦନାରେ 'ଆଶା' ସାପ୍ତାହିକ ପତ୍ରିକା ଭାବେ ପ୍ରକାଶିତ ହେଲା । ସ୍ୱର୍ଗତ ମହାପାତ୍ର ମଧ୍ୟ ଆଶା ପ୍ରେସର ପରିଚାଳନା ଭାର ଗ୍ରହଣ କରିଥିଲେ । ବର୍ତ୍ତମାନ 'ଆଶା' ପତ୍ରିକା 'ଦୈନିକ ଆଶା' ଭାବେ ପ୍ରକାଶିତ ହେଉଛି ।

ସଂକ୍ଷେପରେ କହିବାକୁ ଗଲେ ଶଶିଭୂଷଣଙ୍କର ଜୀବନୀ ହେଲା ଓଡ଼ିଶାର ଅର୍ଦ୍ଧ ଶତାବ୍ଦୀର ଊର୍ଦ୍ଧ୍ୱ ଇତିହାସ ମାତ୍ର । ସେ ଥିଲେ ଏକାଧାରାରେ ସ୍ୱାଧୀନତା ସଂଗ୍ରାମୀ, ଓଡ଼ିଆ ଆନ୍ଦୋଳନର କର୍ଣ୍ଣଧାର, ଓଡ଼ିଶାର ଅପ୍ରତିଦ୍ୱନ୍ଦ୍ୱୀ ଜନନାୟକ, ଅସାଧାରଣ ସାମ୍ବାଦିକ, ବିଖ୍ୟାତ ବୁଦ୍ଧିଜୀବୀ, ଏକନିଷ୍ଠ ସମାଜ ସେବକ ଏବଂ ଜଣେ ଶ୍ରେଷ୍ଠ ଜାତି ସଂଗଠକ । ସୁତରାଂ ଶଶୀଭୂଷଣ ରଥଙ୍କର ଜୀବନର ସ୍ମୃତି ହେଉଛି ଏକ ପବିତ୍ର ଜାତୀୟ ସ୍ମୃତି ଏବଂ ସେ ଯଥାର୍ଥରେ ଓଡ଼ିଶାର ଗର୍ବ ଓ ଗୌରବର ମଉଡ଼ମଣି ।

ଏ ଦୃଷ୍ଟିରୁ ସ୍ୱର୍ଗତ ଶଶିଭୂଷଣଙ୍କର ଜାତି ନିମନ୍ତେ ଉତ୍ସର୍ଗୀକୃତ ଜୀବନଧାରା ହେଉଛି ଓଡ଼ିଶାର ଜନଚେତନାର ଏକ ଅମ୍ଳାନ ସ୍ମୃତି । ଆଗାମୀ ବଂଶଧରଙ୍କ ପାଇଁ ତାହା ଅଶେଷ ପ୍ରେରଣାର ଉତ୍ସ ।

ଅଧ୍ୟକ୍ଷ, ଖେମୁଣ୍ଡି କଲେଜ
ଦିଗପହଣ୍ଡି, ଗଞ୍ଜାମ



ମୌଳିକ ଦୃଷ୍ଟିକୋଣ ଭାରତୀୟ ବିଜ୍ଞାନ ଦେଇଛନ୍ତି । ସତ୍ୟର ପୂଜା ସହିତ ସୌନ୍ଦର୍ଯ୍ୟର ଆରାଧନା ଭାରତ ବିଦ୍ୟାର ବୈଶିଷ୍ଟ୍ୟ । ପ୍ରାଚୀନ ଭାରତର ଶିଳ୍ପ ପଦ୍ଧତିରେ ସତ୍ୟଶିବ ସୁନ୍ଦରର ଉପାସନା ଅତ୍ୟନ୍ତ ଆକର୍ଷଣୀୟ । ପାର୍ଥିବ ଓ ଆଧ୍ୟାତ୍ମିକ ଏହି ଦୁଇ ବିଷୟର ସାମଞ୍ଜସ୍ୟ ବିଧାନ କରିବା ପ୍ରାଚୀନ ଭାରତର ଶିକ୍ଷାର ମୂଳଲକ୍ଷ୍ୟ । ସଂସାରରେ ଜୀବନର ପ୍ରକୃତ ଲକ୍ଷ୍ୟ ହେଉଛି ଜୀବନକୁ ପରିପୂର୍ଣ୍ଣ କରି ଗଢ଼ି ତୋଳିବା ।

ଏହି ଲକ୍ଷ୍ୟ ପୂରଣ ନିମନ୍ତେ ଭାରତ ସୁନ୍ଦର ସୂତ୍ରମ ପ୍ରଚାର କରିଛି । ପୂର୍ଣ୍ଣ ଜ୍ଞାନ, ପୂର୍ଣ୍ଣ ଆନନ୍ଦ ହେଉଛି ଜୀବନରେ ପୂର୍ଣ୍ଣତା ପାଇଁ ଏକାନ୍ତ ଅପରିହାର୍ଯ୍ୟ । ଦୃଶ୍ୟମାନ, ଭୌତିକ ବସ୍ତୁ ସହ ଅନ୍ତରର ଭାବ ସମ୍ପଦ ସମନ୍ୱୟ ମାଧ୍ୟମରେ ଜୀବନର ସାର୍ଥକତା କେବଳ ସମ୍ଭବ କଥା ପ୍ରାଚୀନ ଭାରତର ବିଦ୍ୟା ଉଦ୍‌ଘୋଷଣା କରିଛି । ଆଜି ଏହି ସମ୍ପର୍କରେ ଦେଶରେ ଓ ବିଦେଶରେ ଅଧିକରୁ ଅଧିକ ଅନୁଶୀଳନ ଚାଲିଛି । ପ୍ରାଚୀନ ଭାରତର ବିଦ୍ୟାର ମହତ୍ତ୍ୱ ଭାରତକୁ ସମ୍ମାନ ଆଣି ଦେଉଛି, ଏଥିରେ ସନ୍ଦେହ ନାହିଁ ।

ଓଡ଼ିଆ ବିଭାଗ, ବାଣୀବିହାର,
ଭୁବନେଶ୍ୱର ।



ପ୍ରଥମେ କରାଯାଇଥିଲା । ପୂର୍ଣ୍ଣସଂଖ୍ୟାର ଯୋଗ, ବିୟୋଗ, ଗୁଣନ, ହରଣ, ବର୍ଗମୂଳ, ଘନମୂଳ ଆଦି ଭାରତରେ ପ୍ରଥମେ ଆବିଷ୍କୃତ ହୋଇଛି । କେବଳ ଗଣିତ ନୁହେଁ, ଜ୍ୟୋତିଷ ବିଦ୍ୟାରେ ମଧ୍ୟ ଭାରତ ପାରଦର୍ଶିତା ଅତୀତରେ ଅର୍ଜନ କରିଥିଲା । ଆର୍ଯ୍ୟଭଟ୍ଟ ୨୩ ବର୍ଷ ବୟସରେ 'ଆର୍ଯ୍ୟଭଟ୍ଟ ତନ୍ତ୍ର' ନାମରେ ଗ୍ରନ୍ଥଟିଏ ରଚନା କରି ଯେଉଁ ଅପାର କୃତିତ୍ୱ ପ୍ରଦର୍ଶନ କରିଛନ୍ତି ତାହାର ପଟାନ୍ତର ନାହିଁ । ଗଣିତଜ୍ଞ ଭାସ୍କରାଚାର୍ଯ୍ୟ ୩୬ ବର୍ଷ ବୟସରେ 'ସିଦ୍ଧାନ୍ତ ଶିରୋମଣି' ନାମକ ଗ୍ରନ୍ଥଟିଏ ରଚନା କରିଥିଲେ । ଜ୍ୟାମିତି କ୍ଷେତ୍ରରେ ପ୍ରାଚୀନ ଭାରତର ସ୍ଥାନ ସ୍ୱତନ୍ତ୍ର ଓ ଅଭିନବ । ବୈଦିକ ଯୁଗରେ ବିଶେଷ କରି ଯଜ୍ଞ ବେଦୀ ନିର୍ମାଣ ମାଧ୍ୟମରେ ଜ୍ୟାମିତି ପାଠର ବହୁଳ ଚର୍ଚ୍ଚା କରାଯାଇଥିଲା । ସମକୋଣୀ ତ୍ରିଭୁଜର କର୍ଣ୍ଣ ଉପରେ ଅଙ୍କିତ ବର୍ଗକ୍ଷେତ୍ରର କ୍ଷେତ୍ରଫଳ ଅପର ବାହୁଦ୍ୱୟର ଉପରେ ଅଙ୍କିତ ବର୍ଗକ୍ଷେତ୍ରର କ୍ଷେତ୍ରଫଳ ସମଷ୍ଟି ସଙ୍ଗେ ସମାନ । ଏ କଥା ଆବିଷ୍କାର କରିଥିଲେ ଭାରତର ସୁଯୋଗ୍ୟ ସନ୍ତାନ 'ବୌଧାୟନ' । ପରେ ପାଶ୍ଚାତ୍ୟର 'ପିଥାଗୋରାସ୍' ଏହି କଥାଟିକୁ ବୁଝାଇଦେଲେ । ତାଙ୍କର ନାମାନୁସାରେ ଉକ୍ତ ଉପପାଦ୍ୟଟି 'ପିଥାଗୋରାସ୍ ଉପପାଦ୍ୟ' ହୋଇଛି । ଏ ପରିପ୍ରେକ୍ଷୀରେ ବୌଧାୟନଙ୍କର ନାମ ନାହିଁ । ପ୍ରାଚୀନ ଭାରତରେ ଚରକ ଓ ସୁଶ୍ରୁତ ଚିକିତ୍ସା ବିଜ୍ଞାନ କ୍ଷେତ୍ରରେ ଅପୂର୍ବ ସଫଳତା ଅର୍ଜନ କରିଥିଲେ । ଧାତୁ ବିଜ୍ଞାନ କ୍ଷେତ୍ରରେ ମଧ୍ୟ ବହୁ ନୂତନ ତଥ୍ୟ ଭାରତରେ ଆବିଷ୍କୃତ ହୋଇଥିଲା । ଭାରତୀୟମାନେ ପ୍ରଥମେ ସୁନା ଆବିଷ୍କାର କରିଥିଲେ ବୋଲି ଜଣାଯାଏ । ଛାନ୍ଦୋଗ୍ୟ ଉପନିଷଦ୍‌ରେ ସୁନା, ରୁପା, ଲୁହା, ଟିଣ ଓ ସୀସା ଆଦି ପଞ୍ଚ ଧାତୁର ନାମ ଉଲ୍ଲେଖ କରାଯାଇଛି । ରସାୟନ ବିଦ୍ୟା କ୍ଷେତ୍ରରେ ଭାରତର ପ୍ରସିଦ୍ଧି ଥିଲା ଅନନ୍ୟ ସାଧାରଣ । ନାଗାର୍ଜ୍ଜୁନ ପାତନ ଓ ଭସ୍ମୀକରଣ ପ୍ରକ୍ରିୟା ଆବିଷ୍କାର କରିଥିଲେ । ମୌର୍ଯ୍ୟ ରାଜତ୍ୱ ପୂର୍ବରୁ କାଚର ପ୍ରସ୍ତୁତ ପ୍ରଣାଳୀ ଭାରତୀୟମାନେ ଜାଣିଥିଲେ । ଅତଏବ୍ ବିଭିନ୍ନ କ୍ଷେତ୍ରରେ ପ୍ରାଚୀନ ଭାରତ ସମୃଦ୍ଧିର ଉଚ୍ଚତମ ଉଚ୍ଚତାରେ ଅଧିଷ୍ଠିତ ହୋଇଥିଲା । ଅପରା ବିଦ୍ୟାରେ ପ୍ରାଚୀନ ଭାରତ ଯେତେ ଉନ୍ନତି କରିଥିଲା, ପରା ବିଦ୍ୟାରେ ତା'ଠାରୁ ଅଧିକ ଉନ୍ନତି କରିଥିଲା । ମାନବ ଜାତିର ସର୍ବାଙ୍ଗୀନ ବିକାଶର ଅସଲ ମନ୍ତ୍ରଟି ଆଧ୍ୟାତ୍ମିକତାରେ ରହିଛି, ଏହା ଆର୍ଯ୍ୟ ଋଷି ଉଦ୍‌ଘୋଷଣା କରିଛନ୍ତି । ଭାରତୀୟ ସଂସ୍କୃତିର ରୂପାୟଣ ଉପନିଷଦ, ଶ୍ରୀମଦ୍ ଭାଗବତଗୀତା ଓ ଧମ୍ମପଦରେ ଦେଖିବାକୁ ମିଳେ । ଶ୍ରୀକୃଷ୍ଣ ସମସ୍ତ ଧର୍ମର ସାର ସ୍ୱରୂପ ଉପଦେଶ ମାଳାକୁ ଗୀତାରେ ଯେପରି ସ୍ଥାନ ଦେଇଛନ୍ତି, ବୁଦ୍ଧଦେବ ବିଶ୍ୱପ୍ରେମମୂଳକ କେତେକ ବାଣୀକୁ ଧମ୍ମପଦ ଗ୍ରନ୍ଥରେ ସ୍ଥାନ ଦେଇଛନ୍ତି । ଉପନିଷଦ ସମସ୍ତ ବିଶ୍ୱର କଲ୍ୟାଣକାମୀ ବାର୍ତ୍ତା ବହନ କରିଛି । ଉପନିଷଦ, ଗୀତା ଓ ଧମ୍ମପଦର ବାଣୀ ସଂପ୍ରଦାୟର ସୀମ ଅତିକ୍ରମ କରି ଅସାଂପ୍ରଦାୟିକ ହୋଇଛି । ଜାତି, ଧର୍ମ ନିର୍ବିଶେଷରେ ସମଗ୍ର ମାନବ ଜାତି ପାଇଁ କଲ୍ୟାଣ କାମନା କରି ଭାରତୀୟ ସଂସ୍କୃତିର ମହନୀୟତାକୁ ଆଲୋଚ୍ୟ ଗ୍ରନ୍ଥରାଜି ବହୁଗୁଣିତ କରିଛନ୍ତି । ପ୍ରାଚୀନ ଭାରତର ସେହି ଗ୍ରନ୍ଥରାଜିର ମହତ୍ତ୍ୱ ଆଧୁନିକ ସଭ୍ୟ ଜଗତ ଦ୍ୱାରା ଅନୁଭୂତ ହୋଇଛି । ଶ୍ରୀମଦ୍ ଭଗବତ ଗୀତାର ଚର୍ଚ୍ଚା ତଥା ଅନୁଶୀଳନ କେବଳ ଭାରତରେ ସୀମିତ ନ ହୋଇ ଭାରତ ବାହାରେ ମଧ୍ୟ ପରିବ୍ୟାପ୍ତ ହୋଇଛି । ଅଷ୍ଟାଦଶ ଶତାବ୍ଦୀର ଶେଷ ଭାଗରେ ପାଶ୍ଚାତ୍ୟ ମନୀଷୀମାନଙ୍କର ଦୃଷ୍ଟି ଆକର୍ଷଣ କରିଥିଲା ଶ୍ରୀମଦ୍ ଭାଗବତ ଗୀତା । ଉଇଲ୍‌କିନସ୍ ସଂସ୍କୃତ ଭାଷାରେ ପାଣ୍ଡିତ୍ୟ ଅର୍ଜନ କରିବା ସଙ୍ଗେ ସଙ୍ଗେ ଇଂରାଜୀ ଭାଷାରେ ଶ୍ରୀମଦ୍ ଭାଗବତ ଗୀତାକୁ ଅନୁବାଦ କରିଥିଲେ । ଏହି ଗ୍ରନ୍ଥର ମୁଖବନ୍ଧ ଲେଖିଥିଲେ ୱାରେନ୍ ହେଷ୍ଟିଂସ୍ । ମୁଖବନ୍ଧରେ ୱାରେନ୍ ହେଷ୍ଟିଂସ୍ ଲେଖିଥିଲେ "ଗୀତା ପାଠ ଦ୍ୱାରା କେବଳ ଇଂରେଜମାନେ ନୁହନ୍ତି, ସମଗ୍ର ବିଶ୍ୱବାସୀ ଉପକୃତ ହେବେ, ଏହାର ଅନୁଶୀଳନ ଦ୍ୱାରା ମାନବ ଜୀବନ ଶାନ୍ତି ଧାମରେ ପରିଣତ ହେବ" । ଏହା ପରେ ଜର୍ମାନ ପଣ୍ଡିତ ସାର୍ ଉଇଲ୍‌ହେଲମ୍ ଶ୍ଲେଗେଲ୍ ଲାଟିନ ଅନୁବାଦ ସହ ଗୀତାର ଏକ ଉତ୍କୃଷ୍ଟ ସଂସ୍କରଣ ପ୍ରକାଶ କରିଥିଲେ । ଏହାକୁ ପାଠ କରି ଜର୍ମାନ ମନୀଷୀ ହମ୍‌ବୋଲ୍ଟ ମତ ଦେଇଥିଲେ—"ଏହି ଭାରତୀୟ କାବ୍ୟଟି ମୁଁ ପ୍ରଥମେ ସାଇଲେସିୟାର ଗ୍ରାମାଞ୍ଚଳରେ ବାସ କରୁଥିବା ସମୟରେ ପଢ଼ିଲି ଏବଂ ପଢ଼ିବା ସମୟରେ ଭାଗ୍ୟ ଦେବତାଙ୍କ ପ୍ରତି ମୋର ହୃଦୟ କୃତଜ୍ଞତାରେ ପୂର୍ଣ୍ଣ ହୋଇଗଲା, କାରଣ ତାଙ୍କର ପ୍ରସାଦ ଯୋଗୁ ମୁଁ ଏହି ବହି ପଢ଼ିବାର ସୁଯୋଗ ପାଇଲି" । ପାଶ୍ଚାତ୍ୟର ପଣ୍ଡିତମାନଙ୍କ ଦ୍ୱାରା ଶ୍ରୀମଦ୍ ଭାଗବତ ଗୀତା ଯେପରି ଆଦୃତ ହୋଇଛି କେତେକ ଉପନିଷଦ ମଧ୍ୟ ସେପରି ଆଦୃତ ହୋଇଛି । ଉପନିଷଦ ବେଦର ଶେଷ ସିଦ୍ଧାନ୍ତ ଉପରେ ଅବସ୍ଥାପିତ ହୋଇଥିବାରୁ ଏହାର ଅନ୍ୟ ନାମ ହେଉଛି ବେଦାନ୍ତ । ଉପନିଷଦଗୁଡ଼ିକରେ ଆତ୍ମିକତତ୍ତ୍ୱର ସ୍ପଷ୍ଟ ଉପସ୍ଥାପନା ରହିଛି । ମଣିଷ ମନର ବହୁ ପ୍ରଶ୍ନର ଉତ୍ତର ଏଥିରେ ଅଛି । ମଣିଷ କାହିଁକି ଜନ୍ମ ନିଏ ? କାହିଁକି ମନୁଷ୍ୟ ମୃତ୍ୟୁବରଣ କରିଥାଏ ? ଦୁଃଖ ଓ ଅଶାନ୍ତିର କାରଣ କ'ଣ ? ଏ ସବୁ ପ୍ରଶ୍ନର ଯଥାଯଥ ଉତ୍ତର ଏହି ଗ୍ରନ୍ଥଗୁଡ଼ିକରେ ପ୍ରଦତ୍ତ ହୋଇଛି । ୧୬୫୬ ଖ୍ରୀ:ଅ:ରେ ମୋଗଲ ସମ୍ରାଟ ସାହାଜାହାନଙ୍କ ଜ୍ୟେଷ୍ଠ ପୁତ୍ର ଦାରା ମୂଳ ସଂସ୍କୃତରେ ଲିପିବଦ୍ଧ ୫୦ ଖଣ୍ଡ ଉପନିଷଦକୁ ପାର୍ସୀ ଭାଷାରେ ଅନୁବାଦ କରିଥିଲେ । ଫରାସୀ ପଣ୍ଡିତ ଆକେଟିଲ ଦ୍ୟୁପେର ଭାରତକୁ ଆସି ଦାରାଙ୍କ ଦ୍ୱାରା ଅନୁଦିତ ଉପନିଷଦ ଗ୍ରନ୍ଥରୁ କେତେକ ସଂଗ୍ରହ କରିଥିଲେ ଓ ସେଗୁଡ଼ିକୁ ପାଠକରି ଅଭିଭୂତ ହୋଇଥିଲେ । ସେଥି ମଧ୍ୟରୁ କେତେକ ଗ୍ରନ୍ଥର ଲାଟିନ୍ ଅନୁବାଦ ସେ କରିଥିଲେ । ତାଙ୍କର ଏହି ଅନୁବାଦ ମାଧ୍ୟମରେ ବୈଦିକ ସାହିତ୍ୟର ମୂଲ୍ୟବୋଧ ଇଉରୋପରେ ବହୁଭାବରେ ପ୍ରତିଷ୍ଠିତ ହୋଇଛି । ଜର୍ମାନ ଦାର୍ଶନିକ ଶୋପେନ୍ ହାଉଏର୍ ଉପନିଷଦ ଗ୍ରନ୍ଥ ଉପରେ ମନ୍ତବ୍ୟ ଦେଇ କହିଛନ୍ତି—"ପୃଥିବୀରେ ଉପନିଷଦ ପାଠ ଅପେକ୍ଷା ଆନନ୍ଦଦାୟକ ଆଉ କିଛି ହୋଇ ନ ପାରେ, ଏଥିରୁ ହିଁ ମୁଁ ପାଇଛି ମୋର ଜୀବନର ସାନ୍ତ୍ୱନା" ।

ଗୀତା ଓ ଉପନିଷଦ ପରି ଇଉରୋପୀୟ ପରିବେଶରେ ବହୁ ଆଦର ଲାଭ କରିଛି ଧମ୍ମପଦ ଗ୍ରନ୍ଥ । ପାଳି ଭାଷାରେ ରଚିତ ଏହି ଧମ୍ମପଦ ଗ୍ରନ୍ଥକୁ ୧୮୫୫ ଖ୍ରୀ:ଅ:ରେ ମାଇକେଲ୍, ଭିଗୋ ଫସବୋଲ୍ ଲାଟିନ୍ ଭାଷାରେ ଅନୁବାଦ କରିଥିଲେ । ପରେ ପରେ ଇଂରାଜୀ, ଫରାସୀ, ଜର୍ମାନ୍, ଇଟାଲୀୟ ଭାଷାରେ ଏହି ଗ୍ରନ୍ଥ ଅନୁଦିତ ହୋଇ ବହୁ ପାଠକଙ୍କର ଦୃଷ୍ଟି ଆକର୍ଷଣ କରି ପାରିଛି । ସେଥିରେ ଅଛି ବିଶ୍ୱବ୍ୟାପୀ ବିଶାଳ ଉଦାର ଭାବଧାରା, ସମଗ୍ର ମାନବ ଜାତିର କଲ୍ୟାଣ ନିମନ୍ତେ ଆନ୍ତରିକ ବାର୍ତ୍ତା । ଦେଶର ଅତୀତ, କାଳର ଅତୀତ ହୋଇଥିବାରୁ ସେ ଗ୍ରନ୍ଥ ଇଉରୋପୀୟ ପରିବେଶରେ ମଧ୍ୟ ଆଦରଲାଭ କରିଛି । ଭାରତୀୟ ସଂସ୍କୃତିର ମହନୀୟତା, ଉଦାରତା, ବିଶାଳତା ଏଥିରେ ମୂର୍ତ୍ତିମନ୍ତ ହୋଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ । ୧୮୮୯ ଖ୍ରୀ:ଅ:ରେ ମାକ୍ସ ମୁଲର୍ ଏହି ଧମ୍ମପଦ ଗ୍ରନ୍ଥକୁ ଇଂରାଜୀ ଭାଷାରେ ଅନୁବାଦ କରିଥିଲେ । ଥିଓଡର୍ ସୁଲକ୍ ଜର୍ମାନ ଭାଷାରେ ଏହି ଗ୍ରନ୍ଥର ଅନୁବାଦ କରିଥିଲେ । ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟର ସଂସ୍କୃତ ଅଧ୍ୟାପକ ମ୍ୟାକ୍‌ଡୋନେଲ୍ ବୌଦ୍ଧ ସାହିତ୍ୟରେ ଧମ୍ମପଦର ଭୂମି ଓ ଭୂମିକା ସମ୍ପର୍କରେ ମତ ଦେଇ କହିଛନ୍ତି—

**"It is a collection of aphorisms representing the most beautiful, profound and poetical thoughts in Buddhist Literature".**

ଏହି ଧମ୍ମପଦ ଗ୍ରନ୍ଥଟିର ମହନୀୟତାର ତୁଳନା ନାହିଁ । ମନ ହିଁ ସବୁ କିଛିର ମୂଳ । ମନ ହେଉଛି ଜାଗତିକ ଜୀବନଧାରାର ପ୍ରଭୁ, ଧମ୍ମପଦରେ ମନ ଉପରେ ଅଶେଷ ଗୁରୁତ୍ୱ ଆରୋପିତ ହୋଇଛି ।

ଅତଏବ୍ ଏ କଥା ମୁକ୍ତ କଣ୍ଠରେ ସ୍ୱୀକାର୍ଯ୍ୟ ଯେ ପ୍ରାଚୀନ ଭାରତ ହେଉଛି ବିଦ୍ୟାର ବିକାଶ କ୍ଷେତ୍ର । ଏହି ଭୂମିରୁ ପରା ବିଦ୍ୟା ଓ ଅପରା ବିଦ୍ୟାର ରଶ୍ମିରେଖା ଭିନ୍ନ ଭିନ୍ନ ଦିଗନ୍ତକୁ ବିଚ୍ଛୁରିତ ହେବା ସଙ୍ଗେ ସଙ୍ଗେ ସମଗ୍ର ମାନବ ଜାତିକୁ ଉଦ୍‌ବୁଦ୍ଧ କରିଛି । ପାଶ୍ଚାତ୍ୟର ବୈଜ୍ଞାନିକମାନେ ବିଜ୍ଞାନ ସମ୍ବନ୍ଧରେ ଯେଉଁ ତଥ୍ୟ ଓ ତତ୍ତ୍ୱ ସମଗ୍ର ବିଶ୍ୱ ସମ୍ମୁଖରେ ଉପସ୍ଥାପନ କରିଛନ୍ତି ସେମାନଙ୍କ ଆଗରୁ ସେଥିରୁ କେତେକ ତତ୍ତ୍ୱର

କର୍ତ୍ତବ୍ୟ ରହିଥିଲା । ଅଧିକାର ଓ ଦାୟିତ୍ୱ ଥିଲା ଏହି ଜାତୀୟତାର ମୂଳଭିତ୍ତି । ଅତଏବ ସାମ୍ୟବାଦର ବିକାଶ ନିମନ୍ତେ ଜାତୀୟତାର ପୂର୍ଣ୍ଣତା ଆବଶ୍ୟକ । ଉତ୍କଳ ସମ୍ମିଳନୀ ଏକ ରାଜନୈତିକ ଅନୁଷ୍ଠାନ ନ ହେଲେ ମଧ୍ୟ ରାଜନୈତିକ ଚିନ୍ତାଧାରା ସମେତ ସାହିତ୍ୟ, ସଂସ୍କୃତି, ଶିକ୍ଷା, ଶିଳ୍ପ, କୃଷି, ସଂସ୍କାର, ନୀତି ଓ ଧର୍ମର ବିକାଶ ନିମନ୍ତେ ଉଦ୍ଦିଷ୍ଟ ଥିଲା । ଏତଦ୍‌ବ୍ୟତୀତ ଓଡ଼ିଆମାନଙ୍କର ଆତ୍ମ ମର୍ଯ୍ୟାଦା, ଆତ୍ମ ଅଧିକାର, ଆତ୍ମୋତ୍ସର୍ଗ, ଜାତୀୟ ମମତା ଓ ସ୍ୱାର୍ଥ ତ୍ୟାଗ ପ୍ରଭୃତି ଗୁଣର ବିକାଶ ଘଟାଇବା ଥିଲା ଏହି ସମ୍ମିଳନୀର ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ । ଏହିସବୁ ଗୁଡ଼ିକର ବିକାଶ ଘଟିବା ଫଳରେ ଉତ୍ସାହ, ଶକ୍ତି, କର୍ମଠତା ଓ ତେଜ ଜାତୀୟ ଜୀବନରେ ପରିଲକ୍ଷିତ ହୋଇଥାଏ । ଅତଏବ ଓଡ଼ିଆମାନଙ୍କର ସର୍ବାଙ୍ଗୀନ ଉନ୍ନତି ପାଇଁ ଉତ୍କଳ ସମ୍ମିଳନୀର ପ୍ରତିଷ୍ଠା ଓ ପ୍ରଭାବ ବାସ୍ତବିକ ଉଲ୍ଲେଖନୀୟ ।

ପ୍ରତିବର୍ଷ ଉତ୍କଳ ସମ୍ମିଳନୀର ବିଭିନ୍ନ ଅଧିବେଶନ ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହୋଇଛି । ଏହି ଜାତୀୟ ଅନୁଷ୍ଠାନ ମାଧ୍ୟମରେ ଦେଶ ମିଶ୍ରଣର ସଫଳତା ଆଶାକରି ମଧୁବାବୁ ୧୯୦୩ ମସିହା ଡିସେମ୍ବର ମାସରେ କଟକଠାରେ ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନ ଆରମ୍ଭ କଲେ । ମୟୂର-ଭଞ୍ଜ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ସଭାପତିତ୍ୱରେ କେନ୍ଦୁଝରର ମହାରାଜା ଓଡ଼ିଆ ଭାଷାଭାଷୀ ସମସ୍ତ ଅଞ୍ଚଳର ଏକତ୍ରୀକରଣ ପାଇଁ ପ୍ରସ୍ତାବ ଆଣିଲେ । ଏହିଭଳି ୧୯୦୪ ଡିସେମ୍ବର ୨୮, ୨୯ ତାରିଖରେ ଉତ୍କଳ ସମ୍ମିଳନୀର ଦ୍ୱିତୀୟ ଅଧିବେଶନରେ ଓଡ଼ିଶାକୁ ସ୍ୱତନ୍ତ୍ର ଶାସନାଧୀନ କରିବା ପାଇଁ ଲର୍ଡ କର୍ଜନଙ୍କ ପ୍ରସ୍ତାବକୁ ସମର୍ଥନ, ୧୯୦୬ ଅପ୍ରେଲ ୧୩, ୧୪ ତାରିଖରେ ବାଲେଶ୍ୱରଠାରେ ଉତ୍କଳ ସମ୍ମିଳନୀର ତୃତୀୟ ଅଧିବେଶନରେ ଓଡ଼ିଶା ସହିତ ସମ୍ବଲପୁର ଓ ଗଞ୍ଜାମର ମିଶ୍ରଣ ପ୍ରସ୍ତାବ ଗୃହୀତ, ୧୯୦୬ ଡିସେମ୍ବର ୨୬, ୨୭ ରେ ବ୍ରହ୍ମପୁରଠାରେ ଏହି ସମ୍ମିଳନୀର ଚତୁର୍ଥ ଅଧିବେଶନରେ ମାନ୍ଦ୍ରାଜ ଓଡ଼ିଆ ଅଞ୍ଚଳରେ ଓଡ଼ିଆ ଭାଷାରେ ଶିକ୍ଷାଦାନ ବ୍ୟବସ୍ଥା ଯୋଗୁଁ ମାନ୍ଦ୍ରାଜ ସରକାରଙ୍କୁ କୃତଜ୍ଞତା ଜ୍ଞାପନ, ୧୯୦୮ ଅପ୍ରେଲ ୧୮, ୧୯ ରେ ପୁରୀଠାରେ ଅନୁଷ୍ଠିତ ସମ୍ମିଳନୀର ପଞ୍ଚମ ଅଧିବେଶନରେ ମଧୁବାବୁଙ୍କ ଉଦ୍ୟମରେ ଇଂଲଣ୍ଡରେ ବିଚ୍ଛିନ୍ନାଞ୍ଚଳ ଓଡ଼ିଆମାନଙ୍କର ଦାବୀ ଉପସ୍ଥାପିତ ହୋଇଥିବାରୁ ତାହାଙ୍କୁ ଧନ୍ୟବାଦ ପ୍ରଦାନ, ସେହିବର୍ଷ ଡିସେମ୍ବର ମାସରେ ସମ୍ମିଳନୀର ଷଷ୍ଠ ଅଧିବେଶନରେ ଶିକ୍ଷା ଓ ସମ୍ମିଳନୀ ପାଇଁ ଦୁଇଟି ପାଣ୍ଠି ସୃଷ୍ଟି, ୧୯୧୦ ଡିସେମ୍ବର ୩୦,୩୧ରେ କଟକଠାରେ ସମ୍ମିଳନୀର ସପ୍ତମ ଅଧିବେଶନରେ ଦେଶମିଶ୍ରଣ ପ୍ରସ୍ତାବ ସଂପର୍କରେ ହୋଇଥିବା ଦାବୀ ଉପରେ ଗୁରୁତ୍ୱ ଆରୋପ ଏବଂ ୧୯୧୨ ଅପ୍ରେଲ ୬, ୭ ତାରିଖରେ ବ୍ରହ୍ମପୁରରେ ହୋଇଥିବା ଉତ୍କଳ ସମ୍ମିଳନୀର ଅଷ୍ଟମ ଅଧିବେଶନରେ ଓଡ଼ିଆମାନଙ୍କ ଦାବୀ ବିଷୟରେ ଜନସାଧାରଣଙ୍କୁ ସଚେତନ କରାଇବା ସଙ୍ଗେସଙ୍ଗେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ପାଇଁ ପ୍ରେରଣା ଯୋଗାଇଥିଲା ।

ପ୍ରତିବର୍ଷ ଭଳି ୧୯୧୩ ମସିହା ଡିସେମ୍ବର ୨୮ ତାରିଖରେ ଉତ୍କଳ ସମ୍ମିଳନୀର ନବମ ଅଧିବେଶନ ଅନୁଷ୍ଠିତ ହେଲା ପୁରୀରେ । ୧୯୧୪ ମସହାଠାରୁ ୧୯୩୪ ମସିହା ପର୍ଯ୍ୟନ୍ତ ଉତ୍କଳ ସମ୍ମିଳନୀର ବିଭିନ୍ନ ଅଧିବେଶନ ଓ ସ୍ୱତନ୍ତ୍ର ଅଧିବେଶନ ପ୍ରତିବର୍ଷ ବିଭିନ୍ନ ସ୍ଥାନରେ ଅନୁଷ୍ଠିତ ହୋଇ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଭଳି ଗୁରୁତ୍ୱପୂର୍ଣ୍ଣ ନ୍ୟାଯ୍ୟ ଦାବୀ ସଫଳତାର ସହିତ ଗୃହୀତ ହେବା ସଙ୍ଗେସଙ୍ଗେ ଓଡ଼ିଆ-ମାନଙ୍କର ଜାତୀୟ ଏକତାକୁ ସୁଦୃଢ଼ କଲା ।

ଶ୍ରୀକ୍ଷେତ୍ର ପୁରୀର ପୂର୍ବଦିଗସ୍ଥ ଶ୍ରୀରାମଚଣ୍ଡୀ ଠାକୁରାଣୀଙ୍କ ସମ୍ମୁଖଭାଗ ବିସ୍ତୃତ ପଡ଼ିଆରେ ଏକ ଜାତୀୟ ଯଜ୍ଞବେଦୀ ନିର୍ମିତ ହୋଇ ସେଠାରେ ଉତ୍କଳ ସମ୍ମିଳନୀର ନବମ ଅଧିବେଶନ ଅନୁଷ୍ଠିତ ହୋଇଥିଲା । ସୁନ୍ଦର ସୁନ୍ଦର ଗୃହଦ୍ୱାରେ ଆଚ୍ଛାଦିତ ଏବଂ ନାନା ପତ୍ରପୁଷ୍ପର ଆଭରଣରେ ସମଗ୍ର ସ୍ଥାନଟି ଦିଶୁଥିଲା ଖୁବ ସୁନ୍ଦର । ଦେଶାତ୍ମବୋଧ ଗୀତ ଏବଂ ଉପଦେଶ ଗୁଡ଼ିକ ଓଡ଼ିଆମାନଙ୍କ ପ୍ରାଣକୁ ଜାତୀୟତାର ମହାମନ୍ତ୍ରରେ ସତେ ଯେମିତି ଉଦ୍‌ବୁଦ୍ଧ କରୁଥିଲା । ଉତ୍କଳର କଳାକୌଶଳର ଅଭିବୃଦ୍ଧି ସାଙ୍ଗକୁ ଜାତୀୟ ଜୀବନ ଉନ୍ନତି ନିମନ୍ତେ ଏହା ପ୍ରେରଣା ଯୋଗାଉଥିଲା । ଉତ୍କଳର ବିଭିନ୍ନ ସ୍ଥାନରୁ ଉତ୍ସାହ ଓ ଉଦ୍ଦୀପନାର ସହିତ ରାଜା, ଜମିଦାର, ମହାଜନ, ଓକିଲ, ମୁକ୍ତାର, ସରକାରୀ କର୍ମଚାରୀ, ଶିକ୍ଷକ, ଛାତ୍ର, ଲେଖକ, ଧର୍ମପ୍ରଚାରକ, ମହନ୍ତ, ସନ୍ନ୍ୟାସୀ, ସନ୍ନ୍ୟାସିନୀ, ମହିଳା ଏବଂ ସାଧାରଣ ଅସଂଖ୍ୟ ଜନତା ଦର୍ଶକ କିମ୍ବା ପ୍ରତିନିଧି ଭାବରେ ଏଥିରେ ଯୋଗ ଦେଇ ଜାତୀୟ ଏକତାକୁ ବଳବତ୍ତର କରିଥିଲେ । ପୁରୀ ଜିଲ୍ଲା-ସ୍କୁଲ ଓ ନବ ପ୍ରତିଷ୍ଠିତ ସତ୍ୟବାଦୀ ସ୍କୁଲର ଛାତ୍ରମାନେ ସ୍ୱେଚ୍ଛାସେବକ ଥିଲେ । ଓଡ଼ିଶାର ସୁଦୂର ବିଶାଖାପାଟଣା, ଜୟପୁର ସମେତ ଗଞ୍ଜାମ, ସମ୍ବଲପୁର, ପୁରୀ, କଟକ, ବାଲେଶ୍ୱର ଓ ମୟୂରଭଞ୍ଜ ପ୍ରଭୃତି ଦେଶୀୟ ରାଜ୍ୟରୁ ମୋଟ ପ୍ରାୟ ଦୁଇ ହଜାରରୁ ଉର୍ଦ୍ଧ୍ୱ ପ୍ରତିନିଧି ଏଥିରେ ଯୋଗ ଦେଇଥିଲେ । ବିଶେଷକରି ଗଞ୍ଜାମର ଦର୍ଶକ ଓ ପ୍ରତିନିଧି ଭାବରେ ୪୦୦ ଜଣ ବ୍ୟକ୍ତି ଆସିଥିଲେ । ଧରାକୋଟ, କନିକା, ସୁରଙ୍ଗୀ, ମଧୁପୁର, ଚେଙ୍କାଲି ପ୍ରଭୃତି ରାଜ୍ୟର ରାଜାସାହେବ ଓ ଯୁବରାଜ ପ୍ରଭୃତି ଏଥିରେ ଯୋଗ ଦେଇଥିଲେ । ପୁଣି ଏମାରମଠ ଦକ୍ଷିଣପାର୍ଶ୍ୱ ମଠ ଓ ରାଧାକାନ୍ତ ମଠ ପ୍ରଭୃତିର ମହନ୍ତ, ମହାରାଜ, ରାୟବାହାଦୁର ଗୋକୁଳାନନ୍ଦ ଚୌଧୁରୀ ଓ ସୁଦାମ ଚରଣ ନାୟକ, ମହାମହୋପାଧ୍ୟାୟ ସଦାଶିବ ମିଶ୍ର କାବ୍ୟକଣ୍ଠ, ବାରିଷ୍ଟର ବିଶ୍ୱନାଥ ମିଶ୍ର, ବଡ଼ପଣ୍ଡା ହରିହର ଗୁରୁ, ପରମେଶ୍ୱର ଖୁଣ୍ଟିଆ ପ୍ରଭୃତି ବହୁ ମାନ୍ୟଗଣ୍ୟ ପ୍ରତିଷ୍ଠିତ ବ୍ୟକ୍ତି ଏହି ସମ୍ମିଳନୀରେ ଯୋଗ ଦେଇଥିଲେ । ଏତଦ୍‌ବ୍ୟତୀତ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ଯଥା:—ବାଲେଶ୍ୱରରୁ ଦ୍ୱାରିକାନାଥ ଦାସ, ଫକୀର ମୋହନ ସେନାପତି ଓ ବେହାରୀ ପ୍ରସାଦ ଦାସ, କଟକରୁ ଲକ୍ଷ୍ମୀଧର ମହାନ୍ତି ରାମକୃଷ୍ଣ ପଟ୍ଟନାୟକ, ବ୍ରଜସୁନ୍ଦର ଦାସ, ବିଚିତ୍ରାନନ୍ଦ ଦାସ, ରେବତୀକାନ୍ତ ଘୋଷ ଓ ହେମଚନ୍ଦ୍ର ରାୟ, ପୁରୀରୁ ଗୋପାଳ ବଲ୍ଲଭ ଦାସ, ପୀତବାସ ପଟ୍ଟନାୟକ, ଜଗବନ୍ଧୁ ସିଂହ ଓ ଗୋପାଳ ଚନ୍ଦ୍ର ପ୍ରହରାଜ, ପାରଳାଖେମୁଣ୍ଡିରୁ ରାମକୃଷ୍ଣ ମିଶ୍ର

# ଉତ୍କଳ ସମ୍ମିଳନୀର ନବମ ଅଧିବେଶନ

ଡକ୍ଟର ହରିହର କାନୁନଗୋ

ଓଡ଼ିଆ ମାନଙ୍କର ସର୍ବପ୍ରଧାନ ଜାତୀୟ ପ୍ରତିଷ୍ଠାନ ଥିଲା ଉତ୍କଳ ସମ୍ମିଳନୀ । ଏହା କୌଣସି ବ୍ୟକ୍ତି ବିଶେଷର କିମ୍ବା କୌଣସି ସଂପ୍ରଦାୟର ସମ୍ମିଳନୀ ବା ସଭା ନଥିଲା । କିମ୍ବା ବ୍ରାହ୍ମଣ, କରଣ, ଖଣ୍ଡାୟତ ଭଳି ଏକ ଶ୍ରେଣୀୟ ଲୋକଙ୍କ କଲ୍ୟାଣ ଉଦ୍ଦେଶ୍ୟରେ ଏହା ପ୍ରତିଷ୍ଠିତ ନଥିଲା । ସାହିତ୍ୟ ସଭା କିମ୍ବା ଶିଳ୍ପ ବିଜ୍ଞାନ ସମିତି ପ୍ରଭୃତି ଭଳି ଏକ ନିର୍ଦ୍ଦିଷ୍ଟ ବିଭାଗର ଉନ୍ନତି ମଧ୍ୟ ଏହାର ଲକ୍ଷ୍ୟ ନଥିଲା ବରଂ ଏହା ଥିଲା ସମଗ୍ର ଓଡ଼ିଆ ଜାତିର ମହାମିଳନର ପ୍ରତିଷ୍ଠାନ । କେବଳ ଆଧୁନିକ ରାଜନୈତିକ ଓଡ଼ିଶାରେ ନୁହେଁ [illegible] ଓଡ଼ିଶାରେ ଯେଉଁମାନେ ବାସ କରନ୍ତି [illegible] ଗୋଡ଼ି, ପାଣି ଓ ପବନ ସହିତ ଓତ[illegible]ତ ଭାବରେ ଯେଉଁମାନେ ଜଡ଼ିତ, ଯେଉଁମାନେ ଓଡ଼ିଆ[illegible]ର ବ୍ୟାବହାରିକ ଦେଶଜ ଭାଷା ବା ମାତୃଭାଷା [illegible] ବ୍ୟବହାର କରନ୍ତି, ଓଡ଼ିଶାର ଇତିହାସ, ସାହିତ୍ୟ, ସଂସ୍କୃତି ଓ ଗୌରବଗାଥାରେ ଯେଉଁମାନେ ଆନନ୍ଦିତ ଓ ଗର୍ବିତ, ଭବିଷ୍ୟତ ଓଡ଼ିଶାର ଉନ୍ନତିରେ ଯେଉଁମାନେ ବିଶ୍ୱାସ କରନ୍ତି ଏବଂ ଆପଣାର ମୁକ୍ତି ସଙ୍ଗେସଙ୍ଗେ ଭାରତର କଲ୍ୟାଣ ନିମନ୍ତେ ନିଜ ଜୀବନକୁ ଉତ୍ସର୍ଗ କରନ୍ତି, ସେହି ଓଡ଼ିଶାବାସୀ ଓଡ଼ିଆଭାଷୀ ଆବାଳବୃଦ୍ଧ ବନିତା ଯେତେ ଦୂରରେ ଥିଲେ ମଧ୍ୟ ସମସ୍ତେ ଉତ୍କଳ ସମ୍ମିଳନୀର ଜଣେ ଜଣେ ସଭ୍ୟ । ସମସ୍ତଙ୍କୁ ଏକ ଜାତୀୟ ବନ୍ଧନରେ ଆବଦ୍ଧ କରି ରଖିବା ଥିଲା ଉତ୍କଳ ସମ୍ମିଳନୀର ପ୍ରକୃତ ଉଦ୍ଦେଶ୍ୟ । ଉତ୍କଳ ପ୍ରଦେଶ ରାଜନୈତିକ ଚକ୍ରରେ ଛିନ୍ନ ବିଚ୍ଛିନ୍ନ ହୋଇଥିଲେ ସୁଦ୍ଧା ଖଣ୍ଡ ବିଖଣ୍ଡିତ ଓଡ଼ିଆମାନଙ୍କର ମିଳନ ନିମିତ୍ତ ଆକାଂକ୍ଷା ଓ ମୋହ ସର୍ବଦା ଉଜ୍ଜୀବିତ କରି ରଖିଥିଲା । ଏହାର ବହୁପୂର୍ବରୁ ବାଲେଶ୍ୱର ମହାରାଜା ବୈକୁଣ୍ଠନାଥ ଦେ ସମଗ୍ର ଓଡ଼ିଆଭାଷୀ ଅଞ୍ଚଳକୁ ଏକ ଶାସନାଧୀନ କରି ବଙ୍ଗଳା, ମଧ୍ୟପ୍ରଦେଶ କିମ୍ବା ମାନ୍ଦ୍ରାଜ ସଙ୍ଗେ ରଖିବା କିମ୍ବା ଏକ ସ୍ୱତନ୍ତ୍ର ଶାସନାଧୀନ କରିବା ନିମନ୍ତେ ତତ୍କାଳୀନ ସରକାରଙ୍କୁ ଜଣାଇଥିଲେ ବୋଲି ୧୯୦୩ ମସିହାର ରିଜ୍‌ଲ ସାହେବଙ୍କ ବଙ୍ଗବିଚ୍ଛେଦ ନିର୍ଦ୍ଧାରଣ ପତ୍ରରୁ ଜଣାପଡେ । ଗଞ୍ଜାମର ପାରଳାଖେମୁଣ୍ଡି ରାଜବଂଶର ଦ୍ୱିତୀୟ ରାଜକୁମାର ସ୍ୱର୍ଗୀୟ ପଦ୍ମନାଭ ଗଜପତି ନାରାୟଣ ଦେଓ, ପ୍ରାତଃ ସ୍ମରଣୀୟ [illegible] ମହାରଣା, ନରସିଂହ ଦାସ ପ୍ରଭୃତି ଜାତୀୟବାଦୀ [illegible] ଏହି ମହାମିଳନକୁ ସଫଳ କରିବା ପାଇଁ ପ୍ରୟାସୀ ହୋଇ ଶେଷରେ ପ୍ରାଣତ୍ୟାଗ କରିଛନ୍ତି । କୁଳବୃଦ୍ଧ ମଧୁବାବୁ ଏମାନଙ୍କ ମହତ୍ ପ୍ରେରଣାକୁ କାର୍ଯ୍ୟକାରୀ କରିବା ପାଇଁ ଅଣ୍ଟାଭିଡ଼ି ଆଗେଇ ଆସିଛନ୍ତି । କବିବର ରାଧାନାଥ ବିଚ୍ଛିନ୍ନ ଉତ୍କଳର ଦୁର୍ଦ୍ଦଶା ଓ ନଦୀ, ଗିରି, କାନନ, କନ୍ଦରର ପ୍ରାକୃତିକ ଶୋଭା ବର୍ଣ୍ଣନା କରି ଉତ୍କଳୀୟ ମନରେ ଜାତୀୟ ଚେତନା ସୃଷ୍ଟି କରି ପାରିଛନ୍ତି । କଟକର ଉତ୍କଳ ସଭା ଏବଂ ଗଞ୍ଜାମ ଓଡ଼ିଆ ସମାଜ ତତ୍କାଳୀନ ଓଡ଼ିଆଜାତିର ଥିଲା ପ୍ରେରଣାର ଉତ୍ସ । ଗଳି କନ୍ଦିରୁ ଆରମ୍ଭ କରି ସର୍ବତ୍ର ଓଡ଼ିଆର ହୃଦୟରେ ଯେଉଁ ଜାତୀୟ ମିଳନ ଓ ଆକାଂକ୍ଷା ବିଭିନ୍ନ ସ୍ଥାନରେ ଏବଂ ବିଭିନ୍ନ ପ୍ରକାରରେ କାର୍ଯ୍ୟ କରୁଥିଲା, ସେ ସବୁକୁ ଏକତ୍ରିତ କରି ମଧୁବାବୁ ଆପଣାର ପ୍ରତିଭା ଓ ଶକ୍ତି ବଳରେ ଉତ୍କଳ ସମ୍ମିଳନୀରେ ନାମିତ କଲେ । ରାଜାପ୍ରଜା, ଧନୀଦରିଦ୍ର, ଶିକ୍ଷିତ ଅଶିକ୍ଷିତ, ହିନ୍ଦୁ, ମୁସଲମାନ ବା ଖ୍ରୀଷ୍ଟିୟାନ, ବ୍ରାହ୍ମଣ, ଶୂଦ୍ର ଆଦି ଜାତି, ବର୍ଣ୍ଣ, ଧର୍ମ ଓ ଅବସ୍ଥା ନିର୍ବିଶେଷରେ ପ୍ରତ୍ୟେକ ବ୍ୟକ୍ତିର ଏହି ସମ୍ମିଳନୀରେ ସମାନ ଅଧିକାର, ସମାନ ସ୍ୱାର୍ଥ, ସମାନ ଦାୟିତ୍ୱ ଓ ସମାନ

ଲକ୍ଷ୍ୟ । କିନ୍ତୁ ଏମାନେ ଯଦି ଜାତୀୟ ଜୀବନରେ ଅଗ୍ରସର ହୋଇ ଉନ୍ନତି ନିମନ୍ତେ ସଂକଳ୍ପବଦ୍ଧ ହୁଅନ୍ତି, ତେବେ ଜାତିର ଉନ୍ନତି ସମ୍ଭବ ହୋଇ ପାରିବ । ତେଣୁ ସମଗ୍ର ଉତ୍କଳ ବାସୀଙ୍କ ମନରେ ଜାତୀୟ ଜୀବନର ଏହି ମହାମନ୍ତ୍ର ଉଦ୍ରେକ ହେବା ଉଚିତ୍ । ଫଳରେ ସମ୍ମିଳନୀ ମହାସମୁଦ୍ର ଭଳି ତାର ଉନ୍ନତି ପଥରେ ଆଗେଇ ଯିବ ଯେତେ ବାଧାବିଘ୍ନ ଆସିଲେ ମଧ୍ୟ । ଦେଶ ମିଶ୍ରଣ ଓ ସମାଜ ସଂସ୍କାର ଭଳି ମହାନ ଲକ୍ଷ୍ୟ ଏହି ସମ୍ମିଳନୀ ମାଧ୍ୟମରେ ପୂରଣ ହୋଇ ପାରିବ । ପ୍ରତ୍ୟେକ ବ୍ୟକ୍ତିର ହୃଦୟରେ ଜାତୀୟ ଜୀବନ ସଞ୍ଚାର ହେଲେ, ଆଉ ଦେଶ ମିଶ୍ରଣ ନିମନ୍ତେ ପ୍ରସ୍ତାବ ଇତ୍ୟାଦି କରିବା ନିରର୍ଥକ । ଜାତୀୟ ଉନ୍ନତି କାର୍ଯ୍ୟରେ ପ୍ରବୃତ୍ତ ହେବାକୁ ଇଚ୍ଛାକଲେ ସାଂସାରିକ ପୁରସ୍କାର ଆଶା ପରିତ୍ୟାଗ କରିବାକୁ ପଡ଼ିବ । ଯେଉଁମାନେ ସମାଜରେ ଆପଣାର ନାମ ରଖିଯିବା ପାଇଁ ଆଶାପୋଷଣ କରନ୍ତି, ସେମାନେ ଅବୋଧ । ସେହି ନାମରେ ଅସଂଖ୍ୟ ଜନ୍ମ ହୋଇଛନ୍ତି ଓ ଭବିଷ୍ୟତରେ ଜନ୍ମ ହେବେ । କିନ୍ତୁ ଆତ୍ମାର ନାମ ନାହିଁ । ମୃତ୍ୟୁପରେ ମଣିଷର ନାମ ଚିହ୍ନ ତାର ପ୍ରାସାଦରେ କିମ୍ବା କୌଣସି କିର୍ତ୍ତିସ୍ତମ୍ଭରେ ରହିପାରିବ ନାହିଁ । ଆତ୍ମାର କାର୍ଯ୍ୟ ଚିହ୍ନ ସେହି ଆତ୍ମାରେ ହିଁ ପ୍ରଦର୍ଶିତ ହେବ । ତୁମ ଆତ୍ମାର କର୍ତ୍ତବ୍ୟଜ୍ଞାନ ଓ ଜାତୀୟ ଉନ୍ନତିର ଆଶାକୁ ଅନ୍ୟ ଲୋକଙ୍କର ଆତ୍ମା ଗ୍ରହଣ କଲେ ସେହି ପ୍ରକୃତରେ ତୁମ ଆତ୍ମାର କିର୍ତ୍ତିସ୍ତମ୍ଭ ହେବ । ଜଣେ ପାଶ୍ଚାତ୍ୟ କବିଙ୍କ ଭାଷାରେ "ଯେତେବେଳେ କର୍ତ୍ତବ୍ୟ ପରାୟଣ ଆତ୍ମା ଏସଂସାର ତ୍ୟାଗ କରିବାକୁ ପ୍ରସ୍ତୁତ ହୁଏ, ସେତେବେଳେ ତାହା ପକ୍ଷରେ ମତ୍ୟୁଶଯ୍ୟା ରାଜ ସିଂହାସନ ହେଉ କିମ୍ବା ପାର୍ଶ୍ଵ ଶଯ୍ୟା ହେଉ ତନ୍ମଧ୍ୟରେ କିଛି ପ୍ରଭେଦ ନଥାଏ ।

ସଭାପତିଙ୍କ ଅଭିଭାଷଣ ପରେ ସୁରଙ୍ଗୀର ରାଜାସାହେବଙ୍କ ଦ୍ୱାରା ରଚିତ "ଚିର ଦୁଃଖିନୀ ମା ଉତ୍କଳ ଜନନୀ, ଆହ କି ହେଲୁ କି ହୋଇଥିଲୁ ଛିନ୍ନ ବିଛିନ୍ନ ତନୁ ଘେନି" ଦେଶାତ୍ମବୋଧ ସଙ୍ଗୀତ ଗାନ କରାଯାଇଥିଲା । ସମ୍ମିଳନୀର ଏହି ଅଧିବେଶନରେ ପ୍ରଥମେ ବିହାର, ଓଡ଼ିଶା ଏବଂ-ମାନ୍ଦ୍ରାଜ ଗଭର୍ଣ୍ଣର ଜେନେରାଲ ଲର୍ଡ ହାଡ଼ିଞ୍ଜଙ୍କ ଉପରେ ହୋଇଥିବା ନୃଶଂସ ଆକ୍ରମଣର ତୀବ୍ର ନିନ୍ଦା କରାଯାଇ ଏହି ପ୍ରସ୍ତାବଟି ଏମାର ମଠ ମହନ୍ତ ଗଦାଧର ରାମାନୁଜ ଦାସ ଉପସ୍ଥାପିତ କରିବା ପରେ ଧରାକୋଟ ରାଜାସାହେବ ମଦନ ମୋହନ ସିଂହଦେଓଙ୍କ ଦ୍ୱାରା ଅନୁମୋଦିତ ହୋଇ ଶେଷରେ ବାରିପଦର ବିଶ୍ୱନାଥ ମିଶ୍ରଙ୍କ ଦ୍ୱାରା ସମର୍ଥନ ଲାଭ କରିଥିଲା । ଲର୍ଡ ହାଡ଼ିଞ୍ଜଙ୍କର ବଦାନ୍ୟତା, ପ୍ରଜାବତ୍ସଳତା, ଜନପ୍ରିୟତା ଏବଂ ଉଦାରତା ଗୁଣ ପ୍ରଭୃତି ଥିବାରୁ ସମସ୍ତ ଭାରତବାସୀ ଏଭଳି ଘଟଣାରେ ମର୍ମାହତ ହୋଇ ପଡ଼ିଥିଲେ । ଲର୍ଡ ହାଡ଼ିଞ୍ଜ ଥରେ କହିଥିଲେ ଯେ କେବଳ କେତେଜଣ ଏପରି ନୀଚ ଲୋକଙ୍କର ଘୃଣ୍ୟ କାର୍ଯ୍ୟ ଦ୍ୱାରା ତାଙ୍କର ଭାରତବାସୀଙ୍କ ପ୍ରତି ଥିବା ଅଟଳ ବିଶ୍ୱାସ କଦାପି ଟଳିବନାହିଁ । ଏଭଳି ପ୍ରସ୍ତାବକୁ ଉପସ୍ଥିତ ସମସ୍ତେ କରତାଳି ଦ୍ୱାରା ସମର୍ଥନ ଜଣାଇଥିଲେ ।

ଉତ୍କଳ ସାହିତ୍ୟର ସେବକ, ଋଷିପ୍ରତିମ, ଧର୍ମପ୍ରାଣ ରାୟବାହାଦୁର ମଧୁସୂଦନ ରାଓ, ସ୍ୱଦେଶପ୍ରେମୀ ଗଞ୍ଜାମର ନରସିଂହ ଦାସ ଏବଂ ଉତ୍କଳ ସମ୍ମିଳନୀର ଭୂତପୂର୍ବ ସଭାପତି ମହାରାଜା ବୈକୁଣ୍ଠନାଥ ଦେ ପ୍ରଭୃତିଙ୍କର ଆକସ୍ମିକ ବିୟୋଗ ହେତୁ ଉତ୍କଳଜାତି ଓ ସାହିତ୍ୟର ଯେଉଁ ଅଶେଷ କ୍ଷତି ହୋଇଛି ସେଥି ନିମନ୍ତେ ଏହି ସମ୍ମିଳନୀ ପକ୍ଷରୁ ରାୟବାହାଦୁର ସୁଦାମ ଚରଣ ନାୟକ ପ୍ରସ୍ତାବ ଦେଇପରେ ଦ୍ୱାରିକାନାଥ ଦାସଙ୍କ ଦ୍ୱାରା ଅନୁମୋଦିତ ହୋଇ ଶେଷରେ ରାମକୃଷ୍ଣ ମିଶ୍ର ଓ ରାମକୃଷ୍ଣ ପଟ୍ଟନାୟକଙ୍କ ଦ୍ୱାରା ଏହା ସମର୍ଥନ ଲାଭ କରିଥିଲା ।

ମିଳନର ଶୁଭଶଙ୍ଖ ଧ୍ୱନିରେ ଯିଏ ଉତ୍କଳକୁ ମୁଖରିତ କରିଥିଲେ "ନିଶ୍ଚେଷ୍ଟ ଆଲମ୍ ମ୍ରିୟମାଣ ଉତ୍କଳୀୟେ ନ ରହ ଆଉ, କର୍ମର ସାଧନେ ଦିଅ ଦିଅ ପ୍ରାଣ ଲାଜ ହୀନତା ଭୁଲିଯାଉ" । ତାହାଙ୍କର ଏଭଳି ବାଣୀ ଉତ୍କଳ ଜାତିକୁ ଉଦ୍‌ବୁଦ୍ଧ କରିଛି । "ମାତୃଭୂମି ମାତୃଭାଷା ଉଭୟେ ଜନନୀ, ସେବ ତାଙ୍କୁ ଭକ୍ତିଭରେ ଦିବସ ରଜନୀ, ଏ ମାନବ ଜନ୍ମ ହେଉ ସଫଳ ମୋହର, କରନ୍ତୁ ଏ ଭିକ୍ଷା ପୂର୍ଣ୍ଣ ପ୍ରଭୁ ମହେଶ୍ୱର" ଭକ୍ତି ଗଦଗଦ ଚିତ୍ତରେ ପ୍ରାର୍ଥନା କରି ମାତୃଭୂମି ଓ ମାତୃଭାଷାର ସେବାରେ ଯିଏ ଆଜୀବନ ବ୍ରତୀ ଥିଲେ, ସେହି ମହାଋଷି ପ୍ରତିମ ଭକ୍ତକବି ମଧୁସୂଦନଙ୍କୁ ହରାଇ ଉତ୍କଳ ଆଜି ଦରିଦ୍ରତମ । ପୁଣି ଗଞ୍ଜାମ ଓଡ଼ିଆମାନଙ୍କର ସକଳ ପ୍ରକାର ଉନ୍ନତିର ପ୍ରବର୍ତ୍ତକ, ସ୍ୱାର୍ଥତ୍ୟାଗ କରି ଜନ୍ମଭୂମିର ସେବାରେ ଆଜୀବନ ବ୍ରତୀ ସେହି ଗଞ୍ଜାମ ଗୌରବ, ନୀରବ କର୍ମବୀର, ସମ୍ମିଳନୀ ପ୍ରାଣ ନରସିଂହ ଦାସଙ୍କ ଅବଦାନ ଅବିସ୍ମରଣୀୟ । ସେ "ନାମେ ନରସିଂହ କାର୍ଯ୍ୟେ ସିଂହପ୍ରାୟ ସବଳ, ତେଣୁ ଭାଗ୍ୟଦୋଷେ ହରାଇଲା ଦରିଦ୍ର ଉତ୍କଳ" । ଏହା ବ୍ୟତୀତ ବ୍ୟବସ୍ଥାପକ ସଭାର ସଦସ୍ୟ ଓ ସମ୍ମିଳନୀର ପୂର୍ବତନ ସଭାପତି ସାହିତ୍ୟପ୍ରାଣ ବୈକୁଣ୍ଠ ନାଥ ଦେ ଉତ୍କଳ ମିଶ୍ରଣ ପାଇଁ ଯେପରିକି ବ୍ୟାକୁଳିତ ଥିଲେ, ତାର ପଟ୍ଟାନ୍ତର ନାହିଁ । ଏଭଳି ଭାବରେ ମହାତ୍ମା ମହାପୁରୁଷମାନଙ୍କର ଜୀବନୀ ଓ ଆତ୍ମତ୍ୟାଗ ପ୍ରତ୍ୟେକ ଓଡ଼ିଆକୁ ଉଦ୍‌ବୁଦ୍ଧ କରୁ ଏହାହିଁ ସମ୍ମିଳନୀର ଥିଲା ଉଦ୍ଦେଶ୍ୟ । ଶେଷରେ କାନ୍ତକବି ଲକ୍ଷ୍ମୀକାନ୍ତଙ୍କର ଦେଶାତ୍ମବୋଧ ସଙ୍ଗୀତ "ଜନନୀ..............ସୁହାସମୟୀ ସୁଭାଷମୟୀ, ଜନନୀ ଜନନୀ ଜନନୀ" ସମବେତ କଣ୍ଠରେ ଗାନହେବା ପରେ ପ୍ରଥମ ଦିନର ସଭା ସାଙ୍ଗ ହୋଇଥିଲା ।

ସମ୍ମିଳନୀର ଦ୍ୱିତୀୟ ଦିବସରେ ଭକ୍ତକବି ମଧୁସୂଦନଙ୍କ ରଚିତ ଉତ୍କଳ ବନ୍ଦନା କବିତାଟି "ଜୟମା ଜନମ ଭୂମି ଉଦାର ଉତ୍କଳଭୂମି, ତୋର ସ୍ନେହ କୋଳେ ମାଗୋ ଜନ ଆସର, କୋଟିସୁତ ଘେନିକୋଳେ ପାଳୁଅଛି ସ୍ନେହ

ନିତ୍ୟାନନ୍ଦ ପଟ୍ଟନାୟକ, ଗୋରାଚାନ୍ଦ ମାନ୍ଧାତା ପଟ୍ଟନାୟକ, ଅପର୍ଣ୍ଣା ପରିଡ଼ା, ଅପର୍ଣ୍ଣା ପଣ୍ଡା ଓ ମଧୁସୂଦନ ପାଣିଗ୍ରାହୀ ତଥା ହରିହର ପଣ୍ଡା ଆସାମରୁ ଏବଂ ନରସିଂହ ରାଓ ପାଠକ ଭିଶାଖାପାଟଣାରୁ, ଗଣେଶ ମହାପାତ୍ର ବ୍ରହ୍ମପୁରରୁ ଏବଂ ନୀଳମଣୀ ବିଦ୍ୟାରତ୍ନ, ବଟକୃଷ୍ଣ ମହାପାତ୍ର ଓ କୃତ୍ତିବାସ ସାମନ୍ତରାୟ ପ୍ରଭୃତି ପ୍ରତିଷ୍ଠିତ ବ୍ୟକ୍ତିମାନେ ଗଞ୍ଜାମରୁ ଆସି ଏଥିରେ ଯୋଗଦେଇଥିଲେ ।

ସଭାପତି ରୂପେ ମାନ୍ୟବର ମଧୁସୂଦନ ଦାସ ସି.ଆଇ.ଇ 'ଜୟ ଉତ୍କଳର ଜୟ' ଧ୍ୱନିରେ ମଞ୍ଚାସୀନ ହେବାପରେ କବିବର ରାଧାନାଥଙ୍କ ରଚିତ ସଂସ୍କୃତ ଭାରତଗୀତିକା "ସର୍ବେଷାଂନୋ ଜନନୀ ଭାରତ ଧରଣୀ କଳ୍ପଲତେୟଂ" ଗାନ କରାଯାଇଥିଲା । ଏହାପରେ ଦେଶାତ୍ମବୋଧ ଓଡ଼ିଆ କବିତା "ପୂତପ୍ରାଣେ ପ୍ରେମ ଧରମେ ଉଠ ହେ ଭାଇ ଆରବେ, ମାତିଉଠ ଏ ଜନ୍ମଭୂମି ଜ୍ଞାନକର୍ମ ଗୌରବେ" ସମସ୍ତଙ୍କ ମନକୁ ସ୍ପର୍ଶ କରିଥିଲା । ତାପରେ ଅଭ୍ୟର୍ଥନା ସମିତିର ସଭାପତି ପୁରୀ ଏମାର ମଠ ମହନ୍ତ ଗଦାଧର ରାମାନୁଜ ଦାସ ଉପସ୍ଥିତ ଭାଇମାନଙ୍କୁ ଉଦ୍‌ବୋଧନ ଦେଇ କହିଲେ ଯେ ଭାରତୀୟ ଆର୍ଯ୍ୟମାନଙ୍କ କ୍ଷେତ୍ରରେ ବହୁ ପରିବର୍ତ୍ତନ ଘଟିଥିଲେ ସୁଦ୍ଧା ପୁରୀ ଏକତା ଓ ସାମ୍ୟବାଦର କେନ୍ଦ୍ରଭୂମି ରୂପେ ଅଦ୍ୟାପି ବିଦ୍ୟମାନ ରହି ଭାରତୀୟ ପ୍ରାଣରେ ଆଶା ଓ ଓ ଆଶ୍ୱାସନା ଦେଉଛି । ଯୁଗେ ଯୁଗେ ଜ୍ଞାନୀ, ଯୋଗୀ, ସିଦ୍ଧ ସାଧକମାନେ ଏହି ପୁଣ୍ୟଧାମକୁ ଆକୃଷ୍ଟ ହୋଇ ଆସି ଆପଣାର ମତ ପ୍ରଚାର କରିଯାଇଛନ୍ତି । ଏକତା ଏବଂ ମିଳନ ଏହି କ୍ଷେତ୍ରର ମୂଳମନ୍ତ୍ର । ଯଥାସମୟରେ ସମ୍ମିଳନୀର ଅଧିବେଶନ ନହେବା ଏବଂ ନିର୍ଦ୍ଧାରିତ ପ୍ରସ୍ତାବମାନ କାର୍ଯ୍ୟରେ ପରିଣତ କରା ନଯିବା ଦେଖି ଅନେକ ଏହି ଜାତୀୟ ଅନୁଷ୍ଠାନ ପ୍ରତି ଉଦାସୀନ ଏବଂ ବୀତଶ୍ରଦ୍ଧ ହେବା ସ୍ୱାଭାବିକ । କିନ୍ତୁ ଏହା ସମୟ ସାପେକ୍ଷ । ଧୈର୍ଯ୍ୟ, ଆଶା ଅବଲମ୍ବନ ନକଲେ ଜାତୀୟ ଜୀବନ ଗଠନ କାର୍ଯ୍ୟରେ ବାଧା ସୃଷ୍ଟି ହେବ । ଦେଉଳ ତୋଳା ଓ ପୋଖରୀ ଖୋଳା କାର୍ଯ୍ୟ ସମ୍ମିଳନୀର କାର୍ଯ୍ୟ ନୁହେଁ । ଅତଏବ ଗୋଟିଏ ଜାତିର ଦୀର୍ଘକାଳର ଜଡ଼ତା, ଦୂର କରି ତା' ହୃଦୟରେ କର୍ତ୍ତବ୍ୟବୋଧ ସୃଷ୍ଟି କରିବା, ସ୍ୱାର୍ଥପରତା ଦୂର କରି ତ୍ୟାଗ ଧର୍ମରେ ଦୀକ୍ଷିତ କରାଇବା, ବ୍ୟକ୍ତିଗତ ଅଭିମାନକୁ ଜାତୀୟ ସ୍ୱାଭିମାନରେ ପରିଣତ କରାଇବା, ଆତ୍ମ ବିସ୍ମୃତ ପ୍ରାଣରେ ଆତ୍ମମର୍ଯ୍ୟାଦାର ଉଦ୍ରେକ କରାଇବା, ମୂର୍ଖ, ଅବିଶ୍ୱାସ ଓ ନିରାଶ ହୃଦୟରେ ଆଶା, ଉତ୍ସାହ ଓ ଅଟଳ ବିଶ୍ୱାସ ଜାଗ୍ରତ କରାଇବା ଏତେ ସହଜସାଧ୍ୟ ନୁହେଁ । ବରଂ କଠିନ ଅଧ୍ୟବସାୟ, ସ୍ୱାର୍ଥତ୍ୟାଗ ଓ ଶକ୍ତିବ୍ୟୟ ନିତାନ୍ତ ଆବଶ୍ୟକ । ପୁଣି ଗଞ୍ଜାମର କୃତି ସନ୍ତାନ ନରସିଂହ ଦାସ, ଉତ୍କଳ ଗୌରବ ମଧୁସୂଦନ, ସମ୍ମିଳନୀର ଭୂତପୂର୍ବ ସଭାପତି ପ୍ରବୀଣ ନୀତିଜ୍ଞ ବୈକୁଣ୍ଠନାଥଙ୍କର ପରାମର୍ଶ ସର୍ବଦା ସ୍ମରଣୀୟ । ଭାରତର ରାଜପ୍ରତିନିଧି ଲର୍ଡ ହାର୍ଡିଞ୍ଜ ଶତାଧିକ ବର୍ଷ ଇଂରାଜ ଶାସନରେ ରହି ଉତ୍କଳକୁ ଶୁଭାଗମନ କରି ଏହା ନଗଣ୍ୟ ଅଞ୍ଚଳ ନୁହେଁ ବୋଲି ପ୍ରମାଣିତ କରିଛନ୍ତି । ସୋନପୁର ଏବଂ ବାମଣ୍ଡାର ମହାରାଜାଙ୍କ ଦାନ ଏକ୍ଷେତ୍ରରେ ଉଲ୍ଲେଖନୀୟ । ପୁଣି ଆଦର୍ଶ ସତ୍ୟବାଦୀ ବନ ବିଦ୍ୟାଳୟର ପ୍ରତିଷ୍ଠା ଉତ୍କଳର ଶିକ୍ଷା ଇତିହାସରେ ଏକ ଅଭିନବ ପ୍ରୟାସ । ରାଜନୈତିକ ଅନୁଷ୍ଠାନ ଭାବରେ ଉତ୍କଳ ସମ୍ମିଳନୀକୁ ଜଡ଼ିତ ନକରି ଜାତି, ବର୍ଣ୍ଣ, ଧର୍ମ, କର୍ମ ଓ ଅବସ୍ଥା ନିର୍ବିଶେଷରେ ପ୍ରତ୍ୟେକ ଓଡ଼ିଆର ସମାନ ଅଧିକାରକୁ ଏଥିରେ ସାବ୍ୟସ୍ତ କରିବା ଉଚିତ୍ । ଅତଏବ କୌଣସି ପ୍ରତିବନ୍ଧକ ନମାନି ଦେଶ ମାତୃକାର ଉନ୍ନତି ତଥା ଜାତୀୟ ଉନ୍ନତି ନିମିତ୍ତ ଏକତାବଦ୍ଧ ହୋଇ ଆଗେଇ ଆସିବା ଉଚିତ । ସୁରଙ୍ଗୀ ରାଜାସାହେବଙ୍କ ପ୍ରସ୍ତାବ କ୍ରମେ ରାୟବାହାଦୁର ଗୋକୁଳାନନ୍ଦ ଚୌଧୁରୀଙ୍କ ଅନୁମୋଦନରେ ଏବଂ ମୋକ୍ତାର ମୁକୁନ୍ଦ ପ୍ରସାଦ ଦାସ, ମହନ୍ତ ରାଧାକାନ୍ତ ଦାସ ଗୋସ୍ୱାମୀ ଓ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ସମର୍ଥନ ଫଳରେ ଜ୍ଞାନୀ, ବୁଦ୍ଧିଜୀବୀ ଓ ଦେଶାନୁରାଗୀ ଉତ୍କଳ ଗୌରବ ମଧୁବାବୁଙ୍କୁ ସମ୍ମିଳନୀର ସଭାପତି କରିଦିଆଗଲା । କେଡେ ବ୍ୟକ୍ତିତ୍ୱ ସଂପନ୍ନ ମହାମାନବ ସେ ? ଅସମ୍ଭବ ପ୍ରକାର ପାରଦର୍ଶିତା । ଆବାଳ ବୃଦ୍ଧ ବନିତା ପ୍ରତ୍ୟେକ ଓଡ଼ିଆଙ୍କ ମନରେ ମଧୁବାବୁଙ୍କ ନାମ ଓ କାର୍ଯ୍ୟ ସଦାସର୍ବଦା ଅନୁରଣିତ । ଶେଷରେ ଉତ୍କଳର ସନ୍ତାନ ସନ୍ତତିମାନଙ୍କୁ ମଧବାବୁ ଆପଣାର ସଭାପତି ଅଭିଭାଷଣରେ ଉଦ୍‌ବୋଧନ ଦେଇ କହିଲେ ଯେ ଉତକଳର ଉନ୍ନତି ସାଧନ ନିମନ୍ତେ ଯାହା-କିଛି ଅନ୍ତରାୟ ସୃଷ୍ଟି କରୁଛି ସେ ସବୁର ଅନୁସନ୍ଧାନ ବର୍ତ୍ତମାନ ସମ୍ମିଳନୀର ଅଧିବେଶନରେ ହେବା ଆବଶ୍ୟକ । ତେଣୁ ଉତ୍କଳ ସମ୍ମିଳନୀର ଅର୍ଥ ବୁଝି ତାର ମହତ୍ତ୍ୱ ଉପରେ ଗୁରୁତ୍ୱ ଦେବାକୁ ହେବ । ସୁତରାଂ ବ୍ୟକ୍ତିଗତ ଜୀବନ ଲୋପ ହୋଇ ଜାତୀୟ ଜୀବନରେ ପରିଣତ ନହେବା ଯାଏ ପ୍ରକୃତ ମିଳନ ଯେଉଁଳି ଅସମ୍ଭବ

ସମ୍ମିଳନୀର ଉନ୍ନତି ମଧ୍ୟ ସେଇଭଳି ଅସମ୍ଭବ । ଅତଏବ ପ୍ରତ୍ୟେକ ବ୍ୟକ୍ତିର ଜାତୀୟ ଜୀବନ ଉପରେ ସେ ଗୁରୁତ୍ୱ ଆରୋପ କରି ବିଭିନ୍ନ ଉଦାହରଣ ମାଧ୍ୟମରେ ଉପସ୍ଥିତ ଜନତାକୁ ପ୍ରଭାବିତ କରିପାରିଥିଲେ । ପୁଣି ଉତ୍କଳର ଶିଳ୍ପ କଳା ଓ ଭାସ୍କର୍ଯ୍ୟର ଉନ୍ନତିର କି କି ଅନ୍ତରାୟ ସୃଷ୍ଟି ହୋଇଛି, ତାହାର ପୁଙ୍ଖାନୁପୁଙ୍ଖ ବିଚାରକରି ବିଦେଶରାଷ୍ଟ୍ର ଭଳି ଆଗେଇ ଆସିବାକୁ ପଡ଼ିବ । ବ୍ୟକ୍ତିଗତ ଉନ୍ନତିକୁ ନ ଦେଖି ଜାତିର ଉନ୍ନତି ବା ଓଡ଼ିଶାର ଉନ୍ନତି ନିମନ୍ତେ ଜୀବନକୁ ଉତ୍ସର୍ଗ ନକଲେ ନିଜର ଜନ୍ମଭୂମି ପ୍ରତି କର୍ତ୍ତବ୍ୟରେ ଅବହେଳା କରୁଛ ବୋଲି ଧରିନେବାକୁ ହେବ । ଏତଦ୍‌ବ୍ୟତୀତ ସ୍ତ୍ରୀଶିକ୍ଷାର ଉନ୍ନତିରେ ଜାତିର ଉନ୍ନତି । ପରିବାରରେ ସ୍ତ୍ରୀର ଭୂମିକା ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ଭବିଷ୍ୟତ ବଂଶଧରମାନଙ୍କୁ ସନାଗରିକ ଭାବରେ ଗଢ଼ି ତୋଳିବା ନିମନ୍ତେ ସ୍ତ୍ରୀର (ମାତାର) ଅବଦାନ ଉଲ୍ଲେଖନୀୟ । ପୁଣି ଏହି ସ୍ତ୍ରୀଶିକ୍ଷାର ଅଭାବ ଯୋଗୁଁ ସମାଜରେ ଚରିତ୍ର ଗଠନ ହୋଇପାରୁନାହିଁ । ମାତା ଶିକ୍ଷିତ ନହେବା ଫଳରେ ପିତା ମାତାଙ୍କ ଭିତରେ ମତପାର୍ଥକ୍ୟ ଦେଖାଦେଲେ ସମାଜରେ ତାର କୁ ପ୍ରଭାବ ପଡେ । ତେଣୁ ଶିକ୍ଷାର ଆବଶ୍ୟକତା ସମାଜରେ ବହୁତ ରହିଛି । କିନ୍ତୁ ଉଚ୍ଚଶିକ୍ଷା ଦ୍ୱାରା ସମାଜରେ ଓକିଲ, ଡେପୁଟି କଲେକ୍ଟରଙ୍କ ସଂଖ୍ୟା ବଢ଼ାଇବା ଏହି ସମ୍ମିଳନୀର ଉଦ୍ଦେଶ୍ୟ ନୁହେଁ । କାରଣ ବ୍ୟକ୍ତିଗତ ଉନ୍ନତି ଏମାନଙ୍କର

ଏହି ପ୍ରସ୍ତାବ ସଂପର୍କରେ ମନଦେଇ ବିଶାଖାପାଟଣାର ଡି. ନରସିଂହ ଗୁପ୍ତ ପାଠକ କହିଲେ, " I have come from Vizagpatam, where your ancient king Purushottam reigned. After Purushottam came Pratap Rudra on 1606, A. D. The Mohamedans Conguered the Country. Then all served as ministers and responsible Officers. our Language is upto the Present Oriya. our Ladies speak no other Language except Oriya. There are only two graduates in Vizagpatam. The chief cause of the want of education is the residence under different Government. We therefore appeal to you the grand Oriya Samaj that you will kindly look to this Jeypore and the adjoining Oriya tracts are as large as Ganjam. All the Rajas that decorate this assembly ought to be moved take active steps for this. I appeal to your generosity to help not only your this mother land but your mother country and thus help my countrymen your brethern in bettering their condition.

ରାୟବାହାଦୁର ସୁଦାମ ଚରଣ ନାୟକ କହିଲେ ଯେ ଭାଷା, ଜାତି ହିସାବରେ ବର୍ତ୍ତମାନ ପ୍ରଦେଶ ଗଠନ କରିବା ଭାରତ ସରକାରଙ୍କ ନୀତି ହୋଇଛି । ଅତଏବ ଏଭଳି ସୁବିଧା ନ ଛାଡ଼ି ଆମର ଜାତୀୟ କର୍ମକ୍ଷେତ୍ରରେ ଅଗ୍ରସର ହେବା ଉଚିତ୍ ।

ଗୋପବନ୍ଧୁ ଦାସ କହିଲେ ଯେ ଗଞ୍ଜାମବାସୀମାନେ ଯେ ଓଡ଼ିଶାର–ଏହା ସମାଜରେ, ଜାତିରେ, ରକ୍ତରେ ଓ ବ୍ୟବହାରରେ ପ୍ରମାଣିତ ହୋଇସାରିଛି । ରାଜନୈତିକ ସୂତ୍ରରେ ଓଡ଼ିଶା ବିଚ୍ଛିନ୍ନ ହୋଇଥିଲେ ସୁଦ୍ଧା ଆମମାନଙ୍କର ମମତା ଓ ସୋଦରତା ବଳରେ ତାହା ସୁଦୃଢ଼ ହୋଇ ପାରିଛି । ତେଣୁ ଆଜି ସୁଦୂର ପାରଳାଖେମୁଣ୍ଡିରୁ ଛାତ୍ରମାନେ ଆସି ସତ୍ୟବାଦୀ ବିଦ୍ୟାଳୟରେ ପାଠ ପଢୁଛନ୍ତି । ଅତଏବ ଓଡ଼ିଆ ରକ୍ତ ଆଜି ସମସ୍ତଙ୍କ ନାଡ଼ିରେ ପ୍ରବାହିତ । ଏଭଳି ଆକର୍ଷଣ ଶକ୍ତିର କଦାପି ବିଲୋପ ହେବନାହିଁ । ଫଳରେ ଆମର ରାଜନୈତିକ ମିଳନ ନିଶ୍ଚୟ ବିଶ୍ୱାସ ଓ କର୍ମ ବଳରେ ସମ୍ଭବ ହୋଇପାରିବ ।

ଶେଷରେ ସଭାପତି ମଧୁବାବୁ ଏ ପ୍ରସଙ୍ଗରେ କହିଲେ ଯେ ସ୍ଥାନେ ସ୍ଥାନେ ମଧ୍ୟ ମଧ୍ୟ ପାଣି ରହିଥିବା ଜଳାଶୟକୁ ଏକତ୍ର କରିବାକୁ ହେଲେ ଯେଉଁଭଳି ଜୁଆରର ଆବଶ୍ୟକତା ରହିଛି । ସେହିଭଳି ଏ ଦେଶକୁ ଏକତ୍ର କରିବାକୁ ହେଲେ ସର୍ବତ୍ର ଜାତୀୟ ଭାବର ଜୁଆର ସୃଷ୍ଟି କରିବାକୁ ହେବ । କେବଳ ବିଶ୍ୱାସ ଓ ଶକ୍ତି ବଳରେ ଜାତୀୟ ଉନ୍ନତିର ଜୁଆର ଗ୍ରାମରୁ ଗ୍ରାମ ପ୍ଲାବିତ କରିବାକୁ ପଡ଼ିବ । ଫଳରେ ଜାତୀୟ ଲକ୍ଷ୍ୟ ପୂରଣ ହୋଇପାରିବ ।

ଷଷ୍ଠ ପ୍ରସ୍ତାବ ଭାବରେ ଏହି ସମ୍ମିଳନୀରେ ଗୃହୀତ ହୋଇଥିଲା ଯେ ପ୍ରତିବର୍ଷ ବଡ଼ଦିନ ଛୁଟି ସମୟରେ ସମ୍ମିଳନୀର ଅଧିବେଶନ କରାଯାଉ ଏବଂ ଏହି ଅଧିବେଶନରେ ଯୋଗଦେବା ନିମିତ୍ତ ତହିଁ ପୂର୍ବରୁ ଅକ୍ଟୋବର ମାସ ପ୍ରଥମ ରବିବାର ଦିନ ଉତ୍କଳର ପ୍ରଧାନ ପ୍ରଧାନ କେନ୍ଦ୍ରସ୍ଥଳ ମାନଙ୍କରେ ପ୍ରତିନିଧି ନିର୍ବାଚନ କରାଯାଉ । ଅତଏବ ସମ୍ମିଳନୀର ସମୟଟି ପୂର୍ବରୁ ସ୍ଥିର କରିବା ଦରକାର ଏବଂ ପ୍ରଧାନ କେନ୍ଦ୍ରଗୁଡ଼ିକରେ ନିର୍ବାଚନ ନିର୍ଦ୍ଦିଷ୍ଟ ଦିନ ହେଲେ ସମସ୍ତଜାତି ମଧ୍ୟରେ ଏକତାର ଭାବ ଓ ଉତ୍ସାହ ସଞ୍ଚାରିତ ହେବ । ପ୍ରତ୍ୟେକ ପଲ୍ଲୀରେ ଗୋଟିଏ ଗୋଟିଏ କ୍ଷୁଦ୍ର ସଭାକରି ନିର୍ବାଚନ କରିବା ଦ୍ୱାରା ସମ୍ମିଳନୀର ପ୍ରକୃତ କାର୍ଯ୍ୟ ସାଧିତ ହେବ । ବଡ଼ଦିନ ଛୁଟିରେ କଂଗ୍ରେସର ଅଧିବେଶନ ବସୁଥିବାରୁ ସମ୍ମିଳନୀ ସଭା ଗୁଡ୍ ଫ୍ରାଇଡ଼େ ଛୁଟିରେ କଲେ ଭଲ ହେବ ବୋଲି ମତ ପ୍ରକାଶ ପାଇଲେ ମଧ୍ୟ କଂଗ୍ରେସର ଖୁବ୍ ଅଳ୍ପ ଲୋକ ଯୋଗ ଦେଉଥିବାରୁ ସମ୍ମିଳନୀର ସଭା ସେହି ବଡ଼ ଦିନ ଛୁଟିରେ ହେବା ଆବଶ୍ୟକ । ଫଳରେ ସମସ୍ତେ ଏକ ଦିନରେ ଏକ ସମୟରେ ଏହି ଜାତୀୟ ଆନ୍ଦୋଳନରେ ଯୋଗ ଦେଇପାରିବେ ।

ଓଡ଼ିଶାରେ ଗୋଟିଏ ଇଞ୍ଜିନିୟରିଂ ସ୍କୁଲର ଅଭାବ ସମ୍ମିଳନୀ ଉପଲବ୍ଧି କରୁଥିବାରୁ ଏହାର ପୂରଣ ନିମନ୍ତେ ସରକାରଙ୍କଠାରେ ଦାବୀ ସ୍ୱରୂପ ପ୍ରାର୍ଥନା କରାଯାଇ ସପ୍ତମ ପ୍ରସ୍ତାବ ଭାବରେ ସର୍ବସମ୍ମତି କ୍ରମେ ଏଥିରେ ଗୃହୀତ ହୋଇଥିଲା ।

ଏହି ସମ୍ମିଳନୀରେ ଅଷ୍ଟମ ପ୍ରସ୍ତାବ ଭାବରେ ଗୃହୀତ ହୋଇଥିଲା ଯେ ଏମାର ମଠ ମହନ୍ତ ଗଦାଧର ରାମାନୁଜ ଦାସ, ରାଧାକାନ୍ତ ମଠ ମହନ୍ତ ରାଧାକୃଷ୍ଣ ଦାସ ଗୋସ୍ୱାମୀ, ଜଗବନ୍ଧୁ ସିଂହ, ପୀତବାସ ପଟ୍ଟନାୟକ, ରାଧାଶ୍ୟାମ ମହାନ୍ତି, ଗୋପୀନାଥ ମିଶ୍ର ଓ ଗୋପବନ୍ଧୁ ଦାସ ପ୍ରଭୃତି ବ୍ୟକ୍ତିମାନଙ୍କୁ ନେଇ ଚଳିତ ବର୍ଷ ନିମନ୍ତେ ପୁରୀରେ ଗୋଟିଏ କାର୍ଯ୍ୟ ନିର୍ବାହିକା ସମିତି ଗଠିତ ହେଉ । ସମ୍ମିଳନୀ ନିମନ୍ତେ ଅର୍ଥ ସଂଗ୍ରହ କରି ବେତନ ଭୋଗୀ କର୍ମଚାରୀ ନିଯୋଗ ଓ ଅନ୍ୟାନ୍ୟ ଆବଶ୍ୟକୀୟ କାର୍ଯ୍ୟ କରିବାର ଭାର ସେମାନଙ୍କ ଉପରେ ରଖାଯାଉ । ଆବଶ୍ୟକ ହେଲେ ସଂଖ୍ୟା ବଢ଼ାଇବାର ଭାର ସେମାନଙ୍କ ଉପରେ ନ୍ୟସ୍ତ ରହୁ । କଟକ ଓ ଗଞ୍ଜାମରେ ସମ୍ମିଳନୀର କାର୍ଯ୍ୟନିର୍ବାହିକା ସମିତି ଯେଉଁଭଳି ଗଠନ କରାଯାଇଛି, ସେହିଭଳି ପୁରୀରେ କରାଗଲେ ପ୍ରତ୍ୟେକ ଓଡ଼ିଆଙ୍କ ମନରେ ଜାତୀୟ ଚେତନା ଆହୁରି ବଳବତ୍ତର ହେବ ଏବଂ ଏଭଳି ଉତ୍ସାହୀ ଓ ଉଦ୍ୟମଶୀଳ ବ୍ୟକ୍ତିମାନଙ୍କ ଆନ୍ତରିକ ପ୍ରଚେଷ୍ଟାରେ ସମ୍ମିଳନୀର କାର୍ଯ୍ୟ ବହୁପରିମାଣରେ ଆଗେଇ ପାରିବ ।

ଘୋଳେ ତୁହି ମା କରୁଣାମୟୀ କରି ଆଦର” ଗାନ ହେଲାପରେ ଟେକ୍‌କାଲିର ଯୁବରାଜଙ୍କ ରଚିତ ‘ଭାବନା” ପଦ୍ୟପୁସ୍ତକଟି ବିତରଣ କରାଯାଇଥିଲା । ତାପରେ ସଭାପତି ମଧୁବାବୁ ଉତ୍କଳ ସମ୍ମିଳନୀଟି ଏକ ରାଜନୈତିକ ଅନୁଷ୍ଠାନ ନୁହେଁ ବୋଲି ପ୍ରମାଣ କଲାପରେ ଆଉ ରାଜନୀତି ଉପରେ ଆଲୋଚନା ଏହି ସମ୍ମିଳନୀରେ ସମ୍ଭବପର ନୁହେଁ । କିନ୍ତୁ ଗତ ବାର୍ଷିକ ରିପୋର୍ଟରେ ସମ୍ମିଳନୀର ଆଲୋଚ୍ୟ ବିଷୟ କୌଣସି ନିୟମାଧୀନ ନଥିବାରୁ ରାଜନୈତିକ ବିଷୟ ଏଥିରେ ଅନ୍ତର୍ଭୁକ୍ତ କରାଗଲା । ବୋଲି ଉଲ୍ଲେଖ ଅଛି । କିନ୍ତୁ ଏହି ଅଧିବେଶନରେ ରାଜନୀତି ଉପରେ ଆଲୋଚନାର ପ୍ରଶ୍ନ ଉଠୁ ନାହିଁ । ଶେଷରେ ଦୁଇଟି ଦେଶାତ୍ମବୋଧ ଗୀତ “ଆଜି ଏ ଆନନ୍ଦ ଧାମେ ଆସ ଆସ ଭାଇମାନେ, ପୂଜିବା ସରବେ ଜନନୀ ପୟର ଉଚିତ କୁସୁମ ଦାନେ” ଏବଂ “ଘରେ ଘରେ ଉଠୁ ଜ୍ଞାନର ଝଙ୍କାର, ଜୟ ବୈଜୟନ୍ତୀ ଉଡୁ ଏକତାର, ହୀନ ଏଦଶା ଯାଉରେ” ଗାନ ହେବାପରେ ସଭାପତିଙ୍କ ଆଦେଶ କ୍ରମେ ତୃତୀୟ ପ୍ରସ୍ତାବ ଗୃହୀତ ହୋଇଥିଲା । ପୁରୀ ଜିଲ୍ଲାର ସତ୍ୟବାଦୀଠାରେ କେତେକ ଉଚ୍ଚଶିକ୍ଷିତ ଯୁବକଙ୍କ ଦ୍ୱାରା ଶିକ୍ଷାର ଉନ୍ନତି ସାଧନ ନିମନ୍ତେ ନିସ୍ୱାର୍ଥପରଭାବେ ଉତ୍କଳରେ ଯେଉଁ ଉଚ୍ଚ ଆଦର୍ଶ ଦେଖାଉଛନ୍ତି, ସେଥିପାଇଁ ସମ୍ମିଳନୀ ତରଫରୁ କନିକା ରାଜାସାହେବ ପ୍ରସ୍ତାବ ଦେଲାପରେ ଫକୀର ମୋହନ ସେନାପତିଙ୍କ, ଦ୍ୱାରା ଅନୁମୋଦିତ ହୋଇ ରାୟବାହାଦୁର ସୁଦାମ ଚରଣ ନାୟକ, ଟେକ୍‌କାଲିର ଯୁବରାଜ ଲକ୍ଷ୍ମୀନାରାୟଣ ଦେବ ଓ ବ୍ରଜସୁନ୍ଦର ଦାସ ପ୍ରମୁଖ ସମର୍ଥନ ଜଣାଇ ଉତ୍ସାହିତ କରିବା ସଙ୍ଗେସଙ୍ଗେ ଧନ୍ୟବାଦ ଦେଇଥିଲେ ।

ସତ୍ୟବାଦୀ ବନବିଦ୍ୟାଳୟର ଆଦର୍ଶ, ନିଷ୍ଠା, ପବିତ୍ରତା, ତ୍ୟାଗ ଓ ଚରିତ୍ରଗଠନ ବାସ୍ତବିକ ଓଡ଼ିଶାର ଶିକ୍ଷାକ୍ଷେତ୍ରରେ ଉନ୍ନତିର ଏକ ଅପୂର୍ବ ଲକ୍ଷଣ ପରିଲକ୍ଷିତ ହୁଏ । ଯୁବକମାନଙ୍କ ହୃଦୟରେ ଜାତିପ୍ରାଣ ବହ୍ନି ପ୍ରଜ୍ୱଳିତ ନହେଲେ ପ୍ରକୃତ ମନୁଷ୍ୟତାର ବିକାଶ ସମ୍ଭବପର ନୁହେଁ । ଗୋପବନ୍ଧୁ, ନୀଳକଣ୍ଠ ଓ ଗୋଦାବରୀଶମାନଙ୍କ ଭଳି ଆଦର୍ଶ ଓ ତ୍ୟାଗୀ ଶିକ୍ଷକ ବହୁ ବାଧାବିଘ୍ନ ସତ୍ତ୍ୱେ ସେମାନଙ୍କ ଉଦାର ଓ ସହାନୁଭୂତିଶୀଳ ମନୋଭାବ ଯୋଗୁଁ କୁଳଛାତ୍ରମାନଙ୍କୁ ମଣିଷଭଳି ଗଢ଼ିତୋଳି ଭବିଷ୍ୟତର ଜାତୀୟ ଉନ୍ନତିରେ ଅଗ୍ରସର କରାଇ ପାରିଥିଲେ ।

ପୁଣି ଚତୁର୍ଥ ପ୍ରସ୍ତାବ ଭାବରେ ଶତାଧିକବର୍ଷ ଇଂରେଜ ଶାସନରେ ରହି ଭାରତର ରାଜପ୍ରତିନିଧି ଲର୍ଡ ହାର୍ଡିଞ୍ଜ ଓଡ଼ିଶା ଆଗମନ କାଳରେ ଓଡ଼ିଆମାନଙ୍କ ପ୍ରତି ସହାନୁଭୂତି ପ୍ରକାଶ କରିବା ହେତୁ ଏହି ସମ୍ମିଳନୀ ତରଫରୁ କୃତଜ୍ଞତା ଜଣା ଯାଇଥିଲା । କିନ୍ତୁ ସେ ୧୯୧୩ ନଭେମ୍ବର ୨୮ ତାରିଖରେ କଟକକୁ ଆସି ଅଳ୍ପକାଳ ରହିବା ଫଳରେ ଓଡ଼ିଆମାନଙ୍କ ନ୍ୟାଯ୍ୟଦାବୀ ଠିକଭାବରେ ପ୍ରତିପାଦିତ ଓ ଆଲୋଚିତ ହୋଇପାରିଲା ନାହିଁ । ଶହେବର୍ଷ ପରେ ଓଡ଼ିଶା ପରି ପ୍ରାଚୀନ ପ୍ରଦେଶକୁ ଆସି ହଠାତ୍ ଚାଲିଯିବା ଓଡ଼ିଶାବାସୀଙ୍କ ମନରେ ଅଶେଷ ଦୁଃଖ । ଅତଏବ ଓଡ଼ିଆମାନଙ୍କ ପ୍ରତି ସରକାରଙ୍କ ଅବହେଳାର ପରିଣାମକୁ ଆଲୋଚନା କରିବା ପାଇଁ ଲାଟ୍‌ସାହେବ ସମୟ ପାଇ ନଥିବା କଥା ଏହି ସମ୍ମିଳନୀ ବିବେଚନା କରନ୍ତି । ତେଣୁ ଆଉଥରେ ଆସି ସେ ଓଡ଼ିଆମାନଙ୍କର ଦୁଃଖଦୁର୍ଦ୍ଦଶା ଉପଲବ୍ଧି କରିବା ଉଚିତ ବୋଲି ସମସ୍ତେ ମତ ଦେଇଥିଲେ । ଶହେ ବର୍ଷରୁ ଅଧିକ ଓଡ଼ିଶା ଇଂରେଜମାନଙ୍କ ଶାସନାଧୀନରେ ରହିଥିଲେ ସୁଦ୍ଧା କୌଣସି ବଡ଼ଲାଟ ଏଠାକୁ ଆସି ନଥିଲେ । ତେଣୁ ପ୍ରଜାପ୍ରିୟ ଲର୍ଡ ହାର୍ଡିଞ୍ଜଙ୍କର ଆଗମନ ଓଡ଼ିଶାବାସୀଙ୍କ ପ୍ରତି ସମବେଦନା ବୋଲି କୁହାଯାଇପାରେ ।

ଧରାକୋଟ ରାଜାସାହେବ ପଞ୍ଚମ ପ୍ରସ୍ତାବ ଭାବରେ ଉପସ୍ଥାପନ କରି କହିଲେ ଯେ ମାନ୍ଦ୍ରାଜ ପ୍ରଦେଶରେ ଥିବା ଓଡ଼ିଆମାନେ ବିହାର-ଓଡ଼ିଶା ପ୍ରଦେଶର ଓଡ଼ିଆମାନଙ୍କ ସହିତ ଏକ ଶାସନାଧୀନରେ ନରହିବା ପର୍ଯ୍ୟନ୍ତ ପ୍ରକୃତ ଉନ୍ନତି ଅସମ୍ଭବ । ରାୟ ବାହାଦୁର ଗୋକୁଳାନନ୍ଦ ଚୌଧୁରୀଙ୍କ ଅନୁମୋଦନକ୍ରମେ ଶେଷରେ ଡି. ନରସିଂହ ରାଓ ପାଠକ, ରାୟବାହାଦୁର ସୁଦାମ ଚରଣ ନାୟକ, ରାମକୃଷ୍ଣ ପଟ୍ଟନାୟକ ଏବଂ ଗୋପବନ୍ଧୁ ଦାସ ପ୍ରଭୃତିଙ୍କ ଦ୍ୱାରା ସମର୍ଥନ ଲାଭ କରିଥିଲା ।

ଧରାକୋଟ ରାଜାସାହେବ ଉକ୍ତ ପ୍ରସ୍ତାବଟିକୁ ବର୍ଣ୍ଣନା କରି କହିଲେ ଯେ ମାନ୍ଦ୍ରାଜ ପ୍ରଦେଶସ୍ଥ ଗଞ୍ଜାମ ଜିଲ୍ଲା ଏବଂ ଜୟପୁର ଏଜେନସିକୁ ଓଡ଼ିଆ ରାଜ୍ୟ ବୋଲି କୁହାଯାଇ ପାରେ । ସ୍ଥାନେ ସ୍ଥାନେ ଏଥିରେ ତେଲୁଗୁ ଲୋକ ଥିଲେ ହେଁ ସମସ୍ତ ଲୋକସଂଖ୍ୟା ତୁଳନାରେ ସେମାନଙ୍କ ସଂଖ୍ୟା ଅତିଅଳ୍ପ ଏବଂ ଯେ କୌଣସି ସୀମାନ୍ତ ଜିଲ୍ଲାରେ ଏହିପରି ଅନ୍ୟ ଜାତୀୟ ଲୋକ ଅଧିବାସୀ ଥିବାର ଦେଖାଯିବେ । କିନ୍ତୁ ଯେଉଁ ଜାତିର ଲୋକେ ଅଧିକ ସେହି ଜାତିର ଲୋକଙ୍କ ସହିତ ସେହି ଜିଲ୍ଲାର ଶାସନ ସମ୍ବନ୍ଧ ସ୍ଥାପିତ ହେବା ଉଚିତ୍ । ଏହା ପ୍ରଜା ଓ ଶାସନ ପକ୍ଷେ ବହୁ ସୁବିଧାଜନକ । ଅତଏବ ଓଡ଼ିଆମାନେ ଏକ ଶାସନାଧୀନ ନହେବା ପର୍ଯ୍ୟନ୍ତ ସେମାନଙ୍କର ସମୂହ ଉନ୍ନତି ଅସମ୍ଭବ ।


ରାୟବାହାଦୁର ଗୋକୁଳାନନ୍ଦ ଚୌଧୁରୀ କହିଲେ ଯେ ଯେଉଁ ଓଡ଼ିଶା ପୂର୍ବେ ଏକ ସରକାରଙ୍କର ଶାସନାଧୀନ ଥିଲା ତାହା ଆଜି ଚାରୋଟି ସରକାରଙ୍କ ଅଧୀନରେ ଖଣ୍ଡ ବିଖଣ୍ଡିତ ହୋଇ ରହିଛି । ଏକତ୍ର ହୋଇ ଶାସିତ ହେଲେ ଓଡ଼ିଆ-ଭାଷାର ଉନ୍ନତି ଓ ରକ୍ଷା ସମ୍ଭବ ହୋଇ ପାରିବ । ମାନ୍ଦ୍ରାଜରେ ଥିବା ଓଡ଼ିଆମାନେ ଆଇନ, ଭାଷା ଓ ଅନ୍ୟାନ୍ୟ ବିଷୟରେ ବହୁ ଅସୁବିଧା ଭୋଗ କରୁଛନ୍ତି । ଅତଏବ ଓଡ଼ିଶା ଏକତ୍ର ହେଲେ ମତାମତ ଦେବା ସହିତ ଯେ କୌଣସି କାର୍ଯ୍ୟ ସହଜରେ କରାଯାଇ ପାରିବ । ଫଳରେ ଆମ୍ଭ-ମାନଙ୍କର ଜାତୀୟ ଶକ୍ତି ବୃଦ୍ଧି ହେବ । ପୁଣି Bengl Partition ଉଠିବ ନାହିଁ କାହିଁକି ? ଭାରତବର୍ଷର ମାନଚିତ୍ର ଦେଖିଲେ ଓଡ଼ିଆଭାଷୀ ପ୍ରଦେଶକୁ ଏକ ଶାସନାଧୀନ କରିବା ଲାଗି ସୀମାଗତ ଅସୁବିଧା ମଧ୍ୟ କିଛି ଘଟିବ ନାହିଁ ।

ପକ୍ଷରୁ ଧନ୍ୟବାଦ ଦେଇଥିଲେ । ସର୍ବଶେଷରେ ଦୁଇଟି ଦେଶାତ୍ମବୋଧ ସଙ୍ଗୀତ "ଜାଗେ ଜାଗ ସମସ୍ତ ଉତ୍କଳୀ, ନିଃସ୍ୱାର୍ଥପର ବଶରେ ହୋଇ କୁଶଳେ ସୁକୌଶଳୀ, ସାଧନାରେ ଲକ୍ଷ ବୁଦ୍ଧି ମନ ଯୋଗେ କାର୍ଯ୍ୟସାଧି, କାମନାକୁ କର ସିଦ୍ଧି ଦେଇଣ ନ୍ୟାୟେ ଆହୁତାଞ୍ଜଳି" ଏବଂ "କେତେ ଯୁଗ ଯୋଗେ ଆଜି ପାହିଛି ରଜନୀ, ଉତ୍କଳ ସଭାରେ ଶୋଭା ଉତ୍କଳ ଜନନୀ । ହୋଇ ପଡେ ଉତଃସ୍ଥିତ ହୋଇ ଆଜି ଏକତ୍ରିତ, ହେଉଛନ୍ତି କୋଟାଗ୍ରତ ଦୁଃଖିଧନ ପ୍ରସବିନୀ" ଗାନ ହେବା ସମୟରେ ଉତ୍କଳ ମାତାଙ୍କର ଘନ ଘନ ଜୟଧ୍ୱନି କରାଯାଇଥିଲା ।

ପୁରୀରେ ଅନୁଷ୍ଠିତ ଉତ୍କଳ ସମ୍ମିଳନୀର ନବମ ଅଧିବେଶନରେ ଯେଉଁ ଯେଉଁ ପ୍ରସ୍ତାବଗୁଡ଼ିକ ସର୍ବସମ୍ମତି-କ୍ରମେ ଗୃହୀତ ହୋଇଥିଲା, ତାହା ପରବର୍ତ୍ତୀ ସମ୍ମିଳନୀର ଅଧିବେଶନଗୁଡ଼ିକରେ ଆଲୋଚିତ ହୋଇ ପ୍ରବଳ ଜନସମର୍ଥନ ପ୍ରକାଶ ପାଇଥିଲା । ତେଣୁ ଉତ୍କଳୀୟମାନଙ୍କ ମନରେ ଗଣ ଚେତନା ସୃଷ୍ଟି କରିବା ନିମିତ୍ତ ପ୍ରତିବର୍ଷ ବିଭିନ୍ନ ସ୍ଥାନରେ ସମ୍ମିଳନୀର ଅଧିବେଶନଗୁଡ଼ିକ ଆହ୍ୱାନ କରାଯାଉଛି । ଜାତୀୟବାଦୀ ଚିନ୍ତାଧାରାରେ ଉଦ୍‌ବୁଦ୍ଧ ଯୁବକମାନେ ଏହି ସମ୍ମିଳନୀ ମାଧ୍ୟମରେ ବ୍ରିଟିଶ ସରକାର ନିକଟରେ ନ୍ୟାଯ୍ୟ ଦାବୀ ଉପସ୍ଥାପିତ କରିବାପାଇଁ ସୁଯୋଗ [illegible]ପାରିଲେ । ତେଣୁ ଓଡ଼ିଆମାନଙ୍କର ଏକତ୍ରୀକରଣ ଏବଂ ବିଭିନ୍ନ ଦାବୀ ପୂରଣ ନିମନ୍ତେ ସରକାରଙ୍କୁ ସଚେତନ କରାଇବା ଯୋଗୁଁ ୧୯୩୬ ମସିହା ଅପ୍ରେଲ ପହିଲରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ଗଠିତ ହୋଇଥିଲା । ଅତଏବ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଦିଗରେ ଉତ୍କଳ ସମ୍ମିଳନୀର ସାମଗ୍ରିକ ଭୂମିକା ବାସ୍ତବିକ୍ ଉଲ୍ଲେଖନୀୟ ।

---

ସ୍ନାତକୋତ୍ତର ଓଡ଼ିଆ ବିଭାଗ,
ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ମହାବିଦ୍ୟାଳୟ,
ପାରଳାଖେମୁଣ୍ଡି, ଗଞ୍ଜାମ-୭୬୧୨୦୦ ।



ନବମ ପ୍ରସ୍ତାବ ଭାବରେ ସିଂହଭୂମୀ ଜିଲ୍ଲାରେ ଓଡ଼ିଆ କଚେରୀ ଭାଷା ହୋଇ ନ ଥିବାରୁ ଓଡ଼ିଆମାନଙ୍କ ହେଉଥିବା ଅସୁବିଧା ଦୂର କରିବା ପାଇଁ ବିହିତ ଉପାୟ ଅବଲମ୍ବନ କରାଯାଉ ବୋଲି ଅନୁମୋଦିତ ହୋଇ ଶେଷରେ ଗହୀତ ହୋଇଥିଲା । ଓଡ଼ିଆଭାଷା ପ୍ରଚଳନ ସମ୍ବନ୍ଧରେ ଗଞ୍ଜାମ ଓଡ଼ିଆମାନଙ୍କ ତରଫରୁ ୧୮୭୦ ସାଲରେ ଆନ୍ଦୋଳନ ଆରମ୍ଭ ହୋଇଥିଲା । ୧୮୯୦ ସାଲରେ ମାନ୍ଦ୍ରାଜ ସରକାର ଓଡ଼ିଆ ତେଲୁଗୁ ଦୁଇଭାଷା କୋର୍ଟ ଭାଷା ରୂପେ ଗ୍ରହଣ କଲେ । ଏହା ପୂର୍ବରୁ ତେଲୁଗୁ ଭଷା କେବଳ କୋର୍ଟ-ଭାଷାରୂପେ ପ୍ରଚଳିତ ଥିଲା । ଓଡ଼ିଆ ଭାଷା କେବଳ କୋର୍ଟଭଷା ରୂପେ ଗ୍ରହଣ କରିବା ନିମନ୍ତେ ଗଞ୍ଜାମ ଓଡ଼ିଆମାନେ ଆନ୍ଦୋଳନ କରିବା ଫଳରେ ଘୁମୁସରରେ ଆସନ୍ତା ୧୯୧୪ ଜାନୁୟାରୀ ପ୍ରଥମ ତାରିଖଠାରୁ କେବଳ ଓଡ଼ିଆ କୋର୍ଟଭାଷା ରୂପେ ପ୍ରଚଳତ ହେବ ବୋଲି ସରକାରୀ ଆଦେଶ ପ୍ରକାଶ ପାଇଲା । ସେହିଭଳି ସିଂହଭୂମି ଓଡ଼ିଆମାନେ ମଧ୍ୟ ସମଦୁଃଖରେ ଭାଗୀ । ସିଂହଭୂମିରେ କୋର୍ଟକଚେରୀରେ ଓଡ଼ିଆଭାଷା ପ୍ରଚଳନ ବିରୁଦ୍ଧରେ ରହିତାଦେଶ ହୋଇଛି । ପୁଣି ଜନସଂଖ୍ୟା ଇତିହାସ, ସାମାଜିକ ରୀତିନୀତି ଓ ବୈବାହିକ ସମ୍ବନ୍ଧ କ୍ଷେତ୍ରରେ ସିଂହଭୂମିରେ ଓଡ଼ିଆଭାଷାର ପ୍ରଚଳନ ଦାବୀ ଯଥାର୍ଥରେ ଗୁରୁତ୍ୱପୂର୍ଣ୍ଣ । କାରଣ ଓଡ଼ିଆଭଷୀ ଜନସଂଖ୍ୟା ସିଂହଭୂମିରେ ଅନ୍ୟାନ୍ୟ ଭାଷାଭାଷୀ ଜାତି ତୁଳନାରେ ଯଥେଷ୍ଟ ଅଧିକ ।

ଓଡ଼ିଶାର କେଶରୀ ବଂଶୀୟ ରାଜାମାନେ ଯାଇ ସେଠାରେ ରାଜ୍ୟ ସ୍ଥାପନ କରିଥିବାରୁ ସେମାନଙ୍କ ନାମାନୁସାରେ ସିଂହଭୂମି ହୋଇଛି । ଏହି ଜିଲ୍ଲାର ରାଜା ଜମିଦାର ସମସ୍ତେ ପ୍ରାୟ ଓଡ଼ିଆ । ଖଡ଼ୈଇକଳା ଖରସୁଆଁର ରାଜା ଓ ସମ୍ଭ୍ରାନ୍ତ ବ୍ୟକ୍ତିମାନେ ସମସ୍ତେ ଓଡ଼ିଆ ଭାଷାରେ କଥାବାର୍ତ୍ତା କରନ୍ତି । କିନ୍ତୁ ଆଜି ସିଂହଭୂମ ଓଡ଼ିଆମାନଙ୍କର ହିନ୍ଦୀ ବା ବଙ୍ଗଳା ବ୍ୟବହାର ଯୋଗୁଁ ମାତୃଭାଷାର ଅବସ୍ଥା ଏହିଭଳି । ପୂର୍ବରୁ ଏହିସବୁ ଅଞ୍ଚଳରେ ଓଡ଼ିଆ ଭାଷା ଥିଲ । ତା'କୁ ଉଠାଇଦେଇ ହିନ୍ଦୀ ଓ ବଙ୍ଗଳା କଚେରୀ ଭାଷାରୂପେ ବ୍ୟବହୃତ ହେଲା । ତା' ପରେ ସେମାନେ ଆପତ୍ତି କରିବାରୁ ଓଡ଼ିଆ ଭାଷା ପୁନଃ ପ୍ରଚଳନ ହେଲା । ଖଡ଼ୈଇକଳାର ଉଦିତ୍ କୁଦ୍ ଖରସୁଆଁର ପଣ୍ଡିତ କୃଷ୍ଣଚନ୍ଦ୍ର ଆର୍ଯ୍ୟଙ୍କର ଅବଦାନ ଏ କ୍ଷେତ୍ରରେ ଉଲ୍ଲେଖନୀୟ । ଅତଏବ ଲୋକମାନଙ୍କ ଭାଷା ବିଦ୍ୟାଳୟ ଓ କଚେରୀ ପ୍ରଭୃତିର ଭାଷା ଥିବା ସତ୍ତ୍ୱେ ସିଂହଭୂମି ଜିଲ୍ଲାରେ ଓଡ଼ିଆ ଭାଷାର ବ୍ୟବହାର ନ ହେବା ଅତ୍ୟନ୍ତ ପରିତାପର ବିଷୟ। ତେଣୁ ଓଡ଼ିଆ ଜାତିର ଉନ୍ନତିରେ ଏହା ପ୍ରଧାନ ଅନ୍ତରାୟ । ଅତଏବ ସିଂହଭୂମିର କଚେରୀ ଓ ସ୍କୁଲମାନଙ୍କରେ ଓଡ଼ିଆ ଭାଷାର ପ୍ରଚଳନ ନିମିତ୍ତ ସମସ୍ତେ ଅଣ୍ଟାଭିଡ଼ି ଆଗେଇ ଆସିବା ଉଚିତ୍ । ପୁଣି ପ୍ରାଦେଶିକ ବ୍ୟବସ୍ଥାପକ ସଭା ଏବଂ (Imperial Council) ରେ ଯୋଗ ଦେଇଥିବା ନିର୍ବାଚିତ ଓ ମନୋନୀତ ଓଡ଼ିଆ ସଭ୍ୟମାନେ ପ୍ରସ୍ତାବିତ ବିଷୟ ଉପରେ ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଥିଲା ।

ସମ୍ମିଳନୀର ଦଶମ ପ୍ରସ୍ତାବ ଭାବରେ ଓଡ଼ିଶାରେ ଏମ୍. ଏ., ବି. ଏଲ. କ୍ଲାସ ନ ଥିବାରୁ ଉଚ୍ଚଶିକ୍ଷାଭିଳାଷୀ ଛାତ୍ରମାନେ ଉଚ୍ଚ ଶିକ୍ଷାରୁ ବଞ୍ଚିତ ହେଉଥିବାରୁ କଟକରେ ଏମ୍. ଏ., ବି. ଏଲ. ଶ୍ରେଣୀ ଖୋଲିବା ସକାଶେ ସରକାରଙ୍କୁ ପ୍ରାର୍ଥନା କରାଯାଉ ଏବଂ ପ୍ରସ୍ତାବର ନକଲ ପ୍ରାଦେଶିକ ସରକାର ଏବଂ ବିଶ୍ୱବିଦ୍ୟାଳୟ କମିଶନଙ୍କ ନିକଟକୁ ପଠାଯାଉ ବୋଲି ମୁକୁନ୍ଦପ୍ରସାଦ ଦାସ କହିବା ପରେ ରମେଶଚନ୍ଦ୍ର ରାୟଙ୍କ ଦ୍ୱାରା ତାହା ଅନୁମୋଦିତ ହୋଇ ଗଣେଶ ମହାପାତ୍ରଙ୍କ ଦ୍ୱାରା ସମର୍ଥିତ ହୋଇଥିଲା । ପୂର୍ବରୁ ବି. ଏଲ. କ୍ଲାସ୍ ରେଭେନ୍ସା କଲେଜରେ ଥିବା ବେଳେ ରାୟ ବାହାଦୁର ଗୋକୁଳାନନ୍ଦ ଚୌଧୁରୀ, ଜାନକୀନାଥ ବୋଷ ପ୍ରଭୃତି କୃତୀ ଓକିଲମାନେ ଆଇନ୍ ବିଦ୍ୟା ଶିକ୍ଷା କରିଥିଲେ । କିନ୍ତୁ କଟକ କଲେଜରେ ବି. ଏଲ. କ୍ଲାସ ରଖା ଗଲେ ଓଡ଼ିଶାବାସୀଙ୍କର ଆଇନ୍ ଅଧ୍ୟୟନରେ ବହୁତ ସୁବିଧା ହେବ । ତେଣୁ ଏମ୍. ଏ. ସାଙ୍ଗକୁ ବି. ଏଲ. ଶ୍ରେଣୀ ଖୋଲିବାର ସୁବିଧା କରାଗଲେ ଓଡ଼ିଆମାନେ ଉଚ୍ଚଶିକ୍ଷା ଲାଭ କରି ଜାତିର ଉନ୍ନତିରେ ବ୍ରତୀ ହୋଇ ପାରିବେ ।

ସର୍ବଶେଷ ପ୍ରସ୍ତାବ ଭାବରେ ଗଞ୍ଜାମ ଜିଲ୍ଲାର ଘୁମୁସର ତାଲୁକାରେ ଓଡ଼ିଆକୁ ଏକମାତ୍ର କଚେରୀ ଭାଷା ରୂପେ ମଞ୍ଜୁର କରିଥିବା ଯୋଗୁଁ ଗଞ୍ଜାମ ଜିଲ୍ଲାର ଜିଲ୍ଲାପାଳ ମ୍ୟାକ୍ ମାଇକେଲ ଏବଂ ମାନ୍ଦ୍ରାଜର ଶାସନକର୍ତ୍ତା ଲର୍ଡ ପେଣ୍ଟଲ୍ୟାଣ୍ଡଙ୍କୁ ଧନ୍ୟବାଦ ଦେବା ନିମିତ୍ତ କନିକା ରାଜା ସାହେବ ସମ୍ମିଳନୀ ପକ୍ଷରୁ ମତ ଦିଅନ୍ତେ ତାହା ରାୟବାହାଦୁର ସୁଦାମଚରଣ ନାୟକଙ୍କ ଦ୍ୱାରା ଅନୁମୋଦିତ ହୋଇ ଅପର୍ତ୍ତି ପଣ୍ଡାଙ୍କ ଦ୍ୱାରା ସମର୍ଥନ ଲାଭ କରିଥିଲା । କାରଣ ଗଞ୍ଜାମ ଓଡ଼ିଶା ସହିତ ନ ମିଶିବା ଯାଏ ଏ ଆଲୋଚନା କ୍ରମାଗତ ଚାଲୁ ରହିବ । ତେଲୁଗୁମାନେ ସରକାରୀ କର୍ମରେ ଉଚ୍ଚ ପଦରେ ରହିଥିବାରୁ ଓଡ଼ିଆ ଭାଷା କଚେରୀ ପ୍ରଭୃତିରେ ଅନାଦୃତ ହୋଇ ରହିଛି । ତେଣୁ ଗଞ୍ଜାମର ଜିଲ୍ଲାପାଳ ଘୁମୁସର ତାଲୁକାରେ ଓଡ଼ିଆକୁ ଏକମାତ୍ର କଚେରୀ ଭାଷା ରୂପେ ଘୋଷଣା କରିଛନ୍ତି । ଫଳରେ ଗଞ୍ଜାମରେ ଓଡ଼ିଆ ପ୍ରାଧାନ୍ୟର ସୂତ୍ରପାତ ହୋଇଛି । ମାନ୍ଦ୍ରାଜ ସରକାର ଓଡ଼ିଶାର ଅନ୍ୟ ତାଲୁକମାନଙ୍କରେ ଓଡ଼ିଆ ଭାଷାର ପ୍ରଚଳନ ପାଇଁ ନିଶ୍ଚୟ ଦୃଷ୍ଟିଦେବେ ବୋଲି ମତ ପ୍ରକାଶ ପାଇଥିଲା । ଗଞ୍ଜାମର ପନ୍ଦର ଲକ୍ଷ ଓଡ଼ିଆ ତେଲୁଗୁ ଭାଷାର ପ୍ରଭାବରେ ଆଜି ଶ୍ରୀ ହୀନ । ସ୍କୁଲ, କଲେଜ ଓ ରାଜ ଦରବାରରେ ତେଲୁଗୁ ଭାଷାର ପ୍ରଭାବ ଯୋଗୁଁ ଉତ୍କଳର କବିମାନଙ୍କ ମହତ୍ତ୍ୱ ଓ ପରାକାଷ୍ଠା ଆଜି ସତେ ଯେମିତି ନିଷ୍ପ୍ରଭ ।

ଶେଷରେ ସଭାପତି ସ୍ୱେଚ୍ଛାସେବୀମାନଙ୍କୁ ଉପଦେଶାତ୍ମକ ଉତ୍ସାହ-ବାଣୀ ଶୁଣାଇ କୃତଜ୍ଞତା ଓ ଧନ୍ୟବାଦ ଜଣାଇଥିଲେ । ପରିଶେଷରେ ପୀତବାସ ପଟ୍ଟନାୟକ ସଭାପତି, ଆଗନ୍ତୁକ ସଭ୍ୟ ଓ ପ୍ରତିନିଧିମାନଙ୍କୁ କାର୍ଯ୍ୟ ନିର୍ବାହିକା ସମିତି

ମନରେ ଆତ୍ମବିଶ୍ୱାସ ଦୃଢ଼ କରିବାରେ ଉତ୍କଳ ସମ୍ମିଳନୀ ପ୍ରଭୂତ ସାହାଯ୍ୟ କରିଥିଲା । ସ୍ୱରାଜ୍ୟପ୍ରାପ୍ତି ଉତ୍କଳ ସମ୍ମିଳନୀର ମୁଖ୍ୟ ଲକ୍ଷ୍ୟ । ୧୯୨୦ ମସିହାରେ ଏହି ସମ୍ମିଳନୀର କାର୍ଯ୍ୟକଳାପ ଶେଷ ହୋଇଗଲା । ତାପରେ ଜାତୀୟ ରାଜନୈତିକ ଆନ୍ଦୋଳନରେ ଓଡ଼ିଶା ନିମଗ୍ନ ହେଲା । କଂଗ୍ରେସ ନିୟମାବଳୀରେ ଭାଷାସୂତ୍ରେ ପ୍ରଦେଶ ଗଠନ ସେହି ସମୟରେ ଅନ୍ତର୍ଭୁକ୍ତ ହୋଇଥିଲା ।

ଉତ୍କଳ ସମ୍ମିଳନୀର ଅଧିବେଶନ ୧୯୨୧ ମସିହାଠାରୁ ପ୍ରାୟ ବନ୍ଦ ହୋଇ ଯାଇଥିଲେ ହେଁ ୧୯୨୩ ମସିହାରେ ତାହା ଗଞ୍ଜାମଠାରେ ପୁନର୍ଜୀବିତ ହୋଇ ପାରିଥିଲା । କିନ୍ତୁ ଏହା ପୂର୍ବ ଭଳି ଜନପ୍ରିୟ ଓ କାର୍ଯ୍ୟକ୍ଷମ ହୋଇପାରି ନ ଥିଲା । ଏହିପରି କିଛି ବର୍ଷ କଟି ଗଲା ପରେ ୧୯୩୦ ମସିହାରେ ଫିଲିପ୍-ଡଫ୍ କମିଶନଙ୍କ ତଦନ୍ତ ସମୟରେ ରାୟବାହାଦୁର ଲକ୍ଷ୍ମୀଧର ମହାନ୍ତିଙ୍କ ସଭାପତିତ୍ୱରେ 'ଉତ୍କଳ ୟୁନିୟନ କମିଟି' ଗଠିତ ହୋଇଥିଲା । ଏହି ନୂତନ କମିଟୀ ଓଡ଼ିଶାର ସୀମା ନିର୍ଣ୍ଣୟରେ ସାହାଯ୍ୟ କରିବା ପାଇଁ ରାୟସାହେବ ସୁଦର୍ଶନ ଦାସ, ମିଷ୍ଟର୍ ଡି. ଦାସ, ବାବୁ ବିଚିତ୍ରାନନ୍ଦ ଦାସ, ରାୟବାହାଦୁର ଅଭୟଚନ୍ଦ୍ର ଦାସ, ବାବୁ ଲକ୍ଷ୍ମୀନାରାୟଣ ପଟ୍ଟନାୟକଙ୍କୁ ଦାୟିତ୍ୱ ଦେଇଥିଲା । 'ଉତ୍କଳ ସମ୍ମିଳନୀ' ଥିଲା ମଧୁସୂଦନ ଦାସଙ୍କ ମାନସପୁତ୍ର । ସମ୍ମିଳନୀ ତାଙ୍କରି ଲାଳନ ପାଳନରେ କୋଡ଼ିଏ ବର୍ଷ କାଳ ବଞ୍ଚି ପାରିଥିଲା । 'କି କୁକ୍ଷଣରେ ଚକ୍ରଧରପୁରରେ ସମ୍ମିଳନୀର ଅଧିବେଶନ ହେଲା, ସମ୍ମିଳନୀ ସେହିଠାରେ ଆତ୍ମହତ୍ୟା କଲା' । ତଥାପି ପରୋକ୍ଷରେ ଉତ୍କଳର ହିତସାଧନ ନିମନ୍ତେ ମଧୁସୂଦନ ଦାସ ଚିନ୍ତା କରୁଥିଲେ ।

୧୯୩୦ ମସିହା ବେଳକୁ ସମଗ୍ର ଓଡ଼ିଶାର ଲୋକସଂଖ୍ୟା ଥିଲା ୯୬,୯୭,୦୫୧ । ବିହାର-ଓଡ଼ିଶାରେ ଓଡ଼ିଆଙ୍କ ସଂଖ୍ୟା ୪,୭୯,୮୨,୬୮୨; ଓଡ଼ିଶା ଗଡ଼ଜାତମାନଙ୍କରେ ୨୧,୪୦,୯୬୬; ମଧ୍ୟପ୍ରଦେଶରେ ୧,୯୦,୨୯୪; ମଧ୍ୟପ୍ରଦେଶ ଗଡ଼ଜାତମାନଙ୍କରେ ୫୮,୫୭୮ ଏବଂ ବଙ୍ଗଳାରେ ୧,୪୨,୧୦୭ । କହିବାକୁ ଗଲେ ସମୁଦାୟ ଓଡ଼ିଆଙ୍କ ମଧ୍ୟରୁ ଏକ ପ୍ରକାର ଅଧେ ବିହାର-ଓଡ଼ିଶାରେ, ବାକୀ ଅଧେ ଏଠିସେଠି ବିକ୍ଷିପ୍ତ ହୋଇ ପଡ଼ିଛନ୍ତି । ଏ ସମସ୍ତଙ୍କୁ ଏକାଠି କରିବାକୁ ପଡ଼ିବ । ପୁନଶ୍ଚ ମାଳରାଜ୍ୟ ଓଡ଼ିଶା ଅନ୍ତର୍ଭୁକ୍ତ ହେଉ ନାହିଁ । ମାଡ୍ରାଜ ସରକାର ଏହାର ବିରୋଧୀ । ମାଳରାଜ୍ୟର ଆୟତନ ୧୨,୦୦୦ ବର୍ଗ ମାଇଲ୍ । ତାହା ଓଡ଼ିଆ ରାଜ୍ୟ ଏବଂ ତହିର ତିନି ପାଖରେ ଓଡ଼ିଆ ରାଜ୍ୟ । କଚେରୀମାନଙ୍କରେ ଓଡ଼ିଆ ଭାଷା ପ୍ରଚଳିତ । ଏପରିକି କନ୍ଧମାନେ ଓଡ଼ିଆ ଭାଷା ଶିକ୍ଷା କରି ଆସୁଅଛନ୍ତି । ଶ୍ରୀଯୁକ୍ତ ବିକ୍ରମ ଦେବ ବର୍ମା ଦେଶ ମିଶ୍ରଣ ସମ୍ବନ୍ଧରେ ଖଣ୍ଡିଏ ନିବେଦନ ପତ୍ର ପ୍ରଚାର କରିଥିଲେ । ୭-୧୨-୧୯୩୦ ମସିହାରେ ବିଶାଖାପାଟଣାଠାରେ ଗୋଟିଏ ସଭା ଡକାଇଥିଲେ । ମାଳ ରାଜ୍ୟକୁ ବାଦ ଦେବାର ପ୍ରସ୍ତାବର ତୀବ୍ର ପ୍ରତିବାଦ କରାଯାଇଥିଲା ଏବଂ ସଭାର ଦୃଢ଼ ଅଭିମତ ଯେ ମାଳରାଜ୍ୟ ଓଡ଼ିଶା ସଙ୍ଗେ ସମ୍ମିଳିତ ହେବା ବାଞ୍ଛନୀୟ । ସେହିପରି 'ଗଞ୍ଜାମ ଗୁମୁସର ଗଉଡ ଉଦ୍ଧାରି ଭୂମ୍ୟଧିକାରୀ' ସଭାର ସମ୍ପାଦକ ଓ 'ଫକୀରବାଗ'ର ସମ୍ପାଦକ କେ. ଏମ୍. ପଣ୍ଡା "ଯୁକ୍ତ ଉତ୍କଳ ପ୍ରଦେଶ" ଗଠନ ପାଇଁ କେତେକ ସୂଚନା ଇଂରାଜୀରେ ଛାପି ପ୍ରଚାର କରୁଥିଲେ ।

୧୯୩୨ ମସିହା ଅପ୍ରେଲ୍ ମାସ ୨୬ ତାରିଖ 'ସିମଲା ସମ୍ବାଦ'ରୁ ପ୍ରକାଶିତ ଯେ କୌଣସି ଏକ ମାଳ ଅଞ୍ଚଳ ପ୍ରସ୍ତାବିତ ଓଡ଼ିଶାରେ ଅନ୍ତର୍ଭୁକ୍ତ କରିବେ କି ନାହିଁ ଏ ବିଷୟରେ ମତଭେଦ ଘଟିଥିଲା । ସମଗ୍ର ଜୟପୁର ରାଜ୍ୟ ଓଡ଼ିଶାରେ ମିଶିବ ନାହିଁ । ୧୨,୦୦୦ ବର୍ଗମାଇଲ୍ ଆୟତନର ରାଜ୍ୟରୁ ୧୦,୦୦୦ ବର୍ଗମାଇଲ ଆୟତନ ସମ୍ବଳିତ ଓଡ଼ିଶା ପ୍ରଦେଶରେ ଅନ୍ତର୍ଭୁକ୍ତ କରାଯିବ । ବାକି ତିନିଗୋଟି ଇଷ୍ଟେଟ୍ ଯାହାକି ଏଥିପୂର୍ବେ ଜୟପୁର ମହାରାଜା କ୍ରୟ କରି ତାଙ୍କ ରାଜ୍ୟରେ ମିଶାଇଥିଲେ, ତାହା ମିଶାଯିବ ନାହିଁ । ମୋଟାମୋଟି କହିବାକୁ ଗଲେ, ପ୍ରସ୍ତାବିତ ଓଡ଼ିଶା ପ୍ରଦେଶ ସାତଗୋଟି ଜିଲ୍ଲାରେ ବିଭକ୍ତ କରାଯିବ, ଯଥା: ଜୟପୁର, ଗଞ୍ଜାମ, ପୁରୀ, କଟକ, ବାଲେଶ୍ୱର, ସମ୍ବଲପୁର ଓ ଅନୁଗୁଳ ।

୧୯୩୩ ମସିହା ମାର୍ଚ୍ଚ ମାସ ୧୮ ତାରିଖରେ ଉତ୍କଳ ପ୍ରଦେଶର ସୀମା ସମ୍ବନ୍ଧୀୟ ସରକାରୀ ଇସ୍ତାହାର ପ୍ରକାଶିତ ହେଲା । ଇଂରେଜ ସରକାର ନିମ୍ନଲିଖିତ ଭାବେ ନୂତନ ଓଡ଼ିଶା ପ୍ରଦେଶର ସୀମା ନିର୍ଣ୍ଣୟ କରିଅଛନ୍ତି; ଯଥା—କଟକ, ପୁରୀ, ବାଲେଶ୍ୱର, ସମ୍ବଲପୁର, ଅନୁଗୁଳ, ମଧ୍ୟପ୍ରଦେଶରୁ ଖଡ଼ିଆଳ, ପଦ୍ମପୁର; ମାଡ୍ରାଜର ଗଞ୍ଜାମ ମଧ୍ୟରୁ ଗଞ୍ଜାମମାଳ, ଗୁମୁସର ତାଲୁକ, ଆସିକା ତାଲୁକ, ସୁରଡ଼ା ତାଲୁକ, କୋଦଳା ତାଲୁକ, ଛତ୍ରପୁର ତାଲୁକ, ଇଚ୍ଛାପୁର ତାଲୁକ ଏବଂ ବ୍ରହ୍ମପୁର ତାଲୁକ ଏବଂ ସହର । କିନ୍ତୁ ପାରଳାଖେମୁଣ୍ଡି, ଜଗନ୍ନାଥମାଳ ଏବଂ ଜୟପୁର ମାଡ୍ରାଜ ସହିତ ରହିବ । ନିଷ୍ପତ୍ତି ହେଲା ଯେ ସମୁଦାୟ ୬ଟି ଜିଲ୍ଲା ଓଡ଼ିଶାରେ ରହିବ । କ୍ଷେତ୍ର ପରିମାଣ ୨୦ ହଜାର ବର୍ଗ ମାଇଲ ଓ ଲୋକ ସଂଖ୍ୟା ୬୭ ଲକ୍ଷ ହେବ । ଏତାଦୃଶ ସରକାରୀ ଘୋଷଣା ସ୍ୱଭାବତଃ ଅଶାନ୍ତି ଓ ଚାଞ୍ଚଲ୍ୟ ସୃଷ୍ଟି କରିଥିଲା । ବିଲାତ ପାର୍ଲିଆମେଣ୍ଟର ଭାରତ ଶାସନ ସଂସ୍କାର କମିଟୀରେ ଓଡ଼ିଶା ପ୍ରଦେଶ ସୀମା ନିର୍ଦ୍ଧାରଣ ପାଇଁ ଏକ ସ୍ୱତନ୍ତ୍ର କମିଟି ଗଠନ କରାଯିବାର ସ୍ଥିର କରାଗଲା । ପରବର୍ତ୍ତୀ ସମୟରେ ତର୍ଜମାରୁ ଜଣାଯାଏ ଯେ ଗଡ଼ଜାତ ରାଜାମାନଙ୍କୁ ବାଦ ଦେଲେ ଓଡ଼ିଶାର ଆୟତନ ପ୍ରାୟ ୧୪ ହଜାର ବର୍ଗମାଇଲ । ତେଣୁ ନୂତନ ପ୍ରଦେଶର ଆୟତନ ହେବ ପ୍ରାୟ ୩୩ ହଜାର ବର୍ଗମାଇଲ । ଏହି ବର୍ଦ୍ଧିତ ୧୯ ହଜାର ବର୍ଗମାଇଲରୁ ଏକା ଜୟପୁର ରାଜ୍ୟ ୧୦ ହଜାର ବର୍ଗମାଇଲରୁ ବେଶୀ । ଗଞ୍ଜାମ ଜିଲ୍ଲାରୁ ମାଳ ସମେତ ପ୍ରାୟ ୭ ହଜାର ବର୍ଗମାଇଲ, ମଧ୍ୟପ୍ରଦେଶରୁ ଖଡ଼ିଆଳ ରାଜ୍ୟ ପ୍ରାୟ ଦେଢ଼ ହଜାର ବର୍ଗମାଇଲ ଓ ପଦ୍ମପୁର ୮୦ ବର୍ଗମାଇଲ । ସେହିପରି ଜନସଂଖ୍ୟା । ଗଡ଼ଜାତଗୁଡ଼ିକୁ ଛାଡ଼ିଦେଲେ ଓଡ଼ିଶାର ଜନସଂଖ୍ୟା ୧୯୩୪ ମସିହାରେ ଥିଲା ୫୩ ଲକ୍ଷରୁ କିଛି ବେଶୀ । ପ୍ରସ୍ତାବିତ ନୂତନ ପ୍ରଦେଶର ଜନସଂଖ୍ୟା ହେବ ଊଣାଅଧିକେ ୮୧ ଲକ୍ଷ । ଜନସଂଖ୍ୟା ବଢ଼ିବ ପ୍ରାୟ ୨୮ ଲକ୍ଷ । ଗଞ୍ଜାମ ଜିଲ୍ଲାର ମାଳ ସମେତ ଲୋକସଂଖ୍ୟା ୧୫ ଲକ୍ଷରୁ ଅଧିକ ।, ଜୟପୁରର ପ୍ରାୟ ୧୦ ଲକ୍ଷ, ମଧ୍ୟପ୍ରଦେଶରୁ ଆସିବ ପ୍ରାୟ ଏକ ଲକ୍ଷ ଚୌରାଶି ହଜାର । ତଥାପି ଓଡ଼ିଆ ଆନ୍ଦୋଳନର ଦାବୀ ମଧ୍ୟରୁ ପ୍ରାୟ ୧୦ ହଜାର ବର୍ଗମାଇଲ ଓ ୩୧ ଲକ୍ଷ ଲୋକ ଓଡ଼ିଶା ପ୍ରଦେଶ ବାହାରେ ରହିଗଲେ । ସର୍ବାପେକ୍ଷା ଅଧିକ ସିଂହଭୂମ ଜିଲ୍ଲାରେ, ତା'ପରେ ମେଦିନୀପୁରରେ, ଏତଦ୍‌ବ୍ୟତୀତ ଗଞ୍ଜାମ ଜିଲ୍ଲା । ବିଶାଖାପାଟଣା ଜିଲ୍ଲା ଓ ମଧ୍ୟପ୍ରଦେଶର ରାୟପୁର ଜିଲ୍ଲାରେ କିଛି କିଛି ଓଡ଼ିଆ ଅଞ୍ଚଳ ରହିଗଲା । ମୋଟ ଉପରେ ଶତକଡ଼ା ୨୪ ବର୍ଗମାଇଲ ଓ ଶତକଡ଼ା ୨୮ ଜଣ ଓଡ଼ିଶାକୁ ଆସିଲେ ନାହିଁ । ତେବେ ସେ ଯାହାହେଉ, ଓଡ଼ିଆ ଆନ୍ଦୋଳନର ଫଳ ସ୍ୱରୂପ ମିଳିଲା ଏକ 'ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ' ଯାହା ବିଧିବଦ୍ଧ ରୂପେ ଗଠିତ ହେଲା ୧୯୩୬ ମସିହା ଅପ୍ରେଲ ମାସ ପହିଲାରେ ।

ଇତିହାସ ବିଭାଗ, ବାଣୀବିହାର
ଭୁବନେଶ୍ୱର ।

ଓଡ଼ିଆ ଜାତିକୁ ତା'ର ନିଜତ୍ୱ ଓ ନିଜସ୍ୱରେ ପ୍ରତିଷ୍ଠିତ ହେବା ସଙ୍ଗେ ସଙ୍ଗେ ଭାରତରେ ଶ୍ରେଷ୍ଠ ସ୍ଥାନ ଅଧିକାର କରିବାକୁ ହେବ । ଏହି ସ୍ଥାନ ଲାଭ ପାଇଁ ପ୍ରକୃତି ଓଡ଼ିଶାକୁ ସମସ୍ତ ଐଶ୍ୱର୍ଯ୍ୟରେ ମଣ୍ଡିତ କରିଛି । ଓଡ଼ିଶାର ବିପୁଳ ପ୍ରାକୃତିକ ସଂପଦ ପୃଥିବୀର ଖୁବ୍ କମ୍ ଅଞ୍ଚଳରେ ଅଛି । କେବଳ ସୋଭିଏତ ୟୁନିୟନର ୟୁକ୍ରେନ ଓ ଜର୍ମାନୀର ରାଇନ୍‌ଲ୍ୟାଣ୍ଡ ଏହା ସହିତ ତୁଳନୀୟ ହୋଇ ପାରେ। ଏହି ପ୍ରାକୃତିକ ଐଶ୍ୱର୍ଯ୍ୟର ବିକାଶ ଉପରେ ଓଡ଼ିଶାର ଭବିଷ୍ୟତ ନିର୍ଭର କରୁଛି ।

ଜାନକୀ ବଲ୍ଲଭ ପଟ୍ଟନାୟକ

# ଓଡ଼ିଆ ଆନ୍ଦୋଳନ :

# ଉତ୍କଳ ସମ୍ମିଳନୀ ଓ ଉତ୍କଳ ପ୍ରଦେଶ ଗଠନ

ଡକ୍ଟର ପ୍ରସନ୍ନ କୁମାର ମିଶ୍ର

ଊନବିଂଶ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ଓଡ଼ିଶାରେ ରାଜନୀତିକ ଜାଗରଣ ଦେଖାଦେଇଥିଲା । ୧୮୭୭ ମସିହା ଜୁଲାଇ ମାସରେ 'ଉତ୍କଳ ସଭା' ନାମକ ପ୍ରଥମ ଓଡ଼ିଆ ରାଜନୀତି ଦଳ ଗଠିତ ହୋଇଥିଲା କଟକରେ । ଉତ୍କଳ ଭାଷାର ସୁରକ୍ଷା ଏବଂ ଆତ୍ମଶାସନ ସମ୍ବନ୍ଧୀୟ ଉଦ୍ଦେଶ୍ୟ ପାଇଁ 'ଉତ୍କଳ ସଭା' ମଧ୍ୟ ଯଥେଷ୍ଟ ପ୍ରଯତ୍ନ କରିଥିଲା । ଏହି ସଭାର ପ୍ରଥମ ଷାଣ୍ମାସିକ ଅଧିବେଶନ ୧୮.୧.୧୮୭୮ ମସିହାରେ ଉତ୍କଳ ଦୀପିକା ଛାପାଖାନାର ଦୋମହଲାରେ ଅନୁଷ୍ଠିତ ହୋଇଥିଲା । ଏଥିରେ ରାଧାନାଥ ରାୟ ସଭାପତିତ୍ୱ କରିଥିଲେ । ପ୍ୟାରିମୋହନ ଆଚାର୍ଯ୍ୟ ଓ ଚତୁର୍ଭୁଜ ପଟ୍ଟନାୟକ ଉତ୍କଳ ଭାଷାର ସୁରକ୍ଷା ପାଇଁ ସୁଦୀର୍ଘ ଭାଷଣ ଦେଇଥିଲେ । ଉକ୍ତ ଅଧିବେଶନରେ ଅନେକ ସ୍କୁଲ ଛାତ୍ର, ଶିକ୍ଷକ ଏବଂ କେତେକ ବାହାର ଲୋକ ଯୋଗଦାନ କରିଥିଲେ । ସମ୍ବଲପୁରରେ ସ୍ୱୀକୃତିପ୍ରାପ୍ତ ଭାଷା ହିନ୍ଦୀ, ଗଞ୍ଜାମରେ ତେଲୁଗୁ ଓ ମେଦିନୀପୁରରେ ବଙ୍ଗଳା । ତେଣୁ ପ୍ରକୃତପକ୍ଷେ ଓଡ଼ିଆ ଏକୀକରଣ ଆନ୍ଦୋଳନ ଏହିଠାରେ ଆରମ୍ଭ ହୋଇଥିଲା । ୧୮୮୦ ମସିହାରେ ଏହି ଆନ୍ଦୋଳନର ଆରମ୍ଭ ଏବଂ ଏହି ଆନ୍ଦୋଳନ ଜୀବନ୍ତ ଓ ସକ୍ରିୟହେବା ପାଇଁ ସର୍ବଦା ଅନୁକୂଳ ବାତାବରଣ ଦେଇ ଗତିକରି ଚାଲିଥିଲା । ୧୮୮୨ ମସିହା ଅଗଷ୍ଟ ମାସରେ ଉତ୍କଳ ସଭା ପୁନର୍ଜୀବିତ ହେଲା । ଏହାର ସମ୍ପାଦକ ଥିଲେ ଗୌରୀଶଙ୍କର ରାୟ ଏବଂ ମୁଖ୍ୟ ସଭ୍ୟଗଣ ଥିଲେ ମଧୁସୂଦନ ଦାସ, ଜଗନ୍ମୋହନ ରାୟ, ଜାନକୀନାଥ ବୋଷ, କାଳୀବିହାରୀ ଘୋଷ, ସାମସନ ରାଉତ, ମୁନ୍ସି ଏହାମ ଅଲ୍ଲୀ, ମୁନ୍ସି ମହମ୍ମଦ ଅତାହାର, ଗୋକୁଳାନନ୍ଦ ଚୌଧୁରୀ ଓ ନିମାଇ ଚରଣ ମିତ୍ର । ୧୮୯୫ ମସିହାରେ ସମ୍ବଲପୁରରେ ପ୍ରଥମ ଭାଷା ଆନ୍ଦୋଳନ ଦେଖାଦେଇଥିଲା ଏବଂ ତାହା ପରବର୍ତ୍ତୀ ସମୟରେ ଓଡ଼ିଶାର ଅନ୍ୟାନ୍ୟ ଅଞ୍ଚଳରେ ସଂଗଠିତ ଆନ୍ଦୋଳନର ପଥ ପ୍ରଦର୍ଶକ ହୋଇଥିଲା ।

ଭାଷା ସୂତ୍ରେ ଦେଶ ମିଶ୍ରଣର ପ୍ରଥମ ଆନ୍ଦୋଳନ ବିଂଶ ଶତାବ୍ଦୀରେ ଦେଖାଦେଇଥିଲା ୧୯୦୨ ମସିହାରେ । ସେହି ବର୍ଷ ପ୍ରାକୃତିକ ଓଡ଼ିଶାର ପ୍ରତିନିଧିମାନଙ୍କୁ ନେଇ ଗଞ୍ଜାମର ବ୍ରହ୍ମପୁରଠାରେ ଏକ ଜାତୀୟ ସମ୍ମିଳନୀ ବସିଥିଲା । ତତ୍‌ପରେ ମଧୁସୂଦନ ଦାସ ୨୫.୧୦.୧୯୦୩ ମସିହାରେ ପ୍ରଥମେ କଟକର କନିକା ରାଜବାଟୀରେ ଏକ ସଭା କରାଇ ଗୋଟିଏ ସମ୍ମିଳନୀ ପ୍ରତିଷ୍ଠା କରିବା ପାଇଁ ପ୍ରସ୍ତାବ ଦେଇଥିଲେ । ଏହା ଅନୁମୋଦିତ ହେଲା ପରେ ଗୋଟିଏ କାର୍ଯ୍ୟକାରୀ କମିଟୀ ଗଠିତ ହେଲା । ଏହି ସମ୍ମିଳନୀର ନାମ ରଖାଗଲା 'ଉତ୍କଳ ସମ୍ମିଳନୀ' । ଭାଷା ସୂତ୍ରରେ ଦେଶ ମିଶ୍ରଣ ଆନ୍ଦୋଳନର ସୁବିଧା ନିମନ୍ତେ ଏହି ଉତ୍କଳର ସମ୍ମିଳନୀର ଉତ୍ପତ୍ତି । ଉତ୍କଳ ଦେଶ ମିଶ୍ରଣ ନ ହେଲେ ତାହା ଭାରତର ଅନ୍ୟାନ୍ୟ ପ୍ରଦେଶମାନଙ୍କ ସହିତ ସମକକ୍ଷ ହୋଇ ଛିଡ଼ା ହେବା ଅସମ୍ଭବ । ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନ ୩୦.୧୨.୧୯୦୩ ଓ ୩୧.୧୨.୧୯୦୩ ମସିହାରେ କଟକଠାରେ ଅନୁଷ୍ଠିତ ହୋଇଥିଲା । ଏହାର ସଭାପତି ଥିଲେ ମୟୂରଭଞ୍ଜର ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ଦେଓ ଏବଂ ସମ୍ପାଦକ ଥିଲେ ଶ୍ରୀଯୁକ୍ତ ମଧୁସୂଦନ ଦାସ । ଓଡ଼ିଆ ଭାଷୀ ଅଞ୍ଚଳମାନଙ୍କର ଏକତ୍ରୀକରଣ ଏହି ସମ୍ମିଳନୀର ଉଦ୍ଦେଶ୍ୟ ବୋଲି ବିଧିବଦ୍ଧ ହେଲା । କଟକର ଇଦ୍‌ଗା ପଡ଼ିଆରେ ଉତ୍କଳ ସମ୍ମିଳନୀର ଦ୍ୱିତୀୟ ଅଧିବେଶନ ୨୮.୧୨.୧୯୦୪ ଓ ୨୯.୧୨.୧୯୦୪ ମସିହାରେ ଅନୁଷ୍ଠିତ ହୋଇଥିଲା । ଉକ୍ତ ଅଧିବେଶନର ସଭାପତି ଥିଲେ ଧରାକୋଟର ରାଜା ମଦନମୋହନ ସିଂହଦେଓ ଏବଂ ଅଭ୍ୟର୍ଥନା କମିଟିର ସଭାପତି ଥିଲେ କେନ୍ଦୁଝର ରାଜ୍ୟର ଟିକାଏତ୍ । ଉତ୍କଳ ସମ୍ମିଳନୀର ବିଭିନ୍ନ ଶାଖା ଓ ଉପଶାଖା ଖୋଲିବା ପାଇଁ ସ୍ୱୀକୃତ ହୋଇଥିଲା ଏବଂ ପ୍ରଚାର ନିମନ୍ତେ ୧୫ ଜଣ ପ୍ରଚାରକ ନିଯୁକ୍ତ ହୋଇଥିଲେ । ତାଳଚେରରେ ପ୍ରଥମ କରି ଗୋଟିଏ ଶାଖା ଏବଂ ଚାରୋଟି ଉପଶାଖା ଗଠିତ ହୋଇଥିଲା ଏବଂ ପରେ ପରେ ମୟୂରଭଞ୍ଜରେ ଶାଖା ଖୋଲିଥିଲା । ଏହିପରି ସମୁଦାୟ ୩୮ଟି ଶାଖା ଖୋଲିବା ପାଇଁ ଧାର୍ଯ୍ୟ କରାଯାଇଥିଲା ।

୧୯୦୫ ମସିହାଠାରୁ ଓଡ଼ିଶାର ରାଜନୀତି 'ଉତ୍କଳ ସମ୍ମିଳନୀ'ରେ କେନ୍ଦ୍ରୀଭୂତ ହୋଇଥିଲା । ଉତ୍କଳ ସମ୍ମିଳନୀର ତୃତୀୟ ଅଧିବେଶନ ୧୩.୪.୧୯୦୬ ମସିହାରେ ବାଲେଶ୍ୱର ସହରର ପରମିଟ ପଡ଼ିଆରେ ଅନୁଷ୍ଠିତ ହୋଇଥିଲା । ତାଳଚେରର ରାଜା ଶ୍ରୀଯୁକ୍ତ କିଶୋର ଚନ୍ଦ୍ର ବୀରବର ହରିଚନ୍ଦନ ସଭାପତିତ୍ୱ କରିଥିଲେ ଏବଂ ବାଲେଶ୍ୱରର ଜମିଦାର ରାଜା ଶ୍ରୀ ବୈକୁଣ୍ଠନାଥ ଦେ ଅଭ୍ୟର୍ଥନା ସମିତିର ସଭାପତି ଏବଂ ମୟୂରଭଞ୍ଜ ରାଜା ଅଧିବେଶନର ପୃଷ୍ଠପୋଷକ ଥିଲେ । ତାଳଚେର ରାଜା ଉକ୍ତ ସମ୍ମିଳନୀରେ ଦେଶର ଏକତା ଓ ମିଳିତ ଚେଷ୍ଟା ସର୍ବାଦୌ ବାଞ୍ଛନୀୟ ବୋଲି ତାଙ୍କ ଭାଷଣରେ ସୂଚନା ଦେଇଥିଲେ । ବାସ୍ତବରେ ଓଡ଼ିଆଙ୍କ

ତେଣୁ ପ୍ରଥମ କଥା ହେଲା କିପରି ଲୋକମାନଙ୍କୁ ଟିକିଏ ଲେଖାପଢ଼ା କରାଇ ହେବ, ସେ ଦିଗରେ ବ୍ୟବସ୍ଥା । ଅବସ୍ଥାନ କରିବାର ଦ୍ୱିତୀୟ ଦିନଠାରୁ ଆରମ୍ଭ ହେଲା ନୈଶ-ବିଦ୍ୟାଳୟ । ନୈଶବିଦ୍ୟାଳୟ ସଙ୍ଗେ ସଙ୍ଗେ ରାତ୍ରିଭୋଜନର ବ୍ୟବସ୍ଥା ହେଲା । ଗାଁ ଗୁଡ଼ିକର ଅବସ୍ଥିତି ଦୂରରେ ଥିବାରୁ ଏବଂ ବନ୍ୟଜନ୍ତୁମାନଙ୍କର ପ୍ରଭାବ ହେତୁ ନୈଶବିଦ୍ୟାଳୟର ଶିକ୍ଷାର୍ଥୀମାନେ ନିଜ ଘରକୁ ଫେରିବାକୁ ସମ୍ଭବ ହୁଏନା । ସେମାନେ ଯୁଗସାଏ ପାଟଣା ଗ୍ରାମରେ ଆଶ୍ରୟ ନଅନ୍ତି । କ୍ରମେ ପାଞ୍ଚ, ସାତଖଣ୍ଡ ଗ୍ରାମର ପ୍ରାୟ ୩୫ ଜଣ ଲୋକ ନୈଶବିଦ୍ୟାଳୟରେ ପଢ଼ିବା ପାଇଁ ଆସିବାକୁ ଲାଗିଲେ । ସେମାନଙ୍କ ପାଇଁ ରାତ୍ରିଭୋଜନ ସଙ୍ଗେସଙ୍ଗେ ବହି, ସ୍ଲେଟ, ଲାଇଟ୍ ଆଦି ସବୁ ବ୍ୟବସ୍ଥା କରାଗଲା । ଦୁଇ କିଲୋମିଟର, ଚାରି କିଲୋମିଟର, ଛଅକିଲୋମିଟର ଦୂରରୁ ନୈଶବିଦ୍ୟାଳୟକୁ ଆସି ପଢ଼ିବାକୁ ଲାଗିଲେ । ପରୀକ୍ଷା କରି ଦେଖାଗଲା ଯେ ଯଦି ରାତ୍ରିଭୋଜନର ବ୍ୟବସ୍ଥା କରାଯାଇପାରେ ତେବେ ନିଶ୍ଚିତଭାବେ ନୈଶବିଦ୍ୟାଳୟ ଠିକ୍ ଭାବରେ ଚାଲିପାରିବ ଏବଂ ଯୁଗସାଏ ପାଟଣାର ଅଧିକାଂଶ ଲୋକ ପଢ଼ାଲେଖା କରିପାରିବେ ।

ବିଭିନ୍ନ ଗ୍ରାମ ପରିଦର୍ଶନ ସମୟରେ ଅକ୍ଟୋବର ୧ତାରିଖରେ ସ୍ୱାମୀଜୀ ସାଧକମାନଙ୍କ ସହିତ ଯୁଗସାଏ-ପାଟଣାଠାରୁ ୧୮ କିଲୋମିଟର ଦୂରରେ ଅବସ୍ଥିତ ଟିଟିଝୋଲା ଗ୍ରାମରେ ପହଞ୍ଚିଲେ । ଏହା ପଞ୍ଚାୟତର ଗୋଟିଏ ଜନବହୁଳ ଗ୍ରାମ । ଲୋକସଂଖ୍ୟା ପ୍ରାୟ ତିନିଶହରୁ ଉପରେ । ଅଧିବାସୀ କନ୍ଧ ଓ ହରିଜନ ଲୋକ । ଲୋକମାନଙ୍କର ପ୍ରବଳ ଆଗ୍ରହ ବିଦ୍ୟା ଶିକ୍ଷା ଲାଗି । ସଙ୍ଗେସଙ୍ଗେ ୬୦ଜଣ ଯୁବକ ଓ ପ୍ରୌଢ଼ ନୈଶବିଦ୍ୟାଳୟରେ ଶିକ୍ଷାକରିବା ନିମନ୍ତେ ସ୍ୱାମୀଜୀଙ୍କୁ ନାମ ଦେଲେ । ଦିନବେଳେ ପଢ଼ିବା ପାଇଁ ଛୋଟପିଲା ହେଲେ ତିରିଶହରୁ ଅଧିକ । ସେହି ଗ୍ରାମ ନୈଶ୍ୟ ବିଦ୍ୟାଳୟ ଓ ବିଦ୍ୟାଳୟ ନିମିତ୍ତ ଉପଯୁକ୍ତ ସ୍ଥାନ ବୋଲି ଠିକ୍‌କରି ସ୍ୱାମୀଜୀ ଫେରିଆସିଲେ ।

ତାପରେ ଚିନ୍ତା କରାଗଲା ଗୋଟିଏ ଆବାସିକ ବିଦ୍ୟାଳୟ କଥା । ଛୋଟ ପିଲାମାନଙ୍କପାଇଁ ଗୋଟିଏ ଆବାସିକ ବିଦ୍ୟାଳୟ ସାତଜଣ ପିଲାଙ୍କୁ ନେଇ ଆରମ୍ଭ କରାଗଲା । ନାମ ରଖାଗଲା ଚିଦାନନ୍ଦ ବିଦ୍ୟାପୀଠ । ରାତ୍ରିରେ ରହିବାର ବ୍ୟବସ୍ଥା ନଥିବାରୁ ପିଲାମାନେ ରାତ୍ରିଭୋଜନ ପରେ ଘରକୁ ଚାଲିଯାଉଥିଲେ । ଏ ଅଞ୍ଚଳରେ କନ୍ଧ ପିଲାମାନେ ଘରକୁ ବେଶୀ ଭଲପାଆନ୍ତି । ମୁକ୍ତହୋଇ ବୁଲୁଥିଲେ । ଚିରମୁକ୍ତ ତାଙ୍କର ଜୀବନ । ଯେତେ ଭଲ ଖାଦ୍ୟପେୟର ବ୍ୟବସ୍ଥା କରାଗଲେ ମଧ୍ୟ ଘରକଥା ମନେପଡ଼ିଲେ ସେମାନଙ୍କୁ ଆଉ ଅଟକାଇ ହେବନାହିଁ । ପରନ୍ତୁ ଭଲେ ଅନ୍ୟପିଲାଙ୍କ ସଙ୍ଗରେ ମିଶିଲେ ଆଉ ଆସିବାକୁ ଇଚ୍ଛା କରନ୍ତି ନାହିଁ । ତେବେ ପରୀକ୍ଷା କରି ଦେଖାଗଲା ଆବାସିକ ବିଦ୍ୟାଳୟ ବ୍ୟବସ୍ଥା କରାଗଲେ ପିଲାମାନେ ନିର୍ଦ୍ଦିଷ୍ଟ ଭାବରେ ପଢ଼ିପାରିବେ ।

ଅକ୍ଟୋବର ୮ତାରିଖ ଦିନ ଆରମ୍ଭ କରାଗଲା ଶିବାନନ୍ଦ ବିଦ୍ୟାପୀଠ ସ୍ୱାମୀଜୀଙ୍କ ଦ୍ୱାରା । ଲୋକମାନେ ପ୍ରବଳ ଉତ୍ସାହରେ ପଢ଼ିବା ପାଇଁ ଆସିଲେ । ନିଜର କାମଧନ୍ଦା ଶେଷକରି ରାତ୍ରିରେ ପଢ଼ିବା ପାଇଁ ପୂର୍ବର ୬୦ଜଣ ନାମ ଦେଲେ । ବ୍ରହ୍ମଚାରୀ ସଶାନ୍ତଙ୍କୁ ନେଇ ବିଦ୍ୟାଳୟ କାର୍ଯ୍ୟ ଚାଲିଲା । ତାଙ୍କର ପ୍ରଚେଷ୍ଟାରେ ଗ୍ରାମବାସୀମାନେ ବିଦ୍ୟାଳୟ ପାଇଁ ଗୋଟିଏ ଗୃହ ନିର୍ମାଣ କରିଦେଲେ । ବର୍ତ୍ତମାନ ସରକାରଙ୍କର ଶିକ୍ଷା ବିଭାଗ ଆନୁକୂଲ୍ୟରୁ ଜଣେ ଶିକ୍ଷକଙ୍କୁ ନିଯୁକ୍ତି ଦିଆଯାଇଛି । ଏ ଗ୍ରାମର ଗୋଟିଏ ଆଦିବାସୀ ଲୋକଙ୍କୁ ବଢ଼େଇକାମ ଜଣାଥିବାରୁ ସ୍ୱାମୀଜୀ ତାହାଙ୍କୁ ଆଉଟିକେ ଭଲଭାବରେ କାମ କରିବା ପାଇଁ ବଢ଼େଇ ଯନ୍ତ୍ରପାତି କିଣିଦେଲେ ।

ସ୍ୱାମୀ ଶିବ ଚିଦାନନ୍ଦ ଗ୍ରାମ ପରିଦର୍ଶନ ସମୟରେ ଲୋକମାନଙ୍କର ଅବସ୍ଥା ଦେଖି ଯୁଗସାଏ ପାଟଣା ପଞ୍ଚାୟତର ସର୍ବାଙ୍ଗୀନ ଉନ୍ନତି କରିବାର ସଂକଳ୍ପକରି, "ସ୍ୱାମୀ ଚିଦାନନ୍ଦ ସମାଜ କଲ୍ୟାଣ କେନ୍ଦ୍ର" ନାମରେ ଗୋଟିଏ ସ୍ଥାୟୀ ସେବାସଂସ୍ଥା ଗଠନ କରିବାର ଚିନ୍ତାକଲେ । ଅକ୍ଟୋବର ୧୬ତାରିଖରେ ସ୍ଥାନୀୟ ଭବାନୀପାଟଣା ଦିବ୍ୟ ଜୀବନ ସଂଘର ଆନୁକୂଲ୍ୟରେ କେନ୍ଦ୍ର ଉଦ୍ଦେଶ୍ୟରେ ପ୍ରାୟ ୧୫ ଏକର ଜମି ସରପଞ୍ଚ ଶ୍ରୀ ନୀଳାମ୍ବର ବାଣ୍ଡୁଆଙ୍କଠାରୁ କ୍ରୟ କରାଗଲା । ଆଦିବାସୀମାନଙ୍କର କଲ୍ୟାଣ ପାଇଁ ସରପଞ୍ଚ ମହାଶୟ ଉକ୍ତ ଜମି ଦିବ୍ୟ ଜୀବନ ସଂଘକୁ ଆନନ୍ଦର ସହିତ ବିକ୍ରି ସୂତ୍ରରେ ଦେଇଦେଲେ । ଓଡ଼ିଶାର ଦିବ୍ୟ ଜୀବନ ସଂଘର ମୁଖ୍ୟ ସଂଗଠକ ଶ୍ରୀ ସୁନିଲକୁମାର ପଟ୍ଟନାୟକ I. A. S. ଲୋକମାନଙ୍କର ଏପ୍ରକାର ଅବସ୍ଥା ଦେଖି ସ୍ୱାମୀଜୀଙ୍କର ସଂକଳ୍ପକୁ ସମ୍ମାନ ପ୍ରଦର୍ଶନକରି ଉକ୍ତ କେନ୍ଦ୍ରକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କଲେ ଅକ୍ଟୋବର ୨୦ ତାରିଖରେ । ଅକ୍ଟୋବର ୧୮ ତାରିଖରେ ଝାଡ଼େଶ୍ୱର ମହାଦେବ ଓ ମାଣିକେଶ୍ୱରୀ ଦେବୀଙ୍କର ପୂଜାସ୍ଥଳୀ ଘଞ୍ଚ ଜଙ୍ଗଲ ମଧ୍ୟରୁ ସ୍ୱାମୀଜୀ ଓ ସ୍ୱେଚ୍ଛାସେବକମାନଙ୍କଦ୍ୱାରା ଉଦ୍‌ଘାଟିତହେଲା । ଠିକ୍ ତାପରଦିନଠାରୁ ସ୍ୱାମୀଜୀ ମହାଦେବ ଓ ଦେବୀଙ୍କର ପୂଜାର ବ୍ୟବସ୍ଥାକଲେ । ସ୍ୱାଧୀନତା ପ୍ରାପ୍ତିର ୪୦ବର୍ଷ ବିତିଯାଇଥିଲେ ମଧ୍ୟ ଏ ଅଞ୍ଚଳର ଲୋକମାନେ ସିନେମା କ'ଣ ଦେଖିନଥିଲେ । ସେହି ୨୦ ତାରିଖ ଦିନ ସ୍ୱାମୀଜୀଙ୍କ ପ୍ରେରଣାରେ ପରିବାର କଲ୍ୟାଣ ତରଫରୁ 'ଶ୍ରୀକୃଷ୍ଣଲୀଳା' ସିନେମା ଦେଖାଇବାର ବ୍ୟବସ୍ଥା ସଙ୍ଗେସଙ୍ଗେ ସମସ୍ତ ଲୋକମାନଙ୍କର ରାତ୍ରିଭୋଜନର ବ୍ୟବସ୍ଥା କରାଯାଇଥିଲା । ଦୀର୍ଘ ୨୦—୨୨ କିଲୋମିଟର ଦୂରରୁ ଲୋକମାନେ ପ୍ରଥମ ଥରପାଇଁ ସିନେମା ଦେଖି ଆନନ୍ଦରେ ଉତ୍‌ଫୁଲ୍ଲ ହୋଇଥିଲେ ।

ଗ୍ରାମ ପରିଦର୍ଶନ ସମୟରେ ସ୍ୱାମୀଜୀ ଦେଖିଲେ ଲୋକମାନେ ନିଜନିଜ ଆବଶ୍ୟକୀୟ ଜିନିଷ ପାଇବା ପାଇଁ ଯାଆନ୍ତି ଭବାନୀପାଟଣା । ସେଥିରେ ସେମାନଙ୍କୁ ୧୮ କିଲୋମିଟରରୁ ୪୦ କିଲୋମିଟର ଯିବାକୁ ହୁଏ । ତିନିଦିନ ଲାଗେ ଜିନିଷ କିଣି ଫେରିବା ପାଇଁ । ପଚାରି ବୁଝାଗଲା ଯେ ଲୋକମାନେ ଆବଶ୍ୟକୀୟ ଜିନିଷ ମୋଟେ ସାତଗୋଟି । ଲୁଣ, ଲଙ୍କା,

# ସନ୍ତ ହୃଦୟ ନବନୀତ ସମାନା

ଶ୍ରୀ ପ୍ରାଣକୃଷ୍ଣ ରାଉତରାୟ

ଗୋସ୍ୱାମୀ ତୁଳସୀଦାସଙ୍କର ଏହି ଉକ୍ତିଟି ପ୍ରତ୍ୟକ୍ଷ ଅନୁଭୂତ ହୁଏ ୧୯୮୭ ସେପ୍‌ଟେମ୍ବର ମାସ ୨୪ ତାରିଖ ଦିନ କଟକ ତୁଳସୀପୁର ଚିଦାନନ୍ଦ ଘାଟଠାରେ । ବହୁ ଆଡ଼ମ୍ବରପୂର୍ଣ୍ଣ ସାଜସଜ୍ଜା, ପୁଷ୍ପମାଲ୍ୟ, ଲଡୁପ୍ରସାଦ ଆଦି ଦ୍ୱାରା ଆପଣମାନେ ଏ ଶରୀର ଜୟନ୍ତୀ ଉତ୍ସବ ପାଳନ କରୁଛନ୍ତି । ଆଜି ନବରାତ୍ରୀ ଦୁର୍ଗା ପୂଜାର ପ୍ରଥମ ଦିବସ କଳାହାଣ୍ଡିର ମରୁଡ଼ିଗ୍ରସ୍ତ ବୁଭୁକ୍ଷୁମାନଙ୍କର ପୂଜାକରି ଆପଣମାନେ ଶ୍ରେଷ୍ଠ ଗୁରୁପୂଜା ଓ ଦୁର୍ଗାପୂଜା କରିପାରିବେ । ଦୀର୍ଘ ୨୦ ବର୍ଷ ଧରି ମୁଁ କଟକ ଆସୁଛି । ଦିବ୍ୟ ଜୀବନ ସଂଘ କଟକ ଶାଖାର ଭକ୍ତମାନେ ଯଦି କଳାହାଣ୍ଡିର ଦୁର୍ଭିକ୍ଷପୀଡ଼ିତ ଜନତା କଥା ଚିନ୍ତା କରନ୍ତି ତେବେ ମୋ'ର ଏଠାକୁ ଆସିବା ବେକାର । ଯଦି ପୁନଶ୍ଚ ମୋର ଓଡ଼ିଶା ଆଗମନ ଚାହାଁନ୍ତି ତାହେଲେ ଆଜି ଏଠିଠାରେ ଗୋଟିଏ ରିଲିଫ୍ କମିଟି ଗଢ଼ି କଳାହାଣ୍ଡି ଲୋକଙ୍କର ସେବାପାଇଁ କେତେକ ସ୍ୱେଚ୍ଛା ସେବକ ଖାଦ୍ୟପଦାର୍ଥ ନେଇ ଯାଆନ୍ତୁ । ଏହାହିଁ ବାସ୍ତବ ଦିବ୍ୟ ଜୀବନ" । କହିଥିଲେ କରୁଣା ମୂର୍ତ୍ତି ପରମ ପୂଜ୍ୟ ସ୍ୱାମୀ ଚିଦାନନ୍ଦ ସରସ୍ୱତୀ ।

ଦିବ୍ୟଜୀବନ ସଂଘ ସାଲେପୁର ଶାଖାର ଭକ୍ତମାନେ ତେଲ ସହିତ ଗୋଟିଏ ଟ୍ରକ ନେଲେ । ପ୍ରାୟ ପନ୍ଦର ହଜାର ଟଙ୍କାର ଚୂଡ଼ା, ଚାଉଳ, ଡାଲି, ଆଳୁ, ଗୁଡ଼, ବିସ୍କୁଟ ଓ କିଛି ଲୁଗା ଧରି ସ୍ୱାମୀ ଶିବ ଚିଦାନନ୍ଦଜୀ ସାତଜଣ ସ୍ୱେଚ୍ଛାସେବକଙ୍କ ସହିତ ସେପ୍‌ଟେମ୍ବର ୨୫ ତାରିଖରେ କଳାହାଣ୍ଡି ଯାତ୍ରା କଲେ । ଡେପୁଟି ରିଲିଫ୍ କମିଶନରଙ୍କ ପତ୍ର କଲେକ୍‌ଟରଙ୍କୁ ଦେଖାଇ ସ୍ୱାମୀଜୀ କହିଲେ "ଆମେ କେବଳ ଚୂଡ଼ା ଚାଉଳ ବାଣ୍ଟିଦେଇ ଚାଲିଯିବାକୁ ଆସିନାହୁଁ । ଏପରି ଏକ ସ୍ଥାନ ଆମକୁ ଦିଅନ୍ତୁ ଯେଉଁଠାରେ ସେବା ଦେବାକୁ କେହି ପହଞ୍ଚି ନାହାନ୍ତି । ସେଠାରେ ଆମେ କିଛି ସେବା ଧାରାବାହିକ ଭାବେ ଦେବୁ । ଏ. ଡି. ଏମ୍, ବି. ଡି. ଓ., ସବ୍‌ଡିଭିଜନାଲ ଅଫିସରମାନେ ତଥା ଅନ୍ୟାନ୍ୟ ଅଫିସରମାନେ ବସି ବିଚାରକରି ଯୁଗସାଏ ପାଟଣା ଗ୍ରାମ ପଞ୍ଚାୟତକୁ ଦିବ୍ୟଜୀବନ ସଂଘର ସେବା ପାଇଁ ଅନୁମତି ଦେଲେ ।

ଗମନା ଗମନ ରାସ୍ତା, ଡାକଘର, ବିଦ୍ୟାଳୟ, ସୁଲଭ ମୂଲ୍ୟ ଦୋକାନ, ଚିକିତ୍ସାର ବ୍ୟବସ୍ଥା, ପାନୀୟ ଜଳର ସୁବିଧା ନ ଥିବା ୨୮ ଗୋଟି ଗ୍ରାମ ବିଶିଷ୍ଟ ୩୦୦୦ ଆଦିବାସୀ ହରିଜନ ଅଧ୍ୟୁଷିତ ଏହି ଗ୍ରାମ ପଞ୍ଚାୟତ ଭବାନୀପାଟଣାଠାରୁ ୨୨ କିଲୋମିଟର ଦୂରରେ ଘଞ୍ଚ ଜଙ୍ଗଲ ମଧ୍ୟରେ ଅବସ୍ଥିତ । ବହୁ କଷ୍ଟରେ ଟ୍ରକ ଧରି ତିନିଗୋଟି ନଦୀ ନାଳ ଅତିକ୍ରମ କରି ସେପ୍‌ଟେମ୍ବର ୨୭ ତାରିଖ ଦିନ ଯୁଗସାଏ ପାଟଣା ଜଙ୍ଗଲବିଭାଗ ବିଶ୍ରାମାଳୟରେ ପହଞ୍ଚି ସେବା କାର୍ଯ୍ୟ ଆରମ୍ଭ କଲେ ଗୁରୁ ଆଜ୍ଞାବହ ସାଧକମାନେ ।

ବିଶ୍ରାମାଳୟରେ ଅବସ୍ଥାନ ପରେ ପରେ ଗାଁ ଗୁଡ଼ିକର ଅବସ୍ଥା ସ୍ୱଚକ୍ଷୁରେ ଦେଖିବାପାଇଁ ସ୍ୱାମୀଜୀ ସାଧକମାନଙ୍କୁ ସଙ୍ଗରେ ନେଇ ଚୂଡ଼ା ବାଣ୍ଟିବାକୁ ଗାଁରୁ ଗାଁକୁ ବୁଲିବାକୁ ଆରମ୍ଭ କଲେ । ଆଶ୍ଚର୍ଯ୍ୟର କଥା ସମଗ୍ର ପଞ୍ଚାୟତରେ କେହିଁ ଜଣେ ହେଲେ ଲେଖିପଢ଼ି ଜାଣି ନାହାନ୍ତି । ଶିକ୍ଷାବିଭାଗର ଗୋଟିଏ ବିଦ୍ୟାଳୟ ସଲପାଙ୍ଗ ଗ୍ରାମରେ ଅବସ୍ଥିତ । କିନ୍ତୁ ଗ୍ରାମର ଅବସ୍ଥିତ ଓ ବନ୍ୟଜନ୍ତୁ ମାନଙ୍କର ପ୍ରଭାବରୁ ଶିକ୍ଷକଙ୍କୁ ସମ୍ଭବ ହୁଏନା ସେଠାରେ ଅବସ୍ଥାନ କରିବା ପାଇଁ ।

ସ୍ୱାମୀଜୀ ମହାରାଜ ଅନୁମୋଦନ କରିବା ସଙ୍ଗେସଙ୍ଗେ ପ୍ରାୟ ଆଠହଜାର ଟଙ୍କା ଏହି ସାଧନା ଶିବିରରୁ ଆଦାୟ ହୋଇଗଲା । ଭବାନୀପାଟଣା ଦିବ୍ୟଜୀବନ ସଂଘର ସଂପାଦକ ଶ୍ରୀ ଭାସ୍କର ଚନ୍ଦ୍ର ପଣ୍ଡା ଉକ୍ତକାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ଓଡ଼ିଶା ଦିବ୍ୟଜୀବନ ସଂଘ ରିଲିଫ କମିଟି ତରଫରୁ ପନ୍ଦର ହଜାର ଟଙ୍କା ଦିଆଯିବା ସଙ୍ଗେସଙ୍ଗେ ସମସ୍ତ ଦାୟିତ୍ୱ ଦିଆଯାଇଛି ।

ପରମ କାରୁଣିକ ଗୁରୁଦେବ ସ୍ୱାମୀ ଶିବାନନ୍ଦ ସରସ୍ୱତୀ ମହାରାଜଙ୍କ ଆଧ୍ୟାତ୍ମିକ ଉତ୍ତରାଧିକାରୀ ଦୀନବନ୍ଧୁ ସ୍ୱାମୀ ଚିଦାନନ୍ଦ ସରସ୍ୱତୀ ମହାରାଜ କଟକରେ କହିଲେ "କଳାହାଣ୍ଡି ଜୁଗସାଏ ପାଟଣାର ଆଦିବାସୀମାନଙ୍କର ପୂର୍ବଜନ୍ମର ଉତ୍ତମ ପ୍ରାରବ୍ଧ ଫଳରେ ଜଗତ୍‌ପତି ଶ୍ରୀଜଗନ୍ନାଥ ମହାପ୍ରଭୁ ତାଙ୍କର ଅପାର କୃପା ସେମାନଙ୍କ ଉପରେ ବର୍ଷି କରୁଛନ୍ତି । ଆମେମାନେ ନିମିତ୍ତ ମାତ୍ର ।" ଧନ୍ୟ ସନ୍ଥ ଶିରୋମଣି ସ୍ୱାମୀ ଚିଦାନନ୍ଦଜୀ ମହାରାଜ ।

---

ମାର୍ଫତ୍ : ମୁଖ୍ୟ ସଂପାଦକ,
ସୂଚନା ଓ ଲୋକ ସଂପର୍କ ବିଭାଗ ।





ହଳଦୀ, ଧୂଆଁପତ୍ର, ଗୁଡ଼ାଖୁ, କିରେସିନି ତେଲ ଓ ଲୁଗାପଟା ହେତେବେଳେ କିମିତି ଦରକାର କରନ୍ତି ଖାଇବାତେଲ ।

ଲୋକମାନଙ୍କର ଏ ଅଭାବ ଦୂର କରିବା ପାଇଁ ସରପଞ୍ଚଙ୍କର ଆଗ୍ରହରେ ଗୋଟିଏ ସାପ୍ତାହିକ ହାଟ ବସାଇବା ପାଇଁ ସଂକଳ୍ପକରି ଆରମ୍ଭକଲେ 'ଶିବାନନ୍ଦ ବଜାର' ପ୍ରତି ସୋମବାର ଦିନ । ଅକ୍ଟୋବର ୨୬ରେ ହାଟ ଆରମ୍ଭହେଲା । ସୁବିଧାକି ବେପାରୀମାନଙ୍କୁ ଭବାନୀପାଟଣାରୁ ଟ୍ରକ୍‌ରେ ଆଣି ଛାଡ଼ିବାର ଯୋଜନା କରି ଆରମ୍ଭ କରାଗଲା । ଲୋକମାନଙ୍କୁ କିଛି ଟଙ୍କା ଦେଇ ବ୍ୟବସାୟୀମାନଙ୍କୁ ବିନା ପଇସାରେ ନେବା-ଆଣିବାର ବ୍ୟବସ୍ଥାକରି, ପିଲାମାନଙ୍କୁ କିଛି ପଇସାଦେଇ ସ୍ୱାମୀଜୀ ଶିବାନନ୍ଦ ବଜାର ଆରମ୍ଭକଲେ । ହାଟକୁ ଆସିଥିବା ସମସ୍ତ ଲୋକଙ୍କପାଇଁ ଖାଇବାର ବ୍ୟବସ୍ଥା ମଧ୍ୟ କରାଗଲା । ସ୍ଥିରିପାଣିପରେ ଦେଖାଗଲା ବେପାରୀମାନେ ନିଜେନିଜେ ଆଉ ଆସିଲେ ନାହିଁ । କାରଣ ହେଲା ଲୋକମାନଙ୍କର କିଣିବାକୁ ପଇସା ନାହିଁ ଏବଂ ଯାହା କିଛିହୁଏ ତାହା ଖୁବ୍‌କମ । ଗୋଟିଏ ସୁଲଭ ମୂଲ୍ୟ ଦୋକାନ କରାଗଲେ ଏବଂ ଭବାନୀ-ପାଟଣା ବଜାରରେ ମିଳୁଥିବା ମୂଲ୍ୟରେ ଜିନିଷ ଯୋଗାଇ-ଦେଲେ ବାସ୍ତବ ଉପକାର ଆଦିବାସୀମାନଙ୍କର ହେବ । ସେଥିନିମିତ୍ତ ସ୍ଥାୟୀ ବ୍ୟବସ୍ଥା କରିବା ନିମନ୍ତେ ଆଶୁ ବ୍ୟବସ୍ଥା କରାଯାଉଅଛି ।

ଲୋକମାନଙ୍କର ଚିକିତ୍ସାର ବ୍ୟବସ୍ଥା ଆଦୌ କିଛି ନ ଥିବାର ଦେଖି ରୋଗୀମାନଙ୍କୁ ଔଷଧ ଦେବାର ବ୍ୟବସ୍ଥା ମଧ୍ୟ କରାଯାଇଛି । ଅକ୍ଟୋବର ମାସରେ ଶୀତର ପ୍ରକୋପ ଦେଖି ସ୍ୱାମୀଜୀଙ୍କର ମନରେ ଆସିଲା ଯେ ପ୍ରତ୍ୟେକ ପରିବାରକୁ କିପରି ଖଣ୍ଡିଏ ଖଣ୍ଡିଏ କମ୍ବଳ ଦିଆଯାଆନ୍ତା । ଏ ସଂକଳ୍ପକୁ ରୂପଦେବା ପାଇଁ ସ୍ୱାମୀଜୀ ପୂର୍ବାଞ୍ଚଳ କେନ୍ଦ୍ର କାର୍ଯ୍ୟାଳୟ କଲିକତାକୁ ଫେରିଆସିଲେ ଅକ୍ଟୋବର ଶେଷ ଭାଗରେ । ଯୁଗସାଏ ପାଟଣା ସମାଜ କଲ୍ୟାଣ ଦାୟିତ୍ୱରେ ରହିଲେ ପ୍ରାଣକୃଷ୍ଣ ପାତ୍ରରାୟ ଓ ଭବାନୀପାଟଣା ଦିବ୍ୟ ଜୀବନ ସଂଘ ଶାଖାର ସଦସ୍ୟମାନଙ୍କ ବ୍ୟତୀତ ସ୍ୱାମୀ ବାସୁଦେବାନନ୍ଦ ସରସ୍ୱତୀ, ପ୍ରକାଶଚନ୍ଦ୍ର ପ୍ରଧାନ, ଶରତଚନ୍ଦ୍ର ମଲ୍ଲ, ଉପରୋକ୍ତ ସେବାରେ ନିଯୁକ୍ତ ଥିଲେ । କଲିକତାର ବଦାନ୍ୟ ବ୍ୟକ୍ତିମାନେ ସ୍ୱାମୀଜୀଙ୍କର ସଂକଳ୍ପ ପୂର୍ଣ୍ଣ କରିବା ଦିଗରେ ସାହାଯ୍ୟକଲେ ।

ଦିବ୍ୟ ଜୀବନ ସଂଘର କଲିକତାରେ ହୋଇଥିବା ଜଗନ୍ନାଥ ସମ୍ମିଳନୀ ନିମିତ୍ତ ପୁରୀରୁ ଗଜପତି ମହାରାଜାଙ୍କ ଆନୁକୂଲ୍ୟରେ ପୁରୀରେ ନିର୍ମାଣ କରାଯାଇଥିବା ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କର ମୂର୍ତ୍ତିକୁ କଲିକତାକୁ ଅଣାଯାଇଥିଲା । ୧୯୮୪ରୁ ମହାପ୍ରଭୁ କଲିକତାରେ ଥିଲେ । ସ୍ୱାମୀଜୀ ଯୁଗସାଏ ପାଟଣାରେ ଆଦିବାସୀ ପଲ୍ଲୀରେ ଜଗନ୍ନାଥ ମହାପ୍ରଭୁଙ୍କୁ ବସାଇବାର ସଂକଳ୍ପ କରି ଡ଼ିସେମ୍ବର ୧୯ ତାରିଖରେ ଶ୍ରୀଯୁକ୍ତ କେ. ଏମ. ବିଶ୍ୱାସ ପୂର୍ବତନ ଏମ୍. ପି. ଶ୍ରୀ ବିଜୟକୁମାର ସ୍ୱାଇଁ ଓ ଶ୍ରୀ ଚିନ୍ମୟନନ୍ଦୀଙ୍କ ସହିତ ଟ୍ରେନରେ କଲିକତାରୁ ଟିଟିଲାଗଡ଼ରେ ପହଞ୍ଚିଲେ । ସେଠାରୁ ଟ୍ରକ୍‌ରେ ମହାଆଡ଼ମ୍ବରରେ ଭବାନୀପାଟଣା ଭକ୍ତମାନଙ୍କ ଆନୁକୂଲ୍ୟରେ ଯୁଗସାଏ ପାଟଣାକୁ ନିଆଗଲା । ଯୁଗସାଏ-ପାଟଣା ପଞ୍ଚାୟତର ଅଧିବାସୀମାନେ ଜଗନ୍ନାଥ ମହାପ୍ରଭୁଙ୍କୁ ଦେଖି କୃତାର୍ଥ ହୋଇଗଲେ । ହଜାର ହଜାର ସଂଖ୍ୟାରେ ଆସି ଜଗନ୍ନାଥ ମହାପ୍ରଭୁଙ୍କ ପାଖରେ ଭୋଗ ଲଗାଇ ଆନନ୍ଦରେ ନାଚିଲେ । ଯେଉଁମାନେ ରାମ କ'ଣ, କୃଷ୍ଣ କ'ଣ, ଗଣେଶ ମହାପ୍ରଭୁ କିପରି ପଶ୍ଚୁଥିଲେ ସେମାନେ ଜଗନ୍ନାଥ ମହାପ୍ରଭୁଙ୍କୁ ଦେଖି କୃତାର୍ଥ ହୋଇଗଲେ । ସେହିଦିନଠାରୁ ଦୂର ଦୂରନ୍ତରୁ ଲୋକମାନେ ଆସି ଦର୍ଶନ କରୁଛନ୍ତି । ଜଣେ ଆଦିବାସୀଙ୍କୁ ସ୍ୱପ୍ନାଦେଶ ହୋଇଛି "ମୁଁ ରାମ ଆସିଛି, ମୋ ପୂଜା ତୁ କରିବୁ ନାହିଁ" । ସଙ୍ଗେ ସଙ୍ଗେ ୮୦ବର୍ଷର ଜାନୀ ରେପାଙ୍ଗ ପଦର ଗ୍ରାମରୁ ତାର ସ୍ତ୍ରୀ ଓ ପୁଅକୁ ସଙ୍ଗରେ ନେଇ ସମସ୍ତ ପୂଜା ସାମଗ୍ରୀ ଧରି ପୂଜା କରିଗଲେ । ଭଗବାନଙ୍କର ଅଦ୍ଭୁତ ଲୀଳା । ଲୀଳାମୟ ହରି ଜଗନ୍ନାଥ ମହାପ୍ରଭୁ ନିଜେ ଟ୍ରେନ ଓ ଟ୍ରକ୍‌ରେ ଦଉଡ଼ି ଆସିଛନ୍ତି ଘଞ୍ଚ ଜଙ୍ଗଲ ମଧ୍ୟରେ ଥିବା ଆଦିବାସୀଙ୍କର କଲ୍ୟାଣ ନିମିତ୍ତ । କଲିକତାରୁ ସଙ୍ଗରେ ଆସିଥିବା ପୂର୍ବତନ ଏମ. ପି. ଶ୍ରୀ କେ. ଏମ. ବିଶ୍ୱାସ ଓ ଶ୍ରୀ ଚିନ୍ମୟନନ୍ଦୀ ଶ୍ରୀ ଶ୍ରୀ ଜଗନ୍ନାଥ ଲୀଳାରେ ଅଭିଭୂତ ହୋଇ ବର୍ଷକ ନିମିତ୍ତ ଦିନକୁ ଟ୩୦'୦୦ ହିସାବରେ ଭୋଗର ବ୍ୟବସ୍ଥା କରି ଅର୍ଥ ଜମାକରି ଦେଇଗଲେ । ବାନପ୍ରସ୍ଥୀ ଯୋଗେଶ୍ୱର ଓ ବ୍ରହ୍ମଚାରୀ ସୁଶାନ୍ତଜୀ ଏଠାରେ ସେବାରତ ଅଛନ୍ତି । ସରକାରଙ୍କ ତରଫରୁ ରାସ୍ତା ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ ହୋଇଛି । କଲେକ୍ଟର ମହୋଦୟ ଦିବ୍ୟ ଜୀବନଙ୍କ ର ସେବାକାର୍ଯ୍ୟରେ ସମସ୍ତ ପ୍ରକାର ସହଯୋଗ କରିବା ପାଇଁ ନିର୍ଭର ପ୍ରତିଶ୍ରୁତି ଦେଇଛନ୍ତି ।

ଜଗନ୍ନାଥ ମହାପ୍ରଭୁଙ୍କ ଆଗମନ ଦିବସରେ ଯୁଗସାଏ ପାଟଣାର ଆଦିବାସୀ ହରିଜନମାନଙ୍କୁ କଲିକତାରୁ ସଂଗୃହୀତ ପ୍ରାୟ ଗୁରିଶହରୁ ଅଧିକ କମ୍ବଳ ବଣ୍ଟନ କରାଯାଇଥିଲା । କଳାହାଣ୍ଡିର ବିଶିଷ୍ଟ ବ୍ୟକ୍ତିମାନେ ଦିବ୍ୟଜୀବନ ସଂଘର ଉପରୋକ୍ତ କାର୍ଯ୍ୟର ଭୂରି ଭୂରି ପ୍ରଶଂସା କରିଥିଲେ । ତା ସଙ୍ଗେସଙ୍ଗେ ୧୧୬ ଖଣ୍ଡ ଚଦର ମଧ୍ୟ ବଣ୍ଟନ କରାଗଲା । ଅବସ୍ଥାନ କରିବା ସଙ୍ଗେସଙ୍ଗେ ୧୦୦ ଖଣ୍ଡ ଗାମୁଛା ପାୟ ଲୁଗା ଧୋତି ଓ ସାଢ଼ୀ ଏବଂ ନୂତନ ୨୦୦ ଖଣ୍ଡ ବ୍ଲାଉଜ୍, ୧୫୦ ଜଣ ଛାତ୍ରଙ୍କୁ ପୋଷାକ ବଣ୍ଟନ କରାଯାଇ ଅଛି । ଉପରୋକ୍ତ ନୂତନ ବସ୍ତ୍ରକୁ ବାଦ୍ ଦେଇ କଲିକତା, କଟକ ଓ ଭୁବନେଶ୍ୱରରୁ ସଂଗୃହୀତ ପୁରାତନ ଶାଢ଼ୀ ଓ ପୋଷାକ-ପତ୍ର ଲୋକମାନଙ୍କୁ ବଣ୍ଟନ କରାଯାଇ ଅଛି ।

ଅତ୍ୟନ୍ତ ଆନନ୍ଦର କଥା ଗତ ଜାନୁଆରୀ ୨୭ ତାରିଖ-ଠାରୁ ଫେବୃଆରୀ ୨ ତାରିଖ ପର୍ଯ୍ୟନ୍ତ କଟକ ଦିବ୍ୟଜୀବନ ଶାଖା ଆନୁକୂଲ୍ୟରେ ବାରବାଟୀ ଷ୍ଟାଡ଼ିୟମରେ ହୋଇଥିବା ସାଧନା ସପ୍ତାହରେ ଦିବ୍ୟଜୀବନ ସଂଘ ଋଷିକେଶର ସଭା-ପତି ପରମପୂଜ୍ୟ ସ୍ୱାମୀ ଚିଦାନନ୍ଦ ସରସ୍ୱତୀ ମହାରାଜ ଯୁଗସାଏ ପାଟଣା ସମାଜ କଲ୍ୟାଣ କେନ୍ଦ୍ରର କାର୍ଯ୍ୟକ୍ରମକୁ ଆନନ୍ଦର ସହିତ ଅନୁମୋଦନ କଲେ । ସମାଜ କଲ୍ୟାଣ କେନ୍ଦ୍ର ମଧ୍ୟରେ ଗୋଟିଏ କୂପ ଖନନ କରିବା ନିମିତ୍ତ

ପରିବେଶରେ ପ୍ରଜନନ ପାଇଁ ଏକ ଆଦର୍ଶ କୁଣ୍ଡ ନିର୍ମାଣ କରିବା ପାଇଁ ଭାରତ ସରକାରଙ୍କ ଦ୍ୱାରା ଅନୁମୋଦିତ ହୋଇଥିଲା ଏବଂ ଅର୍ଥ ବିନିଯୋଗ କରିବା ଦ୍ୱାରା ୧୯୭୫ ମସିହାରେ କାର୍ଯ୍ୟର ଶୁଭାରମ୍ଭ ହୋଇଥିଲା । ୧୯୭୬ ମସିହା ପ୍ରାରମ୍ଭରେ ଏହି କୁଣ୍ଡର ନିର୍ମାଣ କାର୍ଯ୍ୟ ଶେଷ ହୋଇଥିଲା, ଯାହାକି ସାରା ଦେଶରେ ଏବଂ ସର୍ବୋପରି ସମଗ୍ର ପୃଥିବୀରେ ଏହି ଧରଣର ଏକମାତ୍ର କୁଣ୍ଡ ୧୯୫ ଫୁଟ ଲମ୍ବ ୩୦ ଫୁଟ ଗଭୀର ଏବଂ ୨୭ ଲକ୍ଷ ଲିଟର ପାଣି ରହିପାରୁଥିବା ଏହାର ପ୍ରଧାନ ବିଶେଷତ୍ୱ । ନିକଟବର୍ତ୍ତୀ କାଞ୍ଜିଆ ହ୍ରଦରୁ ଏକ ୪୦ ଅଶ୍ୱ ଶକ୍ତି ବିଶିଷ୍ଟ ବିଦ୍ୟୁତ୍ ଚାଳିତ ପମ୍ପଦ୍ୱାରା ପାଣିଉଠାଯାଇ ଏହି କୁଣ୍ଡକୁ ଯୋଗାଇ ଦିଆଯାଇଥାଏ ଓ ଅନ୍ୟ ଏକ ୧୦ ଅଶ୍ୱ ଶକ୍ତି ବିଶିଷ୍ଟ ପମ୍ପଦ୍ୱାରା ପାଣି ଉଠାଯାଇ ତାହାକୁ ଏକ ଛୋଟ ନଳା ଦ୍ୱାରା ଏହାକୁ ପୁନଃପ୍ରବାହିତ କରାଯାଏ । ଦର୍ଶକମାନଙ୍କର ଦେଖିବା ସୁବିଧା ପାଇଁ ୫୫ ଫୁଟ ଜାଗାକୁ ଛାଡ଼ିଦେଇ କୁଣ୍ଡର ଚତୁଃପାର୍ଶ୍ୱ ଇଟା ଓ ସିମେଣ୍ଟ ନିର୍ମିତ ୮ ଫୁଟ ଉଚ୍ଚରେ ଏକ କାନ୍ଥଦ୍ୱାରା ଆବଦ୍ଧ । ନନ୍ଦନକାନନକୁ ଆସୁଥିବା ଦର୍ଶକମାନଙ୍କ ପାଇଁ ଏହି କୁଣ୍ଡଟି ଏକ ଦର୍ଶନୀୟ ସ୍ଥାନ ଅଟେ । କୁଣ୍ଡ ମଧ୍ୟକୁ ନଇଁ ଆସୁଥିବା ବୃକ୍ଷର ଶାଖାଗୁଡ଼ିକରେ ବାୟା ଚଢ଼େଇମାନଙ୍କର ଦୋଦୁଲ୍ୟମାନ ବସା ଅତୀବ ମନମୁଗ୍ଧକର । ଛୋଟ ଛୋଟ ବଗ କୁଣ୍ଡ ଚତୁଃପାର୍ଶ୍ୱରେ ଜମା ହୋଇଯାନ୍ତି ଏବଂ ମାଛରଙ୍କା ପକ୍ଷୀମାନେ ଛୋଟ ଛୋଟ ମାଛ ଧରିବା ଆଶାରେ ପାଣି ମଧ୍ୟକୁ ଝାମ୍ପ ମାରନ୍ତି । ମାଙ୍କଡ ଓ ମୟୂର ମଧ୍ୟ ମଝିରେ ମଝିରେ ନିକଟବର୍ତ୍ତୀ ଜଙ୍ଗଲରୁ ଏହି କୁଣ୍ଡ ମଧ୍ୟକୁ ପଶି ଆସିବାର ଦେଖାଯାଉଛି ।

ମାଈ ଓ ଅଣ୍ଡିରା କୁମ୍ଭୀରଙ୍କର ମିଳନ ହେବାର ସର୍ବପ୍ରଥମେ ୧୯୭୭ ମସିହାରେ ଲକ୍ଷ୍ୟ କରାଯାଇଥିଲା ଏବଂ ୧୯୭୮ ମସିହାରେ ଏହି ମିଳନ ଦୀର୍ଘସ୍ଥାୟୀ ହୋଇଥିଲା । ଯାହାହେଉ ଏକମାତ୍ର ଅଣ୍ଡିରା କୁମ୍ଭୀରର କୌଣସି ତ୍ରୁଟି ପାଇଁ ଅଣ୍ଡାଦେବା ସମ୍ଭବପର ହୋଇ ପାରି ନଥିଲା । ତେଣୁ ଅନ୍ୟ ଏକ ଅଣ୍ଡିରା କୁମ୍ଭୀର ଆଣିବା ପାଇଁ ପଦକ୍ଷେପମାନ ନିଆଯାଇଥିଲା । ପଶ୍ଚିମ ଜର୍ମାନୀର ଫ୍ରାଙ୍କଫର୍ଟ ଜୀବଜନ୍ତୁ ସମିତି ଦ୍ୱାରା ଏକ ଦୀର୍ଘସ୍ଥାୟୀ ଋଣ ସୂତ୍ରରେ ଏକ ୧୨-୬" ଲମ୍ବର ଅଣ୍ଡିରା କୁମ୍ଭୀର ବିନା ପଇସାରେ ଭାରତକୁ ଆଣିବାର ବନ୍ଦୋବସ୍ତ କରାଗଲା । ପରିଶେଷରେ ୧୯୮୦ ମସିହାରେ ଜାନୁୟାରୀ ମାସ ୧୧ତାରିଖରେ ଏହା ନନ୍ଦନକାନନରେ ପହଞ୍ଚିଲା ଏବଂ ପ୍ରାୟ ଏକ ସପ୍ତାହ ମଧ୍ୟରେ ଏହା ନନ୍ଦନକାନନରେ ଥିବା ମାଈ ଘଡ଼ିଆଳ କୁମ୍ଭୀର ସହିତ ଦେହର ଆଦାନ ପ୍ରଦାନ କରିବାରେ ଲାଗିଲା । ପୃଥିବୀ ଇତିହାସରେ ଏହି ମିଳନ ପ୍ରଥମଥର ପାଇଁ ସଫଳ ହେଲା ଏବଂ ୧୯୮୦ ମସିହା ମାର୍ଚ୍ଚ ମାସ ୧୦ ତାରିଖରେ କୁଣ୍ଡଟିର ଏକ ପାର୍ଶ୍ୱରେ ଥିବା କୃତ୍ରିମ ବାଲୁକା କୂଳରେ କୁମ୍ଭୀର ଗାତଖୋଳି ଅଣ୍ଡାଦେଲା । ଅଣ୍ଡାଦେବା ପରେ ମାଈ କୁମ୍ଭୀରଟି ଖୁବ୍ ନିଷ୍ଠାର ସହିତ ବସାଟିକୁ ସବୁ ସମୟ ଜଗିବାକୁ ଲାଗିଲା । ଏପରିକି ସଂସର୍ଗରେ ଆସୁଥିବା ଜଣାଶୁଣା କର୍ମଚାରୀମାନଙ୍କୁ ମଧ୍ୟ ତାର ବସା ପାଖକୁ ଛାଡ଼ିଲା ନାହିଁ ।

ଏହି ଅଣ୍ଡାଗୁଡ଼ିକୁ ଅଣ୍ଡାଶୟକୁ (ହାଚେରୀ) ଆଣି କୃତ୍ରିମ ଉପାୟରେ ଛୁଆ କରିବା ଉଦ୍ଦେଶ୍ୟରେ ୧୯୮୦ ମସିହା ଏପ୍ରିଲ ମାସ ପହିଲାରେ ଖୋଲାଗଲା । ବସାଟିରେ ପ୍ରାୟ ୩ ଇଞ୍ଚ ଲମ୍ବ ଓସାରର ୨୫ଗୋଟି ଅଣ୍ଡା ଥିଲା । ସେଥିରୁ ୧୦ଟିକୁ ବସାରେ ରଖି ଅନ୍ୟ ୧୫ଟିକୁ ଅଣ୍ଡାଶୟକୁ ଅଣାଗଲା । ଏହାକୁ ବାଲିମଧ୍ୟରେ ପୋତାଯାଇ ଆର୍ଦ୍ରତା ଓ ଦରକାରୀ ଉତ୍ତାପ ରକ୍ଷା କରାଗଲା । ଘଡ଼ିଆଳ କୁମ୍ଭୀରର ଅଣ୍ଡାରୁ ଛୁଆ ଫୁଟିବା ପାଇଁ ଅଢ଼େଇ ମାସ ଲାଗିଥାଏ । ବସାଟିରେ ଛଡ଼ାଯାଇଥିବା ୧୦ଟି ଅଣ୍ଡାରୁ ୧୦ଟି ଛୁଆ ବାହାରିଲେ ଓ ଏଗୁଡ଼ିକୁ ମାଆ କୁମ୍ଭୀର ଲାଳନ ପାଳନ କରିଥିଲା ଓ ଅଣ୍ଡାଶୟରୁ ୧୫ଟି ଅଣ୍ଡା ମଧ୍ୟରୁ ୧୪ଟି ଛୁଆ ହୋଇଥିଲେ । ନନ୍ଦନକାନନରେ ଥିବା ଏକ କୁମ୍ଭୀର କୁଣ୍ଡରେ (Hatchling Pool) ରେ ଏହି ଛୋଟ ଛୁଆଗୁଡ଼ିକ ଲାଳନପାଳନ କରାଯାଇଥିଲା ।

ଘଡ଼ିଆଳ କୁମ୍ଭୀରମାନଙ୍କର ଆବଦ୍ଧ ପରିବେଶ ମଧ୍ୟରେ ପ୍ରଜନନ ସଫଳ ହୋଇ ଅଣ୍ଡା ଦେବା ଓ ଏଥି ମଧ୍ୟରୁ ଛୁଆ ହେବା ଦ୍ୱାରା ପୃଥିବୀ ଇତିହାସରେ ଏକ ନୂଆ ରେକର୍ଡ ସୃଷ୍ଟିକଲା । ରାଜ୍ୟରେ ଏକ ମାତ୍ର ପ୍ରାଣୀ ଉଦ୍ୟାନ ପୃଥିବୀରେ ଘଡ଼ିଆଳ କୁମ୍ଭୀରମାନଙ୍କର ବଂଶବୃଦ୍ଧି କରିବା ଦିଗରେ ସର୍ବପ୍ରଥମେ ସଫଳ ସ୍ଥାନ ଅଧିକାର କରିପାରିଛି । ଓଡ଼ିଶାରେ ଟିକରପଡ଼ାଠାରେ ୧୯୭୫ ମସିହାରେ କୃତ୍ରିମ ଉପାୟରେ ସର୍ବପ୍ରଥମେ ଘଡ଼ିଆଳ ଅଣ୍ଡାରୁ ଛୁଆ ହୋଇଥିଲା । ଏହି କୁମ୍ଭୀର ଛୁଆମାନଙ୍କୁ ନେଇ ସର୍ବଭାରତୀୟ କୁମ୍ଭୀର ଯୋଜନା ଆରମ୍ଭ କରାଯାଇଥିଲା ।

---

ଗବେଷଣା ଅଧିକାରୀ, ମୁଖ୍ୟ ବନ୍ୟପ୍ରାଣୀ
ତତ୍ତ୍ୱାବଧାରକଙ୍କ କାର୍ଯ୍ୟାଳୟ
ଭୁବନେଶ୍ୱର-୭୫୧୦୦୧

---

ଓଡ଼ିଶାର ଅସଚଳ ବଂଶ ହୋଇଥାଆ, ସେ ବିଷୟରେ ଚିନ୍ତା ନ କରି, ଯେଉଁସବୁ ଗୁଣ ଓଡ଼ିଆ ଜାତିକୁ ଦିନେ ଭାରତରେ ଶୀର୍ଷ ଓ ଶ୍ରେଷ୍ଠ ଆସନ ଦେଇଥିଲା ; ଯେଉଁସବୁ ବୈଶିଷ୍ଟ୍ୟ ଏହାର ସ୍ୱତନ୍ତ୍ର ଜାତୀୟତାକୁ ପ୍ରତିଷ୍ଠିତ କରିଥିଲା ; ତାହାର ଆଲୋଚନା, ତାହାର ଉଦ୍‌ବୋଧନ ଓ ତାହାର ବିକାଶ ଆବଶ୍ୟକ । ଏହାର ସାଂସ୍କୃତିକ ବୈଶିଷ୍ଟ୍ୟ ଓ ପରମ୍ପରାକୁ ପୁଷ୍ଟ ଓ ବର୍ଦ୍ଧିଷ୍ଣୁ କରିବା ଆବଶ୍ୟକ ଯେପରିକି, ଓଡ଼ିଆ ଜାତି ଆଧୁନିକ ଭାରତୀୟ ମହାସଂଘରେ ଶ୍ରେଷ୍ଠ ଆସନ ଅଧିକାର କରି ପାରିବ ।

[illegible] — ଜାନକୀ ବଲ୍ଲଭ ପଟ୍ଟନାୟକ

# ନନ୍ଦନ କାନନର ଘଡ଼ିଆଳ କୁମ୍ଭୀର

ଡକ୍ଟର ସୁଧାକର କର

୧୯୭୦ ମସିହା ମଧ୍ୟ ଭାଗରେ ସାରା ପୃଥିବୀରେ ଘଡ଼ିଆଳ କୁମ୍ଭୀର ସଂଖ୍ୟା ନ୍ୟୂନ ଭାବରେ ପରିଗଣିତ ହେଲା । ଏପରିକି ଏହାର ବିଶିଷ୍ଟ ବାସସ୍ଥଳୀ, ମହାନଦୀର ସାତ-କୋଶିଆ ଗଣ୍ଡରେ ଏହାର ସଂଖ୍ୟା ୫ କୁ କମି ଆସିଲା । ଏହି ଘଡ଼ିଆଳ କୁମ୍ଭୀରମାନଙ୍କର ବଂଶରକ୍ଷା ପାଇଁ ଭାରତ ସରକାର ଗଭୀର ଉଦ୍‌ବେଗ ପ୍ରକାଶ କରି ଏମାନଙ୍କର ସଂଖ୍ୟା କଳନା କରିବା ପାଇଁ ମିଳିତ ଜାତିସଂଘ ଉନ୍ନୟନ ସଂସ୍ଥାର ସାହାଯ୍ୟ ଲୋଡ଼ିଲେ । ଘଡ଼ିଆଳ କୁମ୍ଭୀର ବଂଶ-ରକ୍ଷା କରିବା ପାଇଁ ଯଦି କିଛି କରାଯାଇ ପାରେ ସେ ବିଷୟ ଅନୁଧ୍ୟାନ କରି ଉପଦେଶ ଦେବା ନିମନ୍ତେ ଜାତିସଂଘର କୃଷି ଓ ଖାଦ୍ୟ ସଂସ୍ଥା ଡକ୍ଟର ଏଚ୍. ଆର. ବଷ୍ଟାର୍ଡଙ୍କୁ ନିଯୁକ୍ତ କଲେ । ୧୯୭୪ ମସିହାର ମଧ୍ୟଭାଗରେ ଏମାନଙ୍କର ସଂଖ୍ୟା କଳନା କରିବା ପାଇଁ ଡକ୍ଟର ଏଚ୍. ଆର. ବଷ୍ଟାର୍ଡ ଓଡ଼ିଶା ସହିତ ଭାରତର ଅନ୍ୟାନ୍ୟ ଘଡ଼ିଆଳ ବାସସ୍ଥଳୀ ଭ୍ରମଣ କରିଥିଲେ । ସାରା ଦେଶରେ ଘଡ଼ିଆଳ କୁମ୍ଭୀର ମାନଙ୍କର ସଂଖ୍ୟା କମି କମି ୬୦—୭୦ରେ ପହଞ୍ଚି ଥିବାର ବିଷୟ ସେ ତାଙ୍କ ରିପୋର୍ଟରେ ଉଲ୍ଲେଖ କରିଥିଲେ । କେତେଗୁଡ଼ିଏ ସ୍ୱତନ୍ତ୍ର ଅଭୟାରଣ୍ୟ ସୃଷ୍ଟିକରି ଆଧୁନିକ ପ୍ରଣାଳୀର ସହାୟତାରେ ଘଡ଼ିଆଳ କୁମ୍ଭୀରମାନଙ୍କୁ ବିଭିନ୍ନ ବାଧାବିଘ୍ନରୁ ବଞ୍ଚାଇ ରଖିବା ପାଇଁ ସେ ଆଶାବାଦୀ ହୋଇ-ଥିଲେ । ଯେପରିକି କିଛି ବର୍ଷପରେ ଏହି ବଞ୍ଚି ରହିଥିବା ସଂଖ୍ୟାଠାରୁ ଘଡ଼ିଆଳ କୁମ୍ଭୀର ହଜାର ହଜାର ସଂଖ୍ୟାରେ ବୃଦ୍ଧି ପାଇବ ।

ପୂର୍ବରୁ ପୃଥିବୀର କୌଣସି ଜାଗାରେ ଘଡ଼ିଆଳ କୁମ୍ଭୀର ଆବଦ୍ଧ ପରିବେଷ୍ଟନୀ ମଧ୍ୟରେ ଅଣ୍ଡାଦେବା ସମ୍ଭବ ହୋଇ ନଥିଲା ଏବଂ ଏହି ଯୋଜନାର ଭବିଷ୍ୟତ କାର୍ଯ୍ୟପନ୍ଥା ଆବଦ୍ଧ ପରିବେଷ୍ଟନୀ ମଧ୍ୟରେ ଏମାନଙ୍କର ବଂଶ ବୃଦ୍ଧି କରାଇବା ଥିଲା ଅନ୍ୟତମ ।

ଡକ୍ଟର ଏଚ୍. ଆର. ବଷ୍ଟାର୍ଡଙ୍କ ୧୯୭୪ ମସିହାର ରିପୋର୍ଟ ଭାରତ ସରକାର ଗ୍ରହଣ କଲେ ଏବଂ ବୈଷୟିକ ଜ୍ଞାନ କୌଶଳ ଯୋଗାଇ ଏକ ସର୍ବଭାରତୀୟ ଯୋଜନା ପ୍ରସ୍ତୁତ କରି ଭାରତର ଘଡ଼ିଆଳ କୁମ୍ଭୀରମାନଙ୍କର ବଂଶରକ୍ଷା କରିବା ସଙ୍ଗେସଙ୍ଗେ ଅନ୍ୟ ଦୁଇ ପ୍ରକାର କୁମ୍ଭୀର ଯଥା:— ଲୁଣିପାଣି ବା ବଉଳାକୁମ୍ଭୀର(Crocodylus Porosus) ମଗର ବା ଶୋମୁହାଁ କୁମ୍ଭୀର (Crocodylus Palustrois) ଙ୍କ ସଂରକ୍ଷଣ ପାଇଁ ମିଳିତ ଜାତି ସଂଘକୁ ଅନୁରୋଧ କରିଥିଲେ ।

ଏହି ଯୋଜନାକୁ କାର୍ଯ୍ୟକାରୀ କରିବା ଦିଗରେ ଓଡ଼ିଶା ସର୍ବପ୍ରଥମ ଏବଂ ଘଡ଼ିଆଳ କୁମ୍ଭୀରମାନଙ୍କ ପାଇଁ ଏକ ବିଶିଷ୍ଟ ଅଭୟାରଣ୍ୟ ସାତକୋଶିଆ ଗଣ୍ଡ ଅଭୟାରଣ୍ୟ (Satkosia Gorge Sentuary) ନାମରେ ନାମିତ ହୋଇଥିଲା ।

ପ୍ରାକୃତିକ ପରିବେଶରେ ଥିବା ୫ଟି ଘଡ଼ିଆଳ କୁମ୍ଭୀର ଛାଡ଼ିଦେଲେ ମହାନଦୀରୁ ଧରାଯାଇ ଥିବା ୩ ଗୋଟି ଅପ୍ରାପ୍ତ ବୟସ କୁମ୍ଭୀର ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ (ଯାହାକି ବର୍ତ୍ତମାନ ଏକ ଅଭୟାରଣ୍ୟ ନାମରେ ନାମିତ) ପାଳନ କରାଯାଉଥିଲା । ୧୯୭୪ ମସିହାରେ ସେମାନଙ୍କୁ ପ୍ରାୟ ୧୦ ବର୍ଷ ହୋଇଥିଲା । ଘଡ଼ିଆଳମାନଙ୍କର ଆବଦ୍ଧ

ଅଞ୍ଚଳର ମିଶ୍ରଣ ପରେ ଉତ୍କଳ ସମ୍ମିଳନୀ ଓଡ଼ିଶାର ରାଜନୈତିକ ପ୍ରାଙ୍ଗଣ ପଟରୁ ଦୂରେଇଯାଇ ଇତିହାସର ଉପାଦାନ ହୋଇ ପଡ଼ିଲା ।

୧୯୫୪ ମସିହାରେ "ଓଡ଼ିଆ ଭାଷା ଆଇନ୍" ରାଜ୍ୟ ବିଧାନ ସଭାରେ ଗୃହୀତ ହୋଇଥିଲା । ଏହି ଆଇନ୍‌କୁ କାର୍ଯ୍ୟକାରୀ କରିବା ଦିଗରେ ନିମ୍ନଲିଖିତ ପଦକ୍ଷେପ ନିଆଯାଇଛି ବୋଲି ତତ୍କାଳୀନ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ ।

(୧) ରାଜ୍ୟ ସରକାର ବିଜ୍ଞପ୍ତି ନଂ ୮୧୮୯ ତା ୧୪-୪-୧୯୬୬ ବଳରେ ରାଜ୍ୟର ଗ୍ରାମ୍ୟ ଗୋଷ୍ଠୀ ଉନ୍ନୟନ ଓ ପଞ୍ଚାୟତିରାଜ, ରାଜସ୍ୱ, ଆଦିବାସୀ ଓ ଗ୍ରାମମଙ୍ଗଳ, ଶିକ୍ଷା ଓ ଜଙ୍ଗଲ ବିଭାଗ ଅଧୀନରେ ଥିବା କାର୍ଯ୍ୟାଳୟ ଗୁଡ଼ିକର କେତେକ ସ୍ତରରେ ପତ୍ରାଚାର ଓ ନଥିପତ୍ର ଓଡ଼ିଆ ଭାଷାରେ ପ୍ରଚଳନ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି ।

(୨) ରାଜ୍ୟ ସରକାରଙ୍କ ବିଜ୍ଞପ୍ତି ନଂ ୬୧୧୩ ତା ୬-୪-୧୯୬୮ ବଳରେ କେତେକ ନିର୍ଦ୍ଦିଷ୍ଟ କାର୍ଯ୍ୟ ବ୍ୟତୀତ ପ୍ରାୟ ସମସ୍ତ ବିଭାଗୀୟ ମୁଖ୍ୟ ଦପ୍ତର ଏବଂ ସେମାନଙ୍କ ଅଧୀନରେ ଥିବା କାର୍ଯ୍ୟାଳୟମାନଙ୍କରେ ଓଡ଼ିଆ ଭାଷା ବ୍ୟବହାର ପାଇଁ ନିର୍ଦ୍ଦେଶ ଦିଆଯାଇଛି ।

(୩) ରାଜ୍ୟ ସରକାରଙ୍କ ଆଇନ୍ ବିଭାଗ ବିଜ୍ଞପ୍ତି ନଂ ୬୪୬୫ ତା ୬ ଜୁନ୍ ୧୯୭୨ରିଖ ଅନୁଯାୟୀ ଓଡ଼ିଆକୁ ସମସ୍ତ ଜିଲ୍ଲାରେ ଅଦାଲତର ଭାଷା ରୂପେ ବ୍ୟବହାର କରିବା-ପାଇଁ ନିର୍ଦ୍ଦେଶ ଦିଆଯାଇଛି ।

(୪) ରାଜ୍ୟର ଉଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶାନୁଯାୟୀ ଯେ କୌଣସି ବିଚାରପତି ଓଡ଼ିଆ ଭାଷାରେ ମକଦ୍ଦମା ରାୟ ଲେଖି ପାରିବେ । କିନ୍ତୁ ସେଗୁଡ଼ିକ ସର୍ବୋଚ୍ଚ ନ୍ୟାୟାଳୟକୁ ପୁନର୍ବିଚାର ପାଇଁ ଆବଶ୍ୟକ ସ୍ଥଳେ ଯାଇଥିବା ହେତୁ ସେହି ଓଡ଼ିଆ ରାୟର ଏକ ଇଂରାଜୀ ଅନୁବାଦ ନଥିରେ ରଖିବାର ବ୍ୟବସ୍ଥା କରାଯାଇଛି ।

(୫) ଦେଶରେ ପ୍ରଚଳିତ ଥିବା ସମସ୍ତ ଆଇନ୍ ଓ ତତ୍ ସଂପର୍କୀୟ ନିୟମାବଳୀର ଓଡ଼ିଆ ଅନୁବାଦକୁ ତ୍ୱରାନ୍ୱିତ କରିବା ପାଇଁ ରାଜ୍ୟ ସରକାର ଓଡ଼ିଆ ସରକାରୀ ଭାଷା (ବ୍ୟବସ୍ଥାପକ) କମିଟି ଓ ଅନୁବାଦ ବିଭାଗ (ଟ୍ରାନ୍ସଲେସନ ବ୍ୟୁରୋ) ଗଠନ କରିଅଛନ୍ତି । ଏ ଦୁଇଟି ସଂସ୍ଥା କେନ୍ଦ୍ର ଓ ରାଜ୍ୟର ଆଇନ୍ ଗୁଡ଼ିକର ଅନୁବାଦ କରିବା ପାଇଁ କ୍ଷିପ୍ର ପଦକ୍ଷେପ ନେଇଛନ୍ତି ।

(୬) ସରକାର ଓଡ଼ିଆ ଭାଷାକୁ ସରକାରୀ ଭାଷା ରୂପେ ପ୍ରଚଳନ କରିବା ନିମନ୍ତେ ବଦ୍ଧ ପରିକର । ସରକାରୀ ସ୍ତରରେ ଜନସାଧାରଣଙ୍କ ଓ ବିଭାଗୀୟ ଜିଲ୍ଲା ସ୍ତରୀୟ ଓ ଅନ୍ୟାନ୍ୟ ନିମ୍ନ ଦପ୍ତର ପାଇଁ ଭବିଷ୍ୟ ସମସ୍ତ ଚିଠିପତ୍ର, ବିଜ୍ଞପ୍ତି, ଗେଜେଟ ଆଦି ଓଡ଼ିଆ ଭାଷାରେ ହେବା ପାଇଁ ସରକାର ସ୍ଥିର କରୁଛନ୍ତି ଏବଂ ସରକାରଙ୍କ ପୂର୍ବବର୍ତ୍ତୀ ସିଦ୍ଧାନ୍ତମାନ କେତେଦୂର କାର୍ଯ୍ୟକରାଯାଇଛି ଓ ଏ ସଂପର୍କରେ ଥିବା ଅସୁବିଧାମାନ କିପରି ଦୂରକରାଯାଇ ପାରିବ, ତାହା ଅନୁଧ୍ୟାନ କରିବା ପାଇଁ ଏକ ଉଚ୍ଚ ସ୍ତରୀୟ କମିଟି ନିଯୁକ୍ତି ପାଇଁ ସରକାର ନିଷ୍ପତ୍ତି ନେଇଛନ୍ତି ।

ବହୁ ବିଳମ୍ବ ହୋଇଥିଲେ ହେଁ ଉପରୋକ୍ତ ଘୋଷଣା ଆଜି କାର୍ଯ୍ୟକାରୀ ହୋଇଅଛି । ଏବଂ ବର୍ତ୍ତମାନର ସରକାର ତାଙ୍କ ବିଜ୍ଞତାର ପ୍ରକୃତ ପରିଚୟ ଦେଇଛନ୍ତି । ଦେଶ ଯେପରି ଗର୍ବ କରେ ତାର ସଂସ୍କୃତି ଓ ଐତିହ୍ୟକୁ ନେଇ, ସେହିପରି ଗର୍ବକରେ ଓ ଗୌରବାନ୍ୱିତ ମନେ କରେ ତାର ଜାତୀୟ ଭାଷାର ମର୍ଯ୍ୟାଦାକୁ ନେଇ । ମାତୃ ସ୍ତନ୍ୟ ସହିତ ଝରି ଆସିଛି ତାର ମାତୃଭାଷା । ଶିଶୁର କଥା କହିବା ଶକ୍ତି ଆସିବା ମାତ୍ରକେ ସେ ତାର ମାତୃଭାଷା କହେ ଓ ମାତୃଭାଷାକୁ ହୃଦୟଙ୍ଗମ କରେ । ମାତୃଭାଷା ମାଧ୍ୟମରେ ଜଣେ ବ୍ୟକ୍ତି ଯେପରି ହୃଦୟ ଭାବକୁ ବ୍ୟକ୍ତ କରିପାରେ, ଅନ୍ୟ କୌଣସି ଭାଷାରେ ସେପରି ବ୍ୟକ୍ତ କରିପାରେ ନାହିଁ । ଜାତିର ଉନ୍ନତି ସାଧିତ ହୁଏ ତାର ମାତୃଭାଷାର ଉନ୍ନତିରେ ।

ଏଇ ରାଜ୍ୟରେ ପାଠପଢୁଆ ଇଂରାଜୀ ଶିକ୍ଷିତଙ୍କର ସଂଖ୍ୟା ଶତକଡ଼ା ୧୫; କିନ୍ତୁ ବାକି ୮୫ ଭାଗ ଲୋକଙ୍କର ଭାଷା ଓଡ଼ିଆ । ସେମାନେ କେବଳହିଁ ଓଡ଼ିଆ ଭାଷା ବୁଝନ୍ତି ଓ କହନ୍ତି । ସ୍ୱାଧୀନତା ପ୍ରାପ୍ତିର ବହୁ ବର୍ଷପରେ ଆମର ଜାତୀୟ ନେତୃବର୍ଗ ଦେଖିଲେ ଯେ ଦେଶର ଅଧିକାଂଶ ଜନସାଧାରଣ ଅଜ୍ଞାନ ଅନ୍ଧକାରରେ ବୁଡ଼ି ରହିଛନ୍ତି । ସେମାନଙ୍କ ମାତୃଭାଷାର ଜବତ ଜାଣନ୍ତି ନାହିଁ, ଦସ୍ତଖତଟିଏ କରିପାରୁ ନାହାନ୍ତି । ଦେଶରେ ପ୍ରୌଢ଼ ଶିକ୍ଷାର ପ୍ରସାର ପାଇଁ ବର୍ତ୍ତମାନ ଚେଷ୍ଟା ଚାଲିଛି । ବର୍ତ୍ତମାନ ଭାରତର ଜାତୀୟ ସରକାର ଆଞ୍ଚଳିକ ଭାଷା ଓ ସାହିତ୍ୟର ଉନ୍ନତି ପାଇଁ ଗଭୀର ଧ୍ୟାନ ଦେଇଅଛନ୍ତି, ଯାହା ଫଳରେ ସର୍ବଭାରତୀୟ ପରୀକ୍ଷାଗୁଡ଼ିକରେ ଆଞ୍ଚଳିକ ଭାଷାଗୁଡ଼ିକୁ ପ୍ରାଧାନ୍ୟ ଦେଇ ତହିଁରେ ଉଭୟେ ଇଚ୍ଛାଧୀନ ଓ ବାଧ୍ୟତାମୂଳକ ଭାଷା ସାହିତ୍ୟ ପତ୍ର ଅନ୍ତର୍ଭୁକ୍ତ କରାଇଛନ୍ତି । ଓ ଅଧ୍ୟାପନର କ୍ଷେତ୍ର ମହତ୍ୱପୂର୍ଣ୍ଣ ଓ ଗୁଣାତ୍ମକ ହେବା ସଙ୍ଗେ ସଙ୍ଗେ ଓଡ଼ିଆ ଭାଷା ଓ ସାହିତ୍ୟରେ ଉଚ୍ଚତର ଶିକ୍ଷା ଲାଭ କରୁଥିବା ବ୍ୟକ୍ତିମାନଙ୍କୁ ନିଯୁକ୍ତିର ସୁବିଧା ମିଳିଲେ ଏହି ଶିକ୍ଷାଲାଭ କରିବା ପାଇଁ ମେଧାବୀ ଛାତ୍ର ଛାତ୍ରୀମାନେ ଆଗ୍ରହ ପ୍ରକାଶ କରିବେ ଏବଂ ଭବିଷ୍ୟତରେ ଓଡ଼ିଆ ଭାଷା ଓ ସାହିତ୍ୟର ମଧ୍ୟ ବିକାଶ ହେବ ।

ଓଡ଼ିଆ ଭାଷା ଓ ସାହିତ୍ୟର ବିରାଟ ମନ୍ଦିର ହଜାର ହଜାର ବର୍ଷ ସଂସ୍କୃତିର ଦୃଢ଼ ଭିତ୍ତିଭୂମି ଉପରେ ସୁପ୍ରତିଷ୍ଠିତ । ସମଗ୍ର ପୃଥିବୀରେ ଶ୍ରୀ ଜଗନ୍ନାଥ ସଂସ୍କୃତି ଯୁଗ ଯୁଗ ଧରି ଏକକ ସ୍ଥାନ ଅଧିକାର କରିଛି । ସମୟ ଆସିପାରେ ଶ୍ରୀ ଜଗନ୍ନାଥ ଦେଶର ଭାଷା, ସାହିତ୍ୟ ଅତି ପବିତ୍ର ଓ ଗୌରବମୟ ଭାଷା ଭାବରେ ପୃଥିବୀରେ ପ୍ରତିଷ୍ଠା ଲାଭ କରି ପାରେ । ଓକବି ଗଙ୍ଗାଧର ମାତୃଭାଷାର ଗୁରୁତ୍ୱ ଉପଲବ୍ଧି କରି ଲେଖିଥିଲେ –

"ଉଚ୍ଚ ହେବା ପାଇଁ କର ଯେବେ ଆଶା,
ଉଚ୍ଚ କର ଆଗ ନିଜ ମାତୃଭାଷା"

# ଆମ ମାତୃଭାଷା : ସରକାରୀ ଭାଷା

ଶ୍ରୀ ବରଦା ପ୍ରସନ୍ନ ଦାସ

ମନୁଷ୍ୟର ସହଜ ସ୍ୱଚ୍ଛନ୍ଦ ଭାବ ପ୍ରକାଶ ନିମନ୍ତେ ମାତୃଭାଷା ଅପରିହାର୍ଯ୍ୟ ଅବଲମ୍ବନ । ସେଇଥି ପାଇଁ କବି ଗଙ୍ଗାଧରଙ୍କ ଭାଷାରେ:—

"ମାତୃଭୂମି ମାତୃଭାଷାରେ ମମତା
ଯାହୃଦେ ଜନମି ନାହିଁ
ତାକୁ ଯଦି ଜ୍ଞାନୀ ଗଣରେ ଗଣିବା
ଅଜ୍ଞାନୀ ରହିବେ କାହିଁ ?

୧୯୮୫ ମସିହା ଏପ୍ରିଲ ୧ ତାରିଖଠାରୁ ଓଡ଼ିଶାରେ ବାଧ୍ୟତାମୂଳକ ଭାବେ ସରକାରୀ କାର୍ଯ୍ୟାଳୟମାନଙ୍କରେ ଓଡ଼ିଆ ଭାଷା ପ୍ରଚଳନ ନିମନ୍ତେ ନିୟମ ଲାଗୁ ହେଲା । ଏଭଳି ଐତିହାସିକ ସ୍ୱାଗତ ଯୋଗ୍ୟ ଦୁଃସାହସିକ ପଦକ୍ଷେପ ସମ୍ଭବ ହୋଇପାରିଲା କେବଳ ଓଡ଼ିଶାର ରାଜନୈତିକ କ୍ଷେତ୍ରରେ ନୂତନ ଅଧ୍ୟାୟ ସୃଷ୍ଟି କରିଥିବା ମାନ୍ୟବର ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ନେତୃତ୍ୱ ଓ ମାତୃଭାଷା ପ୍ରୀତି ଯୋଗୁଁ । ୧୯୮୯ ଏପ୍ରିଲ ୧ ତାରିଖ ଉତ୍କଳ ଦିବସରେ ସରକାରୀ କ୍ଷେତ୍ରରେ ଓଡ଼ିଆ ଭାଷା ପ୍ରଚଳନ ୫ମ ବର୍ଷରେ ପଦାର୍ପଣ କଲା ।

୧୮୭୪ ଖ୍ରୀ :ରେ ବଙ୍ଗଳାରୁ ଆସାମ ଅଲଗା ହୋଇ ଏକ ସ୍ୱତନ୍ତ୍ର ପ୍ରଦେଶ ଭାବେ ସ୍ୱୀକୃତ ହେଲା । ଠିକ୍ ସେତିକି ବେଳକୁ ଓଡ଼ିଶାରେ ବଙ୍ଗାଳୀମାନେ 'ଓଡ଼ିଆ ଭାଷା ଉଚ୍ଛେଦ ଆନ୍ଦୋଳନ' ଆରମ୍ଭ କଲେ ଏବଂ ଏହାହିଁ ଥିଲା ଓଡ଼ିଆମାନଙ୍କ ପାଇଁ ସର୍ବଶେଷ ଦାରୁଣ ଆଘାତ । କିନ୍ତୁ ଏହି ଆଘାତ ହିଁ ଓଡ଼ିଆଙ୍କ ମନରେ ଜାତୀୟତା ଭାବର ସୂତ୍ରପାତ କଲା । ସତେ ଯେପରି ତାହା ଥିଲା ପରୋକ୍ଷ ଭାବେ ଏକ ଭଗବତ୍ ପ୍ରେରିତ ଆଶୀର୍ବାଦ । ଜନ୍ ବୀମ୍ସଙ୍କ ପରି ବହୁ ବ୍ରିଟିଶ୍ ପ୍ରଶାସକ ଓଡ଼ିଆ ଭାଷାର ଆଦିମତା ଓ ସ୍ୱାତନ୍ତ୍ର୍ୟତା ପ୍ରମାଣ କରିଗଲେ ।

ଓଡ଼ିଆ ଭାଷାରେ ସମ୍ବାଦ ପତ୍ର ପ୍ରକାଶିତ ହେବା ପରେ ଫକୀରମୋହନ ପ୍ରଭୃତିଙ୍କ ଦ୍ୱାରା ଓଡ଼ିଆ ଭାଷା ଓ ସାହିତ୍ୟ ନବ ମନ୍ତ୍ରରେ ଦୀକ୍ଷିତ ହେଲା । ୧୮୮୬ରେ Bengal National Confenence ନାମକ ଏକ ସଙ୍ଗଠନ ବଙ୍ଗାଳୀମାନଙ୍କ ବିଭିନ୍ନ ସମସ୍ୟା ସମାଧାନ ନିମନ୍ତ ପ୍ରଚେଷ୍ଟା ଆରମ୍ଭ କରିଥିଲା । ତା ଦ୍ୱାରା ପ୍ରଭାବିତ ହୋଇ ମଧୁସୂଦନ ଦାସ ଓଡ଼ିଶାରେ ସେପରି ଏକ ସଂଗଠନ ପାଇଁ ଉତ୍ସାହୀ ହୋଇଥିବା ଅନୁମିତ ହୁଏ । କିନ୍ତୁ ବିକ୍ଷିପ୍ତ ଭାବେ ରହିଥିବା ଓଡ଼ିଆଙ୍କ ମନରେ ଜାତୀୟ ଭାବନାକୁ ଜାଗ୍ରତ କରାଇବା ପାଇଁ ଏକ ବଳିଷ୍ଠ ସଂଗଠନର ଆବଶ୍ୟକତା ତତ୍କାଳୀନ ନେତୃବୃନ୍ଦ ଉପଲବ୍ଧି କରିଥିଲେ । ଯଦିଓ ଉତ୍କଳ ସଭା, ଉତ୍କଳ ହିତୈଷିଣୀ ସମାଜ, ଗଞ୍ଜାମ ଜାତୀୟ ସମିତି ଭଳି କେତେକ ସଂଗଠନ ଆଞ୍ଚଳିକ ସ୍ତରରେ ଗଠିତ ହୋଇଥିଲା, ତଥାପି ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ମଧୁସୂଦନଙ୍କ ଉଦ୍ୟମରେ ଡିସେମ୍ବର ୧୯୦୩ରେ 'ଉତ୍କଳ ସମ୍ମିଳନୀ' ଜନ୍ମ ନେଲା । ଓଡ଼ିଆ ଭାଷା ଭାଷୀ ଅଞ୍ଚଳ ଗୁଡ଼ିକର ମିଶ୍ରଣ ଲାଗି ଉତ୍କଳ ସମ୍ମିଳନୀ ଆନ୍ଦୋଳନ ଆରମ୍ଭ କରିଥିଲେ ସୁଦ୍ଧା ପ୍ରତିଟି ଓଡ଼ିଆ ମନରେ ଜାତୀୟ ଭାବନା ଜାଗ୍ରତ କରାଇବା ଥିଲା ଏହାର ମୁଖ୍ୟ ଉଦ୍ଦେଶ୍ୟ । କାରଣ ମୃତବତ୍ ସୁପ୍ତ ଓଡ଼ିଆଙ୍କ ହୃଦୟରେ ଜାତୀୟତାର ସ୍ପନ୍ଦନ ନ ହେଲେ ଏକ ସ୍ୱତନ୍ତ୍ର ପ୍ରଦେଶର ଆବଶ୍ୟକତା ବା କ'ଣ । ୧୯୩୬ରେ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ଭାବେ ସ୍ୱୀକୃତ ହୋଇ ବିଭିନ୍ନ ଓଡ଼ିଆ ଭାଷାଭାଷୀ

ଘର ଖର୍ଚ୍ଚ ହେବ । ସେ ରବି ଫସଲରୁ ୩୦୦ ଟଙ୍କା, ପିଆଜରୁ ୫୦୦ ଟଙ୍କା, ଷୋଡିଶରୁ ୬୦୦ ଟଙ୍କା ଏବଂ ପନିପରିବାରୁ ୩୦୦ ଟଙ୍କା ଆୟ କରୁଛନ୍ତି । ଋଣ ବାବଦକୁ ୨,୫୦୦ ଟଙ୍କା ସୁଝି ସାରିଲେଣି ।

ବର୍ତ୍ତମାନ ଝୁରିବାବୁଙ୍କ ଅବସ୍ଥା ଖୁବ୍ ଭଲ । ହାତରେ ବେଶ୍ ଦି'ପଇସା ଅଛି । ହଳେ ବଳଦ ନିଜେ କିଣିଛନ୍ତି । ସାନ ଭାଇ ଓ ସେ ନିଜେ ମିଳିମିଶି ଘରର ଆହୁରି ଉନ୍ନତି କରିବେ ବୋଲି ସ୍ଥିର କରିଛନ୍ତି । ଏ ବର୍ଷ ସେ ସାନ ଭାଇର ବାହାଘର ପାଇଁ ମନ ବଳାଉଛନ୍ତି । ସେତ କୂପ ଋଣରେ ତାଙ୍କର ଅବସ୍ଥା ବଦଳି ଯାଇଛି । ନିଜେ ନିଜକୁ ପ୍ରତିଷ୍ଠିତ କରାଇ ପାରିଛନ୍ତି । ଆନନ୍ଦରେ ତାଙ୍କର ଦିନଗୁଡ଼ିକ କଟିଯାଉଛି ।

ଈଶ୍ୱର ପ୍ରସାଦ ସିଂହ
ଏସ୍.ଡି.ଆଇ.ପି.ଆର୍.ଓ., ବଲାଙ୍ଗୀର ।

## ପଥର ହେଲା ପାଣି

ପୁରୀ ଜିଲ୍ଲା ଦେଲାଙ୍ଗ ପଞ୍ଚାୟତ ସମିତିରେ କରଣ୍ଡୁଳେଶ୍ୱରପୁର ଛୋଟ ଗାଁ ଖଣ୍ଡେ । ପୁରୀନଗର ଛକରୁ ବାଟ ଦି କିଲୋମିଟର ହେବ । ଏହି ଗାଁର ଝୁଲକାର ପାଖିରେ ଶ୍ରୀ ପଞ୍ଚୁ ଭୋଇଙ୍କ ଘର । କେବଳ ଝାଟିମାଟିର ଘର ଦିବଖଣ୍ଡ ଛଡ଼ା ଆଉ ବାଡ଼ି ଗୋଡରେ ଗୋଡେ ବୋଲି କିଛି ନାହିଁ । ବାପା, ମା, ସ୍ତ୍ରୀ ଓ ତିନୋଟି ଛୋଟ ପିଲାଙ୍କୁ ନେଇ ସାତ ପ୍ରାଣୀର କୁଟୁମ୍ବ । ପର ଦୁଆରେ ମୂଲ ଲାଗି ତେଲ ଲୁଣର ସଂସାର ଚଳାଏ । ସବୁଦିନ କାମଧନ୍ଦା ମଧ୍ୟ ମିଳେନି । ଅଭାବ ଅନାଟନ ଭିତରେ ପରିବାର ମୁହଁରେ ଭଲରେ ଦାନା ଗଣ୍ଡେ ଦେଇ ପାରେନି କି ପିଠିକୁ କନା ଖଣ୍ଡେ ଦେଇ ପାରେନି । ଭାଗ୍ୟକୁ ଆଦରି ମନ ମାରି ରହେ ।

ସବୁବେଳେ ତା'ର ଗୋଟିଏ ଚିନ୍ତା ପରିବାର କିପରି ଭଲରେ ଚଳିବେ । ନିଜେ କଠିନ ପରିଶ୍ରମ କରି ଜମି ଭାଗଚାଷ କଲେ ଅବସ୍ଥା ଟିକେ ସୁଧୁରି ଯାଆନ୍ତା । ମନରେ ବିନା ଆଗ୍ରହ ରହିଛି । କ'ଣ କରିବ । ନିଜର ହଳବଳଦ ନ ଥିବାରୁ କେହିତ ଜମି ଭାଗ ଦେବାକୁ ରାଜି ନୁହନ୍ତି । ତଥାପି ପଞ୍ଚୁ ଭାଙ୍ଗି ପଡ଼ିଲାନି । ଧାର ଉଧାର କରି ପଟେ ବଳଦ କିଣି ଗାଁର ଆଉ ଜଣେ ଛୋଟ କୃଷକ ସାଙ୍ଗରେ ହଳ ବଦଳିଆରେ କିଛି ଜମି ଭାଗରେ ଚାଷ କଲା । ମାତ୍ର କୂଳକିନାରାକୁ ସ୍ପର୍ଶ ନଥିଲା ବେଳକୁ ଏହା ସମୁଦ୍ରକୁ ଶଙ୍ଖେ ପରି । ହେଲେ ଦିନ ଆସିଲା, ତା'ର ଦୁଃଖ ପାଣି ପରି ବୋହିଗଲା ।

ଦିନେ ପାହାଳ ସରପଞ୍ଚ ବାବୁଙ୍କ ସଙ୍ଗରେ ବାଟରେ ତା'ର ଦେଖାହେଲା । ତାଙ୍କଠାରୁ ଶୁଣିବାକୁ ପାଇଲା ଯେ ଗରିବ ଲୋକମାନେ ଭଲରେ ଯେମିତି ଦି ପଇସା ରୋଜଗାର କରି ଚଳିବେ, ସେଥିପାଇଁ ସରକାରୀ ଋଣ ମିଳୁଛି । ସରପଞ୍ଚଙ୍କ ପରାମର୍ଶରେ ସେ ସାକ୍ଷାତ କଲା ପାହାଳ ଗ୍ରାମ୍ୟ ବ୍ୟାଙ୍କର ମ୍ୟାନେଜରଙ୍କୁ । ସେ ପଞ୍ଚୁର ଦୁଃଖ କଥା ଶୁଣି ଋଣ ଯୋଗାଇ ଦେବେ ବୋଲି ପ୍ରତିଶ୍ରୁତି ଦେଲେ ଏବଂ ବାଲିଅନ୍ତା ବି.ଡି.ଓ.ଙ୍କୁ ସାକ୍ଷାତ କରିବାକୁ କହିଲେ । ଶେଷରେ ସରକାରଙ୍କ ଇ.ଆର୍.ଆର୍.ପି. ଯୋଜନାରେ ପଞ୍ଚୁ ଚିହ୍ନଟ ହେଲା । ପାହାଳ ଗ୍ରାମ୍ୟ ବ୍ୟାଙ୍କରୁ ଛେଳି ଋଣ ମିଳିଲା ୨ହଜାର ୫ଶହ ଟଙ୍କା । ଏଥିରୁ ଦୁଇ ହଜାର ଟଙ୍କା ୧୦ଟି ମାଈ ଛେଳି ଓ ଗୋଟିଏ ବୋଦା କିଣିବାରେ ଗଲା ଓ ୨ଶହ ଟଙ୍କାରେ ଛେଳିଙ୍କର ବୀମା ହେଲା । ବାକି ୩ଶହ ଟଙ୍କା ଛେଳି ଗୁହାଳ ତିଆରି କରିବାକୁ ଦିଆଗଲା । ଋଣର ଅଧା ଟଙ୍କା ସବ୍‌ସିଡ଼ି ମିଳିଲା ଆଉ ବାକି ଅଧେ ଟଙ୍କା ୧୨ଶହ ସୁଝିବ ବୋଲି ସେ ବୁଝି ନେଲା ।

ଛେଳି ପାଇ ପଞ୍ଚୁ ପରିବାରରେ ଆନନ୍ଦ କହିଲେ ନ ସରେ । ସମସ୍ତେ ଛେଳିଗୁଡ଼ିକର ଯତ୍ନ ନେବାରେ ଲାଗିଲେ । ଆଶା, ଅବସ୍ଥା ସୁଧୁରି ଯିବ । ଭାଗ୍ୟ ଏମିତି ଯେ ଗୋଟିଏ ଛେଳି ମରିଗଲା । ଅବଶ୍ୟ ତା'ର କିଛି କ୍ଷତି ହେଲାନି । କାରଣ ଆଗରୁ ଛେଳି ବୀମା ହୋଇ ଥିବାରୁ ବୀମା କମ୍ପାନୀ ଛେଳିଟିଏ କିଣିବା ପାଇଁ ୨ଶହ ଟଙ୍କା ଦେଲେ ।

ଏଇ ଗଲା ଦି ବର୍ଷ ଭିତରେ ପଞ୍ଚୁ ଆଉ ଆଗର ପଞ୍ଚୁ ହୋଇ ନାହିଁ । ଛେଳି ସଂଖ୍ୟା ବଢ଼ିବଢ଼ି ୨୫ ହେଲାଣି । ସେ ଖୁବ୍ ଭଲରେ ଚଳୁଛି । ଗତ ଅଗଷ୍ଟ ସୁଦ୍ଧା ସବୁ ଋଣ ପରିଶୋଧ କରି ଦେଇଛି । ଛେଳି ବିକ୍ରି କରି ଭଲ ପଇସା ପାଉଛି । ପିଲାଏ ଷୀର ଖାଉଛନ୍ତି । ପୁଣି ବଳଦ କିଣି ଭାଗଚାଷ କରୁଛି । ମନରେ ଆଶା ବାନ୍ଧିଛି ନାବାର୍ଡ଼ ଯୋଜନାରେ ଦୁଇଟି ଜର୍ସି ଗାଈ କିଣି ପୁଅମାନଙ୍କୁ ରୋଜଗାର କ୍ଷମ କରାଇବ । ତା'ର ଦୁର୍ଦ୍ଦିନ ଘୁଞ୍ଚି ଯାଇଛି । ସେ ଆଜି ଖୁବ୍ ଖୁସିରେ ଅଛି । ଇ.ଆର୍.ଆର୍.ପି. ଯୋଜନା ତା'ର ଜୀବନର ଗତିପଥ ବଦଳେଇ ଦେଇଛି ବୋଲି ସେ କହେ ।

ବଟକୃଷ୍ଣ ପଣ୍ଡା,
ଏସ୍.ଡି.ଆଇ.ପି.ଆର୍.ଓ.,
ଭୁବନେଶ୍ୱର ।

## ପାହାଚ ପରେ ପାହାଚ

ଫୁଲବାଣୀ ଜିଲ୍ଲା ବାଲିଗୁଡ଼ା ଉପଖଣ୍ଡରେ ଉପରଖୋଲ ଗାଁ । ଗାଁର ଆଠଶହ ପରିବାର ମଧ୍ୟରୁ ଶତକଡ଼ା ଅଶୀ ଭାଗ ହେଉଛନ୍ତି ଅଦିବାସୀ ଶ୍ରେଣୀର । ଗ୍ରାମବାସୀମାନେ ଖୁବ୍ ପରିଶ୍ରମୀ, ଉଦ୍ୟମୀ, ଓ କର୍ମଠ । ଶ୍ରୀ ଅଦିକନ୍ଦ କହଁର ସେଇମାନଙ୍କ ଭିତରୁ ଜଣେ କର୍ମଠ ଓ ସତ୍ୟନିଷ୍ଠ ଯୁବକ । ବୟସ ୨୭-୨୮ ବର୍ଷ ହେବ । ଅଦିକନ୍ଦ ମାଟ୍ରିକ୍ ଫେଲ୍ ହୋଇ ପାଠପଢ଼ା ଛାଡ଼ିଲା ପରେ ନିଜର ପିତୃ ଅର୍ଜିତ ମାତ୍ର ଏକରେ ଜମିରୁ ଚାଷି ଯାହା ପାଏ, ସେଥିରେ ବର୍ଷେ ଚଳିବା ବଡ଼ କଷ୍ଟକର ହୁଏ । ପରିବାର ଚଳାଇବାକୁ ପର ଦୁଆରେ ମୂଲ ଲାଗେ । ଏଇ ହେଲା ତା'ର ଜୀବନ । କିନ୍ତୁ ସମୟ ଆସିଲା ସବୁ କିଛି ଓଲଟ ପାଲଟ ହୋଇଗଲା । ସମନ୍ୱିତ ଗ୍ରାମାଞ୍ଚଳ ଉନ୍ନୟନ କାର୍ଯ୍ୟକ୍ରମ ତା' ପାଇଁ ପ୍ରଗତିର ନୂଆ ବାଟ ଦେଖାଇଲା । ଗାଁ କମିଟିଙ୍କ ତତ୍ତ୍ୱାବଧାନ ଓ ସୁପାରିଶରେ ତାକୁ ୧୯୮୬ ମସିହାରେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ୍ ଟୀକାବାଲି ଶାଖାରୁ ଟେରଗାଡ଼ି ଦୋକାନ ପାଇଁ ୩ହଜାର ଟଙ୍କା ଋଣ ମିଳିଲା । ଗାଁରେ ଦୋକାନ ଖଣ୍ଡେ ମେଲି ବସିଲା । ସେଇ ଦୋକାନ ଆୟରୁ ପରିବାର ଚଳାଏ ଓ ଋଣ ସୁଝେ ।

ବର୍ତ୍ତମାନ ସେ ଆରୋହ କ୍ରମିଛି ପାହାଚ ପରେ ପାହାଚ । ଛଅ ମାସ ହେବ ବିବାହ କରିଛି । ଋଣ ବାବଦକୁ ମାତ୍ର ଟ୧୯୧.୮୫ପଇସା ସୁଝିବାକୁ ଅଛି । ପାଖରେ ବେଶ୍ ଦି ପଇସା ରଖି ୬ ବଖରା ଘର ତିଆରି କରିଛି । ବଖରାଏ ଘର ପୋଷ୍ଟ ଅଫିସ୍ ପାଇଁ ମାସକୁ ୧୦ଟଙ୍କାରେ ଭଡ଼ା ଦେଇଛି । ନିଜେ ପୋଷ୍ଟ ଅଫିସ୍ ଦାୟିତ୍ୱ ତୁଲାଇବାରେ ୩୫୦ଟଙ୍କା ଦରମା ପାଉଛି । ସେ ସମ୍ପୂର୍ଣ୍ଣ ଋଣ ପରିଶୋଧ କରିଦେଇ ଆଉ ଥରେ ଋଣ ନେବ ବୋଲି ଠିକ୍ କରିଛି । କେବଳ ଏତିକି ନୁହେଁ, ଘରେ ଆପବାରି ପତ୍ର ସହିତ ରେଡ଼ିଓ, ଘଣ୍ଟା ଓ ବିଜୁଳିବତୀର ସୁବିଧା କରିଛି । ପୋଷ୍ଟ ଅଫିସ୍‌ରେ ମାସକୁ ୫୦ଟଙ୍କା ଲେଖାଏଁ ଆର୍.ଡି.ରେ ଜମା ଦେଉଛି । ପ୍ରତି ବର୍ଷ ଆଳୁ ଚାଷ କରି ବେଶ୍ ଦି ପଇସା ଘରକୁ ଆଣୁଛି । ସରକାରଙ୍କ ଯୋଜନା ଗରିବ ଲୋକଙ୍କୁ ବଞ୍ଚାଇବାରେ କିପରି ସହାୟକ ହୋଇଛି, ସେ ହେଉଛି ତାହାର ଏକ ନିଚ୍ଛକ ଦୃଷ୍ଟାନ୍ତ ।

ନୃସିଂହ ଚରଣ ବେହେରା,
ଏସ୍.ଡି.ଆଇ.ପି.ଆର୍.ଓ.,
ଫୁଲବାଣୀ ।



# ସାର୍ଥକ ସ୍ୱପ୍ନ

## ନିଃସହାୟ ଜୀବନରେ ସାହାରା

ବଲାଙ୍ଗୀର ଜିଲ୍ଲା ବୁଢ଼ାସିଂହା ଗ୍ରାମ ପଞ୍ଚାୟତର ରଜାମୁଣ୍ଡା ଗାଁରେ ଶ୍ରୀ ବାବୁ ଯୋଏବ୍‌ଙ୍କ ଘର । ବୟସ ୮୫ ପାଖାପାଖି ହେବ । ଗୋଟିଏ ବୋଲି ପୁଅ ମହେନ୍ଦ୍ର ହାତକୁ ଦିହାତ ହେଲା ପରେ ବୁଢ଼ା ବାପାଙ୍କୁ ଛାଡ଼ି ଅଲଗା ସଂସାର କଲା । ବୁଢ଼ୀ ତ ଆଗରୁ ସେ ପୁରକୁ ବାଟ କାଟିଛି । ବୁଢ଼ାର ନିଃସହାୟ ଜୀବନ । ଏଣେ ତେଣେ ମାଗି ବୁଲି ପେଟ ପୋଷୁଥିଲେ । ଆଗରୁ କେବଳ ଜାଗିରୀ ଜମି ୫୦ ଡେସିମିଲ୍ ପାଇଥିଲେ । ସରକାରଙ୍କ ଦୟାରୁ ସିଲିଂ ବହିର୍ଭୁତ ଜମି ୨ ଏକର ମିଳିଛି । ଏ ଜମିରେ କୋଦୋ ଓ କୋଳଥ ଛଡ଼ା ଆଉ କିଛି ଚାଷ ହୋଇ ପାରେନି । କିନ୍ତୁ ଜମିକୁ ଯଦି ଗଠିଆ କରିଦିଆଯିବ, ତେବେ ଧାନ ଚାଷ ହେବା ସମ୍ଭବ । ଏଇ କଥା ତାଙ୍କ ମନରେ ଥାଏ । ସହଜେ ତ ନିଜର ହଳ ବଳଦ ନାହିଁ । ହଳ ପାଇଁ ବାର ଦୁଆର ବୁଲନ୍ତି । ଏମିତି ହନ୍ତସନ୍ତ ଜୀବନ ଆଉ କେତେ ଦିନ ସେ ବିତାଇବେ । ସରକାରୀ ଋଣ ଯଦି କିଛି ମିଳନ୍ତା, ତା'ହେଲେ ଗୋଟାଏ ସାହାରା ପାଇଯାଆନ୍ତେ । ବେଳବେଳେ ଏମିତି କେତେ କ'ଣ ଭାବନାର ସ୍ରୋତ ମୁଣ୍ଡ ଭିତରେ ବୋହିଯାଏ । ଦିନେ ଶୁଣିଲେ ଯେ ମେଣ୍ଢା ପାଳନ ପାଇଁ ବ୍ୟାଙ୍କରୁ ଋଣ ମିଳୁଛି । ସେ ବାବୁ ଭୂଇଁଆଙ୍କୁ ଧରି ବୁଝାସୁଝା କଲେ । ଭାଗ୍ୟକୁ ୧୯୮୨ରେ ବଙ୍ଗପଡ଼ାଠାରେ ଥିବା ବ୍ୟାଙ୍କରୁ ୧୦ଟି ମେଣ୍ଢି ସହ ଗୋଟିଏ ବୋଦା ଆଉ ୧,୭୫୦ ଟଙ୍କାର ଋଣ ସେ ପାଇଲେ । ଯେଉଁଦିନ ମେଣ୍ଢା ଘରକୁ ଆଣିଲେ, ସେ ଦିନର ଖୁସି କହିଲେ ନସରେ । ପାଖରେ ତ ଆଉ କେହି ନାହିଁ । ନିଜେ ମେଣ୍ଢାମାନଙ୍କର ଯତ୍ନ ନେବାରେ ଦିନରାତି ଲାଗି ପଡ଼ିଲେ । ଭାଗ୍ୟ ଏମିତି ଯେ ଗୋଟିଏ ମେଣ୍ଢା ବଣଜନ୍ତୁଙ୍କ ହାବୁଡ଼ରେ ଗଲା, ଆଉ ଦିଓଟି ରୋଗରେ ମଲେ । ତଥାପି ସେ ଭାଙ୍ଗି ନ ପଡ଼ି ଜନ୍ମ ହେଉଥିବା ମେଣ୍ଢା ଛୁଆଗୁଡ଼ିକୁ ପାଳିବାରେ ଲାଗିଲେ । କିଛିଦିନ ପରେ ତାଙ୍କ ହାତରେ ଦି'ପଇସା ହେଲା । ମେଣ୍ଢା ବିକି ନିଜେ ଭଲରେ ଚଳିଲେ । ଋଣ ଟଙ୍କାରୁ ୨୦୦ ଟଙ୍କା ସୁଝି ଦେଲେଣି । ଏବେ ତାଙ୍କ ପାଖରେ ୭ଟି ମେଣ୍ଢା ଅଛନ୍ତି । ବୁଢ଼ା ବୟସରେ ସରକାରୀ ସାହାଯ୍ୟ ତାଙ୍କ ପାଇଁ ଗୋଟିଏ ସାହାରା ଆଣି ଦେଇଛି ବୋଲି ସେ ମନ ଖୁସିରେ ସମସ୍ତଙ୍କ ଆଗରେ କହିପକାନ୍ତି ।

## ରଜାମୁଣ୍ଡାର କ୍ଷୀରୋଦ୍ର

ବଲାଙ୍ଗୀର ବ୍ଲକ୍‌ର ବୁଢ଼ାସିଂହା ପଞ୍ଚାୟତରେ ରଜାମୁଣ୍ଡା ଗାଁ । ଶ୍ରୀ କ୍ଷୀରୋଦ୍ର ଭୋଇ ଏଇ ଗାଁର ଜଣେ ୩୪ ବର୍ଷ ବୟସର ଯୁବକ । ଉଚ୍ଚ ପ୍ରାଥମିକ ସ୍ତର ପର୍ଯ୍ୟନ୍ତ ପାଠ ପଢ଼ିଛନ୍ତି । ସ୍କୁଲରେ ପଢୁଥିବା ବୟସରେ ବାପା ମା' ଆର ପୁରକୁ ଚାଲିଗଲେ । ପାଠ ପଢ଼ାରେ ଡୋର ବନ୍ଧା ହେଲା । ସାନ ଭାଇ ଓ ଚାରି ଭଉଣୀଙ୍କ ବୋଝ ତାଙ୍କ ଉପରେ । କ'ଣ କରିବେ ? ଉପାୟଶୂନ୍ୟ । ଚାରି ଏକର ଚାଷ ଜମି ସିନା ବାପା ସେମାନଙ୍କ ପାଇଁ ଛାଡ଼ି ଯାଇଛନ୍ତି । ହେଲେ ଇନ୍ଦ୍ର ଦେବତାଙ୍କ ହାତରେ କଥା । ମରୁଡ଼ି ତାଙ୍କ ପାଇଁ ସଦାବେଳେ ଦାଉ ସାଧି ବସେ । ନିଜର ସ୍ତ୍ରୀ, ପୁଅ ଝିଅ ଦିଓଟି, ଭାଇ ଭଉଣୀଙ୍କୁ ନେଇ ଚଳେଇବା ତାଙ୍କ ପକ୍ଷେ ଖୁବ୍ କଷ୍ଟକର ହେଲା । ସେଥିରେ ପୁଣି ଭଉଣୀମାନଙ୍କର ବିବାହ ବୋଝ ଉପରେ ନଳିତା ବିଡ଼ା ହେଲା । ଯାହାହେଉ, ଦୁଃଖ କଷ୍ଟେ ସାନ ଭାଇକୁ ମାଟ୍ରିକ୍ ପର୍ଯ୍ୟନ୍ତ ପଢ଼ାଇଥିଲେ ବୋଲି ଚତୁର୍ଥ ଶ୍ରେଣୀ ଚାକିରି ଖଣ୍ଡେ ତା'ପାଇଁ ମୁଣ୍ଡ ଗୁଞ୍ଜିବାକୁ ମିଳିଲା । ଈଶ୍ୱରଙ୍କ ଦୟାରୁ ସମସ୍ତେ ଢ଼େଳେ ପିଇ ଦଣ୍ଡେ ଜିଇଗଲେ ।

ସଦାବେଳେ ସେ ଭାବନ୍ତି, ଚାରି ଏକର ଜମି ଥାଇ ସେ ହନ୍ତସନ୍ତ ହେବେ କାହିଁକି ? ଇନ୍ଦ୍ର ଦେବତା ନ ପାଳିଲେ କ'ଣ ହେଲା, ସେଚ କୂପଟିଏ ଜମିରେ ଖୋଳିଲେ ଦୁଃଖ କଷ୍ଟରୁ ମୁକ୍ତି ମିଳନ୍ତା । କ୍ଷେତରେ ସବୁଜ ଲହରୀ ବର୍ଷସାରା ଢେଉ ଭାଙ୍ଗନ୍ତା । ଏଇ ଚିନ୍ତାରେ ସେ ସଦାବେଳେ ଘାରି ହେଉଥାଆନ୍ତି । ଦିନେ ଯୋଗକୁ ଶୁଣିଲେ ଯେ କୃଷି ଉନ୍ନୟନ ବ୍ୟାଙ୍କକୁ ଦରଖାସ୍ତ କଲେ ସେଚ କୂପ ପାଇଁ ଋଣ ମିଳି ପାରିବ । ବ୍ୟାଙ୍କକୁ ଯାଇ ବୁଝାସୁଝା କରି ଦରଖାସ୍ତ ଖଣ୍ଡେ ପକାଇଲେ । ସେଚ କୂପ ପାଇଁ ଋଣ ମିଳିଲା ୩,୪୫୦ ଟଙ୍କା । ପନ୍ଦର ବର୍ଷିଆ ଋଣ । ସବ୍‌ସିଡ଼ି ଶତକଡ଼ା ୨୫ ଭାଗ । ନିଜ ଜମିରେ କୂଅ ଖୋଳା ହେଲା । କୂଅର ଗଭୀରତା ୨୧ ଫୁଟ, ଗୋଲେଇ ୧୦ ଫୁଟ । ପଥର ବନ୍ଧେଇ ପକ୍‌କା କୂଅ । ପାଣିର ସୁଅ ଛୁଟି ଚାଲିଲା । ଜଳସେଚନ କରି ସେ ଚାଷ କଲେ ଧାନ, ମୁଗ, ବିରି, ସୋରିଷ ଓ ଶୀତ ଦିନିଆ ବିଭିନ୍ନ ପନିପରିବା । ସେ ଅଧିକ ଅମଳକ୍ଷମ ଧାନ କେବଳ ୩୦ ବସ୍ତା ପାଆନ୍ତି । ଧାନତଳରେ ନିଜ

ଅଭିବୃଦ୍ଧି ହୋଇ ପାରିବ ନାହିଁ । ଯେଉଁସବୁ ଦେଶ ଏବେ ପୃଥିବୀରେ ଶୀର୍ଷ ସ୍ଥାନ ଅଧିକାର କରିଛନ୍ତି ସେମାନେ କେତେକ ବୃହତ ଶିଳ୍ପ ପ୍ରତିଷ୍ଠା କରି ଏହି କ୍ଷମତା ହାସଲ କରିଛନ୍ତି । ବିଜ୍ଞାନ ଓ ପ୍ରଯୁକ୍ତିଜ୍ଞାନର ବିଂଶ ଶତାବ୍ଦୀରେ ଯେଉଁ ଉନ୍ନତି ହୋଇଛି ତାକୁ ପ୍ରୟୋଗ କରି ଅତି ସହଜରେ ଓ ସୁବିଧାରେ କେତେକ ବୃହତ ଶିଳ୍ପ ପ୍ରତିଷ୍ଠା କରାଯାଇ ପାରିବ । ସେଥିପାଇଁ ସମସ୍ତ ଉପାଦାନ ଆମ ରାଜ୍ୟରେ ଅଛି । ପାଶ୍ଚାତ୍ୟ ସଭ୍ୟତାରୁ ମଧ୍ୟ ଆମର କିଛି ଶିଖିବାର ଅଛି । କେବଳ ଯଦି ଆମେ ବୃହତ ଶିଳ୍ପ ଉପରେ ଗୁରୁତ୍ୱ ଦେବା ତାହାହେଲେ କେବଳ ବେକାରୀ ବୃଦ୍ଧି ହେବ ନାହିଁ, ସାମାଜିକ ସ୍ଥିତି ମଧ୍ୟ ଭୁଶୁଡ଼ି ପଡ଼ିବ । ପରଂପରା ଓ ଆଧୁନିକୀକରଣ ଭିତରେ ସମାବେଶ ନ ହେଲେ ଗୋଷ୍ଠୀ ଜୀବନ ବିକାଶ ଲାଭ କରିପାରିବ ନାହିଁ । ପାରମ୍ପାରିକ ସମାଜର ବିଶେଷତ୍ୱ ହେଉଛି ଯେ ଏଥିରେ ସମାଜ ପ୍ରତି ଆସ୍ଥା ରହେ, ବିଶ୍ୱାସ ରହେ, ଶ୍ରଦ୍ଧା ରହେ, ପରସ୍ପର ଭିତରେ ଘନିଷ୍ଠତା ପ୍ରକାଶ ପାଏ । ଆମ ରାଜ୍ୟରେ ଏପର୍ଯ୍ୟନ୍ତ ଗୋଷ୍ଠୀ ଜୀବନ ଅଛି । ଗ୍ରାମ ଭାଙ୍ଗି ନାହିଁ, ପରିବାର ବିଖଣ୍ଡିତ ହୋଇ ନାହିଁ । ବ୍ୟକ୍ତି ସମାଜ ପ୍ରତି ନିଜର ଦାୟିତ୍ୱ ଭୁଲି ଯାଇ ନାହିଁ । କେବଳ ଶିଳ୍ପକୁ ଭିତ୍ତିକରି ଆମେ ଯଦି ଅର୍ଥନୀତିକୁ ଗଢ଼ିବାକୁ ଚେଷ୍ଟା କରିବା ସମାଜରେ ବିଚ୍ଛିନ୍ନତା ରାଜତ୍ୱ କରିବ । ଏହା ଫଳରେ ହିଂସା ଓ ଦ୍ୱେଷ ସମାଜକୁ କଳଙ୍କିତ କରିବ । ସେଥିପାଇଁ ଗ୍ରାମ୍ୟ ଭିତ୍ତିକ ଶିଳ୍ପ ଓ କୃଷିର ଉନ୍ନତି ଉପରେ ଆମକୁ ଜୋର ଦେବାକୁ ପଡ଼ିବ । ଏହା ଫଳରେ କର୍ମନିଯୋଜନ ବୃଦ୍ଧିହେବ, ମଫସଲରେ ବାସକରୁଥିବା ଅଧିବାସୀମାନଙ୍କର ଅର୍ଥନୈତିକ ସ୍ଥିତି ମଜବୁତ ହେବ, ସହର ଓ ମଫସଲ ଭିତରେ ବୈଷମ୍ୟମୂଳକ ମନୋଭାବ ସୃଷ୍ଟି ହେବ, ପରିବେଶ ଦୂଷିତ ହେବ ନାହିଁ ଓ ସାମାଜିକ ସ୍ଥିତିରେ ସାମଞ୍ଜସ୍ୟ ପ୍ରତିଷ୍ଠିତ ହୋଇ ପାରିବ । ଅର୍ଥନୈତିକ ପ୍ରଗତି ଓ ସାମାଜିକ ସଂହତି ଉଭୟ ଉପରେ ଗୁରୁତ୍ୱ ଦେବାକୁ ପଡ଼ିବ ।

ମନୁଷ୍ୟ ଖାଲି ଖାଇକରି ବଞ୍ଚି ରହେ ନାହିଁ କି ଖାଇବାକୁ ବଞ୍ଚି ରହେ ନାହିଁ । ପ୍ରତ୍ୟେକ ଲୋକର ପେଟ ପାଇଁ ଦାନା ଦରକାର, ଶରୀରର ଆବରଣ ପାଇଁ କପଡ଼ା ଦରକାର, ମୁଣ୍ଡ ପୂରାଇବାକୁ ବାସଗୃହ ଦରକାର । ଏ ସବୁ ଅତ୍ୟାବଶ୍ୟକ ଜିନିଷ ନ ହେଲେ ମନୁଷ୍ୟ ବଞ୍ଚି ରହି ପାରିବ ନାହିଁ । ତେଣୁ ଅର୍ଥନୈତିକ ସଂସ୍ଥା ସାହାଯ୍ୟରେ ଏହି ସବୁ ଦରକାରୀ ଜିନିଷକୁ ଉତ୍ପାଦନ କରିବାକୁ ପଡ଼ିବ । କିନ୍ତୁ ଉତ୍ପାଦନ ପ୍ରଣାଳୀ ଯଦି ବ୍ୟକ୍ତି କେନ୍ଦ୍ରିକ ହୋଇ ସମାଜରେ ଅର୍ଥନୈତିକ ବୈଷମ୍ୟ ସୃଷ୍ଟି କରିବ, ତାହାହେଲେ ସମାଜରେ ସଂହତି ଆସି ପାରିବ ନାହିଁ । ସମାଜର ଆଶାଆକାଂକ୍ଷା ବହୁତ ବଢ଼ି ଯାଇଛି । ପ୍ରତ୍ୟେକ ଲୋକ ନିଜ ଅଧିକାର ବିଷୟରେ ବର୍ତ୍ତମାନ ସଚେତନ । ଆମେ ଗଣତାନ୍ତ୍ରିକ ପଦ୍ଧତିକୁ ଆମର ଶାସନ ତାନ୍ତ୍ରିକ ବ୍ୟବସ୍ଥା ରୂପେ ଗ୍ରହଣ କରିଛୁ । ଦେଶରେ ମଧ୍ୟ ସମାଜବାଦର ଦୃଷ୍ଟି ରହିଛି । ଆମର ସଂବିଧାନରେ ଏକ ଶ୍ରେଣୀହୀନ, ବର୍ଣ୍ଣହୀନ ଓ ଶୋଷଣହୀନ ସମାଜ ପ୍ରତିଷ୍ଠା କରିବାକୁ ପ୍ରସ୍ତାବ ରହିଛି । ଏହି ପରିପ୍ରେକ୍ଷୀରେ ଆମେ କେବଳ ଅର୍ଥନୈତିକ ପ୍ରଗତି କଥା ବିଚାର କଲେ ହେବ ନାହିଁ । ଅର୍ଥନୈତିକ ପ୍ରଗତି ସହିତ ସାମାଜିକ ନ୍ୟାୟ ପ୍ରତି ଗୁରୁତ୍ୱ ଦେବାକୁ ପଡ଼ିବ । ମଫସଲ ଅଞ୍ଚଳରେ ଜମି ହେଉଛି ସବୁଠାରୁ ବଡ଼ ପରିସଂପତ୍ତି । ଓଡ଼ିଶା ପରି ଏକ ଦରିଦ୍ର ରାଜ୍ୟରେ ମଫସଲ ଅଂଚଳରେ ଜମି ପ୍ରତି ଆଗ୍ରହ ରହିବା ସ୍ୱାଭାବିକ । ତେଣୁ ଜମି ବଣ୍ଟନରେ ଯେଉଁ ବିଭେଦ ଅଛି, ତାକୁ ଦୂର କରିବାକୁ ହେବ । ତଥାପି ସମସ୍ତଙ୍କୁ ଜମି ଦେଇ ହେବ ନାହିଁ । ଜମିର ସର୍ବୋଚ୍ଚସୀମା ନିର୍ଦ୍ଧାରଣ କଲାବେଳେ, ଜମିର ସର୍ବନିମ୍ନ ସୀମା ମଧ୍ୟ ସ୍ଥିର କରିବାକୁ ପଡ଼ିବ । ତା ନ ହେଲେ ଜମିର ଉତ୍ପାଦିକା ଶକ୍ତି ବୃଦ୍ଧି ହୋଇ ପାରିବ ନାହିଁ । ଜମିର ବଣ୍ଟନ ସହିତ ଚକବନ୍ଦୀ ଓ ଜଳସେଚନକୁ ଗୁରୁତ୍ୱ ଦେବାକୁ ପଡ଼ିବ । ଏହା ଫଳରେ କର୍ମନିଯୁକ୍ତି ଓ ଜମିର ଉତ୍ପାଦିକା ଶକ୍ତି ବୃଦ୍ଧି ହେବ । ଚାଷ ସହିତ ପଶୁପାଳନ ଓ ମତ୍ସ୍ୟ ଚାଷ ଉପରେ ମଧ୍ୟ ଗୁରୁତ୍ୱ ଦେବାକୁ ପଡ଼ିବ । ପୁଣି କ୍ଷୁଦ୍ର ଓ କୁଟୀର ଶିଳ୍ପର ପ୍ରସାର କରିବାକୁ ହେବ । ତାହାହେଲେ ମଫସଲର ବେକାରମାନଙ୍କ ପାଇଁ କର୍ମନିଯୁକ୍ତି ସୃଷ୍ଟି ହୋଇ ପାରିବ । ସହରରେ ଯେଉଁ ଅର୍ଥନୈତିକ ବିଭେଦ ଅଛି ତାକୁ ଦୂର କରିବାକୁ ପଦକ୍ଷେପ ନେବାକୁ ପଡ଼ିବ । ବିଶେଷକରି ଯେଉଁମାନେ ଏବେ ଅବହେଳିତ ହୋଇ ସମାଜର ନିମ୍ନସ୍ତରରେ ପଡ଼ି ରହିଛନ୍ତି ସେମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରିବାକୁ ପଡ଼ିବ । ସମାଜରେ ଅର୍ଥନୈତିକ ବୈଷମ୍ୟ ସୀମାତୀତ ହେଲେ ସାମାଜିକ ସଂହତି ପ୍ରତିଷ୍ଠିତ ହୋଇ ପାରିବ ନାହିଁ ।

ଶିକ୍ଷାର ପ୍ରସାର ପାଇଁ ମଧ୍ୟ ଆମକୁ ଗୁରୁତ୍ୱ ଦେବାକୁ ପଡ଼ିବ । ଅନ୍ୟାନ୍ୟ ରାଜ୍ୟ ତୁଳନାରେ ଆମ ରାଜ୍ୟରେ ଶିକ୍ଷାର ପ୍ରସାର ଖୁବ୍ କମ ହୋଇଛି । ଏବେ ୬-୭ ବର୍ଷ ଭିତରେ ଅନେକ ଗୁଡ଼ିଏ ନୂଆ କଲେଜ ବେସରକାରୀ ସଂଗଠନ ଦ୍ୱାରା ପ୍ରତିଷ୍ଠିତ ହୋଇଛି । କିନ୍ତୁ ମୋଟା ମୋଟି ଦେଖିଲେ ଶିକ୍ଷାର ଯଥେଷ୍ଟ ଉନ୍ନତି ହୋଇ ନାହିଁ । ବିଶେଷକରି ଯେଉଁ କାରିଗରୀ ଶିକ୍ଷା ଦ୍ୱାରା ଅର୍ଥନୈତିକ ପ୍ରଗତି ସହଜ ଓ ସୁଗମ ହେବ, ସେପ୍ରକାର କାରିଗରୀ ଶିକ୍ଷା ପ୍ରସାର ଲାଭ କରି ପାରି ନାହିଁ । ଶିକ୍ଷାର ଅନ୍ତତଃ ଦୁଇଟି ବୈଶିଷ୍ଟ୍ୟ ଉପରେ ଆମକୁ ଗୁରୁତ୍ୱ ଦେବାକୁ ପଡ଼ିବ । ପ୍ରଥମ ହେଉଛି ଯେ ଶିକ୍ଷା ମନୁଷ୍ୟକୁ ସଂଯତ ଓ ସଭ୍ୟ କରିବ । ମନୁଷ୍ୟ ଭଲ ମନ୍ଦ ବିଚାର କରିବାକୁ ଶକ୍ତି ସଂଗ୍ରହ କରିପାରିବ । ସଭ୍ୟତା ଓ ସଂସ୍କୃତିର ବିକାଶ ପାଇଁ ଏହି ଶିକ୍ଷା ଦରକାର । ଶିକ୍ଷାର ଦ୍ୱିତୀୟ ବୈଶିଷ୍ଟ୍ୟ ହେଉଛି ଯେ ଶିକ୍ଷିତ ଲୋକମାନେ ସମାଜକୁ ଗଢ଼ିବାରେ ସାହାଯ୍ୟ କରି ପାରିବେ । ସମାଜର ଉନ୍ନତି ପାଇଁ କେବଳ ଯନ୍ତ୍ରପାତି ବା କାରଖାନା ହେଲେ ଚଳିବ ନାହିଁ, ସେଥିପାଇଁ ବୁଦ୍ଧି ଦରକାର, ବିଦ୍ୟା ଦରକାର, କୌଶଳ ଦରକାର, କାରିଗରୀ ଜ୍ଞାନ ଦରକାର । ଅର୍ଥନୈତିକ

# ଓଡ଼ିଶାର ଭବିଷ୍ୟତ ଚିତ୍ର

ଡକ୍‌ଟର ବୈଦ୍ୟନାଥ ମିଶ୍ର

ଯେ କୌଣସି ଓଡ଼ିଆ ଓଡ଼ିଶାର ଭବିଷ୍ୟତ ବିଷୟରେ ଚିନ୍ତା କରିବା ସ୍ୱାଭାବିକ । ଓଡ଼ିଶାର ଗୋଟିଏ ବଦନାମ ହେଉଛି ଯେ ଏହା ଗୋଟିଏ ଦରିଦ୍ର ରାଜ୍ୟ । ଓଡ଼ିଶାରେ ପ୍ରଚୁର ବିଭବ ଅଛି । ଅର୍ଥନୈତିକ ପ୍ରଗତି ପାଇଁ ଯେଉଁ ସବୁ ଉପାଦାନ ଦରକାର, ସବୁ ଓଡ଼ିଶାରେ ଅଛି । ଖଣିଜ ପଦାର୍ଥର ଅଭାବ ନାହିଁ, ଜଳର ଅଭାବ ନାହିଁ, ଜମିର ଅଭାବ ନାହିଁ, ବୁଦ୍ଧିର ମଧ୍ୟ ଅଭାବ ନାହିଁ । କିନ୍ତୁ ଅଭାବ ହେଉଛି ଉଦ୍ୟମର, ସାହସର । ଏକ ସମୟରେ ଓଡ଼ିଆମାନେ ଭାରି ସାହସୀ ଥିଲେ ବୋଲି ଇତିହାସ କହୁଛି । ଭାରତର ନୌବାଣିଜ୍ୟ କ୍ଷେତ୍ରରେ ଯଦି କେହି ଅଗ୍ରଣୀ ଥିଲେ, ସେମାନେ ହେଉଛନ୍ତି ଓଡ଼ିଆ ବଣିକଗଣ । ଇତିହାସ ପୃଷ୍ଠା ଓଲଟାଇଲେ ଦେଖାଯିବ ଯେ ସେମାନେ ପ୍ରଥମେ ୭୫ ଖ୍ରୀଷ୍ଟାବ୍ଦରେ ଜାଭା ଦ୍ୱୀପରେ ଅବତରଣ କରି ବାଣିଜ୍ୟ କାର୍ଯ୍ୟ ଆରମ୍ଭ କରିଥିଲେ । କେବଳ ଜାଭା ନୁହେଁ, ଭାରତ ମହାସାଗରର ବିଭିନ୍ନ ଦ୍ୱୀପ, ସିଂହଳ, ବ୍ରହ୍ମଦେଶ ପ୍ରଭୃତି ଅନେକ ଦେଶରେ ଓଡ଼ିଶା ବା କଳିଙ୍ଗର ବାଣିଜ୍ୟ ପ୍ରସାର ଲାଭ କରିଥିଲା । କେବଳ ନୌବାଣିଜ୍ୟରେ ନୁହେଁ, ସାମରିକ କ୍ଷେତ୍ରରେ ମଧ୍ୟ ଓଡ଼ିଶା ସାରା ଭାରତରେ ପ୍ରତିଷ୍ଠା ଲାଭ କରିଥିଲା । ଖାରବେଳଙ୍କର ଦିଗ୍‌ବିଜୟ ଗୌରବ ସାରା ଭାରତରେ ପ୍ରସିଦ୍ଧି ଲାଭ କରିଥିଲା । ଉତ୍ତର, ଦକ୍ଷିଣ, ପୂର୍ବ ଓ ପଶ୍ଚିମରେ ତାଙ୍କର ବିଜୟ ପତାକା ଉଡ଼ିଥିଲା । ସେହିପରି ନରସିଂହ ଦେବ ଓ କପିଳେନ୍ଦ୍ର ଦେବ ସାମରିକ କ୍ଷେତ୍ରରେ ଯେଉଁ ବୀରତ୍ୱ ଦେଖାଇଛନ୍ତି ତାହା ଇତିହାସରେ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିଛି । କପିଳେନ୍ଦ୍ର ଦେବ ଦକ୍ଷିଣରେ କାବେରୀ ନଦୀ ପର୍ଯ୍ୟନ୍ତ ନିଜର ସାମ୍ରାଜ୍ୟ ବିସ୍ତାର କରି ପାରିଥିଲେ । ଓଡ଼ିଶାର ପାଇକମାନଙ୍କ ବୀରତ୍ୱ ଇତିହାସ ଏପର୍ଯ୍ୟନ୍ତ ଭୁଲି ନାହିଁ । ଇତିହାସରେ ଓଡ଼ିଆମାନଙ୍କର ଯେଉଁ ବୀରତ୍ୱ ଓ ସାହାସ ଆମେ ଅଧ୍ୟୟନ କରୁଛୁ, ସେହି ସାହାସ ଓ ବୀରତ୍ୱ ଯଦି ଆମେ ଆଉଥରେ ପ୍ରତିଷ୍ଠା କରି ପାରିବା, ତାହାହେଲେ ଓଡ଼ିଶାର ମାନଚିତ୍ର ବଦଳିଯିବ । ନିଜକୁ ସବୁବେଳେ ଦରିଦ୍ର କହି ବ୍ୟଥିତ ହେଲେ, ଓଡ଼ିଶା ଅର୍ଥନୈତିକ କ୍ଷେତ୍ରରେ ଅଗ୍ରଗତି କରି ପାରିବ ନାହିଁ । ଦାରିଦ୍ର୍ୟ ଯେତିକି ଦୋଷାବହ ନୁହେଁ, ତାହାଠାରୁ ଅଧିକ ଦୋଷାବହ ହେଉଛି ଗୌଣ ମନୋଭାବ । ଏହି ଗୌଣ ମନୋଭାବ ଦୂର କରି ଓଡ଼ିଆମାନଙ୍କ ମନରେ ଆତ୍ମବିଶ୍ୱାସ ସୃଷ୍ଟି କରିବା ବୁଦ୍ଧିଜୀବୀମାନଙ୍କର ପ୍ରଧାନ କର୍ତ୍ତବ୍ୟ ବୋଲି ଆମର ଧାରଣା । ଯେ ଯେଉଁ କ୍ଷେତ୍ରରେ ଅଛନ୍ତି, ସେ ଯଦି ସେହି କ୍ଷେତ୍ରରେ ଏହି ଆତ୍ମବିଶ୍ୱାସ ସୃଷ୍ଟି କରି ପାରିବେ, ତାହାହେଲେ ଓଡ଼ିଶାର ଅର୍ଥନୈତିକ ସ୍ଥିତି ବଦଳିଯିବ ବୋଲି ଆମର ବିଶ୍ୱାସ ।

ଅର୍ଥନୈତିକ ସ୍ଥିତି ବଦଳିବା କଥା କହିବାର ଉଦ୍ଦେଶ୍ୟ ହେଉଛି ଯେ ଅର୍ଥନୈତିକ ପ୍ରଗତି ନ ହେଲେ ଓଡ଼ିଶା ଭାରତର ମାନଚିତ୍ରରେ ସ୍ଥାନ ପାଇ ପାରିବ ନାହିଁ । ଯେଉଁ ରାଜ୍ୟରେ ଅଧିକାଂଶ ଲୋକ ଦାରିଦ୍ର୍ୟ ସୀମାରେଖାର ନିମ୍ନରେ ରହିଥିବେ, ସେହି ରାଜ୍ୟକୁ ଅନ୍ୟମାନେ ସହାନୁଭୂତି ଦେଖେଇବେ, କିନ୍ତୁ ପ୍ରଶଂସା କରିବେ ନାହିଁ । ଆମେ ସହାନୁଭୂତି ଚାହୁଁ ନାହୁଁ, ଦୟା ଚାହୁଁ ନାହୁଁ । ଓଡ଼ିଶାର ଅର୍ଥନୈତିକ ବିକାଶ ପାଇଁ କେତେକ ବୃହତ ଶିଳ୍ପ ଦରକାର । ଏହି ବୃହତ ଶିଳ୍ପ ପ୍ରତିଷ୍ଠିତ ନ ହେଲେ ରାଜ୍ୟର ବ୍ୟକ୍ତିପିଛା

# ଆପଣଙ୍କର ପିଲାଙ୍କୁ ଆଜି ଟୀକା ଦିଅନ୍ତୁ

ସରକାରୀ ଡାକ୍ତରଖାନା, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଓ ଉପକେନ୍ଦ୍ର ମାନଙ୍କରେ ପ୍ରତିଷେଧକ ଟୀକା ବିନା ମୂଲ୍ୟରେ ଦିଆଯାଏ ।

## ବିଭିନ୍ନ ପ୍ରତିଷେଧକ ଟୀକାର ସୂଚନା

| କିଏ ନେବ? | କେବେ ନେବ? | କେଉଁ ରୋଗର ପ୍ରତିଷେଧକ ? | କେଉଁ ଟୀକା ନେବ? | ମାତ୍ରା | କେତେଦିନ ଅନ୍ତରରେ |
|---|---|---|---|---|---|
| ଗର୍ଭବତୀ ମହିଳା | ଗର୍ଭଧାନର ୪ମାସରୁ ୬ମାସ ଭିତରେ | ଧନୁଷ୍ଟଙ୍କାର | ଟି. ଟି. | ୨ | ୧ରୁ ୨ ମାସ |
| ଶିଶୁ | ୧½ ମାସରୁ ୯ମାସ ଭିତରେ | ଗଳାଫୁଲ, ହୁପିଂକାଶ ଧନୁଷ୍ଟଙ୍କାର | ଡି.ପି.ଟି. | ୩ | ୧ରୁ ୨ମାସ |
| ,, | ,, | ପୋଲିଓ | ପୋଲିଓ | ୩ | ,, |
| ,, | ଜନ୍ମର ପରେ | ଯକ୍ଷ୍ମା | ବି.ସି.ଜି. | ୧ | — |
| ,, | ୯ ମାସରୁ ୧୫ ମାସ ଭିତରେ | ମିଳିମିଳା | ମିଳିମିଳା | ୧ | — |

ସାର୍ବଜନୀନ ଟୀକା ଦାନ କାର୍ଯ୍ୟକ୍ରମର ସୁଯୋଗ ନିଅନ୍ତୁ ।

ରାଜ୍ୟ ସୂଚନା, ଶିକ୍ଷା ଓ ସୂଚୀର କେନ୍ଦ୍ର
ପରିବାର କଲ୍ୟାଣ ନିର୍ଦ୍ଦେଶାଳୟ

କ୍ଷେତ୍ରରେ ଯେତେବେଳେ ବିଜ୍ଞାନ ଓ ପ୍ରବିଧିବିଜ୍ଞାନର ପ୍ରଚଳନ ଅଧିକ, ସେତେବେଳେ କାରିଗରୀ ଶିକ୍ଷା ଉପରେ ଗୁରୁତ୍ୱ ଦେଇ, ସମାଜର ଅର୍ଥନୈତିକ ପ୍ରଗତିକୁ ତ୍ୱରାନ୍ୱିତ କରିବାକୁ ପଡ଼ିବ । ଖାଲି ଲିବରାଲ ଶିକ୍ଷା ଉପରେ ଗୁରୁତ୍ୱ ଦେଲେ ବେକାରୀ ବଢ଼ିବ । ନିଜ ଗୋଡ଼ରେ ଶିକ୍ଷିତ ଲୋକମାନେ ଠିଆ ହୋଇ ପାରିବେ ନାହିଁ । ଆତ୍ମନିର୍ଭରଶୀଳତା ଉପରେ ଆଞ୍ଚ ଆସିବ । ତେଣୁ ଶିକ୍ଷାର ପ୍ରସାର ସହିତ ଶିକ୍ଷାର ବିଷୟବସ୍ତୁରେ ମଧ୍ୟ ପରିବର୍ତ୍ତନ ଆଣିବାକୁ ପଡ଼ିବ ।

ଏହା ବ୍ୟତୀତ ଓଡ଼ିଶାର ଭବିଷ୍ୟତ ବଗ୍ଗର କଲ୍ପବେଳେ ଓଡ଼ିଆ ଜାତିର ସାହିତ୍ୟ, ସଂସ୍କୃତି, ସ୍ଥାପତ୍ୟ ଓ କଳାର ବୈଶିଷ୍ଟ୍ୟ ମନେ ରଖିବାକୁ ପଡ଼ିବ । କବିବର ରାଧାନାଥ ତାଙ୍କର 'ଭାରତ ଗୀତିକା'ରେ ଭାରତବର୍ଷ ଭିତରେ ଓଡ଼ିଶାର ପ୍ରସିଦ୍ଧି ବର୍ଣ୍ଣନା କରି କହିଛନ୍ତି 'ଭାରତ ପଙ୍କଜ ଦଳମିବ ଉତ୍କଳ' ଅର୍ଥାତ୍ ଉତ୍କଳ ହେଉଛି ଭାରତ ରୂପକ ପଦ୍ମଫୁଲର ଗୋଟିଏ ପାଖୁଡ଼ା । ଯଦି ଗୋଟିଏ ଜାତିର ସାହିତ୍ୟ, ସଂସ୍କୃତି ସ୍ଥାପତ୍ୟ ବା କଳାର କିଛି ବିଶେଷତ୍ୱ ନଥିବ, ସେ ଜାତି କେବେହେଲେ ସମାଜରେ ଉଚ୍ଚସ୍ଥାନ ଅଧିକାର କରିପାରିବ ନାହିଁ । ସେ ବିଶେଷତ୍ୱ ଓଡ଼ିଶାରେ ଅଛି । କେବଳ କୋଣାର୍କ ମନ୍ଦିରରେ ଯେଉଁ ଅପୂର୍ବ କଳା ପରିପାଟୀ ପ୍ରଦର୍ଶିତ ହୋଇଛି, ତାହା ସାରା ପୃଥିବୀର ଦୃଷ୍ଟି ଆକର୍ଷଣ କରିଛି । ସେହିପରି ନୃତ୍ୟ ଓ ସଂଗୀତ କ୍ଷେତ୍ରରେ ଓଡ଼ିଶାର ବୈଶିଷ୍ଟ୍ୟ ସାରା ଭାରତରେ ପ୍ରଶଂସିତ ହୋଇଛି । ଓଡ଼ିଶା ସାହିତ୍ୟ ବା କଳାର ବୈଭବ ବର୍ଣ୍ଣନା କରିବା ଆମର ଉଦ୍ଦେଶ୍ୟ ନୁହେଁ । ଆମର କହିବାର କଥା ଯେ ଓଡ଼ିଶାର ଯେଉଁ ବୈଭବ ଅଛି, ତାହାର ଯେପରି କ୍ଷୟକ୍ଷତି ନ ହୁଏ ସେହି ବୈଭବକୁ ଆମେ ଯଦି ସମୃଦ୍ଧ କରି ପାରିବା ତାହାହେଲେ ଓଡ଼ିଶା ନିଜର ସ୍ୱତନ୍ତ୍ର ସତ୍ତା ପ୍ରତିଷ୍ଠା କରିବାକୁ ସୁବିଧା ପାଇପାରିବ । ଅର୍ଥନୈତିକ ପ୍ରଗତି, ସାମାଜିକ ସଂହତି ଓ ସାଂସ୍କୃତିକ ବିକାଶ—ଏହି ତିନୋଟିର ସମାବେଶରେ ଓଡ଼ିଶାର ବୈଶିଷ୍ଟ୍ୟ ପ୍ରତିପାଦିତ ହୋଇ ପାରିବ ।

---

ଉପାଧ୍ୟକ୍ଷ, ରାଜ୍ୟ ଯୋଜନା ବୋର୍ଡ,
ସଚିବାଳୟ, ଭୁବନେଶ୍ୱର, ।



ଏହି ପ୍ରଶ୍ନର ଉତ୍ତର ଦେବା ଅତି କଠିନ । ଆମ କାମ, କଥା ଓ ଚିନ୍ତାରେ ଆମେ ଭାରତୀୟ ହେବାର ପ୍ରମାଣ ଦେବାକୁ ହେବ । ଘୋଷା ପାଠ ନୁହେଁ ଏହା ଆଚରିତ ଜୀବନଧାରା ଓ ପ୍ରତିପାଳିତ ଜୀବନ ଧର୍ମ । ଠୋଠା କରିଦେଲେ ହେବ ନାହିଁ । ଆଗ୍ରହ ଓ ବିଶ୍ୱାସରେ ଆମକୁ ଭାରତୀୟ ହେବାକୁ ପଡ଼ିବ । ଅନେକ ଦରଖାସ୍ତରେ ଆମେ ଲେଖି ଦେଉଛୁ ଆମେ ଭାରତୀୟ । ଏହାତ ଫର୍ମ ପୂରଣ । ମାତ୍ର ଆମ ଜୀବନ ପାତ୍ର ଏଥିରେ ପୂର୍ଣ୍ଣ ହୋଇଛି କି ? ଶୟନ, ସ୍ୱପ୍ନ ଓ ଜାଗ୍ରତ ଅବସ୍ଥାରେ ଆମେ ଯେ ଭାରତୀୟ ଏହାର ପ୍ରମାଣ ଦେଇ ପାରୁଛୁ କି ? ଭକ୍ତି ଓ ଭଜନର ସଚେତନତା ମନୁଷ୍ୟର ହୃଦୟ ତନ୍ତ୍ରୀରେ ପ୍ରତିଫଳିତ ହୁଏ । ମାତ୍ର ତାର ମୁଖ ମୁଖା ଓ ମଣ୍ଡନରେ ନୁହେଁ । ସମସ୍ତ ଧର୍ମଧାରାରେ ଏହା ସତ୍ୟ । ଗୋଟିଏ ଅତିପରିଚିତ ଉଦାହରଣ ହେଉଛି ଯେ ହନୁମାନର ରାମଭକ୍ତି ତାର ହୃଦୟତନ୍ତ୍ରୀରେ ନିନାଦିତ ହେଉଥିବାର ଦେଖି ସ୍ୱୟଂ ଭଗବାନ ଶ୍ରୀରାମ ହନୁମାନ ଯେ ଭକ୍ତ ପ୍ରବର ଜାଣି ପାରିଥିଲେ । ଠିକ୍ ସେହିପରି ଜାତୀୟତାରେ ପରିପ୍ରକାଶ ନାଗରିକଙ୍କ ସମଗ୍ର ବ୍ୟକ୍ତିତ୍ୱରେ ଘଟେ । ଏହା ଉତ୍ତର ଖାତାର ଉପରଠାଉରିଆ ଉତ୍ତର ପରି ନୁହେଁ ।

ବର୍ତ୍ତମାନ ଆମେ ମୂଳ କଥାଟିର ବିଚାର କରିବା । ଆମେ ଭାରତବାସୀ । ଆମେ ଭାରତରେ ରହୁଛୁ । ଏହାର ପାଣିପବନ ପତ୍ର ପୁଷ୍ପ ଫଳ ଆଦି ଆମ ଜୀବନକୁ । ଧାରଣ କରିଛି । ଏହାର ମାଟିରେ ଆମ ଅସ୍ତିତ୍ୱ ସ୍ୱୀକୃତି ଲାଭ କରିଛି ଓ ପରିଶେଷରେ ଆମ ଦେହାବସାନ ଏହି ମାଟି ମା'ର କୋଳରେ ସୁରକ୍ଷିତ ହୋଇ ଏହାକୁ ଉପୋଦୀର୍ଣ୍ଣ କରିଛି । ଏହି ଏକ ସ୍ୱାଭାବିକ ପରିପ୍ରେକ୍ଷୀରେ ଆମ ଭିଟାମାଟି ହିତବାଦ ବନ୍ଧ ପାଇଁ ଜୀବନଠୁ ବଳି ଅଧିକ ମାୟା ମମତା । ଏଥିପାଇଁ ହଣାହଣି, ଫଟାଫଟି ଲହୁଲୁହାଣ ଓ ବେଳେବେଳେ ଆମେ ସର୍ବସ୍ୱାନ୍ତ ଓ ଦଳିତକାନ୍ତ ହେଉଛୁ । ସାମ୍ବିଧାନିକ ଅଧିକାର ଧରି କୋର୍ଟ କଚେରୀ ଚଳୁଛୁ । ଆଉସବୁ କଥା ପଛକୁ ଯାଉଛି । ସୂଚୀ ଅଗ୍ର ପରିମାଣର ଭୂମି ଯୋଗୁଁ ଯେ ମହାଭାରତ ଏହା ଆମର ବଡ଼ ଦୃଷ୍ଟାନ୍ତ ହୋଇଛି । ଦେଶ ତରଫରୁ ଯେଉଁ ଗଠନମୂଳକ ଓ ଜନହିତକର ବିକାଶ ଯୋଜନା ହାତକୁ ନିଆଯାଉଛି ଆମେମାନେ ଏ ସବୁର ସୁବିଧା ଭଣ୍ଡା ଅଧିକେ ନେଉଛୁ । ବନ୍ୟା, ବାତ୍ୟା, ମରୁଡ଼ି ଓ ବିପର୍ଯ୍ୟୟ ପାଇଁ ନାନା ପ୍ରତିକାରମୂଳକ କାର୍ଯ୍ୟ ଜାତୀୟ ଓ ରାଜ୍ୟ ସ୍ତରରେ କରଯାଉଛି । ଉତ୍ପାଦନ ବୃଦ୍ଧି, ଦାରିଦ୍ର୍ୟ ଓ ବେକାରୀ ଦୂରୀକରଣ, ସାକ୍ଷରତାର ପ୍ରସାର ଆଦି ଦିଗରେ ବ୍ୟବସ୍ଥା ଲାଗୁ ରହିଛି । ଏସବୁ ଦିଗରୁ ବିଚାର କଲେ ଆମ ଜନ୍ମଭୂମି ନିଜ ଜନନୀ ସଦୃଶ । ଆମ ଅତୁଳନୀୟ ଆନୁଗତ୍ୟର ଅଧିକାରୀ । ଜନନୀ କେବଳ ଗର୍ଭଧାରିଣୀ ନୁହନ୍ତି । ସମସ୍ତ ନାରୀଜାତି କ୍ରମେ ଆମ ମାତୃସମା ଜନନୀ ହୋଇ ଯାଆନ୍ତି । ଗର୍ଭଧାରିଣୀ ଜନନୀର ଧାରଣାକ୍ରମେ ସଂପ୍ରସାରିତ ହୋଇ ଆମ ମନରେ ବିଶ୍ୱ ଜନନୀର ଓ ଜଗତଜନନୀ ଭାବନା ଆସେ । ଠିକ୍ ସେହିପରି ଜନ୍ମ ମାଟି କେବଳ ଅନ୍ତୁଡ଼ି ଶାଳରେ ସୀମିତ ହୋଇ ରହେନାହିଁ । ଭିଟା ମାଟିର ମମତା ପ୍ରସାରିତ ହୋଇ ଜିଲ୍ଲା, ରାଜ୍ୟ ଓ ଦେଶ ଆଦି ଭୌଗଳିକ ସୀମା ଟପି ସମଗ୍ର ବିଶ୍ୱ ତଥା ମାନବ ସମାଜକୁ ଗୋଟିଏ ସୂତ୍ରରେ ଆବଦ୍ଧ କରେ । ଭୌଗଳିକ ସୀମା ପ୍ରଶାସନିକ, ସଂସ୍କୃତିକ ଓ ସାମାଜିକ ସୁବିଧା ପାଇଁ କରଯାଇଥାଏ । ଏହା ରହିଥିବା ସତ୍ତ୍ୱେ ଏହାକୁ ଟପିଯିବା ମାନସିକ ଓ ଆଧ୍ୟାତ୍ମିକ ଅବୋଧ ତଥା ମନୋଭାବ ଉପରେ ନିର୍ଭର କରେ । ଏହିସବୁ କାରଣରୁ କୁହାଯାଏ "ମାତୃଭୂମି ମାତୃଭାଷା ଉଭୟ ଜନନୀ, ସେବ ତାଙ୍କୁ ଭକ୍ତ ଭାବରେ ଦିବସ ରଜନୀ" ଏହି ସେବା ଅହର୍ନିଶ କିପରି ହେବ ଓ ଆମେ ଏହା କରୁଛୁ କି ? ପୁଣି ଭକ୍ତିରେ ସେବା କରାଯିବ । ଏଥିପାଇଁ ନିଷ୍ଠା ରହିବ । ସେବାରେ ସବୁବେଳେ ଆମେ ଲାଗି ରହିବୁ କି ?

ସେବକ ଓ ସେବ୍ୟ ମଧ୍ୟରେ ଏହି ସୁସଂହତ ସଂପର୍କର ଅଭାବ ଓ ଜାତୀୟ ଚେତନାର ବିକାଶରେ ଶୀଥିଳତା ଲକ୍ଷ୍ୟ କରି ଦେଶର ଚିନ୍ତା ନାୟକମାନେ ଜୋର ଉଦ୍‌ବେଗ ପ୍ରକାଶ କରିଛନ୍ତି । ଥରେ ପଣ୍ଡିତ ନେହେରୁ କ୍ଷୋଭ କରି କହିଥିଲେ, ସେ ମରାଠୀ ଦେଖୁଛନ୍ତି ସେହିପରି ଗୁଜୁରାଟୀ ବଙ୍ଗାଳୀ ଆଦି ଲୋକଙ୍କୁ ଦେଖୁଛନ୍ତି । କିନ୍ତୁ ଭାରତୀୟ କାହାନ୍ତି । ବିଭିନ୍ନ ଧର୍ମର ଲୋକ ଭାରତରେ ଅଛନ୍ତି । କିନ୍ତୁ ଭାରତୀୟ କାହାନ୍ତି । ପୁଣି ବିଭିନ୍ନ ଭାଷାଭାଷୀ ଓ ଏହା ଫଳରେ ବିଭିନ୍ନ ରାଜ୍ୟ-ବାସୀ ହେବା ତଥା ନିଜ ନିଜର ଧର୍ମାଚରଣ କରିବାର ଅଧିକାର ଆମ ସମ୍ବିଧାନ ସମ୍ମତ । କିନ୍ତୁ ସ୍ୱାଧୀନତାର ସୁରକ୍ଷା ଓ ଗଣତନ୍ତ୍ରକୁ ସଫଳ କରିବା ଦାୟିତ୍ୱ ଆମର । ସେଥିପାଇଁ ଏହି ବିଶାଳ ଭୂଖଣ୍ଡର ଅଧିବାସୀଙ୍କ ମଧ୍ୟରେ ଐକ୍ୟ ହେଉଛି ପ୍ରଥମ ଓ ପ୍ରଧାନ ଆବଶ୍ୟକତା । ଭାରତର ଐକ୍ୟ ଅଖଣ୍ଡତା ଓ ଏକାତ୍ମତା ସର୍ବାଧିକାର ଲାଭ କରିଛି । ବିଭିନ୍ନ ବର୍ଣ୍ଣ ଧର୍ମ ଭାଷା ଓ ସଂସ୍କୃତରେ ବହୁଳତା ମଧ୍ୟରେ ଭ୍ରାତୃ ଭାବର ପ୍ରତିଷ୍ଠା କରିବା ଦ୍ୱାରା ସଂହତି ଓ ସୁସ୍ଥ ତଥା କ୍ରିୟାତ୍ମକ ରାଜନୈତିକ ବ୍ୟବସ୍ଥା ନିଶ୍ଚିତ ହୋଇ ପାରିବ । କିନ୍ତୁ କାହିଁ ଭାରତୀୟ ଭାବନା ଭାରତରେ । କବିବର ରାଧାନାଥଙ୍କ ଭାଷାରେ "ଭାରତ ପଙ୍କଜ ଦଳମିବ ଉତ୍କଳଂ" । ଉତ୍କଳ ତଥା ବିଭିନ୍ନ ରାଜ୍ୟ ଏହି ପଙ୍କଜର ଗୋଟିଏ ଗୋଟିଏ ପାଖୁଡ଼ା ସଦୃଶ । ବିଭିନ୍ନ ଅଞ୍ଚଳର ପ୍ରାକୃତିକ ସଂପଦର ବିକାଶ ପାଇଁ ସହଯୋଗ ରହିବା ଆବଶ୍ୟକ । ରାଜ୍ୟ ତଥା ରାଜ୍ୟାନ୍ତର ମଧ୍ୟରେ ସଦ୍‌ଭାବ ସହାୟକ ଯୋଜନା ହାତକୁ ନିଆଯିବା ଆବଶ୍ୟକ । ଧର୍ମ ଇଟା ପଥରର ଧର୍ମାଳୟରେ ନାହିଁ । ଅଛି ହୃଦୟ କନ୍ଦରରେ ଓ ପରିସ୍ଫୁଟ ଆମ ଦୈନନ୍ଦିନ ଆଚରଣର କାନ୍ତି ଓ କମନୀୟତାରେ । ପ୍ରତ୍ୟେକ ବ୍ୟକ୍ତିର ପ୍ରାଣ ସ୍ପନ୍ଦନରେ ଆମେ ସ୍ପନ୍ଦିତ ହେବା

# ଭାରତୀୟତା ଓ ଭାରତ ଭାବନା

ଅଧ୍ୟାପକ ଶତ୍ରୁଘ୍ନ ନାଥ

ଆମେ ଭାରତରେ ରହିଛୁଁ । ଏହାକୁ କେହି ଅସ୍ୱୀକାର କରନ୍ତି ନାହିଁ । କେହି ମଧ୍ୟ ପ୍ରଶ୍ନ କରିବାର ଦେଖାଯାଏ ନାହିଁ । କିନ୍ତୁ ସମସ୍ତଙ୍କ ତୁଣ୍ଡରେ ଗୋଟିଏ ପ୍ରଶ୍ନ; ଆମେ ଭାରତୀୟ ହୋଇ ପାରିଛୁ କି ? କିଏ ଭାରତୀୟ ? ପ୍ରଶ୍ନ କରନ୍ତି ପ୍ରାଶ୍ନିକ ଉତ୍ତରଦାତାଙ୍କ ପାଇଁ । କିନ୍ତୁ ଆମେ ଭାରତବାସୀ, ଆମେ ଭାରତୀୟ । ପ୍ରଶ୍ନଟି ଆମର, ଆମେ ପ୍ରଶ୍ନ କରିଛୁଁ ଓ ଆମେ ଦେବା ଉତ୍ତର । ଏଠି ଦୁଇଜଣର କଥା ନାହିଁ । ଯେ ପ୍ରାଶ୍ନିକ, ସେ ଦେବେ ଉତ୍ତର ।

ଅନେକେ କହନ୍ତି, ପ୍ରଶ୍ନ କରିବା ସହଜ ଓ ଉତ୍ତର ଦେବା କଠିନ । ଏହି ପ୍ରସଙ୍ଗଟି ଯଦି ସତ୍ୟ ହୁଏ, ତେବେ ଏହା ସହଜରେ ଅନୁମେୟ, ଆମେ କାହିଁକି ଭାରତୀୟ ହୋଇ ପାରୁ ନାହୁଁ । ଆମେ ଚଟାଚଟ୍, ପ୍ରଶ୍ନ କରି ଦେଉଛୁଁ, ଫଟାଫଟ୍ ଉତ୍ତର ଦେଇ ପାରୁ ନାହୁଁ । ଲୁଚେଇ ହେଉଛୁଁ, ଯାହାକୁ ତାକୁ ପଚାରୁଛୁ, ଦେଖାଶୁଣା ଉତ୍ତରଟିଏ କରି ଦେଉଛୁଁ ଇତ୍ୟାଦି । ଦ୍ୱିତୀୟତଃ ପ୍ରଶ୍ନକଲେ ପାରିଶ୍ରମିକ ମିଳେ । ଡେରି ହେଲେ ପଛକେ ନଗଦ କଞ୍ଚା କଉଡ଼ିର ସମ୍ଭାବନା ଥାଏ । କିନ୍ତୁ ଉତ୍ତର ଦେବା ଏକ ବିଳମ୍ବିତ ଓ ଜଟିଳ ପ୍ରକ୍ରିୟା । ପ୍ରସ୍ତୁତ ଖୁବ୍ ଆୟାସସାଧ୍ୟ ଓ ସମୟ ସାପେକ୍ଷ । ଯଦି ଉତ୍ତର ଦେବା ଏକ ଇଚ୍ଛାଧୀନ ବିଷୟ ହୁଅନ୍ତା ତେବେ ପରୀକ୍ଷାର୍ଥୀ କଣ ବିଲ୍‌କୁଲ୍ ବାହାରନ୍ତେ କି ? ଅଥଚ ପ୍ରାଶ୍ନିକ ହେବାରେ କିଏ କାହିଁକି ପଛେଇବେ । ତୃତୀୟତଃ ପ୍ରଶ୍ନ କରିବା ଅଧିକାଂଶତଃ ସହଜ । କାରଣ ଏହା ପ୍ରାଶ୍ନିକ ପାଇଁ ନୁହେଁ । ମୌଳିକ ହେଉ ବା ଲିଖିତ ହେଉ ପ୍ରଶ୍ନଟି ଅନ୍ୟ ପାଇଁ ଉଦ୍ଦିଷ୍ଟ । ତେଣୁ ଆମେ ଏ ପରଂପରାରେ ଚଳି ଆସିଥିବା ଫଳରେ ପ୍ରଶ୍ନଟି କରି ନେଉ ସତ୍ୟ କିନ୍ତୁ ନିଜେ ଉତ୍ତର ଦେବାକୁ ଆଗେଇ ଆସୁନାହିଁ । ପ୍ରଶ୍ନ କରି ଯେ ଉତ୍ତର ଆମେ ଦେବୁ ଏକଥା ଭାବୁ ନାହିଁ । ସେଥିପାଇଁ ଆମର ଅଧିକାଂଶ ଭାଷଣ ବଚନ ଓ ଆସ୍ଫାଳନ ହିମାଳୟଠାରୁ କୁମାରୀକା ପର୍ଯ୍ୟନ୍ତ ଓ ନେତାଙ୍କଠାରୁ ନେତା ପର୍ଯ୍ୟନ୍ତ କେବଳ ପ୍ରଶ୍ନରେ ସୀମିତ । ଆମେ ଭାରତୀୟ ହୋଇ ପାରୁଛୁକି ? ଆମ ବ୍ୟଙ୍ଗ ବିଦ୍ରୁପ ଓ ବ୍ୟଞ୍ଜନାରେ ମଧ୍ୟ ସେହି ପ୍ରଶ୍ନ । ଆମେ ନିରାପଦରେ ଶୋଇ ଯାଉଛୁ ଯେ ଆମକୁ ଦିନେ ଏହାର ଉତ୍ତର ଦେବାକୁ ପଡ଼ିବ । ଚତୁର୍ଥତଃ ଆମ ପ୍ରଶ୍ନର ଉତ୍ତର କେବଳ କାଗଜ କଲମରେ ଉତ୍ତର ଖାତାର ପୃଷ୍ଠା ଗଣି ଆମେ ଉତ୍ତର ଲେଖୁଁ । ସେତିକି ନୁହେଁ ଉତ୍ତର ଖାତାର ପୃଷ୍ଠା ଗଣି ନମ୍ବର ଦିଆଯିବାର ଶୁଣାଯାଏ । ଉତ୍ତର ଖାତାକୁ ତଉଲି ଓଜନଦାର ଖାତା ଅଧିକ ନମ୍ବର ମିଳେ ବୋଲି ଆମ ବଡ଼ବଡ଼ିଆମାନେ କେବେକେବେ କହନ୍ତି । ଆମ ପେଟରେ କେତେ ପାଠ, ମୁହଁରେ କେତେ ଓ ଆମ ଚଳିଚଳନରେ କେତେ ଏକଥା କେହି ଦିଶୁଉନ୍ତି ନାହିଁ । ଧର୍ମାନ୍ଧ ବ୍ୟକ୍ତି ଧର୍ମ ନିରପେକ୍ଷତାରେ ଅଧିକ ପ୍ରଶଂସିତ ହେବାର ଶୁଣାଯାଏ । ଏକଛତ୍ର ଶାସକମାନେ ଗଣତନ୍ତ୍ରର ବଡ଼ ପଣ୍ଡା ଭାବରେ ହୁଙ୍କାର ଦେବାର ଜଣାଯାଏ । ଶ୍ରମକୁ ଅତ୍ୟଧିକ ଘୃଣା କରୁଥିବା ଶିକ୍ଷାର୍ଥୀ ଶ୍ରମ ସମ୍ବନ୍ଧୀୟ ପରୀକ୍ଷା ବା ପ୍ରତିଦ୍ୱନ୍ଦ୍ୱୀ ପରେ କରୁଥିବା ସାଫଲ୍ୟ ଅର୍ଜନ କରିଥିବାର ନଜିର ଆମ ପରୀକ୍ଷା ପଦ୍ଧତିରୁ ଜଣାପଡ଼େ । ଏପରି ସ୍ଥଳରେ ଆମେ ଭାରତୀୟ ହୋଇ ପାରୁଛୁ କି ?

ସହୃଦୟତା ଓ ସମଦୃଷ୍ଟିର ଅଭାବ ଏକ ଉତ୍କଟ ସମସ୍ୟା ହୋଇପଡ଼ିଛି । ଗୋଷ୍ଠୀନିରପେକ୍ଷତା ଓ ଗଣତାନ୍ତ୍ରିକ ଜୀବନ ସାମାଜିକ, ରାଜନୈତିକ ଓ ସାଂସ୍କୃତିକ ଚେତନାରେ ପରିଣତ ହେଉନାହିଁ । ବ୍ୟକ୍ତିଗତ ଓ ପାରିବାରିକ ସ୍ତରରେ ଆମ ଚେତନାର ଅଭାବ ହେତୁରୁ ପ୍ରଦୂଷଣ, ନିରକ୍ଷରତା, ଅସ୍ୱାସ୍ଥ୍ୟ ଆଦି ସମସ୍ୟା ପାଇଁ ଆନୁଷ୍ଠାନିକ ବିଗ୍ରହ ଫଳପ୍ରଦ ହେଉନାହିଁ । ଆମେ ଘାଣ୍ଟିହେଉଛୁ । ସ୍ୱରାଜର ମୁଖାପେକ୍ଷି ଅନ୍ତସାର ଶୂନ୍ୟ ଲୋକଶକ୍ତି ଆଜି ବଳି ଓ ବିଶ୍ୱ ପାଇଁ କଣ କରିପାରିବ । ଅହିଂସା ହେଉଛି ଆମ ଜୀବନ ଦର୍ଶନ । ଭାରତର ଭାବନା ଓ ବୈଶିଷ୍ଟ୍ୟ ଏହା କେବଳ ସ୍ତରରେ ସୀମିତ ରହିଲେ ଓ ଦୈନନ୍ଦିନ ତଥା ଜୀବନ ବିସ୍ତରରେ ଅଙ୍ଗୀଭୂତ ନହେଲେ ଆମ ଦେଶରେ ଓ ଦେଶ ବାହାରେ ଏହା ମୂଲ୍ୟହୀନ ହେବ ।

ତେବେ ଏଥିରେ ଅନ୍ତରାୟ କଣ ହୋଇଛି ? ଆମେ ଭାରତରେ ବାସ କରୁଛୁ । କିନ୍ତୁ ଭାରତୀୟ ହେବାରେ କି ବିଡ଼ମ୍ବନା ରହିଛି । କାହିଁକି ଯେତେଶୀଘ୍ର ଓ ଯେଉଁ ଉତ୍କୋଟୀର ପରିବର୍ତ୍ତନ ଆମ ଜାତୀୟ ଚରିତ୍ରର ବିକାଶରେ ହେବାରକଥା ତାହା ହୋଇପାରୁନାହିଁ । ସେହି ବିଳମ୍ବିତ ବ୍ୟାପ୍ତି କାହିଁ ? ଏ ବିଷୟରେ ବହୁ ଦେଶବନ୍ଧୁ ଓ ବିଶ୍ୱବନ୍ଧୁ ନିଜନିଜର ବ୍ୟଥା ଓ ବ୍ୟାକୁଳତା ବିଭିନ୍ନ ସମୟରେ ବ୍ୟକ୍ତ କରିଛନ୍ତି । ଦାରିଦ୍ର୍ୟ ଏହାର ଅନ୍ୟତମ କାରଣ ହୋଇଛି । ମୁଠାଏ ପେଟପୁରା ଭାତ, ଲଜ୍ଜା ଦୂର କରିବାକୁ ଖଣ୍ଡେ କପଡ଼ା ଓ ମୁଣ୍ଡ ଗୁଞ୍ଜିବାକୁ କାଇଦାର ଟିକିଏ ସ୍ଥଳରୁ ଯିଏ ବଞ୍ଚିତ ତା ପାଇଁ ବାଞ୍ଛିତ ଅନ୍ୟାକିଛି ଅଛିକି ? ଅଭାବ ସାଙ୍ଗକୁ ଅବଜ୍ଞା, ଅବମାନନା ଓ ଅନାଦର ସତେ ଯେପରି ବୋଝ ଉପରେ ନଳିତା ବିଡ଼ା ପରି ହୋଇଯାଏ । ଆମର ଆବୃତ୍ତି କିନ୍ତୁ ସେମାନଙ୍କ ଅନୁଭବ ହୁଏ, "ବୁଭୁକ୍ଷିତ କିଂ ନ କରୋତି ପାପଃ" ସେମାନେ ଜାତୀୟ ସ୍ରୋତରେ ସାମିଲ ହୋଇ ପାରନ୍ତି ନାହିଁ । ଆମ ଜାତୀୟ ପ୍ରତିଶ୍ରୁତି ଓ ଜାତୀୟ ପର୍ବର ପାଳନ ସେମାନଙ୍କ ଆଗରେ କାଲି ପାଖରେ ମୂଳା ଝୁଲେଇଲା ପରି ଲାଗେ । ପେଟ ଲାଗି ସବୁ ନାଟ କିନ୍ତୁ ଏହାକୁ କେନ୍ଦ୍ର କରି ସବୁ ଦଳାଦଳି, କଳି କନ୍ଦଳ, କଜା, କେଳି କୌଶଳ ଲାଗିଯାଏ । ଉଦ୍ ନିଆଁରେ ଶୁଖିଲା ଦାଉଁଶ ଫାଳିଆ ପେଲି ଦେଲେ ଯାହା ହୁଏ । ଅଭାବସାଙ୍ଗକୁ ଅଶିକ୍ଷା ଓ କୁଶିକ୍ଷା ଅବସ୍ଥାକୁ ସେପରି କରିଦିଏ । ସବୁ ଅଶାୟର । ଭାରତଭାବନା ଓ ଭାରତୀୟତା ସମସ୍ତଙ୍କ ତୁଣ୍ଡରେ କିନ୍ତୁ ଆଚରଣରେ କାହିଁ ? ଶିକ୍ଷାର ପରିଧି ଓ ପରିସୀମା ଏ ପର୍ଯ୍ୟନ୍ତ ତମସୋ ମା ଜ୍ୟୋତିର୍ଗମୟ କରିପାରି ନାହିଁ । ବହୁ ଗାଁ ଓ ମା' ଶିକ୍ଷାର ପରିସରଭୁକ୍ତ ହୋଇପାରି ନାହାଁନ୍ତି । ଗୁହକୁ ଆରମ୍ଭ କରି ଗଁ ରି ଗଂପା ପର୍ଯ୍ୟନ୍ତ ସର୍ବତ୍ର "ଅସତୋ ମା ସଦ୍ଗମୟା"ର ଧ୍ୱନି ନିନାଦିତ ହୋଇପାରି ନାହିଁ । ପଷ୍ଟାନ୍ତରରେ ଶିକ୍ଷାୟତନରେ ସୁଦ୍ଧା ଶିକ୍ଷାର ଗୁଣ ଓ ଗଭୀରତା ଆଶାନୁରୂପ ପରିଲକ୍ଷିତ ହୋଇପାରି ନାହିଁ । ଧୂଳିଧୂସରିତ ଦର୍ପଣ ଯେପରି ସ୍ୱଚ୍ଛତା ହରାଇଥାଏ, ଆମେ ଶିକ୍ଷା ପାଇ ସୁଦ୍ଧା ସେପରି କୂପମଣ୍ଡୁକ ହୋଇ କେବଳ ନିଜଛଡ଼ା ପ୍ରତିବେଶୀର ପ୍ରତିବିମ୍ବ ଦେଖିପାରୁ ନାହିଁ । ବ୍ୟକ୍ତି ସର୍ବସ୍ୱ ହୋଇ ଶିକ୍ଷିତ ବ୍ୟକ୍ତି ଅଧିକାଂଶତଃ ସ୍ୱାର୍ଥାନ୍ଧ ଓ ସଂକୀର୍ଣ୍ଣ ହୋଇପଡ଼ିଛି । ଧ୍ୟାନମଗ୍ନ ମୁନିଋଷିଙ୍କ ପରି ଆମେ ଆଖିବୁଜି ପରାର୍ଥ ଓ ପରମାର୍ଥ ଦେଖିନାହୁଁ । ଦେଖୁଛୁ କେବଳ ଅର୍ଥ, ଅନର୍ଥ ଓ ଅଧୋଗତି । ଭେଦ ବର୍ଜନ କରି ଅଭେଦର ସୂତ୍ର ଚିହ୍ନ ଆମେ ଧରିପାରୁନାହୁଁ । ସମସ୍ତଙ୍କର ସମୂହ ଚିନ୍ତା, ସନ୍ନିବିଷ୍ଟତା ଓ ସହଯୋଗିତାର ସ୍ରୋତ ଆମ ଦ୍ୱାରା ପ୍ରବାହିତ ହୋଇ ପାରୁନାହିଁ । ଯେ ପାରିଲା ସେ ମାରି ନେଲା ଓ ଅନ୍ୟମାନଙ୍କୁ ଭୁଲିଗଲା । ସମାଜର ସ୍ଥିରୀକରଣ, ବିଚ୍ଛିନ୍ନତା ଓ ସାଂପ୍ରଦାୟିକତା ଆହୁରି ବଢ଼ିବାରେ ଲାଗିଲା । ରାଜନୀତି, ସେବା, ଧର୍ମ, ମାନବିକତା ଆଦି ଜୀବନର ସକଳ ବିଭାବରେ ଅଭାବ, ଅଜ୍ଞତା ଓ ଅଶିକ୍ଷା ହେତୁ ନିଜର ସ୍ୱାର୍ଥକୁ ଜାତୀୟ ଜୀବନ ଓ ଆଦର୍ଶର ଉପରେ ଦେଖୁଛୁ । ଯେ ପୂଜିଲେ, ଯାହାଙ୍କୁ ପୂଜା କରାଗଲା, ଯେ ପୁରୋହିତ ହେଲେ ଓ ଯେ ପୂଜାସାମଗ୍ରୀ ଆଣିଦେଲେ ପ୍ରତ୍ୟେକେ ନିଜ ନିଜର ସ୍ୱାର୍ଥ ପାଇଁ ଲାଗିଲେ । କଥାରେ ଅଛି, ମା ଓ ଝିଅ ଦେଉଳକୁ ଗଲେ, ମାତ୍ର ଯେଝା ସୁଖ ଯେଝା ମନାସିଲେ । କିନ୍ତୁ ସୁଖ ମନାସିବା ଆଜି ପ୍ରତ୍ୟେକ ବ୍ୟକ୍ତିର ସ୍ୱାତନ୍ତ୍ର୍ୟ ହେଉଛି । ପ୍ରତ୍ୟେକ ସାମାଜିକ ବ୍ୟାପାରରେ ବ୍ୟକ୍ତିଗତ ଓ ଦଳୀୟ ପ୍ରତିଷ୍ଠା ଆମର ସର୍ବଗ୍ରାସୀ ଚିନ୍ତା ହୋଇ ଯାଉଛି । ଏହି କାରଣରୁ ଓ ଜାତୀୟ ଚରିତ୍ରର ବିକାଶ ନହେବାରୁ ଆମର ଆଭ୍ୟନ୍ତରୀଣ ତଥା ବିଶ୍ୱଦରବାରରେ ବୈଫଲ୍ୟ ହେଉଛି । ଆମ ଦେଶର ସୁଖ, ଶାନ୍ତି, ପ୍ରଗତି ଓ ସମୃଦ୍ଧି ପାଇଁ ଆମ ଉପର୍ଗ ପଣିଆ ପ୍ରଶ୍ନବାଚୀ ହୋଇ ରହୁଛି ।

ଭାରତୀୟତା ଓ ଭାରତଭାବନା ଏକ ସ୍ଥାଣୁ, ସ୍ଥିର, ସ୍ଥିତିଶୀଳ ସ୍ଥିତାବସ୍ଥା ନୁହେଁ । ଜାତିର ଜନକ ମହାତ୍ମା ଗାନ୍ଧୀଙ୍କର ସତ୍ୟାଗ୍ରହ, ଅସହଯୋଗ ଓ ଅହିଂସା ସଂଗ୍ରାମ ଭାରତ ପାଇଁ ନିମିତ୍ତମାତ୍ର ହେଲେହେଁ ବିଶ୍ୱର ଅଗଣିତ ନିଷ୍ପେଷିତଙ୍କ ପାଇଁ ଅଭିପ୍ରେତ ଥିଲା । ନେହୁରୁ, ରାଧାକୃଷ୍ଣନ୍, ଅରବିନ୍ଦ, ରବୀନ୍ଦ୍ରନାଥ ପ୍ରମୁଖ ମହାମନୀଷୀଗଣ ଜାତୀୟତାକୁ ଭାରତର ଭୌଗୋଳିକ ସୀମାରେ ସୀମିତ ନକରି ମାନବସମାଜ ଗଠନରେ ଏହାର କ୍ରମବିକାଶ କରିଥିଲେ । ଆମ ସାଂସ୍କୃତିକ ଓ ଆଧ୍ୟାତ୍ମିକ ଐତିହ୍ୟ ଆଧ୍ୟାତ୍ମିକ ସତ୍ୟର ପ୍ରତିଷ୍ଠାରେ ଭାରତ ବିଶ୍ୱର ଚିରନ୍ତନ ଗୁରୁ ହୋଇ ଆସିଛି । ଆମେରିକାର ଚିକାଗୋ ସହରରେ ବିଶ୍ୱଧର୍ମ ମହାସଭା ଚିରସ୍ମରଣୀୟ ହୋଇଛି ସ୍ୱାମୀ ବିବେକାନନ୍ଦଙ୍କ ଉଦ୍‌ବୋଧନ ଯୋଗୁଁ । ନୋହିଲେ ଏହା ଇତିହାସର ପୃଷ୍ଠାରେ ଅବଲୁପ୍ତ ପ୍ରାୟ ରହିଥାନ୍ତା । ସ୍ୱାମୀଜୀ ୧୮୯୩ ଖ୍ରୀଷ୍ଟାବ୍ଦରେ ଭାରତ ପ୍ରତ୍ୟାବର୍ତ୍ତନ କରିଛନ୍ତି । ସେତେବେଳେ New Work Herald ପତ୍ରିକା ଲେଖିଛନ୍ତି "( After hearing him, We feel how foolish it is to send missionaries to this learned nation" ଭାରତୀୟ ପ୍ରଜ୍ଞା ବିଶ୍ୱବିଦିତ । ଏହାର ସୁଦୀର୍ଘ ଇତିହାସ

ତେବେ ଯାଇ ଆସିବ ଭାଇ ପଣିଆ । ଭାତ ଦିଆ ନିଆ କରିବା ଭଳି ଅତ୍ୟୁଆ ଓ ସର୍ବତ୍ର ହୋଇ ପାରିବ ନାହିଁ । କିନ୍ତୁ ଭାବର ଦେଣନେଣ ସବୁଠି ସହଜ, ଯଦି ଆମ ମନୋଭାବରେ ପରିବର୍ତ୍ତନ ହୁଏ । ସମସ୍ତଙ୍କୁ ଆପଣାର କରି ଆମେ ସମସ୍ତଙ୍କର ହୋଇ ପାରିବା । ସକଳ ପ୍ରକାର ବିଭେଦକୁ ଅତିକ୍ରମ କରିଛି ସେହି ଭାବଟି । ଆମେ ସବୁ ମନୁଷ୍ୟ ଓ ଆମେ ଭାରତୀୟ । ଏହା ଭାବକୁ ବୁଝି ସେ ଦିଗରେ ଅନୁଭବୀ ହୋଇ ପାରିଲେ ଏଠି ଜାତି, କରଣ, କୋଟ, କଚେରୀ କଣ କରିବ ? ଏହି ଭାବରେ ଆମେ ରଞ୍ଜି ଯିବୁ ଓ ମଜ୍ଜି ଯିବୁ କାରଣ ଏହି ଭାବକୁ ଆମେ ହେଜିବୁ ।

୧୯୪୭ ମସିହା ଅଗଷ୍ଟ ମାସ ୧୫ ତାରିଖ । ଏହା ଆମ ଜାତୀୟ ଜୀବନର ମହାନ୍ ଦିନ । ଏହା ପୂର୍ବରୁ ଆମେ ଭାରତବାସୀ ସାମ୍ରାଜ୍ୟବାଦୀ ବ୍ରିଟିଶ ଶାସନର ଅଧୀନ ଥିଲୁ । ପ୍ରଜା ହୋଇଥିଲୁ । ସେହି ମହାନ୍ ତଥା ଐତିହାସିକ ଦିବସରୁ ଆମେ ସ୍ୱାଧୀନ ଦେଶର ନାଗରିକ ହେଲୁ । ପ୍ରଜା ଭୂମିକାର ପରିବର୍ତ୍ତନ କରାଯାଇ ଆମ ଦୀର୍ଘ ଦିନର ସଂଗ୍ରାମର ଫଳ ସ୍ୱରୂପ ଆମେ ସ୍ୱାଧୀନ ନାଗରିକର ଭୂମିକା ଗ୍ରହଣ କରିଛୁ । ଆମ ସମ୍ବିଧାନରେ ଆମେ ଶପଥ କରିଛୁ । ଆମେ ଭାରତବାସୀ ଆମେ ସଂକଳ୍ପବଦ୍ଧ, ଆମେ ଆମ ଦେଶକୁ ସାର୍ବଭୌମ ସମାଜବାଦୀ ଧର୍ମ ନିରପେକ୍ଷ, ଗଣତାନ୍ତ୍ରିକ ପ୍ରଜାତନ୍ତ୍ର ରାଷ୍ଟ୍ର ଭାବରେ ଗଠନ କରି ଏହାର ସମସ୍ତ ନାଗରିକଙ୍କ ପାଇଁ ସାମାଜିକ, ଅର୍ଥନୈତିକ ଓ ରାଜନୈତିକ ନ୍ୟାୟ, ଚିନ୍ତା, ଆତ୍ମ ପ୍ରକାଶ, ବିଶ୍ୱାସ ଓ ଉପାସନାରେ ସ୍ୱାତନ୍ତ୍ର୍ୟ ପଦବୀ ଓ ସୁଯୋଗରେ ସାମ୍ୟ ସୁନିଶ୍ଚିତ କରିଦେବୁ ଓ ସେମାନଙ୍କ ମଧ୍ୟରେ ଭ୍ରାତୃତ୍ୱ ତଥା ଦେଶର ଐକ୍ୟ ଓ ଅଖଣ୍ଡତା ସ୍ଥାପନ କରିବୁ । ଏହାହିଁ ଆମ ସମର୍ପଣ ଓ ଆମେ ଏଥିରେ ବଚନବଦ୍ଧ । ସକଳ ସମସ୍ୟାର ସମାଧାନ ଆମେ କରିବୁ । ଅନ୍ୟ କାହାରିକୁ ଦାୟୀ କରିବୁ ନାହିଁ । ଅନ୍ୟ କୌଣସି ବିଦେଶୀ ରାଷ୍ଟ୍ରର ହାତବାରିସୀ ହେବୁ ନାହିଁ ବା ହେବା ଉଚିତ ନୁହେଁ । ଆମ ଭୂମିକାରେ ଏହି ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନକୁ ଅନୁଧ୍ୟାନ କରି ଆମେ ଆମ କର୍ତ୍ତବ୍ୟ ସ୍ଥିର କରିବା ଉଚିତ । ଆତ୍ମ ନିୟନ୍ତ୍ରଣର ଅଧିକାର ଓ ଦାୟିତ୍ୱ ଆମେ ପାଇଛୁ । ପଛୁଆ ଲୋକେ ଆମେ ନିନ୍ଦିତ ହେବା ଓ ଆଗେଇ ଆସିଲେ ଏହା ଆମ ଗୌରବ । ବିଶ୍ୱ ବକ୍ଷରେ ଆମେ ସ୍ୱାଧୀନ ରାଷ୍ଟ୍ର ଭାବରେ ସ୍ୱତନ୍ତ୍ର ସ୍ଥାନ ପାଇଛୁ । ଆମ ଜାତୀୟ ପତାକା, ଜାତୀୟ ସଙ୍ଗୀତ ଓ ଜାତୀୟ ସଙ୍କେତ ସ୍ୱୀକୃତି ଲାଭ କରିଛି । ଏଥିପାଇଁ ନେତୃ ସ୍ଥାନୀୟ ବ୍ୟକ୍ତିଙ୍କ ଜୀବନରେ ତଥା ସମୂହଭାବରେ ଦେଶପ୍ରେମର ପରାକାଷ୍ଠା ଭାବରେ ଅସୀମ ଧୈର୍ଯ୍ୟ, ଚରମତ୍ୟାଗ ଓ ଅଶେଷ କାୟିକ ତଥା କାରାଦଣ୍ଡ ଭୋଗିବାକୁ ପଡ଼ିଛି । ଏହି ଜାତୀୟ ପତାକକୁ ସାମାନ୍ୟ କନା ଖଣ୍ଡେ, କେଇପଦ କବିତା ଓ ଗୋଟିଏ ମୂର୍ତ୍ତି ଭାବେ ବିଚାରିବା ଅକ୍ଷମଣୀୟ ଦେଶଦ୍ରୋହ ।

ନାଗରିକ ଜୀବନରେ ଏହି ଆହ୍ୱାନର ସମ୍ମୁଖୀନ ହେବା ପାଇଁ ଆମକୁ ଏହାର ଗୁରୁତ୍ୱ ହୃଦୟଙ୍ଗମ କରିବାକୁ ପଡ଼ିବ, ଆଶୁ ପଦକ୍ଷେପ ନିରନ୍ତର ନେବାକୁ ହେବ ଓ ମନୋଭାବରେ ପରିବର୍ତ୍ତନ କରାଯିବା ଉଚିତ ।

ନାଗରିକର ଭୂମିକା ସୋଗୁଁ ଦୁଇଟି କଥା ମିଳିଛି । ଗୋଟିଏ ହେଲା ସ୍ୱାଧୀନତା ଓ ଅନ୍ୟଟି ସାମାଜିକ ଦାୟିତ୍ୱ । ଆମେ ତଥା ଆମ ସମାଜର ପଣ୍ଡାମାନେ ଏହି ଦୁଇଟି କଥାକୁ ସମତାଳରେ ବା ଗୋଟିଏ ମୁଦ୍ରାର ଦୁଇପାଖ ଭାବରେ ନ ନେଇ ସ୍ୱାଧୀନତା ଓ ସେଥିରୁ ଉପୁଜୁଥିବା ଅଧିକାର ଗୁଡ଼ିକ ଉପରେ ଅଧିକ ଗୁରୁତ୍ୱ ଦେଉଛନ୍ତି । ଅଥଚ ସାମାଜିକ ଦାୟିତ୍ୱ ଓ ସେଥିରୁ ଉପୁଜୁଥିବା କର୍ତ୍ତବ୍ୟଗୁଡ଼ିକ ଉପରେ ଗୁରୁତ୍ୱ ସେତେଦୂର ରହୁନାହିଁ । ଏହି ବିଷମତା ଫଳରେ ଆମ ନୀତି ନିୟମ ଓ ନିର୍ଦ୍ଧାରଣଗୁଡ଼ିକରେ ତଥା ଆମ ନଥିପତ୍ର; କୋର୍ଟ କଚେରୀ, ଦପ୍ତର, ଶିକ୍ଷାଳୟ ଆଦି ବିଭିନ୍ନ ଲୋକଙ୍କ ଦ୍ୱାରା ଲୋକଙ୍କପାଇଁ ଗଠିତ ଅନୁଷ୍ଠାନ ଗୁଡ଼ିକରେ ଝାଳବୁହା ଶ୍ରମ ଓ ଉତ୍ସର୍ଗର ନିଷ୍ଠା କ୍ରମେ ହ୍ରାସ ପାଉଛି । ଉଲ୍ଲିଖିତ ଅନୁଷ୍ଠାନଗୁଡ଼ିକରେ ସମୟାନୁବର୍ତ୍ତିତା, ସାଧୁତା ଆଦି ମାମୁଲି ଗୁଣଗୁଡ଼ିକର ଅଭାବ ଆମ ସାମାଜିକ ଓ ଜାତୀୟ ଜୀବନକୁ ଜର୍ଜରିତ ଓ ଅସାର କରି ଦେଉଛି । ବେଳେବେଳେ ହାସ୍ୟୋଦ୍ଦୀପକ ଅନୁଚିନ୍ତା ଆମ ମନରେ ସ୍ୱତଃ ଆସେ ଯେ ଆମେ ଜରୁରୀକାଳୀନ ଅବସ୍ଥାରେ ସମୟାନୁବର୍ତ୍ତିତା ପରୀକ୍ଷା କରିବା ପାଇଁ ଅଗ୍ରନକ ଅଫିସ, ଅନୁଷ୍ଠାନ ଆଦି ଉପରେ ଚଢ଼ାଉ କରୁ । ସାଧାରଣ ଅବସ୍ଥାରେ ଓ ଦୈନନ୍ଦିନ ଜୀବନରେ ଏହା କରଣୀୟ ନୁହେଁକି ? ଜାତୀୟ ଭାବନା ଓ ଭାବମୂର୍ତ୍ତିକୁ ନିଜ ଜୀବନଯାପନ ପ୍ରଣାଳୀ ଓ ଶୈଳୀରେ

ପରିଣତ କରି ନପାରି କେବଳ କାଗଜ କଲମର ଗ୍ରନ୍ଥ କରିଛୁ । ବିଧି ବିଧାନ ପ୍ରଣୟନ କରିଛୁ । କମିଟି କମିଶନ ବସାଉଛୁ । ଯୌତୁକର ଅପସାରଣ ବୈଜ୍ଞାନିକ ମନୋଭାବ, କ୍ଷୁଦ୍ର ପରିବାର ତଥା ନାରୀନର ସମାନତାର ଗ୍ରହଣ ଆଦି କ୍ଷେତ୍ରରେ ଆମ ସଚେତନତା ଓ ସର୍ଶ କାତରତା ଆମକୁ ସେହିପରି ପ୍ରେରଣା ଦାୟକ ହୋଇପାରି ନାହିଁ । ଏହା ଫଳରେ ଆମେ ଅନୁଭବ କରୁଛୁ ଯେ ଜନଜାଗୃତ, ଲୋକ ସହଯୋଗ ଓ ଜନ ଚରିତ୍ର ବିନା କେବଳ ବିଧିବିଧାନର ପ୍ରଣୟନ ସେପରି ଫଳପ୍ରଦ ନୁହେଁ । ଆମେ ଭାରତରେ ରହିଛୁ । ଆମେ ଭାରତୀୟ । ଆମେ ଭାରତରେ ଭାରତୀୟ ହୋଇ ଭାରତର ପ୍ରଗତି ପାଇଁ ଲାଗିପଡ଼ିବୁ । ଭାରତ ଆମର ଓ ଆମେ ଭାରତ ପାଇଁ । ଉତ୍କଳ ଗୌରବ ମଧୁସୂଦନ ଦେଶବାସୀଙ୍କୁ ସତର୍କ କରିଥିଲେ ଯେ ପ୍ରତିଦିନ ସନ୍ଧ୍ୟାରେ ଶୋଇବା ପୂର୍ବରୁ ଆମେ ଦେଶପାଇଁ କଣ କରିଛୁ ଆମକୁ ପଚାରିବା । ଉତ୍ତର ମିଳିଲେ ଏହାକୁ ତହିଁପର ଦିନ ସୁଦୃଢ଼ ଓ ସଂପ୍ରସାରିତ କରିବା ଓ ନମିଳିଲେ ଉତ୍ତର ଖୋଜିବା । ଯେଉଁ ଧରଣୀ ଆମକୁ ଧାରଣ କରିଛି ଏହାର କୋଳରେ, କାଖରେ ଓ ପିଠିରେ ତାହାର ସନ୍ତାନ ସନ୍ତତିଙ୍କୁ ଆମେ ଆପଣାର କରିପାରୁନାହୁଁ । ଭାରତ ଭିତରେ ଓ ବାହାରେ ତଥା ବିଶ୍ୱସମାଜରେ ଆମ ଏକାତ୍ମତା,

ମୁକ୍ତ ହେବ, ତେବେ ଯାଇ ଆମ ଦେଶ ଭାରତବର୍ଷ ମୁକ୍ତ ହେବ । ସେଥିପାଇଁ ବହୁ ମନୀଷୀ ବାରମ୍ବାର ସତର୍କ କରିଦେଇଛନ୍ତି ଯେ ଆମ ସ୍ୱାଧୀନତା କେବଳ ରାଜନୈତିକ ସ୍ତରରେ ହୋଇଛି । ଅର୍ଥନୈତିକ, ସାମାଜିକ, ସଂସ୍କୃତିକ ଓ ଆଧ୍ୟାତ୍ମିକ ସ୍ୱାଧୀନତାର ସଂଗ୍ରାମ ସରିନାହିଁ । ଆତ୍ମିକ ଚେତନା ଓ ମୁକ୍ତି ପୂର୍ଣ୍ଣମାତ୍ରାରେ ବିକାଶ ଲାଭ କରିନାହିଁ । କେବଳ ଦେଶାନୁରାଗ ଏଥିପାଇଁ ଯଥେଷ୍ଟ ନୁହେଁ । ବେଳ ଥିଲା; ରାଜର୍ଷି ଓ ସାଧକମାନଙ୍କ ସଖ୍ୟା କମ୍ ହେଲେ ହେଁ ସମାଜର ମଙ୍ଗ ସ୍ଥିର ହୋଇ ରହୁଥିଲା । ଏପରିକି ସ୍ୱାଧୀନତା ଆନ୍ଦୋଳନର ମଧ୍ୟବର୍ତ୍ତୀ ନୁହେଁ, ଶେଷ ପର୍ଯ୍ୟାୟରେ ସୁଦ୍ଧା ମହାତ୍ମାଜୀ ସଂଖ୍ୟାରେ ହଜି ନଯାଇ ସଚ୍ଚୋଟ ସତ୍ୟାଗ୍ରହୀ ଜଣେ ହୁଅନ୍ତୁ ପଛକେ ଖୋଜି ଥିଲେ ।

ଏସବୁ ଆମ ପ୍ରତେକ ଜଣକ ପାଇଁ ଆହ୍ୱାନ । ତାହାହିଁ ଭାରତୀୟ ହେବାର ଅସଲ ପ୍ରକ୍ରିୟା ।

ପ୍ଲଟ ନଂ—୬୮୯ ଶହୀଦ ନଗର, ଭୁବନେଶ୍ୱର

ଓଁ ଆ ବ୍ରହ୍ମନ୍ ବ୍ରାହ୍ମଣୋ
ବ୍ରହ୍ମବର୍ଚସୀ ଜାୟତା—
ମା ରାଷ୍ଟ୍ରେ ରାଜନ୍ୟଃ ଶୂର
ଇଷବ୍ୟୋଽତିବ୍ୟାଧୀ ମହାରଥୋ ଜାୟତାମ୍ ।
ଦୋଗ୍ଧ୍ରୀ ଧେନୁର୍ବୋଢାନଡ୍ ବାନାଶୁଃ
ସପ୍ତିଃ ପୁରନ୍ଧିର୍ଯୋଷା ଜିଷ୍ଣୁ
ରଥେଷ୍ଠାଃ ସଭେୟୋ ଯୁବାସ୍ୟ
ଯଜମାନସ୍ୟ ବୀରୋ ଜାୟତାମ୍ ।
ନିକାମେ ନିକାମେ ନଃ ପର୍ଜନ୍ୟୋ ବର୍ଷତୁ ।
ଫଳବତ୍ୟୋ ନ ଓଷଧୟଃ ପଚ୍ୟନ୍ତାମ୍
ଯୋଗକ୍ଷେମୋ ନଃ କଳ୍ପତାମ୍ ॥
(ଯଜୁ ୨୨, ୨୨)

— ହେ ବ୍ରହ୍ମନ୍ ! ଆମମାନଙ୍କର ରାଷ୍ଟ୍ରରେ ଜ୍ଞାନ ପ୍ରସାର ପାଇଁ ବ୍ରହ୍ମତେଜଯୁକ୍ତ, ସଦାଗ୍ରହୀ ଉପଦେଶକ ଜନ୍ମଲାଭ କରନ୍ତୁ । ନ୍ୟାୟ ପ୍ରତିଷ୍ଠା ପାଇଁ ଶସ୍ତ୍ରନିପୁଣ କ୍ଷତ୍ରିୟ ବୀର ଉଦ୍ଭବ ହୁଅନ୍ତୁ । ସମୃଦ୍ଧି ପାଇଁ ଗୋଧନ, ଅଶ୍ୱ, ଅଶ୍ୱଶକ୍ତି ସଂପନ୍ନ ଯନ୍ତ୍ରାଦି ବୃଦ୍ଧି ପାଉ । ବୁଦ୍ଧିମତୀ ମହିଳା, ତେଜସ୍ୱୀ ବୀର, ଉତ୍ତମ ସନ୍ତାନ ଜାତ ହୁଅନ୍ତୁ । ଯଥା ସମୟରେ ବୃଷ୍ଟିପାତ ହେଉ । ବିବିଧ ଶସ୍ୟ ଓ ଓଷଧି ଉତ୍ପାଦିତ ହେଉ । ଅପ୍ରାପ୍ତ ଐଶ୍ୱର୍ଯ୍ୟ ପ୍ରାପ୍ତ ହେଉ । ପ୍ରାପ୍ତ ଐଶ୍ୱର୍ଯ୍ୟ ସଂରକ୍ଷିତ ରହୁ । ହେ ମଙ୍ଗଳମୟ ! ସର୍ବ କ୍ଷେତ୍ରରେ ଆମମାନଙ୍କ ରାଷ୍ଟ୍ରର ଅଭ୍ୟୁଦୟ ସଂଗଠିତ ହେଉ ।

ହଜାର ହଜାର ବର୍ଷକୁ ଅତିକ୍ରମ କରିଛି । ଏହାର ପ୍ରମାଣ ବହୁତ ହୋଇ ରହିଛି । ୧୮୮୨ ମସିହାରେ ମାକ୍ସ ମୁଲରଙ୍କ ପ୍ରଣୀତ ପୁସ୍ତକ ଆମ ଜାତୀୟ ଗୌରବ ତଥା ଚରିତ୍ରର ଅନ୍ୟତମ ବଳିଷ୍ଠ ପ୍ରମାଣ । Indian Civil Serviceର ଶିକ୍ଷାନବିଶମାନଙ୍କୁ ସେ ଅକ୍ସଫୋର୍ଡରେ ଯେଉଁ ବକ୍ତୃତା ଦେଇଥିଲେ ତାହା India : What Can It Teach Us ? ଶୀର୍ଷକ ପୁସ୍ତକରେ ପ୍ରକାଶ ପାଇଛି । ଏହାର ଏକ କ୍ଷୁଦ୍ର ଅଂଶ ହେଉଛି, "If I were to look over the whole world to find out the Country most richly endowed with all the wealth, Power and beauty that nature can bestow—in some parts of the paradise on earth—I should point to India. If I were asked under what sky the human mind has most fully developed some of the Choicest gifts has most deeply pondered on the greatest problems of life and has found solution of some of them which will deserve the attention even of this who have studied Plato and Kant—I should point to India. And if I went to ask myself from what literature we here in Europe, we have been natured aimost exclusively on the thoughts of Gyreeks end Romans and of one Semitic race, the Jewish, may draw that corrective which is most Wanted in order to make our inner life more perfect, more Comprehensive, more universal, infact, more truely human, a life, not for this life only, but a trans figured and eternal life—again I shouid point to India".

ଆଉ ଗୋଟିଏ ସାକ୍ଷ୍ୟନେବା । ସେ ହେଉଛନ୍ତି, ଦଶଖଣ୍ଡରେ ପ୍ରକାଶିତ A study of History ଗ୍ରନ୍ଥର ରଚୟିତା ବ୍ରିଟେନର Professor Arnold Toynbee ଲଣ୍ଡନ ରାମକୃଷ୍ଣ ବେଦାନ୍ତ ସମାଜର ସ୍ୱାମୀ ଘନାନନ୍ଦଙ୍କ ପ୍ରଣୀତ Shri Remakrishna Unique message ଶୀର୍ଷକ ପୁସ୍ତକର ମୁଖବନ୍ଧରେ ସେ ଲେଖିଛନ୍ତି:—"Today we are still living in this transitional chapter of the world's history. But it already becoming clear that a chapter which had a western beginning will have to have an Indian ending, if it is not to end in the self-destruction of the human race. . . ." ସେ ଆହୁରି ମଧ୍ୟ ଲେଖିଛନ୍ତି: "At this supremely dangerous moment in human history, the only way of salvation for mankind is an Indian way. The Emperor Ashoka's and Mahatma Gandhi's principle of non violence and Shri Ramakrishna's testimony to the harmony of religions; here we have tha attitude and spirit that can make it possible for the human race to grow together into a single family and, in the atomic age, this is the only alternative to destroying ourselves." ପାଶ୍ଚାତ୍ୟ ଚିନ୍ତାନାୟକ ମାକ୍ସ ମୁଲର ଏବଂ ଟୋୟନବି ବହୁ ମନୀଷୀଙ୍କ ମଧ୍ୟରେ ଅନ୍ୟତମ ଓ ସେମାନେ ଆମ ଗୌରବ ଗାନ କରିବା ସଙ୍ଗେ ଆମ ଦାୟିତ୍ୱ ତଥା କର୍ତ୍ତବ୍ୟ ସମ୍ବନ୍ଧରେ ସଚେତନ କରି ଦେଇଛନ୍ତି । କବିଗୁରୁଙ୍କ କଣ୍ଠରେ ଏହା ମଧ୍ୟ ନିନାଦିତ ହୁଏ "ଏଇ ଭାରତେର ମହାମାନବେର ସାଗରତୀରେ" । ଶ୍ରୀ ଅରବିନ୍ଦଙ୍କ ଦୃଷ୍ଟିରେ ଜାତୀୟତାର ବିକାଶ ପାଇଁ କଂଗ୍ରେସ ଆନ୍ଦୋଳନ ଦୀର୍ଘଦିନ ପାଇଁ ପାଶ୍ଚାତ୍ୟ ଭଙ୍ଗୀରେ ପରିଚାଳିତ ହୋଇଥିଲା । ଇଂରେଜୀ ଶିକ୍ଷାପ୍ରାପ୍ତ ମୁଷ୍ଟିମେୟଙ୍କ ପାଇଁ ଏହା ଅଭିପ୍ରେତ ଥିଲା । ଶ୍ରୀ ଅରବିନ୍ଦ ଏହି ପ୍ରସଙ୍ଗରେ ମହାମାନ୍ୟ ତିଳକଙ୍କ ଭୂମିକାକୁ ସ୍ୱୀକାର କରିଛନ୍ତି । ଧରାବନ୍ଧା ପ୍ରଣାଳୀର ପରିବର୍ତ୍ତନ, ଅତୀତ ଓ ବର୍ତ୍ତମାନ ମଧ୍ୟରେ ସେତୁସ୍ଥାପନ ଓ ଜାତିର ରାଜନୈତିକ ଜୀବନରେ ନିରବଚ୍ଛିନ୍ନତାର ପୁନଃ ପ୍ରବର୍ତ୍ତନ କରିବାରେ ତିଳକ ହେଉଛନ୍ତି ସର୍ବପ୍ରଥମ ରାଜନୈତିକ ନେତା । ସେ ଏପରି ଭାଷା ଓ ଆତ୍ମିକତାର ବିକାଶ କଲେ ଏବଂ ଏପରି ଧାରା ସୃଷ୍ଟିକଲେ ଯାହାଫଳରେ ଜାତୀୟ ଆନ୍ଦୋଳନକୁ ଭାରତୀୟ କରିଦେଲେ ଓ ଗଣାଭିମୁଖୀ କରିଦେଲେ । ଶ୍ରୀ ଅରବିନ୍ଦ ତାଙ୍କ ପ୍ରବନ୍ଧରେ ଉଲ୍ଲେଖ କରିଛନ୍ତି "To bring in the mass of the people, to found the greatness of the future on the greatness of the past, to infuse Indian politices with Indian religious fervour and spirituality are the indispensable conditions for a great and powerful awakening in India." ଏହି ଅବସ୍ଥାର ସୃଷ୍ଟି ପାଇଁ ଶ୍ରୀ ଅରବିନ୍ଦ ସ୍ଥିର କରିନେଲେ ଯେ "We must first ourselves be free in heart before our country is free."

ଭାରତୀୟ ହେବା ପାଇଁ ପ୍ରତ୍ୟେକକୁ ଏହା କରିବାକୁ ହେବ । ଆମେ ନିଜେ ନିଜେ ଆମ ଭିତରେ ସର୍ବପ୍ରଥମେ

ଦିଗରେ ଚିନ୍ତା କରିବାକୁ ମଧ୍ୟ ସେମାନଙ୍କୁ ବେଳ ନ ଥିଲା । ୧୮୧୭ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଓଡ଼ିଆ ସଂସ୍କୃତିର ସୁରକ୍ଷା ପାଇଁ ତେଣୁ ବସ୍ତୁତଃ କୌଣସି ଧ୍ୟାନ ଦିଆଯାଉ ନ ଥିଲା । ଅବସ୍ଥାପିତ ପ୍ରଶାସନିକ କେନ୍ଦ୍ରସ୍ଥଳୀ ନିୟନ୍ତ୍ରଣାଧୀନରେ, ପ୍ରକାରାନ୍ତରେ ବଙ୍ଗଳାର କଲିକତାଠାରେ ରହି ଓଡ଼ିଶାର ସାଧାରଣ ଲୋକମାନେ ଯଥେଷ୍ଟ ସୁଖ ସୁବିଧା ଭୋଗ କରୁଛନ୍ତି ବୋଲି ସେମାନେ ଧରି ନେଇଥିଲେ । ବକ୍ସି ଜଗବନ୍ଧୁଙ୍କ ନେତୃତ୍ୱରେ ୧୮୧୭ ମସିହାରେ ଓଡ଼ିଶା ବିଦ୍ରୋହ ଘଟି ନଥିଲେ ସମ୍ଭବତଃ ଇଂରେଜମାନେ ଓଡ଼ିଆ ଜାତିର ସ୍ୱାତନ୍ତ୍ର୍ୟର ପରିଚୟ ପାଇ ନଥାନ୍ତେ ଓ ଓଡ଼ିଆମାନଙ୍କର ନ୍ୟାୟପୂର୍ଣ୍ଣ ଦାବୀ ପୂରଣ ଦିଗରେ କାହାରି ଦୃଷ୍ଟି ଆକର୍ଷିତ ହୋଇନଥାନ୍ତା । ଏହି ପରିପ୍ରେକ୍ଷୀରେ ଓଡ଼ିଆମାନଙ୍କ ମଧ୍ୟରେ ଐକ୍ୟବଦ୍ଧ ସଂହତି ପ୍ରତିଷ୍ଠା ଓ ଅଣଓଡ଼ିଆମାନଙ୍କର ଅଭିସନ୍ଧିମୂଳକ ଚକ୍ରାନ୍ତ କବଳରୁ ଓଡ଼ିଆର ସ୍ୱାତନ୍ତ୍ର୍ୟ ରକ୍ଷା କରିବା ଦିଗରେ ବକ୍ସି ଜଗବନ୍ଧୁଙ୍କର ଗୁରୁତ୍ୱପୂର୍ଣ୍ଣ ଐତିହାସିକ ଭୂମିକା ବିଷୟ ଆଲୋଚନା କରାଯାଇଛି ।

ଜଗବନ୍ଧୁ ବିଦ୍ୟାଧର ମହାପାତ୍ର ଭ୍ରମରବର ରାୟଙ୍କୁ ସାଧାରଣତଃ ବକ୍ସି ଜଗବନ୍ଧୁ ବୋଲି କୁହାଯାଏ । ସେ ହେଉଛନ୍ତି ପ୍ରଥମ ଓଡ଼ିଆ ଯେ କି ବିଦେଶୀ ଇଂରେଜମାନଙ୍କର ପ୍ରଶାସନିକ ଅନ୍ୟାୟ ଓ ଦୁର୍ନୀତ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିଥିଲେ । ବିଦେଶୀ ଶାସନ କବଳରେ ରହି ଓଡ଼ିଆମାନଙ୍କ ମଧ୍ୟରେ ହୀନମନ୍ୟତା ସୃଷ୍ଟି ହୋଇଥିବା ଏବଂ ସେମାନେ ଅବିସ୍ମରିତ ଭାବେ ନିଷ୍ପେସିତ ହେଉଥିବା ବିଷୟ ସେ ଦୃଢ଼ କଣ୍ଠରେ ଅଭିଯୋଗ କରିଥିଲେ । ଏହି ଅଭିଯୋଗଗୁଡ଼ିକ ଥିଲା ପ୍ରାମାଣିକ ଓ ତଥ୍ୟଭିତ୍ତିକ । ୧୮୦୩ରୁ ୧୮୧୭ ପର୍ଯ୍ୟନ୍ତ ୧୪ ବର୍ଷ ଇଂରେଜୀ ଶାସନ ଥିଲା ଓଡ଼ିଆମାନଙ୍କ ପାଇଁ ଚରମ ଅବହେଳା ଓ ଅବିସ୍ମରଣର ସମୟ । ବିଭିନ୍ନ କ୍ଷେତ୍ରରେ ଓଡ଼ିଆମାନଙ୍କର ଦୁର୍ଦ୍ଦଶାର ସୀମା ନଥିଲା ।

୧୮୦୬ରୁ ୧୮୧୬, ଏହି ୧୦ ବର୍ଷ ମଧ୍ୟରେ ବର୍ଷକୁ ହାରାହାରି ୧୦୧ ହିସାବରେ ୧୦୧୧ଟି ଜମିଦାରୀ (estate) ନିଲାମ ଜରିଆରେ ବିକ୍ରି କରାଯାଇଥିଲା । ଏଥିମଧ୍ୟରୁ ୩୪୦ଟି ଯାହାର ଜମା ୮୪,୪୨,୮୦୪ ହେବ ତାହା ବାହାର ଲୋକଙ୍କ ଦ୍ୱାରା କିଣା ଯାଇଥିଲା । ମୂଲ୍ୟବାନ ଓ ଗୁରୁତ୍ୱପୂର୍ଣ୍ଣ ଓଡ଼ିଆ ଜମିଦାରୀଗୁଡ଼ିକ ବାହାର ଅଣଓଡ଼ିଆ ଲୋକଙ୍କ ହସ୍ତଗତ ହୋଇଥିଲା । ୨୩୪ଟି ଓଡ଼ିଆ ଜମିଦାରୀ ଇଂରେଜୀ ସରକାରଙ୍କ ଅଧୀନରେ ସ୍ୱକିରି କରୁଥିବା ବ୍ୟକ୍ତିଙ୍କର ବା ସେମାନଙ୍କ ସଂପର୍କୀୟମାନେ ନିଲାମ ଧରିଥିଲେ । ଇଂରେଜୀ ଶାସନ କାଳରୁ ପ୍ରଥମ ବନ୍ଦୋବସ୍ତ ରେଜିଷ୍ଟର ଅନୁଯାୟୀ ୨୩୪୦ ଓଡ଼ିଆ ମୌଳିକ ଜମିଦାରୀ- ମାଲିକ ଥିଲେ କିନ୍ତୁ ୧୮୧୬ ମସିହାରେ ଦେଖାଗଲା ଯେ ସେଥିରୁ କେବଳ ୧୪୪୯ ଜଣ ଅଛନ୍ତି । ମୋଗଲ-ବନ୍ଦୀ ଇଲାକାରୁ ସମୁଦାୟ ଆୟ ହେଉଥିବା ୧୩,୯୩,୦୦୦ ଟଙ୍କା ମଧ୍ୟରୁ ମୂଳ ଓଡ଼ିଆ ଜମିଦାରମାନଙ୍କ ଅଧିକାରରେ ଥିବା ଅଞ୍ଚଳରୁ ରାଜସ୍ୱର ପରିମାଣ ଥିଲା ମାତ୍ର ୩୦ ହଜାର ଟଙ୍କା । ଓଡ଼ିଆମାନଙ୍କ ହାତରୁ ଜମିଦାରୀ ବା ଜାଗିରିଦାରୀ ଏଭଳି ଭାବେ ହସ୍ତାନ୍ତରିତ ହୋଇ ଯିବାର ଏକ ମୂଳ କାରଣ ଥିଲା । **Sun Set Law** 'ସୂର୍ଯ୍ୟାସ୍ତ ଆଇନ' ଓଡ଼ିଆ ଜମିଦାରମାନଙ୍କ ଅଜ୍ଞାତସାରରେ କଲିକତାଠାରେ ସେମାନଙ୍କ ଜମିଦାରୀ ନିଲାମ ହୋଇଯାଉଥିଲା । ବଙ୍ଗଳାର ଲୋକମାନେ ସୁବିଧାରେ ନିଲାମ ଧରି ଓଡ଼ିଶାର ଜମିଦାର ହୋଇ ଓଡ଼ିଶା ଆସୁଥିଲେ ଏବଂ ଇଂରେଜୀ ସରକାରଙ୍କ ପୋଲିସ ବାହିନୀ ସହାୟତାରେ ଜମିଦାରୀ ଦଖଲ କରି ନେଉଥିଲେ ।

କେବଳ ଓଡ଼ିଆ ଜମିଦାର ଶ୍ରେଣୀର ଦୁର୍ଦ୍ଦଶା ନୁହେଁ, ରୟତମାନଙ୍କର ଦୁର୍ଦ୍ଦଶା ମଧ୍ୟ ତତୋଧିକ ଥିଲା, କାରଣ ଧାର୍ଯ୍ୟ ହୋଇଥିବା ଖଜଣାର ପରିମାଣ ଅତ୍ୟଧିକ ହୋଇଥିବା ହେତୁ ରୟତମାନଙ୍କଠାରୁ ଅଧିକ ହାରରେ ଖଜଣା ଆଦାୟ କରିବାକୁ ଜମିଦାରମାନେ ବାଧ୍ୟ ହେଉଥିଲେ । ଖଜଣା ଦେଇ ନପାରିଲେ ସେମାନଙ୍କୁ ବାନ୍ଧି ଆଣି କଠିନ ଦଣ୍ଡ ଦିଆଯାଉଥିଲା । ଇଂରେଜ ଲୋକମାନେ ବହୁ ପରିମାଣରେ ଖଜଣା ଆଦାୟ କରି ନିଜର ଟ୍ରେଜେରୀ ପୂର୍ଣ୍ଣ କରିବା ଅଭିପ୍ରାୟରେ ଏ ପ୍ରକାର ପରିସ୍ଥିତି ସୃଷ୍ଟି କରିଥିଲେ । ୧୮୦୪/୧୮୦୬ରେ ଓଡ଼ିଶାର ଜମା ୧୨,୩୭,୩୯୭ ଟଙ୍କା ଥିବା ବେଳେ ୧୮୧୪/୧୮୧୬ରେ ୧୪,୧୪,୪୨୬ ଟଙ୍କାକୁ ବୃଦ୍ଧି ପାଇଥିଲା ।

ଖାସମାହାଲ ଅଞ୍ଚଳର ରୟତମାନଙ୍କ ଅବସ୍ଥା ମୋଗଲବନ୍ଦୀ ଅଞ୍ଚଳଠାରୁ ଅଧିକ ଦୟନୀୟ ଥିଲା । କ୍ରମଶଃ ପରିବର୍ଦ୍ଧିତ ଖଜଣା ଦେବାକୁ ଅକ୍ଷମ ରୟତମାନଙ୍କଠାରୁ ପୁଲିସ ଓ କୋର୍ଟ-ସାହାଯ୍ୟରେ ଟଙ୍କା ଆଦାୟ କରିବା ପଦ୍ଧତି ପ୍ରୟୋଗ କରିବା ଫଳରେ ଭୀତତ୍ରସ୍ତ ହୋଇ ବହୁ ଲୋକ ଘରଦ୍ୱାର ଛାଡ଼ି ପଳାଇଥିଲେ । ଏଠାରେ ସଂକ୍ଷେପରେ କହିବାକୁ ଗଲେ ଇଂରେଜମାନଙ୍କ ଶାସନାଧୀନରେ ଜମିଦାର, ରୟତ ବା ମଧ୍ୟବିତ୍ତ ଶ୍ରେଣୀର ଲୋକ ସମସ୍ତେ ଅତ୍ୟନ୍ତ ନିରୁପାୟ ଓ ଦୁର୍ଦ୍ଦଶାଗ୍ରସ୍ତ ଜୀବନଯାପନ କରୁଥିଲେ । ରୟତମାନେ ଜମିଦାରଙ୍କ ବିରୁଦ୍ଧରେ ଏବଂ ଜମିଦାରମାନେ ରାଜସ୍ୱ କର୍ତ୍ତୃପକ୍ଷଙ୍କ ବିରୁଦ୍ଧରେ ଅଭିଯୋଗ କରିବାକୁ ଲାଗିଥାନ୍ତି । ପୂର୍ବରୁ ନିଷ୍କର ଜାଗିରୀ-ଭୋଗ-ଅଧିକାରୀ ସାମରିକ ସାମନ୍ତମାନେ ମଧ୍ୟ ବ୍ରିଟିଶ ଶାସନ ହସ୍ତକ୍ଷେପ ହେତୁ, ସବୁ ପ୍ରକାର ସୁବିଧା ଭୋଗରୁ ବଞ୍ଚିତ ହୋଇଥିଲେ । ଯେଉଁମାନେ କୌଣସିମତେ ନିଜ ନିଜ ଜାଗିରୀ ବଜାୟ ରଖିପାରିଥିଲେ, ଅତ୍ୟଧିକ ଖଜଣା ବୃଦ୍ଧି ବା ଇଂରେଜୀ ଶାସନ ଦପ୍ତରରେ ନିଯୁକ୍ତ ଖଳବୁଦ୍ଧି-ସଂପନ୍ନ ଅମଲମାନଙ୍କ ଚକ୍ରାନ୍ତ ହେତୁ, ସେ ସବୁ ବେଶି ଦିନ ନିଜ ଦଖଲରେ ରଖିବା ସେମାନଙ୍କ ପକ୍ଷରେ ସମ୍ଭବ ହୋଇ ନ ଥିଲା ।

ବ୍ରିଟିଶ ବିଚାରାଳୟ ପଦ୍ଧତି ଯେପରି କାମ କରୁଥିଲା, ସେଥିରେ ଓଡ଼ିଆମାନଙ୍କୁ ନ୍ୟାୟ ମିଳୁ ନ ଥିଲା । ସେମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଥିଲେ । ଓଡ଼ିଶାରେ

## ଓଡ଼ିଆ ଜାତିର ବିସ୍ମୃତ ନେତା :

# ବକ୍ସି ଜଗବନ୍ଧୁ

ଡକ୍ଟର ଭବାନୀ ଚରଣ ରାୟ

ଖ୍ରୀଷ୍ଟାବ୍ଦ ୧୯୩୬ରେ ଓଡ଼ିଆ ଭାଷାଭାଷୀ ଅଞ୍ଚଳକୁ ନେଇ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠିତ ହୋଇଥିଲା । ସୂର୍ଯ୍ୟ-ବଂଶ-କାଳୀନ ଓଡ଼ିଶା ରାଜ୍ୟର ପତନ ପରେ ତାହା ଆଫଗାନ, ମୋଗଲ, ମରାଠା ଏବଂ ଇଂରାଜୀ ଶାସନାଧୀନରେ ରହି ଆସିଥିବା ଯୋଗୁଁ ଓଡ଼ିଆ ଜାତିର ଗୌରବମୟ ଜୀବନଧାରା ଉଲ୍ଲେଖନୀୟ ଭାବରେ ଆକ୍ରାନ୍ତ ହୋଇଥିଲା । ଓଡ଼ିଆ ଭାଷାଭାଷୀ ଅଞ୍ଚଳ ଖଣ୍ଡ ବିଖଣ୍ଡ ହୋଇ ଅଲଗା ଅଲଗା ପ୍ରଶାସନିକ ନିୟନ୍ତ୍ରଣାଧୀନରେ ରହି ନିଜର ମୌଳିକ ଐକ୍ୟ ଓ ସଂହତି ହରାଇଥିଲା । ଏହି ପରିସ୍ଥିତିରେ ଯାହାକୁ ଓଡ଼ିଶା ବୋଲି କୁହାଗଲା ତା'ର ଆର୍ଥିକ ଅବସ୍ଥା କ୍ରମଶଃ ଖରାପ ହେବାକୁ ଲାଗିଲା । ତା'ର ଏକ ପ୍ରଧାନ କାରଣ ହେଲା ଯେ ଏଣିକି ଓଡ଼ିଶା ଏକ ଗୌଣ ପ୍ରଶାସନିକ ୟୁନିଟ୍ ରୂପ ନେଲା ଏବଂ ଏହାର ମୁଖ୍ୟ ପ୍ରଶାସନିକ ଦପ୍ତର, ଟାଣ୍ଡା, ମୁର୍ଶିଦାବାଦ, ନାଗପୁର ବା କଲିକତାରେ ରହିବାରୁ ଓଡ଼ିଶା ରାଜସ୍ୱ ଆଦାୟର ବଳକା ଅର୍ଥ ରାଜ୍ୟର କଲ୍ୟାଣ ନିମନ୍ତେ ବିନିଯୋଗ ହେବା ପରିବର୍ତ୍ତେ ବାହାରକୁ ଗ୍ରଳିବାକୁ ଲାଗିଲା । ଫଳରେ ବିଭକ୍ତ ଓଡ଼ିଶାର ଆର୍ଥିକ ପରିସ୍ଥିତି କ୍ରମଶଃ ଦୁର୍ବଳ ହୋଇଯାଇଥିଲା ।

ଏହି କାଳ ମଧ୍ୟରେ କର୍ମର ଉଦ୍ଦୀପନା ଏବଂ ଜାତିର ଐକ୍ୟ ହରାଇ ଓଡ଼ିଆମାନେ ସେମାନଙ୍କ ପ୍ରତି ହେଉଥିବା ଅନ୍ୟାୟ ଓ ଅବିଚାରର ବିରୋଧ କରିବାକୁ ସାହସ କରୁନ ଥିଲେ ବରଂ ସେ ସବୁ ନୀରବରେ ସହ୍ୟ କରିଯାଉଥିଲେ । କିନ୍ତୁ ଊନବିଂଶ ଶତାବ୍ଦୀର ଶେଷ ଭାଗ ଏବଂ ବିଂଶ ଶତାବ୍ଦୀର ଆଦ୍ୟ ଭାଗରେ ହିଁ କେତେକ ଓଡ଼ିଆ ନେତା ଭାଷାଭିତ୍ତିକ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ଦାବୀ କରି ସ୍ୱର ଉତ୍ତୋଳନ କରିଥିଲେ । ସେମାନଙ୍କ ମଧ୍ୟରେ ପ୍ରମୁଖ ଥିଲେ ମଧୁସୂଦନ ଦାସ, ଲିଙ୍ଗରାଜ ପାଣିଗ୍ରାହୀ, ପାରଳାଖେମୁଣ୍ଡି ମହାରାଜା କୃଷ୍ଣଚନ୍ଦ୍ର ଗଜପତି ଓ ଖଲ୍ଲିକୋଟର ରାଜା ରାମଚନ୍ଦ୍ରଦେବ ଇତ୍ୟାଦି । ବଙ୍ଗଳା, ତେଲୁଗୁ ଓ ହିନ୍ଦି ପଡ଼ୋଶୀ କବଳରୁ ଓଡ଼ିଆ ଭାଷା ଓ ସଂସ୍କୃତିର ସ୍ୱତନ୍ତ୍ରତା ବଜାୟ ରଖିବା ପାଇଁ ଓଡ଼ିଶାରେ ଊନବିଂଶ ଶତାବ୍ଦୀର ମଧ୍ୟଭାଗରୁ ଏକ ଭାଷା ଆନ୍ଦୋଳନର ଶୁଭାରମ୍ଭ ହୋଇଥିଲା । କେତେକ ପ୍ରତିପତ୍ତିଶାଳୀ ଶିକ୍ଷାବିତ୍ ଓ ମଧ୍ୟବିତ୍ତ ବିଦ୍ୱାନ୍ ବଙ୍ଗାଳୀ ବ୍ୟକ୍ତି ଓଡ଼ିଆ ଭାଷା ଓ ସଂସ୍କୃତିର ସ୍ୱତନ୍ତ୍ରତାକୁ ନ୍ୟୂନ କରିଦେବା ନିମନ୍ତେ ଉଦ୍ୟମ ଚଳାଇଥିଲେ । ଇଂରେଜ ପ୍ରଶାସନିକ କର୍ତ୍ତୃପକ୍ଷଙ୍କ ଆଗରେ ଓଡ଼ିଆ ଏକ ସ୍ୱତନ୍ତ୍ର ଭାଷା ନୁହେଁ ବୋଲି ଧାରଣା ସୃଷ୍ଟି କରିବା ପାଇଁ ଏକ ଚକ୍ରାନ୍ତ ହୋଇଥିଲା । କିନ୍ତୁ ତାହା ପରିଶେଷରେ ବ୍ୟର୍ଥ ହୋଇଯାଇଥିଲା, କାରଣ ବକ୍ସି ଜଗବନ୍ଧୁଙ୍କ ସମୟରୁ ମଧ୍ୟ ଓଡ଼ିଆମାନଙ୍କ ସଂପର୍କରେ ଆସିବା ଫଳରେ ଓଡ଼ିଆମାନଙ୍କର ସାଂସ୍କୃତିକ ଓ ଭାଷାଗତ ସ୍ୱାତନ୍ତ୍ର୍ୟ ବିଷୟରେ, ଇଂରେଜୀ ପ୍ରଶାସନିକ କର୍ତ୍ତୃପକ୍ଷ ଏପରିକି କୋର୍ଟ ଅଫ ଡିରେକଟରସ୍ ଯଥାର୍ଥ ଭାବରେ ଅବହିତ ଥିଲେ ।

ଜଣେ ଉଲ୍ଲେଖନୀୟ ଓଡ଼ିଆନେତା ଭାବରେ ବକସି ଜଗବନ୍ଧୁଙ୍କ ଅଭ୍ୟୁଦୟ ପୂର୍ବରୁ ଇଂରେଜୀମାନେ ଓଡ଼ିଶାକୁ ବଙ୍ଗଳାର ଏକ ଅଂଶ ଭାବରେ ଗଣନା କରୁଥିଲେ ଏବଂ ଓଡ଼ିଆ ସଂସ୍କୃତିର ସ୍ୱତନ୍ତ୍ରତା ଅଛିକି ନାହିଁ ସେ

intention to arrange their injuires appointed me Jugabundhoo Bhomer-bur their leader."

"ଖୁର୍ଦ୍ଧା ଅଧିବାସୀମାନେ ଇଂରେଜୀ ସରକାରଙ୍କ ଅଧିନସ୍ଥ ବଙ୍ଗାଳୀ କର୍ମଚାରୀଙ୍କଠାରୁ ନାନାବିଧ ଦୁଃଖ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଛନ୍ତି କାରଣ ସେମାନେ ନିଜକୁ ଆମର ପ୍ରଭୁବୋଲି ବିଚାର କରନ୍ତି ଏବଂ ଘୋଷଣା ମଧ୍ୟ କରନ୍ତି । ଏପରିକି କ୍ଷମତାଗ୍ରସ୍ତ ବଙ୍ଗାଳୀମାନଙ୍କ ଦ୍ୱାରା ନିଷ୍ପେସିତ ଦରିଦ୍ର ଲୋକମାନେ ଏ ବିଷୟରେ କଟକରେ ଅବସ୍ଥିତ ଇଂରେଜ ସରକାରଙ୍କ ଦପ୍ତରରେ ଆପତ୍ତି ଅଭିଯୋଗ କଲେ ମଧ୍ୟ କୌଣସି ଫଳ ମିଳେ ନାହିଁ । ବଙ୍ଗାଳୀମାନଙ୍କ ପ୍ରଭାବ ଏବଂ ଇଂରେଜ ସରକାରର ସେମାନଙ୍କୁ ସମର୍ଥନ ଏହାର ପ୍ରଧାନ କାରଣ । ଫଳରେ ଆଗେ ସେରେ ଲୁଣ ପଣେ କଉଡ଼ିରେ ବିକ୍ରି ହେଉଥିଲା, ବର୍ତ୍ତମାନ ଚାରପଣ କଉଡ଼ିରେ ମଧ୍ୟ ମିଳୁନାହିଁ– ଆହୁରି ମଧ୍ୟ, ଯାହାର ଖଜଣା ଟଙ୍କାଏ ଥିଲା ତାଠାରୁ ଜବରଦସ୍ତ ୧୦ ଟଙ୍କା ନିଆଯାଉଛି । ପୁଣି ସରକାରୀ ଦାବୀ ବଢି ଚାଲିଛି, ସେଇମିତି ଖଜଣା ଆଦାୟ ବାକିଆ ପଡୁଛି । ବିଚାରପତିମାନଙ୍କ ଅନ୍ୟାୟ, ଦୁଷ୍ଟ ଥାନା-ଅଫିସରଙ୍କ ଅତ୍ୟାଚାର ଏବଂ ଲୁଣ ମାହାଲ ଅଫିସରଙ୍କ ଦୌରାତ୍ମ୍ୟ ଲୋକମାନଙ୍କୁ ଅତୀବ ଅତିଷ୍ଠ କରିପକାଇଛି, ନିଜର ଭିଟାମାଟି ଛାଡ଼ିନପାରି ହା ହତାଶ ମଧ୍ୟରେ ଜୀବନ ପ୍ରତି ମମତା ହରାଉଛନ୍ତି । ସେଥିପାଇଁ ଏଇ ଦୁର୍ଦ୍ଦଶାଗ୍ରସ୍ତ ପରିସ୍ଥିତିରୁ ମୁକ୍ତି ପାଇବା ପାଇଁ ଏବଂ ଅନ୍ୟାୟର ପ୍ରତିଶୋଧ ନେବାକୁ ଲୋକମାନେ ମୋତେ (ଜଗବନ୍ଧୁଙ୍କୁ) ନେତା ହିସାବରେ ମନୋନୀତ କରିଛନ୍ତି" ।

ଯେତେବେଳେ ଓଡ଼ିଶା ଲୋକମାନଙ୍କ ମେରୁଦଣ୍ଡ ଭାଙ୍ଗି ପଡୁଥିଲା, ସେତେବେଳେ ଜଗବନ୍ଧୁ ସେମାନଙ୍କୁ ଉଦ୍ଧାର କରିବାପାଇଁ ନେତୃତ୍ୱ ଦେଇଥିଲେ । ଶୋଷଣ ଓ ଅବିଚାରର କଥା ସ୍ମରଣ କରାଇ ଦେଇ ସେ ଅତ୍ୟାଚାରିତ ଲୋମାନଙ୍କ ମନରେ ବିଦ୍ରୋହର ସ୍ଫୁରଣ ଉଦ୍‌ଜୀବିତ କରିପାରିଥିଲେ । ତାଙ୍କର ଆହ୍ୱାନ ଏପରି ଅଗ୍ନିବର୍ଷୀ ଓ ଉତ୍ତେଜନା ପୂର୍ଣ୍ଣ ହେଲା ଯେ ଲୋକମାନେ ବହୁସଂଖ୍ୟାରେ ବିଦ୍ରୋହରେ ଯୋଗ ଦେବାକୁ ଆଗେଇ ପଡ଼ିଥିଲେ । ଏହା ଜାତି ବର୍ଣ୍ଣ ନିର୍ବିଶେଷରେ ଥିଲା ଏକ ଗଣ ଆନ୍ଦୋଳନ । ଯଦିଓ ଖଣ୍ଡାୟତମାନଙ୍କ ସଂଖ୍ୟା ଖୁବ୍ ବେଶୀ ଥିଲା ତଥାପି ପ୍ରାୟ ସବୁ ଶ୍ରେଣୀର ଲୋକ ଅର୍ଥାତ୍ କ୍ଷତ୍ରୀୟ, ବ୍ରାହ୍ମଣ, ମୁସଲମାନ, କରଣ, ଶୁଦ୍ର ଏପରିକି ବହୁ ଆଦିବାସୀ ଜନମାନେ ମଧ୍ୟ ସକ୍ରିୟ ଅଂଶ ଗ୍ରହଣ କରିଥିଲେ ।

ଏହି ବିଦ୍ରୋହ ପ୍ରଥମେ ଖୁର୍ଦ୍ଧାରେ ଆରମ୍ଭ ହୋଇଥିଲା । ଏହାର ବିଶେଷତ୍ୱ ଥିଲା ଏହିଯେ ବିଦ୍ରୋହୀମାନେ ପ୍ରଥମେ ବିଚାର ବିଭାଗ ଅଫିସ, ପୋଲିସ ଥାନା ଏବ ରଜସ୍ୱ ଅଧିକାରୀଙ୍କ ଅଫିସ ଉପରେ ଚଢ଼ାଉ କରିଥିଲେ । ସମୁଦାୟ ଖୁର୍ଦ୍ଧାକୁ ନିଜ ଦଖଲରେ ଆଣି ଯେତେବେଳେ ବିଦ୍ରୋହୀମାନେ ପୁରୀ ଅଭିମୁଖରେ ଯାତ୍ରାକଲେ, ସେତେବେଳେ ସେମାନଙ୍କ ସଂଖ୍ୟା ୧୦,୦୦୦କୁ ବୃଦ୍ଧିପାଇଥିଲା । ପୁରୀ ଜିଲ୍ଲାର କେତେକ ଅଣଓଡ଼ିଆ ଜମିଦାରଙ୍କୁ ବହିଷ୍କାର କରାଯାଇଥିଲା । ବିଦ୍ରୋହୀମାନେ ଉପକୂଳ ଅଞ୍ଚଳରେ ଥିବା କେତେକ ଲୁଣଗୋଲା ନଷ୍ଟ କରି ଦେଇଥିଲେ । ଇଂରେଜୀମାନଙ୍କ ଉପରେ ଆକ୍ରମଣ ହେବାରୁ ଭୟରେ ସେମାନେ କଟକ ଆଡ଼କୁ ପଳାୟନ କରିଥିଲେ । ଏ ସଂଗ୍ରାମ କିଛିକାଳ ପାଇଁ ଏପରି ଭୟାବହ ହେଲାଯେ ବିଦେଶୀମାନେ କିଛିକାଳ ପାଇଁ ଓଡ଼ିଶାଛାଡ଼ି ଚାଲିଯାଇଥିଲେ । କଲିକତାରୁ ସୈନ୍ୟବାହିନୀ ପଠାଯିବା ପରେ ପରିତ୍ୟକ୍ତ ସ୍ଥାନଗୁଡ଼ିକ ପୁଣି ଇଂରେଜୀମାନଙ୍କ ଦଖଲକୁ ଆସିଥିଲା ।

ବକ୍‌ସି ଜଗବନ୍ଧୁଙ୍କ ନେତୃତ୍ୱରେ ପରିଚାଳିତ ଓଡ଼ିଆ ବିଦ୍ରୋହ ଭାରତୀୟ ଜାତୀୟ ସଂଗ୍ରାମ ସଙ୍ଗେ ତୁଳନା କରିବାର ପ୍ରଶ୍ନନାହିଁ ବା ଏହାକୁ ଏକ ଜାତୀୟ ସଂଗ୍ରାମ ଭାବରେ ଅଭିହିତ କରିବା ସମୀଚିନ ହେବନାହିଁ । ତଥାପି ବକ୍‌ସିଙ୍କ ଦୃଷ୍ଟି କୋଣ, ବିଦ୍ରୋହ ଚିନ୍ତାଧାରା, ଗଣସ୍ୱାର୍ଥ ପାଇଁ ତ୍ୟାଗ ଓ ବ୍ୟାକୁଳତା, ଶୋଷଣନୀତି ବିରୁଦ୍ଧରେ ପ୍ରତିକ୍ରିୟା ଏବଂ ଆକ୍ରମଣ କୌଶଳ, ଅଭୁତପୂର୍ବ ଥିଲା । ବିଦେଶୀ ସରକାର ଏବଂ ବିଦେଶୀ ଭାଗବାନକାରୀ ସଂସ୍ଥାଗୁଡ଼ିକ ମୂଳୋ-ତ୍ପାଟନ ବା ବିଦେଶୀ ଶାସନର ବିନାଶ ଥିଲାଏହାର ଲକ୍ଷ୍ୟ । ଏହି ଆନ୍ଦୋଳନର ବିଶେଷ ତାତ୍ପର୍ଯ୍ୟ ଥିଲା ଯେ ବିଦ୍ରୋହୀମାନେ ରାଜସ୍ୱ ଅଫିସ ବିଚାରାଳୟ, ଲୁଣଗୋଲା, ଇଂରେଜ ଶାସନ ବଳରେ ପ୍ରତିଷ୍ଠିତ ଅଣଓଡ଼ିଆ ଜମିଦାରୀ ସଂସ୍ଥା ଉପରେ ଚଢ଼ାଉ କରିଥିଲେ ମଧ୍ୟ କୌଣସି ଗୋଟିଏ ହେଲେ ଓଡ଼ିଆ ଜାଗିରି ବା ଜମିଦାରୀ ସଂସ୍ଥା ଉପରେ ସେମାନେ ଆକ୍ରମଣ କରିବାର ଦେଖାଯାଇ ନଥିଲା । ଓଡ଼ିଶାରୁ ଇଂରେଜୀ ଶାସନ ହଟାଇ ଓଡ଼ିଆମାନଙ୍କ ସ୍ୱାର୍ଥ ଓ ସମ୍ମାନରକ୍ଷା କରିବା ପାଇଁ ଗଜପତି ରାଜାଙ୍କ ଶାସନ ଅଧୀନରେ, ଓଡ଼ିଶାର ରାଜନୈତିକ ଓ ପ୍ରଶାସନିକ ସ୍ୱାତନ୍ତ୍ର୍ୟ ପ୍ରତିଷ୍ଠା କରିବାଥିଲା ଏହି ବିଦ୍ରୋହର ମୁଖ୍ୟ ଉଦ୍ଦେଶ୍ୟ । ଓଡ଼ିଶାର ସାଧାରଣ ଲୋକଙ୍କ ଦୁଃଖ ଦୁର୍ଦ୍ଦଶା ଦୂରୀକରଣ କରିବା ଉପରେ ସେ ଗୁରୁତ୍ୱ ଦେଇଥିଲେ । ବକ୍‌ସି ଜଗବନ୍ଧୁ ହେଉଛନ୍ତି ପ୍ରଥମ ଓଡ଼ିଆ ନେତା ଯେକି ଓଡ଼ିଆମାନଙ୍କ ସମସ୍ୟା, ଦୁର୍ଦ୍ଦଶା, ଅସୁବିଧା ଓ ନୈରାଶ୍ୟ ହୃଦୟଙ୍ଗମ କରିପାରିଥିଲେ ଏବଂ ଇଂରେଜି ଲୋକଙ୍କ ଉଦାସୀନତା, ବେଖାତିରି ଏବଂ ଅଣଓଡ଼ିଆମାନଙ୍କ ହୀନ ଚକ୍ରାନ୍ତ ଭଲଭାବରେ ବୁଝି, ସେମାନଙ୍କ ବିରୁଦ୍ଧରେ ଅଭୂତପୂର୍ବ ଗଣସଂଗ୍ରାମ ସଂଗଠିତ କରି ପାରିଥିଲେ । ବକ୍‌ସିଙ୍କ ବିଦ୍ରୋହଯୋଗୁଁହିଁ ଇଂରେଜୀ କର୍ତ୍ତୃପକ୍ଷ ଓଡ଼ିଆ ପ୍ରତି ହେଉଥିବା ଅନ୍ୟାୟ, ଅତ୍ୟାଚାର, ଅମଲାତନ୍ତ୍ରିକ ଚକ୍ରାନ୍ତ ଓ କାରସାଦିମାନ ପରେ ଜାଣିପାରିଥିଲେ ।

ଏହି ବିଦ୍ରୋହ ଭଣ୍ଡା ଆନ୍ଦୋଳନ ନଥିଲା, ଓଡ଼ିଆ ଜାତି ଓ ସଂସ୍କୃତିର ବୈଶିଷ୍ଟ୍ୟ ପ୍ରତିପାଦନ ତଥା ସୁରକ୍ଷା ପାଇଁ ଏହାଥିଲା ଏକ ରାଜନୈତିକ ବିପ୍ଳବ । ଜଗବନ୍ଧୁଙ୍କ ଦୂରଦୃଷ୍ଟି, ସାହସିକତା, କୌଶଳ ଏବଂ ନେତୃତ୍ୱପ୍ରଦାନର ଦକ୍ଷତା

ପଦସ୍ଥାପିତ ମୁନସିଫ୍, ସିରସ୍ତାଦାର ଏପରିକି କିରାଣୀମାନେ ଅଣଓଡ଼ିଆ ଥିଲେ । ଓଡ଼ିଆମାନଙ୍କ ସ୍ୱାତବ୍ୟଧାରଣା ବହିର୍ଭୂତ ଅନେକ ଆଇନ କାନୁନ୍ ପ୍ରୟୋଗ କରାଯାଉଥିଲା । ଯଦି କୌଣସି ଅଣଓଡ଼ିଆ ବ୍ୟକ୍ତି କୌଣସି ଓଡ଼ିଆ ବିରୁଦ୍ଧରେ ମକଦ୍ଦମା ଦାଏର କରୁଥିଲେ, ମକଦ୍ଦମାଟି ସାଧାରଣତଃ ନିଃସନ୍ଦେହରେ ସଂପୃକ୍ତ ଅଣଓଡ଼ିଆ ବ୍ୟକ୍ତିଙ୍କ ସପକ୍ଷରେ ଯାଉଥିଲା, ପୋଲିସ ବାହିନୀରେ ନିଯୁକ୍ତ ବ୍ୟକ୍ତି ମଧ୍ୟ ଅଣଓଡ଼ିଆ ଥିଲେ । ବିଗ୍ରାଳୟ ଓ ପୁଲିସ କର୍ମଚାରୀଙ୍କ ଅବିଚାରିତ ପକ୍ଷପାତିତା ଦ୍ୱାରା ଓଡ଼ିଶାର ସାଧାରଣ ଲୋକ ଅତିଷ୍ଠ ହୋଇ ଉଠିଥିଲେ । ସେହି ସମୟରେ ଇଂରେଜ ସରକାର ଲୁଣ କାରବାରକୁ ସରକାରଙ୍କ ଏକଚାଟିଆ ଅଧିକାର ଘୋଷଣା କରିବାରୁ ସାଧାରଣ ଲୋକମାନେ ବିଶେଷ ଅସୁବିଧାର ସମ୍ମୁଖୀନ ହୋଇଥିଲେ । ଲୁଣ ବ୍ୟବସାୟକୁ ଏକଚାଟିଆ କରିବା ଫଳରେ ଏକ ଅଭୂତ-ପୂର୍ବ ସମସ୍ୟା ଉଦ୍‌ଭବ ହୋଇଥିଲା । ସାଧାରଣରେ ଲୁଣର ଘୋର ଅଭାବ ସୃଷ୍ଟି ହେଲା । ପୂର୍ବାପେକ୍ଷା ଏହାର ମୂଲ୍ୟ ୫।୬ ଗୁଣ ବୃଦ୍ଧି ପାଇଲା । ଏଠାରେ ଏ ସଂପର୍କରେ କଲେକ୍ଟର ଟ୍ରାଓ୍ୱାରଙ୍କ ଲେଖା ଉଦ୍ଧୃତ କରାଯାଇ ପାରେ । Trower wrote "During my tour of the district, it was with greatest difficulty I could procure sufficient salt for the daily consumption of my camp." Certain it is that the cry for salt in general throughout the district; not only is the high price complained of, a price which is said to preclude the lower classes of the people from purchasing it, but the difficulty of procuring it even by those who can afford to pay for it".

"ଟ୍ରାଓ୍ୱାର ଲେଖିଥିଲେ, ଜିଲ୍ଲା ଗସ୍ତବେଳେ ମୋର ଶିବିର ଲୋକମାନଙ୍କ ଦୈନିକ ବ୍ୟବହାର ପାଇଁ ଉପଯୁକ୍ତ ପରିମାଣର ଲୁଣ ସଂଗ୍ରହ କରିବା ଅତି କଷ୍ଟକର ବ୍ୟାପାର ଥିଲା । ଏହା ନିଶ୍ଚିତ ଯେ ସାଧାରଣତଃ ଜିଲ୍ଲାବ୍ୟାପୀ ଲୁଣପାଇଁ ଚିତ୍କାର ଉଠୁଛି । ଅତ୍ୟଧିକ ମୂଲ୍ୟ ଲାଗି ଯେ ଲୋକମାନେ ଅଭିଯୋଗ କରୁଛନ୍ତି କେବଳ ତାହା ନୁହେଁ, ମୂଲ୍ୟ ଏପରି ବଢ଼ିଛି ଯେ ନିମ୍ନ ସ୍ତରର ଲୋକମାନେ ସେ ଦରରେ କିଣି ପାରୁନାହାଁନ୍ତି କିନ୍ତୁ ଅସୁବିଧା ହେଉଛି ଯେ ଏପରିକି ଯେଉଁମାନେ କିଣିବା ପାଇଁ ସମର୍ଥ ସେମାନେ ମଧ୍ୟ ତାହା ପାଇପାରୁ ନାହାନ୍ତି ।"

ଯେତେବେଳେ ଓଡ଼ିଆ ହୃଦୟରେ ହତାଶାର ଛାୟା ଖେଳି ଯାଇଥିଲା ଏବଂ ପ୍ରଶାସନିକ ଅନ୍ୟାୟ ଓ ଅବିଚାରର ସ୍ରୋତ ପ୍ରବାହିତ ହେବାକୁ ଲାଗିଥାଏ, ସେତେବେଳେ ଜଣେ ଅଣଓଡ଼ିଆ ବିଗ୍ରାଳୟ କର୍ମଚାରୀଙ୍କ ହୀନ ଚକ୍ରାନ୍ତ ଲାଗି ଜଗବନ୍ଧୁ ତାଙ୍କର ପୈତୃକ ପ୍ରିୟ ଜାଗିରୀ, ରୋଡ଼ଙ୍ଗକୁ ହରାଇ ବସିଥିଲେ । ରୋଡ଼ଙ୍ଗ ଜାଗିରୀ ରକ୍ଷଣ ବିଫଳତା ତାଙ୍କ ଆଖି ଖୋଲି ଦେଇଥିଲା । ତାହା କେବଳ ଏକ ବ୍ୟକ୍ତିଗତ ଲୋକସାନ ବୋଲି ସେ ଆଉ ବିଚାର କରି ନ ଥିଲେ । ପରିସ୍ଥିତିର ବ୍ୟାପକ ବିଶ୍ଳେଷଣ ଓ ଦୂରଦର୍ଶୀ ଚିନ୍ତା ତାଙ୍କୁ ଦୃଢ଼ ବିଶ୍ୱାସ ଦେଇଥିଲା ଯେ ଅନ୍ୟମାନଙ୍କ ପରି ସେ ବିଦେଶୀ ଶାସନ ପଦ୍ଧତିର ଦୁର୍ଗୁଣ ଓ ଦୁର୍ନୀତିର ଶୀକାର ହେଲେ । ତ୍ରୁଟିପୂର୍ଣ୍ଣ ବିଦେଶୀ ଶାସନ ପଦ୍ଧତିର ଦୂରୀକରଣ ହିଁ ସମଗ୍ର ଓଡ଼ିଆ ଜାତିର ଦୁର୍ଦ୍ଦଶାକୁ ଦୂର କରି ପାରିବ ବୋଲି ଭାବି ସେ ଶାସନ ପଦ୍ଧତିର ସ୍ରଷ୍ଟା ଇଂରେଜୀମାନଙ୍କୁ ବହିଷ୍କାର କରି ଓଡ଼ିଆ ଜାତିର ନିଜସ୍ୱ ରକ୍ଷା କରିବା ପାଇଁ ବଦ୍ଧ-ପରିକର ହେଲେ ଏବଂ ଇଂରେଜୀ ଶାସନର ଅନ୍ୟାୟ, ଅତ୍ୟାଚାର ଓ ଶୋଷଣ ବିରୁଦ୍ଧରେ ବିଦ୍ରୋହର ଆହ୍ୱାନ ଦେଇଥିଲେ । ପ୍ରଥମତଃ ଖୋର୍ଦ୍ଧା ଅଧିବାସୀମାନଙ୍କ ଦୁର୍ଦ୍ଦଶାକୁ ଲକ୍ଷ୍ୟ କରି କାହିଁକି ତାଙ୍କୁ ଲୋକମାନେ ନେତା କଲେ ସେଥିପାଇଁ ସେ କହିଥିଲେ—

"The inhabitants of Khurda have sustained in the Mofussal a varieties of injuries and oppressions from the Bengalees who are in ofice under English Government and who consider and declare themselves to be our masters while no redress is to be obtained at Sudder (meaning probably Cuttack) by the poor and oppressed from the Gentlemen in power, in consequence of this influence of those Bengalees and the favour shown to them as an instance of which a seer of salt which used to be sold for one pun of cowries can not at present be sold for 12 puns. Moreover where one Rupee was taken on account of revenue, ten are now exacted and after all there are (after Sic ? often). demand and balances. By the injustice of the judges, the oppression of the wicked thanadars and he tyramy of the officers of Salt Mehals, the people are altogether overwhelmed and being unable to leave their beloved native lands are grown desporate and careless of life. They have accordingly with

# ଉତ୍କଳର ହସ୍ତଶିଳ୍ପ

ଶ୍ରୀ ନୃସିଂହ ପ୍ରସାଦ ଦେବ

ରୂପସୀ ଉତ୍କଳ ଉତ୍କୃଷ୍ଟ କଳାର ଦେଶ ରୂପେ ବିଶ୍ୱରେ ଖ୍ୟାତି ଲାଭ କରିଛି । ସେ ତାର ଅପରୂପ ସୌନ୍ଦର୍ଯ୍ୟ ପ୍ରକାଶ କରିଛି କେତେ ରୂପରେ, ବିଶାଳ ଭୂ ଖଣ୍ଡରେ ଅଗଣିତ ପାହାଡ଼, ନଦୀ, ତଟିନୀ, ବନ ପବନ ମାଧ୍ୟମରେ । ପ୍ରଲୁବ୍ଧ କରିଛି ଯୁଗେ ଯୁଗେ କବି, ସାହିତ୍ୟିକ, କଳାକାର ଓ ପରିବ୍ରାଜକମାନଙ୍କୁ ସାଧନାରେ ବ୍ରତୀ ହେବା ପାଇଁ । ନୀଡ଼ଟିଏ ରଚି ଉତ୍କଳ ମାତାର ପୂଜା ଆରାଧନା କରି ଯଶଗାନ କରିବା ପାଇଁ । ଅନୁରୂପ ଭାବେ ହସ୍ତଶିଳ୍ପ ଜଗତରେ ଆମ ଉତ୍କଳର ଏକ ସ୍ୱତନ୍ତ୍ର ତଥା ମର୍ଯ୍ୟାଦାପୂର୍ଣ୍ଣ ଆସନ ରହିଛି । ପୁରାଣାତୀତ କାଳରୁ ଉତ୍କଳୀୟ ହସ୍ତଶିଳ୍ପର ସୁଦୀର୍ଘ ଗୌରବମୟ ପରମ୍ପରା ବିଶ୍ୱ ବିଦିତ । ଯୁଗ ଯୁଗ ଧରି ଉତ୍କଳର ଜନ ଜୀବନ ଧର୍ମ ଓ ପ୍ରକୃତି ଘଣା ଦ୍ୱାରା ପ୍ରଭାବିତ ହୋଇଛି ଏବଂ ନିଜ ପ୍ରବୃତ୍ତିର ବିକାଶ ଘଟାଇଛି ନିଜର ଅଗଣିତ ଦେବ ଦେବୀ ମନ୍ଦିରକୁ କେନ୍ଦ୍ର କରି । ଉତ୍କଳର ଧର୍ମ ଓ ଆଧ୍ୟାତ୍ମିକତାର ପରିପ୍ରକାଶ ଘଟିଛି ମନ୍ଦିର ଗାତ୍ରରେ, ପ୍ରସ୍ତର ପ୍ରତିମାରେ, ନିତ୍ୟ ଚଳନୀରେ, ନୃତ୍ୟ ସଙ୍ଗୀତରେ ଓ ହସ୍ତ ଶିଳ୍ପର ସମ୍ଭାରରେ । ମନ୍ଦିର ସ୍ଥାପତ୍ୟ ଓ କାରୁକଳାରେ ଆଧ୍ୟାତ୍ମିକତାର ଯେଉଁ ସୃଜନୀ ଶକ୍ତି ଅନ୍ତର୍ନିହିତ, ସେହି ରୁଚି, ନିୟମ ଓ ରୂପ ମାଧୁରୀ ଉତ୍କଳର ହସ୍ତଶିଳ୍ପରେ ଅନୁରଣିତ । ଉତ୍କଳର ହସ୍ତ ଶିଳ୍ପୀମାନେ ସେମାନଙ୍କର ସୃଜନଶୀଳ କଳାକୁ ରୂପ ଦେଇ ଆସୁଛନ୍ତି କାଠ, ପଥର, ମାଟି, ଧାତୁ ଏପରିକି ନଗଣ୍ୟ ଘାସ ଫୁଲ ଦେହରେ । ସେମାନଙ୍କର ମହନୀୟ ଶିଳ୍ପ ସୃଷ୍ଟି ଓ କଳା ନୈପୁଣ୍ୟ ସମ୍ପୂର୍ଣ୍ଣ ନିଜସ୍ୱ, ବୈଚିତ୍ର୍ୟମୟ, ବର୍ଣ୍ଣାଢ୍ୟ ତଥା ଚିର ନୂତନ ।

ଉତ୍କଳର ହସ୍ତଶିଳ୍ପ ମୁଖ୍ୟତଃ ପାରମ୍ପରିକ ତଥା ବଂଶାନୁକ୍ରମିକ । ପୁରାଣମାନଙ୍କରେ ବର୍ଣ୍ଣିତ ବିଭିନ୍ନ କଥା ବସ୍ତୁକୁ ଆଧାର କରି ହସ୍ତଶିଳ୍ପ ସାମଗ୍ରୀଗୁଡ଼ିକ ପ୍ରସ୍ତୁତ କରାଯାଇଥାଏ । ଆଜି ବି ଆମର ହସ୍ତଶିଳ୍ପ ସାମଗ୍ରୀଗୁଡ଼ିକ ବିଭିନ୍ନ ପର୍ବପର୍ବାଣୀ ଓ ଯାନିଯାତ୍ରାରେ ବହୁଳ ପରିମାଣରେ ବ୍ୟବହୃତ ହୋଇ ଆସୁଛି । ଆମ ଉତ୍କଳରେ ଧର୍ମ ସହିତ ହସ୍ତଶିଳ୍ପ ସାମଗ୍ରୀ କିପରି ଅତି ନିବିଡ଼, ତାହା ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ପ୍ରସିଦ୍ଧ ରଥ ଯାତ୍ରାରେ ଦେଖିବାକୁ ମିଳେ । ରଥ ଯାତ୍ରାର ପ୍ରାୟ ଦୁଇମାସ ପୂର୍ବରୁ ବହୁ ସଂଖ୍ୟକ କାଠ ଖୋଦେଇ ଶିଳ୍ପୀ ଓ ଚିତ୍ରକରମାନେ ଆସି ରଥ ନିର୍ମାଣ କାର୍ଯ୍ୟରେ ଲାଗି ପଡ଼ନ୍ତି । ହଜାର ହଜାର ଭକ୍ତ ପବିତ୍ର ରଥ ଯାତ୍ରାକୁ ଆସି ଘରକୁ ଫେରିଲାବେଳେ ତୀର୍ଥ ଯାତ୍ରାର ସ୍ମାରକୀ ସ୍ୱରୂପ କାଠ, ପଥର ଓ ଖଡ଼ି କାଗଜରେ ନିର୍ମିତ ବିଭିନ୍ନ ମୂର୍ତ୍ତି, ପଟ୍ଟଚିତ୍ର ଓ ଖେଳନା ଆଦି ସାଙ୍ଗରେ ନେଇ ଯାଆନ୍ତି । ଏହି ଧର୍ମ ମନୋଭାବାପୂର୍ଣ୍ଣ ତୀର୍ଥଯାତ୍ରୀ ଓ ସାମନ୍ତ ରଜାମାନଙ୍କ ପୃଷ୍ଠପୋଷକତା ଫଳରେ ଆମର ହସ୍ତ ଶିଳ୍ପ ଯୁଗ ଯୁଗ ଧରି ବଞ୍ଚି ରହିଛି ।

ବ୍ରିଟିଶ ରାଜତ୍ୱ କାଳରେ ଉତ୍କଳୀୟ ହସ୍ତଶିଳ୍ପର ଆଦୌ ବିକାଶ ସାଧିତ ହୋଇ ନ ଥିଲା ବରଂ ହସ୍ତଶିଳ୍ପୀମାନଙ୍କୁ କଠୋର ଶାସ୍ତି ଦିଆଯାଉଥିଲା । ସେତେବେଳେ କେବଳ ପାରମ୍ପରିକ ପର୍ବପର୍ବାଣୀ ଓ ଯାତ୍ରା ଉତ୍ସବ ଉପରେ ନିର୍ଭର କରି ଆମର ହସ୍ତଶିଳ୍ପ ବଞ୍ଚି ରହିଥିଲା । ସ୍ୱାଧୀନତା ଲାଭ ପରେ ଲୋକପ୍ରିୟ ସରକାର ଏହି ପାରମ୍ପରିକ କଳାର ବିକାଶ ନିମନ୍ତେ ପ୍ରଗାଢ଼ ଉଦ୍ୟମ ଚଳାଇଲେ । ଆର୍ଥିକ, ବୈଷୟିକ ତଥା ବିକ୍ରିବଟା ନିମନ୍ତେ

ଇଂରେଜମାନଙ୍କୁ ସ୍ତମ୍ଭୀଭୂତ କରିଦେଇଥିଲା । ଓଡ଼ିଆ ଜାତି ହୃଦୟରେ ଐକ୍ୟ ଓ ସଂହତି ଉଦ୍‌ବୁଦ୍ଧକରି ବିଦେଶୀ ଶାସନର ଶୋଷଣନୀତି ବିରୁଦ୍ଧରେ ଆନ୍ଦୋଳନ ସୃଷ୍ଟି କରିପାରୁଥିବା ଜଗବନ୍ଧୁଙ୍କ ନେତୃତ୍ୱକୁ ଆତ୍ମସମୀକ୍ଷାକାରୀ ଚିନ୍ତାଶୀଳ ବ୍ୟକ୍ତିମାନେ ପ୍ରଶଂସା କରି ରହିପାରି ନଥିଲେ । ସେମାନଙ୍କ ଦୃଷ୍ଟିରେ ଜଗବନ୍ଧୁ ଥିଲେ ଏଭଳି ଏକ ବ୍ୟକ୍ତି ଯାହାଙ୍କ "ନାମ ବର୍ତ୍ତମାନ ଓ ଆଗାମୀ ଅନେକ କାଳଧରି ସମଗ୍ର ଓଡ଼ିଆ ଜାତିକୁ ଜଣେ ଯଶସ୍ୱୀ ଦୂରଦ୍ରଷ୍ଟା ଭାବରେ ଉଦ୍‌ବୁଦ୍ଧ କରିବ" ।

୧୮୧୭ର ଏହି ବିଦ୍ରୋହ ଇଂରେଜମାନଙ୍କୁ ବହିଷ୍କାର କରିବା କ୍ଷେତ୍ରରେ ଏକ ଯୋଜନାବଦ୍ଧ ଓ ସଂଗଠିତ ଗଣ-ବିଦ୍ରୋହ ଥିଲା । ତଥାପି ବିଦ୍ରୋହ ଶେଷରେ ଇଂରେଜମାନେ ଏ ପ୍ରକାର ବିଦ୍ରୋହର ସମସ୍ତ ମୁଖ୍ୟ ଓ ଗୌଣ୍ୟ କାରଣ ଅନୁଧ୍ୟାନ କରିବା ପାଇଁ କମିସନ୍ ନିଯୁକ୍ତ କରିଥିଲେ ଏବଂ ସେଗୁଡ଼ିକର ନିରାକରଣ ପାଇଁ ବିହିତ ପଦକ୍ଷେପ ଗ୍ରହଣ କରିଥିଲେ । ଖଜଣା ହାର ହ୍ରାସ, ପର୍ଯ୍ୟାପ୍ତ ପରିମାଣ ଲୁଣ ଯୋଗାଣ, ଯେଉଁଠି ସମ୍ଭବ ହୋଇପାରିଥିଲା ସେଠାରେ ଜମିଦାରୀ ହରାଇଥିବା କେତେ ମୂଳଓଡ଼ିଆ ଜମିଦାରଙ୍କୁ ସେମାନଙ୍କ ଜମିଦାରୀ ପ୍ରତ୍ୟାର୍ପଣ, ଯୋଗ୍ୟ ଓଡ଼ିଆମାନଙ୍କୁ ଉପଯୁକ୍ତ ପଦବୀରେ ନିଯୁକ୍ତି ପ୍ରଦାନ ଇତ୍ୟାଦି କେତେକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣକରି, ଇଂରେଜୀ କର୍ତ୍ତୃପକ୍ଷ ଓଡ଼ିଆମାନଙ୍କର ସ୍ୱାତନ୍ତ୍ର୍ୟ ସ୍ୱୀକାର କରିଥିଲେ ।

୧୮୧୭ ଓଡ଼ିଶା ବିଦ୍ରୋହ ଘଟଣା, ଇଂରେଜୀ ଶାସକୁ ଦୂରୀଭୂତ କରିବା ପାଇଁ ବିଫଳ ହୋଇଥିଲେ ମଧ୍ୟ ଏହା ଓଡ଼ିଆ ଜାତିର ବୀରତ୍ୱ ପ୍ରଦର୍ଶନ କରି, ଓଡ଼ିଶାର ସ୍ୱାର୍ଥରକ୍ଷା କରିପାରି ଥିବାରୁ ଏହାକୁ ଏକ ସଫଳ ବିଦ୍ରୋହ କହିଲେ ଅତ୍ୟୁକ୍ତି ହେବନାହିଁ । ବକ୍‌ସି ଜଗବନ୍ଧୁ ଥିଲେ ଓଡ଼ିଆ ଐକ୍ୟ ବା ସଂହତିର ପଥ ପ୍ରଦର୍ଶକ ନେତା । ଓଡ଼ିଶାର ସାଂସ୍କୃତିକ ଐତିହ୍ୟର ପୁନରୁତ୍‌ଥାନ ଓ ୧୯୩୬ରେ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ପ୍ରଚ୍ଛଦ ପଟରେ ବକ୍‌ସିଙ୍କର ମହନୀୟ ଅବଦାନକୁ ଓଡ଼ିଶାବାସୀ ଭୁଲିଯିବା ବିଧେୟ ନୁହେଁ ।

---

ପ୍ଲଟ ନଂ—୯୦
ବୁଦ୍ଧେଶ୍ୱରୀ କଲୋନୀ, ଭୁବନେଶ୍ୱର ।

## ସେହି ମୋ ଜନନୀ

ଯାଁର ଖାରବେଳ କନକ ଲିପି
ସଙ୍କେତେ ଯହିଁ ଅଦିଗ ଦିଗ
ଯା' ଗିରି କନ୍ଦର ଭୁଲିନି ଲବେ
ଜୟଦେବ କଣ୍ଠ ବିଚ୍ଛେଦ ରାଗ ।।

ବିଜନ କାନ୍ତାର ସିକତା ରେଣୁ
ପାଶୋରିନି ଭଡି ମହତ କଳା
ସମୀରଣ ଯା'ର ଗୁଞ୍ଜଇ ଶୂନ୍ୟେ
ଶତ ଭାଗବତ କୁସୁମମାଳା ।।

ସେହି ମୋ ଜନନୀ ସ୍ନେହ ପ୍ରଦାୟିନୀ
ପ୍ରେମ ପଙ୍କଜ ବିକଚେ ଯହିଁ
ଜ୍ଞାନ ବାହାରୁଣ ଅରୁଣିମା ଛବି
ପରାଣ ମୋହେ ପ୍ରତ୍ୟୁଷେ ଉଇଁ ।।

• ପ୍ରଭୁପାଦ ତ୍ରିଭୁବନାନନ୍ଦ ପରମହଂସ

ବାକ୍ସ, ଖେଳଣା, ଶ୍ରୀଫଳ ପ୍ରଭୃତି ତିଆରି କରନ୍ତି । ପ୍ରଥମେ ବାଉଁଶ, ମାଟି ଓ କାଠରେ ମୂଳ ଆକୃତିଟିଏ କରି ତା' ଉପରେ ରଙ୍ଗଦେଇ ଲକ୍ଷର କଳାତ୍ମକଚିତ୍ରଲେପନ କରାଯାଏ। ଏଗୁଡ଼ିକ ଉପରେ ମାଛ, ଫୁଲ, ପଶୁପକ୍ଷୀ ଆକୃତିର ସୁନ୍ଦର କଳା ଅଙ୍କିତ ହୁଏ ।

**ଚମଡ଼ା କାମ**—ପୁରୀ ଓ କଟକର ଚମଡ଼ା କାରିଗରମାନେ ପର୍ଯ୍ୟଟକମାନଙ୍କ ସହ ପ୍ରତିବର୍ଷ ବ୍ୟବସାୟ କରି ଭଲ ଦି ପଇସା ପାଆନ୍ତି । ଏହି କାରିଗରମାନେ ବାଘ, ହରିଣ ଓ ସାପ ଚମଡ଼ାରେ ଜୋତା, ହ୍ୟାଣ୍ଡବ୍ୟାଗ, ଚଷମା ଖୋଳ ପ୍ରଭୃତି ତିଆରି କରନ୍ତି ।

**ପଟ୍ଟଚିତ୍ର**—ପୁରୀ ନିକଟବର୍ତ୍ତୀ ରଘୁରାଜପୁରରେ ପଟ୍ଟ-ଶିଳ୍ପୀମାନେ ବାସ କରନ୍ତି । ପ୍ରଥା ରହିଛି ଯେ, ପୁରୀକୁ ଯାଇଥିବା ଯାତ୍ରୀମାନେ ଫେରିଲାବେଳେ ସାଙ୍ଗରେ ପାଞ୍ଚଟି ବେତବାଡ଼ି, ପାଞ୍ଚଟି ତୁଳସୀମାଳ, ପାଞ୍ଚ ପୁଡ଼ିଆ କୈବଲ୍ୟ ଏବଂ ପାଞ୍ଚଟି ପଟ୍ଟଚିତ୍ର ନେଇଯିବା ଉଚିତ । ଏହି ପଟ୍ଟଚିତ୍ର ଚିତ୍ରକର ସାହି ଓ ରଘୁରାଜପୁରର ଶିଳ୍ପୀମାନେ ତିଆରି କରନ୍ତି । ପଟ୍ଟଚିତ୍ରଗୁଡ଼ିକର କେନ୍ଦୁଝରର ରାବଣ ଗୁମ୍ଫାରେ ଖ୍ରୀଷ୍ଟପୂର୍ବ ପଞ୍ଚମ ଶତାବ୍ଦୀରେ ଅଙ୍କିତ ଚିତ୍ର ସହ ସାମଞ୍ଜସ୍ୟ ରହୁଛି । ପୁରାତନ ତାଳପତ୍ର ପୋଥିରେ ପଟ୍ଟଚିତ୍ର ଶୈଳୀରେ ଅଙ୍କିତ ଚିତ୍ର ଥିବାର ପ୍ରମାଣ ମିଳୁଛି । ଶିଳ୍ପୀମାନେ ତିନ୍ତୁଳି ମଞ୍ଜି ଓ ଖଡ଼ି ଗୁଣ୍ଡରେ ପ୍ରଲେପ ନିଜେ ତିଆରି କରନ୍ତି ଏବଂ ମାଟି, ପଥର, ଶାମୁକା ଗୁଣ୍ଡରେ ରଙ୍ଗ ଦିଅନ୍ତି । ପୌରାଣିକ କଥାବସ୍ତୁକୁ ଭିତ୍ତିକରି ଚିତ୍ର ଅଙ୍କନ କରାଯାଏ । ତାସ ଖେଳରୂପେ ବ୍ୟବହୃତ 'ଗଂଜପ୍ପା' ମଧ୍ୟ ପଟ୍ଟଚିତ୍ର ଶୈଳୀରେ ଚିତ୍ରିତ ହୁଏ ।

**ଧାତୁ ନିର୍ମିତ କାମ**—କଂସା ଓ ପିତଳ ହସ୍ତଶିଳ୍ପ ପାଇଁ ଓଡ଼ିଶାର ସୁଖ୍ୟାତି ରହିଛି । କଣ୍ଟିଲୋ, ବାଲକାଟି, ରେମୁଣା, ଭୁବନ ତଥା ଜଗମୋହନରେ ଏହି ବାସନ ତିଆରି ହୁଏ । ପୁରୀ ଖଲିସାହିର ଧାତୁ ଶିଳ୍ପୀମାନେ କୃଷ୍ଣ, ଦୁର୍ଗା, ଲକ୍ଷ୍ମୀ, ଗଣେଶ, ରାମ, ଲକ୍ଷ୍ମଣ, ସୀତା ଓ ହନୁମାନ ପ୍ରଭୃତି ସୁନ୍ଦର ସୁନ୍ଦର ଛୋଟ ମୂର୍ତ୍ତିମାନ ତିଆରି କରନ୍ତି । ଡୋକ୍ରା ଆଦିବାସୀମାନେ ନିଜର ବ୍ୟବହାର ପାଇଁ ଧାତୁରେ ବିଭିନ୍ନ ଜିନିଷ ଗଢ଼ି ଥାଆନ୍ତି ।

**ହାତବୁଣା ଲୁଗା**—କଟକ ଆଠଗଡ଼, ସମ୍ବଲପୁର, ବରଗଡ଼, ସୁନ୍ଦରଗଡ଼, ଫୁଲବାଣୀ, ଗଞ୍ଜାମ ଓ ମୟୂରଭଞ୍ଜର ହାତବୁଣା ଲୁଗା ବିଶ୍ୱରେ ଆଲୋଡ଼ନ ସୃଷ୍ଟି କରିଛି । ବାନ୍ଧ ଶାଢ଼ୀ, ଗାମୁଛା, ତକିଆ ଖୋଳ, ବିଛଣା ଚଦର, ପରଦା, ଟେବୁଲ କ୍ଲଥ ଓ ରୁମାଲପ୍ରଭୃତି ଦେଶ ଓ ବିଦେଶର ପର୍ଯ୍ୟଟକଙ୍କ ପାଇଁ ଅତି ସବୁଠାରୁ ବେଶୀ ଆକର୍ଷଣୀୟ । ଏହି ଲୁଗା ବୁଣାର ବିଶେଷତ୍ୱ ହେଲା ବାନ୍ଧ ପ୍ରଣାଳୀରେ ରଙ୍ଗ କରି ଲୁଗାରେ ବିଭିନ୍ନ ପଶୁପକ୍ଷୀ, ମାଛ, ଜୀବଜନ୍ତୁ ଓ ଫୁଲର ଡିଜାଇନ୍ ପ୍ରସ୍ତୁତ କରିବା ।

**ରୂପା ତାରକସୀ କାମ**—ଓଡ଼ିଶାର ହସ୍ତଶିଳ୍ପ ପରମ୍ପରାରେ ତାରକସୀ କାମର ଅସାଧାରଣ ବୈଶିଷ୍ଟ୍ୟ ରହିଛି । ପ୍ରାୟ ଏକହଜାର ବର୍ଷ ତଳେ ପ୍ରଥମେ ଓଡ଼ିଶାରେ ତାରକସୀ କାମର ପ୍ରଚଳନ ହୋଇଥିଲା । 'ତାରକସୀ' ଏକ ପାର୍ଶି ଶବ୍ଦ । ତାରକସୀରେ ନିର୍ମିତ ଅଳଙ୍କାର ପ୍ରଭୃତିରେ ମୋଗଲ ଯୁଗୀୟ ଶୈଳୀର ଛାପ ରହି ଆସିଛି । ଏହି ହସ୍ତଶିଳ୍ପ ସମ୍ପର୍କିତ ଭାଷାର ମଧ୍ୟ ସ୍ୱତନ୍ତ୍ରତା ରହିଛି, ଯଥା :— ସିକା, ଗୁଆ, ଚକ୍ତୀ, ଦୁଲ, ଡ଼ାଉକେଇ, ଫେରଫେରୁଆ ଓ କଣ୍ଟିରା ପ୍ରଭୃତି । ବଣିଆମାନଙ୍କ ବ୍ୟତୀତ ଅନ୍ୟ ଜାତିର ଲୋକେ ମଧ୍ୟ କାରିଗରି କରୁଛନ୍ତି । କଟକର ତାରକସୀ କାମ ଦରିଆପାରି ଇଟାଲି, ପର୍ତ୍ତୁଗାଲ, ସ୍ପେନ ଓ ମେକ୍ସିକୋ ଦେଶ ସହ ପ୍ରତିଯୋଗିତା କରି ଆନ୍ତର୍ଜାତିକ ବଜାରରେ ସ୍ୱତନ୍ତ୍ର ଆସନ ଲାଭ କରିପାରିଛି ।

ଏହିପରି ଓଡ଼ିଶାର ଆହୁରି ଅନେକ ଛୋଟ ବଡ଼ ହସ୍ତଶିଳ୍ପ, ତାଳପତ୍ର, ହାତୀଦାନ୍ତ, ଶାମୁକା, ବେତ ଓ ବାଉଁଶରେ ନିର୍ମିତ ହୋଇ ବିଶେଷ ଆଦର ଲାଭ କରିଛି ।

ସାମଗ୍ରିକ ଦୃଷ୍ଟିରୁ ବିଚାର କଲେ, ଆମ ରାଜ୍ୟର ପ୍ରାୟ ୫୦ଟି ବିଭିନ୍ନ ହସ୍ତଶିଳ୍ପ ଦୃଷ୍ଟିକୁ ଆସିଥାଏ' ଏବଂ ଏ ଦିଗରେ ପ୍ରାୟ ୪୫ ହଜାର ହସ୍ତଶିଳ୍ପୀ ପରିବାର ଅଛନ୍ତି । ଏହି ପରିବାରଗୁଡ଼ିକର ସର୍ବବିଧ ବିକାଶ ନିମନ୍ତେ ରାଜ୍ୟ ସରକାର ବିଭିନ୍ନ ଉନ୍ନୟନ ଯୋଜନା ହାତକୁ ନେଇଛନ୍ତି । କାରିଗରମାନେ ସରକାରୀ ସୁବିଧା ସୁଯୋଗ ଯେପରି ସହଜରେ ପାଇ ପାରିବେ, ସେଥି ନିମନ୍ତେ ସେମାନଙ୍କୁ ସମବାୟ ସମିତିର ଅନ୍ତର୍ଭୁକ୍ତ କରାଯାଉଛି । ଏକ ହିସାବରୁ ଜଣା ଯାଇଛି ଯେ, ଷଷ୍ଠ ଯୋଜନା ଶେଷ ସୁଦ୍ଧା ୨୬୧ଟି ସମବାୟ ସମିତିରେ ମୋଟ ୯,୬୩୮ ଜଣ ସଭ୍ୟ ତାଲିକାଭୁକ୍ତ ହୋଇଥିବା ସ୍ଥଳେ ୧୯୮୭-୮୮ ଶେଷ ସୁଦ୍ଧା ୩୦୫ଟି ସମବାୟ ସମିତି ଜରିଆରେ ୧୦୯୦୫ ଜଣ ସଭ୍ୟଭୁକ୍ତ ହୋଇଛନ୍ତି । ୧୯୮୮-୮୯ ବର୍ଷରେ ସମବାୟ ସମିତିଗୁଡ଼ିକର ସଂଖ୍ୟା ୩୨୩କୁ ବଢ଼ାଇ ସଭ୍ୟସଂଖ୍ୟା ୧୩,୪୧୦ରେ ପହଞ୍ଚାଇବାକୁ ଲକ୍ଷ୍ୟ ରଖା-ଯାଇଛି । ଷଷ୍ଠ ଯୋଜନା କାଳରେ ଆତ୍ମ ନିଯୁକ୍ତି ପାଉଥିବା ଶିଳ୍ପୀଙ୍କ ସଂଖ୍ୟା ୧୫ ହଜାର ଥିଲା ଏବଂ ୧୯୮୭-୮୮ ବର୍ଷରେ ଏହାର ସଂଖ୍ୟା ୧୭ ହଜାର ୧୧୫ରେ ପହଞ୍ଚିଲାଣି । ଚଳିତବର୍ଷ ଶେଷ ସୁଦ୍ଧା ଏହାକୁ ୨୦ ହଜାରରେ ପହଞ୍ଚାଇବାକୁ ଲକ୍ଷ୍ୟ ରହିଛି । ହସ୍ତତନ୍ତ ସାମଗ୍ରୀଗୁଡ଼ିକର ଉତ୍ପାଦନ ମଧ୍ୟ ଅନୁରୂପ ଭାବରେ ବୃଦ୍ଧି ପାଉଛି । ଷଷ୍ଠ ଯୋଜନା କାଳରେ ଉତ୍ପାଦିତ ସାମଗ୍ରୀଗୁଡ଼ିକର ଆନୁମାନିକ ମୂଲ୍ୟ ୩୫୫ ଲକ୍ଷ ଟଙ୍କା ଥିବା ସ୍ଥଳେ ୧୯୮୭-୮୮ ସୁଦ୍ଧା ଏହି ପରିମାଣ ୪୫୪ ଲକ୍ଷ ଟଙ୍କାରେ ପହଞ୍ଚିଛି ଓ ଚଳିତବର୍ଷ ୫୦୦ ଲକ୍ଷ ଟଙ୍କାର ସାମଗ୍ରୀ ଉତ୍ପାଦନ ହୋଇ ପାରିବ ବୋଲି ଆଶା ରହିଛି ।

ହସ୍ତଶିଳ୍ପୀମାନେ ଯେପରି ଆର୍ଥିକ ସାହାଯ୍ୟ ଓ ପ୍ରଶିକ୍ଷଣ ସୁବିଧା ପାଇବେ ଏବଂ ସଙ୍ଗଠିତ ଉପାୟରେ ସେମାନଙ୍କର ଉତ୍ପାଦନ ବଢ଼ି ପାରିବ, ସେ ଦିଗରେ ବିଭିନ୍ନ ଉନ୍ନୟନ ଯୋଜନା ମାଧ୍ୟମରେ ସରକାରଙ୍କର ଉଦ୍ୟମ ଅବ୍ୟାହତ

ସାହାଯ୍ୟ ସୁବିଧା ଯୋଗାଇଦେଲେ । ଫଳରେ ଉତ୍କଳର ହସ୍ତଶିଳ୍ପ ସାମଗ୍ରୀ ଆଜି ଆମ ଦେଶ ତଥା ସାରା ବିଶ୍ୱରେ ଆଲୋଡ଼ନ ସୃଷ୍ଟି କରିଛି । ଦେଶ ବିଦେଶରୁ ଆସୁଥିବା ହଜାର ହଜାର ପର୍ଯ୍ୟଟକ ଉତ୍କଳର ହସ୍ତଶିଳ୍ପ ସାମଗ୍ରୀଗୁଡ଼ିକ ଆଗ୍ରହର ସହ ନିଜ ଦେଶକୁ ନେଇ ଯାଉଛନ୍ତି ।

ଆମ ରାଜ୍ୟର ହସ୍ତଶିଳ୍ପ ବିଷୟରେ ଆଲୋଚନା କଲାବେଳେ ପ୍ରାୟ ପଚାଶ ଗୋଟି ବିଭିନ୍ନ ହସ୍ତଶିଳ୍ପ ଆମ ଦୃଷ୍ଟିକୁ ଆସିଥାଏ । ତନ୍ମଧ୍ୟରୁ ମୁଖ୍ୟ କେତୋଟି ଶିଳ୍ପ ସଂପର୍କରେ ଏଠାରେ ସୂଚନା ଦେବା ପ୍ରାସଙ୍ଗିକ ହେବ ।

**ପଥର ଖୋଦେଇ**–ପୁରୀ ଶ୍ରୀ ମନ୍ଦିର ନିକଟସ୍ଥ ପଥୁରିଆ ସାହିରେ ପଥର ଖୋଦେଇ କାରିଗରମାନଙ୍କର ବସବାସ । ଖଡ଼ି ଓ ପଥରରେ ମନ୍ଦିର ଓ ମୂର୍ତ୍ତିର ଆକୃତିମାନ ତିଆରି କରି ସେମାନେ ନିଜର ଜୀବିକା ନିର୍ବାହ କରନ୍ତି । ପୁରୀ ବ୍ୟତୀତ ଭୁବନେଶ୍ୱରରେ ମଧ୍ୟ ପଥୁରିଆ ଶିଳ୍ପୀମାନେ ରହିଛନ୍ତି । ଏହା ସେମାନଙ୍କର କୌଳିକ ବ୍ୟବସାୟ । ଓଡ଼ିଶାର ଅନ୍ୟାନ୍ୟ ଅଞ୍ଚଳରେ ଅନ୍ୟ କେତେକ ପଥୁରିଆ କାରିଗର ଅଛନ୍ତି, ଯେଉଁମାନେ ପଥର ଓ ଖଡ଼ିରେ ନାନା ପ୍ରକାର ବାସନ ଓ ନିତ୍ୟ ବ୍ୟବହାର୍ଯ୍ୟ ଘରକରଣା ଜିନିଷ ତିଆରି କରନ୍ତି ।

**କାଠ ଓ ସୋଲର ଖେଳଣା**–କାଠ ଖୋଦେଇ କାମର ମୁଖ୍ୟ କେନ୍ଦ୍ର ହେଉଛି ପୁରୀ । ଏହି ଶିଳ୍ପ ବୋଧହୁଏ ଦଶମ ଶତାବ୍ଦୀରୁ ଆରମ୍ଭ ହୋଇଛି । କାଠ ଖୋଦେଇ କାରିଗରମାନଙ୍କର ପ୍ରଧାନ କାର୍ଯ୍ୟ ହେଲା ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ରଥ ନିର୍ମାଣ କରିବା ଏବଂ ସୁନ୍ଦର ମୂର୍ତ୍ତି ଗଠନ କରି ରଥଗୁଡ଼ିକୁ ସଜାଇବା । ପୁରୀର କାଠ ଖୋଦେଇ କାରିଗରମାନେ କାଠରେ ଛୋଟ ଛୋଟ ଜଗନ୍ନାଥ, ବଳଭଦ୍ର, ସୁଭଦ୍ରାଙ୍କ ମୂର୍ତ୍ତି; ରଥ, ସିଂହ, ବାଘ, ହାତୀ, ଘୋଡ଼ା ଓ ଅନ୍ୟାନ୍ୟ ଖେଳଣା; ରାମ, ସୀତା, ହନୁମାନ ଓ ରାବଣ ପ୍ରଭୃତିଙ୍କ ମୁଖା ତିଆରି କରନ୍ତି । ପୁରୀ ବ୍ୟତୀତ, ସମ୍ବଲପୁର ବରଗଡ଼ରେ ମଧ୍ୟ କାଠ ଖୋଦେଇ ଶିଳ୍ପୀ ଅଛନ୍ତି । ସେମାନେ ପ୍ରଥମାଷ୍ଟମୀ ପର୍ବ ସମୟରେ ଚକଲଗା ଖେଳଣାମାନ ତିଆରି କରି ପ୍ରଥମେ ଦେବଦେବୀଙ୍କୁ ଉତ୍ସର୍ଗ କରନ୍ତି ଏବଂ ତତ୍ପରେ ଦୈବୀ ଦାନ ସ୍ୱରୂପ ପିଲାମାନଙ୍କୁ ବିକ୍ରୟ କରିଥାନ୍ତି । କାଠ ଖୋଦେଇ ମୂର୍ତ୍ତି, ମୁଖା ବା ଖେଳଣାଗୁଡ଼ିକ ରଙ୍ଗ କରିବାରେ ଶିଳ୍ପୀମାନଙ୍କର ଦକ୍ଷତା ରହିଛି । ଏ ସବୁ ମୁଖ୍ୟତଃ ଗମ୍ଭାରି, ଦେଲ ପ୍ରଭୃତି କାଠରେ ତିଆରି ହୋଇଥାଏ । କାଠ କଣ୍ଢେଇରେ କଣ୍ଢେଇନାଚ ମଧ୍ୟ ପରିବେଷିତ ହୁଏ । କାଠ ଖୋଦେଇ କାରିଗରଙ୍କ ପରି ଆମ ରାଜ୍ୟର ଗାଁଗହଳରେ ଅନେକ ସୋଲ କାରିଗର ଅଛନ୍ତି, ଯେଉଁମାନେ ସୋଲରେ ଠାକୁରଙ୍କର ଫୁଲ, ଖେଳଣା, ମୁକୁଟ ଓ ଅନ୍ୟାନ୍ୟ ଘର ସଜାଇବା ଜିନିଷ ତିଆରି କରି ସ୍ଥାନୀୟ ମେଳା ମହୋତ୍ସବରେ ବିକ୍ରୟ କରନ୍ତି । ସୋଲ କାମ ପାଇଁ କଟକ ଓ ପୁରୀ ଜିଲ୍ଲାର ବିଶେଷ ଖ୍ୟାତି ରହିଛି ।

**ମାଟି ଖେଳଣା**–ଆମ ଦେଶରେ ମାଟି କଣ୍ଢେଇର ସ୍ଥାନ ସ୍ୱତନ୍ତ୍ର । ଏହା ପିଲାମାନଙ୍କ ଖେଳନା ରୂପେ ବ୍ୟବହୃତ ହେବା ସଙ୍ଗେ ସଙ୍ଗେ ବିଭିନ୍ନ ପର୍ବ ପର୍ବାଣୀ ପାଇଁ ପାରଂପରିକ ଆକୃତିରେ ନିର୍ମିତ ହୋଇଥାଏ । ମାଟି କଣ୍ଢେଇ ପାଇଁ ସମ୍ବଲପୁର ବରପାଲି ସୁନାମ ଅର୍ଜନ କରିଛି ।

**ଚାନ୍ଦୁଆ କାମ**–ପୁରୀ ଜିଲ୍ଲା ପିପିଲି ଗାଁର ଦରଜୀମାନେ ଚାନ୍ଦୁଆ ତିଆରି କାମକୁ ପାରମ୍ପରିକ ହସ୍ତଶିଳ୍ପ ରୂପେ ଗ୍ରହଣ କରିନେଇଛନ୍ତି । ସେମାନେ ଚାନ୍ଦୁଆ ଛତା, ବଟୁଆ ଥଳି ଓ ଘର ସଜାଇବା ନିମନ୍ତେ ସୁନ୍ଦର ସୁନ୍ଦର ଜିନିଷ କନାରେ ତିଆରି କରନ୍ତି । ଲାଲ, ନୀଳ, କଳା, ଧଳା ଓ ହଳଦିଆ ରଙ୍ଗର କନାକୁ ବିଭିନ୍ନ ପଶୁପକ୍ଷୀ, ନର୍ତ୍ତକୀ ଓ ପୁଷ୍ପଆକୃତିରେ କାଟି ସେ ସବୁକୁ ହାତରେ ସିଲେଇ କରନ୍ତି । ଦେବ-ଦେବୀଙ୍କ ପାରମ୍ପରିକ ପର୍ବପର୍ବାଣୀରେ ଏବଂ ରାଜ ପରିବାରରେ ଏହାର ବହୁଳ ବ୍ୟବହାର ରହିଛି । ଆମଦେଶ ଓ ବିଦେଶରେ ଚାନ୍ଦୁଆ ଶିଳ୍ପ ବିଶେଷ ଆଦର ଲାଭ କରିଛି

**ଶିଙ୍ଗ କାମ**–ଓଡ଼ିଶାର ପାରମ୍ପରିକ କଳା ରୂପେ ଶିଙ୍ଗ ହସ୍ତଶିଳ୍ପ ପ୍ରତିଷ୍ଠା ଲାଭ କରିଛି । କଟକ ଓ ପାରଳା-ଖେମୁଣ୍ଡିର ଶିଙ୍ଗ କାରିଗରମାନେ ପଶୁ ଶିଙ୍ଗରେ ପାନିଆ, ମୁଣ୍ଡକଣ୍ଟା, ପଶୁପକ୍ଷୀ ପ୍ରଭୃତି ତିଆରି କରିବାରେ ବିଶେଷ ପାରଦର୍ଶିତା ଅର୍ଜନ କରିଛନ୍ତି । ଶିଙ୍ଗ ସହ ଧାତୁ ଓ ହାତୀ ଦାନ୍ତ ବ୍ୟବହାର କରି ସେମାନେ ବହୁତ ସୁନ୍ଦର ସୁନ୍ଦର ଘର ସଜାଇବା ଜିନିଷ ତିଆରି କରନ୍ତି ।

**କାଗଜ କଣ୍ଢେଇ**–ପୁରୀରେ ଥିବା କାରିଗରମାନେ ଛିଣ୍ଡାକାଗଜ ମଣ୍ଡ ଚକଟାରେ ହାତୀ, ବାଘ, ହରିଣ, ଶୁଆ, ମାଙ୍କଡ଼ ଓ କଇଁଚ ପ୍ରଭୃତି କଣ୍ଢେଇ ତିଆରି କରି ସେଗୁଡ଼ିକ ଉପରେ ଉଜ୍ଜ୍ୱଳ ରଙ୍ଗ ଦିଅନ୍ତି । ଏହି କଣ୍ଢେଇ ବିଶେଷତ୍ୱ ହେଲା ଏହା ସହଜରେ ଭାଙ୍ଗିଯାଏ ନାହିଁ ଏବଂ ପ୍ରତିଟି କଣ୍ଢେଇ ମୁଣ୍ଡ ହଲାଉ ଥାଆନ୍ତି । ଏହି ସବୁ କଣ୍ଢେଇ ପଟ୍ଟଚିତ୍ର ଶୈଳୀରେ ନିର୍ମାଣ କରାଯାଏ ।

**ସୁନେଲି ଘାସ**–'ଖସ୍‌ଖସ୍' ବା 'କାଇଁଚ ଘାସ' ଫୁଲର ଶରରେ ମଣିଷା, ପେଡ଼ି, ପଙ୍ଖା ପ୍ରଭୃତି ତିଆରି କରାଯାଏ । ଏହି ଘାସର ଶର ସୁନାଭଳି ଉଜ୍ଜ୍ୱଳ ହୋଇ ଥିବାରୁ ଏହାକୁ ସୁନେଲି ଘାସ ମଧ୍ୟ କହନ୍ତି । ବିଲ ହିଡ଼ମାନଙ୍କରୁ ଏହାକୁ ସଂଗ୍ରହ କରି ଗାଁଗହଳର ସ୍ତ୍ରୀଲୋକମାନେ ଏଥିରେ ଅନେକ ସୁନ୍ଦର ଜିନିଷ ବୁଣନ୍ତି ।

**ଲାଖ ଶଂଖାଚୁଡ଼ି**–କୋରାପୁଟ ଜିଲ୍ଲା ନବରଙ୍ଗପୁର ଅଞ୍ଚଳର ଶଂଖାରୀ ସ୍ତ୍ରୀଲୋକମାନେ ଲାଖ ଓ ମାଟିକୁ ମିଶାଇ ଶଂଖା ଓ ଚୁଡ଼ି ତିଆରି କରନ୍ତି । ଶଂଖା ଉପରେ ଛୋଟ ଛୋଟ ଦର୍ପଣଖଣ୍ଡ ବସାଯାଇ ଥାଏ । ପ୍ରତ୍ୟେକ ହିନ୍ଦୁ ଝିଅର ବିବାହ ସମୟରେ ଏହି ଶଂଖାଚୁଡ଼ି ବ୍ୟବହାର କରାଯାଏ । ଶଂଖା ଚୁଡ଼ି ବ୍ୟତୀତ, ସେମାନେ ଉପହାର ବାକ୍ସ, ଗହଣା

ଜାତୀୟ ସ୍ତରରେ ଆମର ୧୯ ଜଣ ଶିଳ୍ପୀଙ୍କୁ ଯୋଗ୍ୟତା ପ୍ରମାଣ ପତ୍ର ମିଳିଛି ଏବଂ ୨ ଜଣ ଶିଳ୍ପୀ ପଦ୍ମଶ୍ରୀ ଉପାଧିରେ ଭୂଷିତ ହୋଇଛନ୍ତି । ଉଚ୍ଚକୋଟୀର କଳାକୃତୀ ପାଇଁ ଆମର ରାଜ୍ୟ ସ୍ତରୀୟ ପୁରସ୍କାର ମଧ୍ୟ ପ୍ରଦାନ କରାଯାଉଛି । ୧୯୮୫ ମସିହା ସୁଦ୍ଧା ୧୯ ଜଣ ଶିଳ୍ପୀ ଏହି ପୁରସ୍କାର ଲାଭ କରିଛନ୍ତି । ସମ୍ପ୍ରତି ୧୯୮୬, ୧୯୮୭ ଓ ୧୯୮୮ ବର୍ଷ ପାଇଁ ୨୨ଜଣ କଳା ଶିଳ୍ପୀଙ୍କୁ ପୁରସ୍କୃତ କରାଯାଉଛି ।

ଆମ ହସ୍ତଶିଳ୍ପର ବିକାଶ ନିମନ୍ତେ ପର୍ଯ୍ୟାପ୍ତ ସୁବିଧା ସୁଯୋଗ ରହିଛି । ପ୍ରକୃତିରାଣୀ ଆମ ପ୍ରତି ଉଦାର । ସରକାରୀ ସହାୟତା ହାତ ପାଖାରେ । ଆଧୁନିକ ବଜାର ପ୍ରତିଯୋଗିତାରେ ଆମେ ଶ୍ରେଷ୍ଠ ଆସନ ଲାଭ କରିବାକୁ ହେଲେ ଆମର ହସ୍ତଶିଳ୍ପ କଳାରେ ନୂତନ ସ୍ୱାଦ ଭରି ଦେବାକୁ ହେବ । କିନ୍ତୁ ଗୋଟିଏ କଥା ସର୍ବଦା ଦୃଷ୍ଟିରେ ରହିବା ଦରକାର, ଯେପରିକି ଏହି ଗୌରବମୟ ଶିଳ୍ପକଳାର ପାରମ୍ପରିକ ମୂଲ୍ୟବୋଧ ଅକ୍ଷୁର୍ଣ୍ଣ ରହେ । ସମୁଚିତ ମାର୍ଗରେ ଆଧୁନିକ କଳା କୌଶଳର ପ୍ରୟୋଗ କରାଯାଇ ପାରିଲେ ଆମ ରାଜ୍ୟର ହଜାର ହଜାର ହସ୍ତଶିଳ୍ପୀଙ୍କର ସର୍ବାଙ୍ଗୀନ ବିକାଶ ସାଧିତ ହେବ ଏବଂ ସେମାନଙ୍କର ଆଶା ଆକାଂକ୍ଷା ପୂରଣ ହୋଇପାରିବ ।

ବରିଷ୍ଠ ଅନୁବାଦ ସହାୟକ,
ସୂଚନା ଓ ଲୋକ ସଂପର୍କ ବିଭାଗ ।





ରହିଛି । ହସ୍ତଶିଳ୍ପର ଉନ୍ନତି ପାଇଁ ଷଷ୍ଠ ଯୋଜନାରେ ୧୯,୧୧୭ ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଥିଲା ଏବଂ ଏବର୍ଷ ଏଥିପାଇଁ ୩୮ ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଛି । ଏହା ବ୍ୟତୀତ କେନ୍ଦ୍ର ସରକାରଙ୍କଠାରୁ ଭିନ୍ନ ଭିନ୍ନ ଯୋଜନା ମାଧ୍ୟମରେ ସାହାଯ୍ୟ ମିଳୁଛି । ଏସବୁ ଅର୍ଥ ନୂତନ ସମବାୟ ସମିତି ଗଠନ, ଆତ୍ମ ନିଯୁକ୍ତି ପାଇଁ ନୂତନ ଶିଳ୍ପରେ ତାଲିମ, ଗ୍ରାମ୍ୟ କଳା କୌଶଳର ବିକାଶ, ଶିଳ୍ପ କେନ୍ଦ୍ର ପ୍ରତିଷ୍ଠା, ଶିକ୍ଷାଦାନ, ଋଣ ଓ ଅଂଶଧନ ବିନିଯୋଗ, ଉତ୍ପାଦନ ଓ ବିକ୍ରୟ ବ୍ୟବସ୍ଥା ନିମନ୍ତେ ବ୍ୟୟ କରାଯିବ ।

ଆତ୍ମ ନିଯୁକ୍ତି ନିମନ୍ତେ ହାତୀଦାନ୍ତ, ଦରି, ପିତ୍ତଳ ପିଟା କାମରେ ନୂତନ ତାଲିମ ଦିଆଯିବା ବ୍ୟତୀତ ପ୍ରଚଳିତ ଶିଳ୍ପଗୁଡ଼ିକର ବିକାଶ ପାଇଁ ରାଜ୍ୟ ହସ୍ତଶିଳ୍ପ ତାଲିମ କେନ୍ଦ୍ର ସହ ରାଜ୍ୟର ବିଭିନ୍ନ ସ୍ଥାନରେ ଅନ୍ୟାନ୍ୟ ୨୬ଟି ଶିଳ୍ପ ବିଦ୍ୟାଳୟ ପ୍ରତିଷ୍ଠା କରାଯାଇଛି । ରାଜ୍ୟ ପ୍ରଶିକ୍ଷଣ କେନ୍ଦ୍ରରେ ୧୩ଟି ଶିଳ୍ପ କଳାରେ ୨ ବର୍ଷିଆ ପାଠ୍ୟକ୍ରମ ରହିଛି । ଏହିସବୁ ତାଲିମ କେନ୍ଦ୍ରରେ ବର୍ଷକୁ ୬୫୦ ଜଣଙ୍କୁ ତାଲିମ ଦିଆଯାଏ । ଏହା ବ୍ୟତୀତ ଆଦିବାସୀ ଓ ହରିଜନ କଲ୍ୟାଣ ବିଭାଗ, ଗୋଷ୍ଠୀ ଉନ୍ନୟନ ଓ ଗ୍ରାମ ପୁନର୍ଗଠନ ବିଭାଗ ଓ କେନ୍ଦ୍ର ସରକାରଙ୍କ ନିଖିଳ ଭାରତ ହସ୍ତଶିଳ୍ପ ବୋର୍ଡ ଜରିଆରେ ମଧ୍ୟ ପ୍ରଶିକ୍ଷଣ ବ୍ୟବସ୍ଥାମାନ ରହିଛି । ପୂର୍ବରୁ ୫୦୦ ପିଲାଙ୍କୁ ପଶମ ଶିଳ୍ପରେ ତାଲିମ ଦିଆଯାଇଛି । ପଶମ ଶିଳ୍ପରେ ରପ୍ତାନୀ ବାଣିଜ୍ୟର ଚାହିଦାକୁ ଦୃଷ୍ଟିରେ ରଖି କାର୍ପେଟ ଶିଳ୍ପପାଇଁ ଆଗ୍ରହ ବୃଦ୍ଧି ପାଉଛି । ପ୍ରାରମ୍ଭିକ ପର୍ଯ୍ୟାୟରେ କେତେକ ପିଲାଙ୍କୁ ତାଲିମ ଦେଇ ୧୦୦୦ ଟି ତନ୍ତ ବସାଇ କାର୍ପେଟ ଉତ୍ପାଦନ କରିବାକୁ ପ୍ରସ୍ତାବ ରହିଛି । ଆଗ୍ରହୀ କମ୍ପାନୀମାନେ ଏଥିପାଇଁ କଞ୍ଚାମାଲ ଯୋଗାଇବା ସଙ୍ଗେ ସଙ୍ଗେ ଉତ୍ପାଦିତ ସାମଗ୍ରୀକୁ ମଧ୍ୟ କିଣିନେବେ । ଏହାଦ୍ୱାରା ପ୍ରାୟ ତିନି ହଜାର ଲୋକ ଆତ୍ମ ନିଯୁକ୍ତି ପାଇ ପାରିବେ । ମୂଲ୍ୟବାନ ମାଣିକ ପଥରର ସଫେଇ ପାଇଁ ଭବାନୀପାଟଣାରେ ଗୋଟିଏ ପ୍ରଶିକ୍ଷଣ କେନ୍ଦ୍ର ପ୍ରତିଷ୍ଠା କରାଯାଇଛି । ଏଠାରେ ଛ'ମାସିଆ ପାଠ୍ୟକ୍ରମରେ ୩୦ ଜଣ ଛାତ୍ରଙ୍କୁ ତାଲିମ ଦିଆଯାଉଛି । ଏହି ନୂତନ ଶିଳ୍ପ ମାଧ୍ୟମରେ କୋଟି କୋଟି ଟଙ୍କାର ମାଣିକ ପଥର ବ୍ୟବସାୟ ହେବ ଓ ବହୁଲୋକ ଆତ୍ମ ନିଯୁକ୍ତିର ସୁବିଧା ପାଇପାରିବେ ।

ପାରମ୍ପରିକ ନମୁନାଗୁଡ଼ିକର ଉତ୍କର୍ଷତା ବଜାୟ ରଖିବା ଶିଳ୍ପୀମାନଙ୍କୁ ନୂଆ ନୂଆ ନମୁନା ଯୋଗାଇ ଦେବା ଏବଂ କଳା ସାମଗ୍ରୀଗୁଡ଼ିକରେ ନୂତନତ୍ୱ ଆଣି ଗ୍ରାହକମାନଙ୍କର ମନଛୁଆଁ କରିବା ନିମନ୍ତେ ରାଜ୍ୟ ନମୁନା କେନ୍ଦ୍ର ମୁଖ୍ୟ ଭୂମିକା ଗ୍ରହଣ କରିଛି । ଉତ୍କୃଷ୍ଟ ଧରଣର ନମୁନା ସୃଷ୍ଟିପାଇଁ ଭୁବନେଶ୍ୱର ହସ୍ତଶିଳ୍ପ କେନ୍ଦ୍ରରେ ପ୍ରଶିକ୍ଷଣ ବ୍ୟବସ୍ଥା କରାଯାଇଛି । ଦର୍ଶକମାନେ ଉତ୍କଳୀୟ ହସ୍ତଶିଳ୍ପ କଳାର ମହତ୍ତ୍ୱ ଅନୁଭବ କରିବା ନିମନ୍ତେ ପ୍ରତ୍ୟେକ ଶିଳ୍ପର ଶ୍ରେଷ୍ଠ କୃତୀଗୁଡ଼ିକ ପ୍ରଦର୍ଶନୀ ଗୃହରେ ରଖାଯାଇଛି ।

ଆମ ହସ୍ତଶିଳ୍ପ ନିଗମ ପ୍ରାଥମିକ ସମବାୟ ସମିତିଗୁଡ଼ିକର ହସ୍ତଶିଳ୍ପ ସାମଗ୍ରୀଗୁଡ଼ିକୁ କ୍ରୟ ବିକ୍ରୟ କରିଥାଏ । ୧୯୮୪-୮୫ ମସିହା ସୁଦ୍ଧା ଉକ୍ତ ନିଗମର ସଂଗ୍ରହ ଓ ବିକ୍ରୟ ପରିମାଣ ଯଥାକ୍ରମେ ୧୨୧ ଲକ୍ଷ ଓ ୧୨୫ ଲକ୍ଷ ଟଙ୍କା ଥିବା ସ୍ଥଳେ ୧୯୮୭-୮୮ ମସିହା ସୁଦ୍ଧା ଏହା ଯଥାକ୍ରମେ ୨୩୪ ଓ ୩୨୩ ଲକ୍ଷ ଟଙ୍କାକୁ ବୃଦ୍ଧି ପାଇଛି । ନିଗମର ବିକ୍ରୟ କେନ୍ଦ୍ରଗୁଡ଼ିକର ନବୀକରଣ ସହ ବଡ଼ବଡ଼ ସହରରେ ନୂତନ ବିକ୍ରୟ କେନ୍ଦ୍ର ସ୍ଥାପନ କରିବା ଏବଂ ଅଧିକ ଶିଳ୍ପ ସାମଗ୍ରୀ ସଂଗ୍ରହ ଓ ବିକ୍ରୟ ନିମନ୍ତେ ରାଜ୍ୟ ତଥା କେନ୍ଦ୍ର ସରକାର ଆର୍ଥିକ ସହାୟତା ପ୍ରଦାନ କରୁଛନ୍ତି । ଏହା ବ୍ୟତୀତ ଅନୁଦାନ ଓ ଅଂଶଧନ ଋଣ ମଧ୍ୟ ମିଳୁଛି । ରାଜ୍ୟ ଶିକ୍ଷା ବିଭାଗର ଶ୍ରେଣୀ କଳାପଟା ପରିକଳ୍ପନା ଅନୁଯାୟୀ ପ୍ରାଥମିକ ବିଦ୍ୟାଳୟମାନଙ୍କୁ ହସ୍ତଶିଳ୍ପ ସାମଗ୍ରୀ ଯୋଗାଇ ଦେବାକୁ ରାଜ୍ୟ ସମବାୟ ହସ୍ତଶିଳ୍ପ ନିଗମ ୨୫ ଲକ୍ଷ ଟଙ୍କାର ସାମଗ୍ରୀ କିଣିଛନ୍ତି । ଏହାଦ୍ୱାରା ପ୍ରାୟ ୫୦୦ ଶିଳ୍ପୀ ଉପକୃତ ହୋଇଛନ୍ତି । କେନ୍ଦ୍ର ସରକାର ରାଜ୍ୟର ମରୁଡ଼ି ଅଞ୍ଚଳର ହସ୍ତଶିଳ୍ପୀମାନଙ୍କୁ ପାରିଶ୍ରମିକ ଦେବା ନିମନ୍ତେ ୫୭·୭୫ ଲକ୍ଷ ଟଙ୍କା ମଞ୍ଜୁର କରିଛନ୍ତି । ଏହାଦ୍ୱାରା ସବୁ ଜିଲ୍ଲାର ୨୬୦ଟି ଗ୍ରାମର ୪୩୦୦ ଜଣ ଶିଳ୍ପୀଙ୍କଠାରୁ ୧୦୨ ଲକ୍ଷ ଟଙ୍କାର ସାମଗ୍ରୀ କିଣାଯାଇ ପାରିବ ବୋଲି ଆଶା କରାଯାଏ । ଏଥିପାଇଁ ଶିଳ୍ପୀମାନଙ୍କୁ ଏ ପର୍ଯ୍ୟନ୍ତ ୨୯ ଲକ୍ଷ ଟଙ୍କା ପାରିଶ୍ରମିକ ପ୍ରଦାନ କରାଯାଇଛି ।

କେନ୍ଦ୍ର ସରକାରଙ୍କ ବିକାଶ ଆୟୁକ୍ତ କାର୍ଯ୍ୟାଳୟର ବଜାର ଏବଂ ସେବା ସମ୍ପ୍ରସାରଣ କେନ୍ଦ୍ରଗୁଡ଼ିକ ତରଫରୁ ଏକ ବଜାର ଗୋଷ୍ଠୀ ଓ ହସ୍ତଶିଳ୍ପ ପ୍ରଦର୍ଶନୀ ଆୟୋଜିତ ହୋଇଥିଲା । ଆମ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଏହାକୁ ଉଦ୍‌ଘାଟନ କରିଥିଲେ । ବିଭିନ୍ନ ଜିଲ୍ଲାର ପ୍ରାୟ ୬୦ ଜଣ ଶିଳ୍ପୀ ସେମାନଙ୍କର ଶିଳ୍ପ କଳାଗୁଡ଼ିକ ସହ ଏଥିରେ ଯୋଗ ଦେଇଥିଲେ ।

ଆମ ଶିଳ୍ପୀମାନେ ସେମାନଙ୍କ ପାଇଁ ମିଳୁଥିବା ସାହାଯ୍ୟର ସଦୁପଯୋଗ ଯେପରି କରିପାରିବେ ସେ ଦିଗରେ ସେମାନଙ୍କୁ ସଚେତନ କରାଇବା ଲାଗି ସଭ୍ୟଶିକ୍ଷା ଯୋଜନା କାର୍ଯ୍ୟକାରୀ ହେଉଛି । କୃତୀଶିଳ୍ପୀମାନଙ୍କୁ ପୁରସ୍କୃତ କରିବା ଏବଂ ଏହି ମହନୀୟ ଶିଳ୍ପକଳା ପ୍ରତି ଆଗାମୀ ପିଢ଼ିଙ୍କ ମନରେ ଆଗ୍ରହ ସୃଷ୍ଟି କରିବା ନିମନ୍ତେ ରାଜ୍ୟ ପୁରସ୍କାର ଯୋଜନା କାର୍ଯ୍ୟକାରୀ ହୋଇ ଆସୁଛି । ୧୯୬୫ରୁ ୧୯୮୬ ମସିହା ପର୍ଯ୍ୟନ୍ତ ମୋଟ ୩୮୨ ଜଣ ରାଷ୍ଟ୍ରୀୟ ପୁରସ୍କାର ଲାଭ କରିଥିବା ଶିଳ୍ପୀଙ୍କ ମଧ୍ୟରେ ଆମ ରାଜ୍ୟର ୨୬ଜଣ ଶିଳ୍ପୀ ସମ୍ମାନିତ ହେବା ଫଳରେ ଆମ ରାଜ୍ୟ ସର୍ବଭାରତୀୟ ସ୍ତରରେ ଚତୁର୍ଥ ସ୍ଥାନରେ ପହଞ୍ଚି ପାରିଛି । ଏହା ବ୍ୟତୀତ

ସମେତ ସମଗ୍ର ଓଡ଼ିଶାରେ ଆଠଟି ନୂଆ ସ୍କୁଲ ଡି. ଆଇ. ଅଫିସ ଚଳିତବର୍ଷ ଖୋଲା ଯାଉଛି । ଏହି ନୂତନ ଶିକ୍ଷା ଜିଲ୍ଲା ସୃଷ୍ଟି ହେବା ପରେ ଶିକ୍ଷାନୁଷ୍ଠାନଗୁଡ଼ିକର ସୁପରିଚାଳନା ପ୍ରତି ଅଧିକ ଦୃଷ୍ଟି ଦେବା ସମ୍ଭବ ହେବ । ଶିକ୍ଷକମାନଙ୍କ ସମସ୍ୟା ପ୍ରତି ବର୍ତ୍ତମାନର ସରକାର ସମ୍ବେଦନଶୀଳ ବୋଲି ଦର୍ଶାଇ ବିଭିନ୍ନ ସରକାରୀ ପ୍ରତିଶ୍ରୁତି ନିଶ୍ଚିତ ଭାବେ କାର୍ଯ୍ୟକାରୀ କରାଯିବ ବୋଲି ସେ ସୂଚାଇ ଥିଲେ ।

ଶିକ୍ଷାମନ୍ତ୍ରୀ କହିଲେ ଯେ ୩୧-୧୨-୮୪ ତାରିଖ ପର୍ଯ୍ୟନ୍ତ ଅସ୍ଥାୟୀ ଭାବେ ନିଯୁକ୍ତି ପାଇଥିବା ଶିକ୍ଷକମାନଙ୍କ ସମସ୍ୟା ସମାଧାନ ପାଇଁ ସରକାର ପଦକ୍ଷେପ ନେଇଛନ୍ତି । ଶିକ୍ଷକମାନଙ୍କୁ ବକେୟା ଦରମା ପର୍ଯ୍ୟାୟକ୍ରମେ ଭରଣା କରାଯାଉଛି । ବେସରକାରୀ ଶିକ୍ଷକମାନଙ୍କ ପରିବାର ପେନ୍‌ସନ୍ ପାଇଁ ସରକାରୀ ନିଷ୍ପତ୍ତି ଚୂଡ଼ାନ୍ତ ପର୍ଯ୍ୟାୟରେ ରହିଛି । ଏଣୁ ଶିକ୍ଷକମାନେ ଆନ୍ଦୋଳନାତ୍ମକ ପନ୍ଥା ପରିହାର କରିବା ପାଇଁ ସେ ଅନୁରୋଧ କରିଥିଲେ । ଏହି ସଭାରେ ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ବିଧାୟକ ଶ୍ରୀ ନିତ୍ୟାନନ୍ଦ ସାମନ୍ତରାୟ, ତିର୍ତ୍ତୋଲ କଲେଜର ଅଧ୍ୟକ୍ଷ ଶ୍ରୀ ଭୋଳାନାଥ ରାଉତ, ଶିକ୍ଷକ ମହାସଂଘର ସେକ୍ରେଟାରୀ ଜେନେରାଲ୍ ଶ୍ରୀ ଅବନୀ ବରାଳ ପ୍ରମୁଖ ଭାଷଣ ଦେଇଥିଲେ ଏବଂ ଅନ୍ୟମାନଙ୍କ ମଧ୍ୟରେ ପାର୍ଲାମେଣ୍ଟ ସଦସ୍ୟ ଶ୍ରୀ ଲକ୍ଷ୍ମଣ ମଲ୍ଲିକ, ଶ୍ରୀ ବାସୁଦେବ ମହାପାତ୍ର, କଟକ ଜିଲ୍ଲା କଂଗ୍ରେସ କମିଟି ସଭାପତି ଶ୍ରୀ ଅନ୍ନଦା ପ୍ରସାଦ ରାୟ ଓ ଡି. ପି. ଆଇ. ଶ୍ରୀ ଶିବରାମ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

## ଇନ୍ଦିରା ଆବାସ ଯୋଜନା

କୁଜଙ୍ଗ ବ୍ଲକ୍‌ର ପଙ୍କପାଳ ଗ୍ରାମପଞ୍ଚାୟତରେ ଜନାପାଳ ଗ୍ରାମରେ ଇନ୍ଦିରା ଆବାସ ଯୋଜନା ଅନୁଯାୟୀ ୨୦ଟି ବାସଗୃହ ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିଥିଲେ । ଏହି ଘର ଓ ଏକ ଚିତ୍ତବିନୋଦନ କେନ୍ଦ୍ର ଏ ପାଇଁ ୨ ଲକ୍ଷ ୪୬ ହଜାର ଟଙ୍କା ବ୍ୟୟ କରାଯାଇଛି ।

ଏରସମା ବିଧାୟକ ଶ୍ରୀ କୃଷ୍ଣଚନ୍ଦ୍ର ସ୍ୱାଇଁ ଓ ଅନ୍ୟାନ୍ୟ ବିଶିଷ୍ଟ ବ୍ୟକ୍ତିମାନେ ଉକ୍ତ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ।

## କୁଟୀର ବୀମା ଯୋଜନା

କେନ୍ଦ୍ର ସରକାର ପଲ୍ଲୀ ଅଞ୍ଚଳର ଦରିଦ୍ର ପରିବାରମାନଙ୍କୁ ଅଗ୍ନି ବୀମାର ସୁବିଧା ପ୍ରଦାନ ନିମନ୍ତେ କୁଟୀର ବୀମା ଯୋଜନା ନାମକ ଏକ ନୂତନ ଯୋଜନା ତା-୧-୫-୧୯୮୮ ତାରିଖରୁ ସମଗ୍ର ଦେଶରେ ପ୍ରବର୍ତ୍ତନ କରିଛନ୍ତି । ଓଡ଼ିଶାରେ ମଧ୍ୟ ତା-୧-୫-୧୯୮୮ ତାରିଖରୁ ନେସନାଲ ଇନ୍‌ସୁରେନ୍‌ସ କଂପାନୀର ଭୁବନେଶ୍ୱର ଶାଖା ଜରିଆରେ ଏହି ଯୋଜନା ସବୁ ଜିଲ୍ଲାରେ କାର୍ଯ୍ୟକାରୀ କରାଯାଉଛି ।

୪୮୦୦ ଟଙ୍କାରୁ ଊର୍ଦ୍ଧ୍ୱ ବାର୍ଷିକ ଆୟ ନଥିବା ଦରିଦ୍ର ପରିବାରଗୁଡ଼ିକ ଏହି ଯୋଜନାଦ୍ୱାରା ଉପକୃତ ହେବେ । ଅଗ୍ନିକାଣ୍ଡ ଫଳରେ ଗୃହଦାହ ହେଲେ, ସେହି ପରିବାରକୁ ସର୍ବାଧିକ ଗୃହ ନିର୍ମାଣ ଟ୧୦୦୦.୦୦ (ଏକ ହଜାର) ଓ ଆସବାବ ପତ୍ରପାଇଁ ଟ୫୦୦.୦୦ (ପାଞ୍ଚ ଶତ ଟଙ୍କା) ଆର୍ଥିକ ସାହାଯ୍ୟ ମିଳିବ । ଏହି ସାହାଯ୍ୟ ନେସନାଲ ଇନ୍‌ସୁରେନ୍‌ସ କଂପାନୀ ପ୍ରଦାନ କରିବେ । ମାତ୍ର ସାହାଯ୍ୟ ପାଇବା ନିମିତ୍ତ ଘରପୋଡ଼ି ଯିବାର ୪୫ଦିନ ମଧ୍ୟରେ ନିଜ ଇଲାକାର ମଣ୍ଡଳ ଉନ୍ନୟନ ଅଧିକାରୀ (ବି. ଡି. ଓ.)ଙ୍କୁ ନିର୍ଦ୍ଦିଷ୍ଟ ଦରଖାସ୍ତ ଫର୍ମରେ ଆବେଦନ କରିବାକୁ ପଡ଼ିବ । ବ୍ଲକ୍ ଅଫିସରୁ ବିନାମୂଲ୍ୟରେ ଦରଖାସ୍ତ ଫର୍ମ ମିଳିପାରିବ ।

କୁଟୀର ବୀମା ଯୋଜନାରେ କୁଟୀରଗୁଡ଼ିକୁ ବୀମାଭୁକ୍ତ କରିବା ପାଇଁ ଦରିଦ୍ର ପରିବାରମାନଙ୍କୁ ବୀମା ପ୍ରିମିୟମ ବାବଦରେ ଆଦୌ ଦେୟ ଦେବାକୁ ପଡ଼ିବନାହିଁ । କେନ୍ଦ୍ର ସରକାର ପ୍ରିମିୟମ ବାବଦରେ ସମସ୍ତ ବ୍ୟୟ ବହନ କରିବେ ।

ବ୍ୟକ୍ତିଗତ ଦୁର୍ଘଟଣାଜନିତ ମୃତ୍ୟୁସ୍ଥଳେ ସାମାଜିକ ସୁରକ୍ଷା ବୀମା ଯୋଜନା ନିୟମର ପରିସର ମଧ୍ୟରେ ଏହି ଯୋଜନା କାର୍ଯ୍ୟକାରୀ କରାଯାଉଛି । ବ୍ଲକ୍‌ର ମଣ୍ଡଳ ଉନ୍ନୟନ ଅଧିକାରୀ (ବି. ଡି. ଓ.) ଏହି ଯୋଜନାପାଇଁ ଦାବୀ ତଦନ୍ତ ଏବଂ ଫଇସଲ ଅଫିସର ଭାବରେ କାର୍ଯ୍ୟ କରିବେ ।

ରାଜ୍ୟ ଏବଂ ଜିଲ୍ଲାସ୍ତରରେ ଗଠିତ ହୋଇଥିବା କମିଟି ଏହି ଯୋଜନାର ପରିଚାଳନା ସଂପର୍କରେ ସମସ୍ତ ପ୍ରକାର ତଦାରଖ କରିବେ ।

ଏଣୁ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଗ୍ରାମାଞ୍ଚଳର ହିତାଧିକାରୀମାନେ ବ୍ଲକ୍‌ର ମଣ୍ଡଳ ଉନ୍ନୟନ ଅଧିକାରୀ (ବି. ଡି. ଓ.)ଙ୍କ ସହିତ ଯୋଗାଯୋଗ ରକ୍ଷାକରି ଏହି ଯୋଜନାର ସଦୁପଯୋଗ କରନ୍ତୁ ।

## କ୍ଷୁଦ୍ର ଜଳସେଚନ ଉଦ୍‌ଘାଟନ

ମୁଖ୍ୟମନ୍ତ୍ରୀ ଏରସମାର ତିଗିରିଆ ନଦୀ ଉପରେ ଲୁଣା ଜଳ ଅଟକାଇବା ସଙ୍ଗେ ସଙ୍ଗେ ଜଳସେଚନର ସୁବିଧା ପାଇଁ ଏକ କ୍ଷୁଦ୍ର ଜଳସେଚନ ଯୋଜନା ଉଦ୍‌ଘାଟନ କରିଥିଲେ । ଏହି ଯୋଜନାଟି ୧୯୮୬ ମସିହାରେ ଆରମ୍ଭ କରାଯାଇଥିଲା ଓ ଦୁଇବର୍ଷ ମଧ୍ୟରେ ଏହାର ନିର୍ମାଣ କାର୍ଯ୍ୟ ସଂପୂର୍ଣ୍ଣ କରାଯାଇଛି । ଏହି ଯୋଜନା ପାଇଁ ୫୦ ଲକ୍ଷ ୨୪ ହଜାର ଟଙ୍କା ବ୍ୟୟ କରାଯାଇଛି । ଜପା ଗ୍ରାମପଞ୍ଚାୟତର ୧୦ଟି ଗ୍ରାମ ଯଥା—ଜପା, ଇରିଚିଣ୍ଡା, ଦଣ୍ଡପୁର, ଖାଦିଆଜଣ, ବେରଡ଼ା, ମିର୍ଜାପୁର, ସୁନାରଡ଼ଣି, କଟିଜଙ୍ଘା, ପଲ୍ଲୀକଣ୍ଡା ଓ ପ୍ରହରାଜପୁର ପ୍ରଭୃତି ଏହି ଯୋଜନା ଦ୍ୱାରା ଉପକୃତ ହେବେ ଓ ୧୬୦୮ ଏକର ଚାଷ ଜମି ସବୁଦିନ ପାଇଁ ମରୁଡ଼ି କବଳରୁ ରକ୍ଷା ପାଇବ । ରବି ଋତୁରେ ୬୫୦ ଏକର ଜମିକୁ ମଧ୍ୟ ଜଳସେଚନର ସୁବିଧା ମିଳିବ ଓ ୫୦୦ ଏକର ଜମିକୁ ଉଠା ଜଳସେଚନ ଯୋଜନା ଜରିଆରେ ଜଳ ଯୋଗାଇ ଦିଆଯିବ ।

OGP—MP-VI (I. & P. R.) —15000—1-4-1989

# ରାଜ୍ୟ ପରିକ୍ରମା

## ତିର୍ତ୍ତୋଲ ଓ ଏରସମାରେ ମୁଖ୍ୟମନ୍ତ୍ରୀ

ଶିକ୍ଷା କ୍ଷେତ୍ରରେ ସଂଖ୍ୟାତ୍ମକ ବିକାଶ ସହ ଗୁଣାତ୍ମକ ବିକାଶ ଉପରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଗୁରୁତ୍ୱ ଆରୋପ କରିଛନ୍ତି । ତିର୍ତ୍ତୋଲଠାରେ ସୁଇ ଡି. ଆଇ. ଙ୍କ ଅଫିସ୍ ଉଦ୍‌ଘାଟନ ଅବସରରେ ମୁଖ୍ୟମନ୍ତ୍ରୀ କହିଲେ ଯେ ଓଡ଼ିଶାରେ ଉଚ୍ଚ ଶିକ୍ଷା ପ୍ରତି ଆଗ୍ରହ ବୃଦ୍ଧି ପାଉଥିବା ଏକ ଶୁଭ ଲକ୍ଷଣ । ବିଗତ ଆଠ ଦଶ ବର୍ଷ ମଧ୍ୟରେ ଶିକ୍ଷା କ୍ଷେତ୍ରରେ ଅଭୂତପୂର୍ବ ଅଗ୍ରଗତି ହୋଇଛି । ପ୍ରାଥମିକ ବିଦ୍ୟାଳୟର ସଂଖ୍ୟା ତୁଳନାରେ ମାଇନର, ଉଚ୍ଚ ଇଂରାଜୀ ଓ କଲେଜ ଶିକ୍ଷାନୁଷ୍ଠାନର ସଂଖ୍ୟା ବହୁ ସଂଖ୍ୟାରେ ବୃଦ୍ଧି ପାଇଛି । ସମ୍ଭବତଃ ଲୋକ ସଂଖ୍ୟା ତୁଳନାରେ ଓଡ଼ିଶାରେ ଅନ୍ୟ ରାଜ୍ୟ ଅପେକ୍ଷା ଅଧିକ କଲେଜ ଖୋଲାଯାଇଛି । ଏଣୁ ଶିକ୍ଷାନୁଷ୍ଠାନ ଓ ଶିକ୍ଷକମାନଙ୍କ ସମସ୍ୟା ବଢ଼ିବା ସ୍ୱାଭାବିକ । ଶିକ୍ଷକ ମାନଙ୍କ ପ୍ରତି ରାଜ୍ୟ ସରକାର ସହାନୁଭୂତିଶୀଳ । କିନ୍ତୁ ମାଧ୍ୟମିକ ଶିକ୍ଷକମାନେ ବିଗତ ଆଠ ବର୍ଷ ମଧ୍ୟରେ ଆନ୍ଦୋଳନ କରିନାହାନ୍ତି । ଅନ୍ୟ ଶିକ୍ଷକମାନଙ୍କର ବର୍ତ୍ତିକିଆ ଆନ୍ଦୋଳନ ବଦଳରେ ପାଞ୍ଚବର୍ଷରେ ଥରେ ଆନ୍ଦୋଳନ ହୋଇଛି । ସେମାନଙ୍କ ସମସ୍ୟା ପ୍ରତି ସଚେତନ ରହି କାର୍ଯ୍ୟପନ୍ଥା ଗ୍ରହଣ କରାଯାଉଥିବା ବେଳେ ଆନ୍ଦୋଳନାତ୍ମକ କାର୍ଯ୍ୟପନ୍ଥା ଅନୁଚିତ ବୋଲି ମୁଖ୍ୟମନ୍ତ୍ରୀ ଦର୍ଶାଇଥିଲେ । ଶିକ୍ଷା କ୍ଷେତ୍ରରେ ଓଡ଼ିଶା ଭାରତରେ ଉଚ୍ଚତର ମାନ ପ୍ରତିଷ୍ଠା କରି ଆଦର୍ଶ ସ୍ଥାନୀୟ ହେବା ଲାଗି ଶିକ୍ଷକ ଓ ଛାତ୍ର ସମାଜକୁ ସେ ନିବେଦନ କରିଥିଲେ ।

ମୁଖ୍ୟମନ୍ତ୍ରୀ କହିଲେ ଯେ ତିର୍ତ୍ତୋଲ ଅଞ୍ଚଳରେ ବହୁ ଉନ୍ନୟନ କାର୍ଯ୍ୟ କରାଯାଇଛି । ଶିକ୍ଷା, ସ୍ୱାସ୍ଥ୍ୟ, କୃଷି ଓ ଶିଳ୍ପ କ୍ଷେତ୍ରରେ ଅଭୂତପୂର୍ବ ଅଗ୍ରଗତି ହୋଇଛି । ଜଳସେଚନର ସୁବିଧା ପାଇଁ ଯାହା କିଛି ଅସୁବିଧା ରହିଛି ତାହା ନିଶ୍ଚୟ ଦୂର କରାଯିବ ।


ମୁଖ୍ୟମନ୍ତ୍ରୀ କହିଲେ ଯେ ମହାନଦୀ–ଚିତ୍ରୋପଳା ଦ୍ୱୀପାଞ୍ଚଳରେ କେନାଲ ଜଳସେଚନ ପାଇଁ ବହୁ ଦିନରୁ ଦାବୀ କରାଯାଇଥିଲା । ଏହି ଅଞ୍ଚଳରେ ୪୦ ହଜାର ଏକରରେ ଜଳସେଚନ ସୁବିଧା ଦେବା ପାଇଁ ଏକ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଛି । ଜଳସେଚନର ସୁବିଧା ନହେଲେ କୃଷିର ବିକାଶ ତଥା ଗ୍ରାମାଞ୍ଚଳର ବିକାଶ ସମ୍ଭବ ହେବ ନାହିଁ । ଏଣୁ, ୧୯୮୮-ଓ ୧୯୮୯ ମସିହାକୁ ଜଳସେଚନ ବର୍ଷ ରୂପେ ଘୋଷଣା କରାଯାଇ ଏହି ଦୁଇବର୍ଷରେ ରାଜ୍ୟରେ ୨ ଲକ୍ଷ ଏକର ଅଧିକ ଜମିକୁ ଜଳସେଚନ ଯୋଗାଇ ଦେବା ପାଇଁ ସ୍ଥିର ହୋଇଛି ।

କର୍ମନିଯୁକ୍ତି ବ୍ୟବସ୍ଥା ସଂପର୍କରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଲେ ଯେ ସବୁ ଶିକ୍ଷିତ ଲୋକଙ୍କ ପାଇଁ ସରକାରୀ ଚାକିରି ଯୋଗାଇ ଦେବା ସମ୍ଭବ ନୁହେଁ । ଏଣୁ ଆତ୍ମନିଯୁକ୍ତିର ଅଧିକ ସୁବିଧା ସୁଯୋଗ ସୃଷ୍ଟି କରିବା ପାଇଁ ନିରବଚ୍ଛିନ୍ନ ଉଦ୍ୟମ ଚାଲିଛି । ଶିକ୍ଷିତ ବେକାରମାନଙ୍କୁ ୨୫ ହଜାରରୁ ୩୫ ହଜାର ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ସାହାଯ୍ୟ ଦେଇ ବିଭିନ୍ନ ବ୍ୟବସାୟରେ ଆତ୍ମନିଯୁକ୍ତି ଦିଆଯାଉଛି । ସବୁ ତାଲିମପ୍ରାପ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କୁ ନିଯୁକ୍ତି ଦେବା ପାଇଁ ସ୍ଥିର କରାଯାଇଛି । ଏଥି ସକାଶେ ୪୦ ହଜାର ନୂତନ ଶିକ୍ଷକ ପଦବୀ ସୃଷ୍ଟି କରାଯାଇଛି । ରାଜ୍ୟର ଉନ୍ନୟନ ପ୍ରକ୍ରିୟାରେ ସାମିଲ ହୋଇ ଓଡ଼ିଶାକୁ ଭାରତର ଏକ ଅଗ୍ରଗଣ୍ୟ ରାଜ୍ୟରେ ପରିଣତ କରିବା ପାଇଁ ସଂକଳ୍ପ ନେବାକୁ ସେ ଜନସାଧାରଣଙ୍କୁ ଆହ୍ୱାନ ଦେଇଥିଲେ ।

ଏଥିପୂର୍ବରୁ ଶିକ୍ଷାମନ୍ତ୍ରୀ ଶ୍ରୀ ଯଦୁନାଥ ଦାସ ମହାପାତ୍ର ତାଙ୍କ ଭାଷଣରେ କହିଲେ ଯେ କଟକ ଜିଲ୍ଲାରେ

Vol. XLIV No. 9 UTKAL PRASANGA Regd. No. O...
Licence No: C. R. N. P. 5—Licensed to post without Pre-Payment





ଭାରତୀୟ ବିମାନ ବାହିନୀର ଏୟାର ପାୱାର ପ୍ରଦର୍ଶନ

# ଉତ୍କଳ ପ୍ରସଙ୍ଗ



